# ପ୍ରାର୍ଥନା

ତୁମେ ଓ ତୁମ କାର୍ଯ୍ୟ, ଏ ଉଭୟ ଭିତରେ ତଲ୍ଲୀନ ହୋଇଯିବା – ଆଉ ସୀମିତ ବ୍ୟକ୍ତି ସତ୍ତାଟିଏ ହୋଇ ନରହିବା – ଏକହିଁ ଭାବରେ ପ୍ରକଟିତ ତୁମ ଶକ୍ତିନିଚୟର ଅପରିମେୟତା ବନିଯିବା – ସମସ୍ତ ଶୃଙ୍ଖଳ ଓ ସୀମାବଦ୍ଧତାରୁ ମୁକ୍ତ ହେବା... ସମସ୍ତ ସଂକୀର୍ଣ୍ଣ ଭାବନାର ଊର୍ଦ୍ଧ୍ୱକୁ ଯିବା... କର୍ମ ବାହାରେ ଥାଇ କର୍ମ କରିବା... କେବଳ ଐକ୍ୟ, ତୁମରି ଐକ୍ୟ, ତୁମରି ପ୍ରେମର, ତୁମରି ଜ୍ଞାନର, ତୁମରି ମହାସତ୍ତାର ଐକ୍ୟ ଦେଖିବା ସଙ୍ଗେ ସଙ୍ଗେ ବ୍ୟକ୍ତି ସହ ଓ ବ୍ୟକ୍ତି ସକାଶେ କର୍ମ କରିବା... ହେ ମୋର ଦିବ୍ୟପ୍ରଭୁ, ଶାଶ୍ୱତ ଶିକ୍ଷକ, ଏକମାତ୍ର ବାସ୍ତବତା, ଏ ପୃଥିବୀରେ ତୁମରି ସେବା, ତୁମରି ପରିପ୍ରକାଶ ସକାଶେ ତୁମେ ଗଢ଼ିଥିବା ଏହି ସମଷ୍ଟି ଗୋଟିକ ଭିତରେ ଥିବା ସମସ୍ତ ଅନ୍ଧକାର ଦୂର କର । ଏହା ଭିତରେ ସେହି ପରମଚେତନା ଉପଲବ୍ଧ ହେଉ ଯାହା ସର୍ବତ୍ର ସେହି ଚେତନା ଜାଗରୂକ କରାଇବ ।

ଆଃ, ନିୟତ ପରିବର୍ତ୍ତନଶୀଳ ଆକାରପ୍ରକାର ଯଦି ଦେଖିବାକୁ ନପଡ଼ନ୍ତା; ସର୍ବଦା, ସବୁଥିରେ, ଏବଂ ସର୍ବତ୍ର କେବଳ ତୁମରି ଧ୍ରୁବ ଐକ୍ୟହିଁ ଧ୍ୟାନ ଗୋଚର ହୋଇପାରନ୍ତା !

ହେ ପ୍ରଭୁ, ମୋର ସମଗ୍ର ସତ୍ତା ଏକ ଅପ୍ରତିରୋଧ ଆହ୍ୱାନରେ ତୁମକୁ ଲୋଡ଼ୁଛି; ଯେହେତୁ ପ୍ରକୃତରେ ମୁଁ ତୁମେ ଏବଂ ତୁମେ ମୁଁ, ମୋର ପୂର୍ଣ୍ଣାଙ୍ଗ ଚେତନାରେ ମୁଁ ଯେପରି ହୋଇ ଉଠିବି ତୁମେ, ମୋତେ କ'ଣ ତୁମେ ତାହା ମଞ୍ଜୁର କରିବ ନାହିଁ ?

ମେ ୪, ୧୯୧୪

– ଶ୍ରୀମା



# ୨୪ ଏପ୍ରିଲ, ୨୦୧୭ରେ ଆଶ୍ରମରେ ବିତରିତ ବାଣୀ

The Mother guides, helps each according to his nature and need, and, where necessary, herself intervenes with her Power enabling the sadhak to withstand the rigours and demands of the Path. She has placed herself – with all the Love, Peace, Knowledge and Consciousness that she is – at the disposal of every aspiring soul that looks for help.

(Letters on the Mother, p. 332) – Sri Aurobindo

ପ୍ରତ୍ୟେକକୁ ତା'ର ପ୍ରକୃତି ଓ ପ୍ରୟୋଜନ ଅନୁସାରେ ଶ୍ରୀମା ଦିଗ୍‌ଦର୍ଶନ ଦିଅନ୍ତି, ସାହାଯ୍ୟ କରନ୍ତି ଏବଂ ଆବଶ୍ୟକ ସ୍ଥଳେ ସାଧକ ଯେପରି ସାଧନାପଥର କଠୋରତା ଓ ଦାବି ସହ୍ୟ କରିପାରିବାରେ ସକ୍ଷମ ହେବ, ସେଥିପାଇଁ ନିଜ ଶକ୍ତି ଯୋଗେ ହସ୍ତକ୍ଷେପ କରନ୍ତି ।

ସେ ସ୍ୱୟଂ ଯେଉଁ ପୂର୍ଣ୍ଣ ପ୍ରେମ, ଶାନ୍ତି, ଜ୍ଞାନ ଏବଂ ଚେତନା – ତାହା ଯୋଗେ ସହାୟତାକାମୀ ପ୍ରତ୍ୟେକ ଅଭୀପ୍ସୁର ସହାୟତା ନିମନ୍ତେ ସେ ଆପଣାକୁ ସୁଲଭ୍ୟ କରି ରଖିଛନ୍ତି ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ**

**(The Descent into Night)**

**(୬୨)**

## ଶ୍ରୀଅରବିନ୍ଦ

Though Hell claimed rule,
the spirit still had power.
ନରକ ଯଦିଓ ଶାସନାଧିକାର ସାବ୍ୟସ୍ତ କରୁଥିଲା, ଅନ୍ତରାତ୍ମାର ଶକ୍ତି ତଥାପି ରହିଥିଲା ଜାଗ୍ରତ୍ ।

This No-man's-land he passed without debate;
Him the heights missioned,
him the Abyss desired :
None stood across his way, no voice forbade.
ମାନବ-ବର୍ଜିତ ଏହି ମୁଲକକୁ ସେ ବିନା ବାକ୍ୟବ୍ୟୟରେ ପାର ହୋଇଗଲେ; ତୁଙ୍ଗ ଶିଖର ସକଳ ତାଙ୍କୁ କାର୍ଯ୍ୟଭାର ଅର୍ପଣ ପୂର୍ବକ ପ୍ରେରଣ କରିଥିଲେ, ଅତଳ ଗହ୍ୱର ତାଙ୍କୁ କାମନା କରୁଥିଲା : (ତେଣୁ) କେହି ବି ତାଙ୍କର ପଥରୋଧ କଲେ ନାହିଁ, କୌଣସି କଣ୍ଠ ବାରଣ କଲା ନାହିଁ ।

For swift and easy is the downward path,
And now towards the Night
was turned his face.
କାରଣ ଅଧୋମୁଖୀ ପଥ କ୍ଷିପ୍ର ଓ ସହଜ, ସେ ଏବେ ମୁହଁ ଫେରାଇଲେ ମହାରାତ୍ରି ଅଭିମୁଖେ ।

A greater darkness waited, a worse reign,
If worse can be where all is evil's extreme;
Yet to the cloaked the uncloaked
is naked worst.
ଏକ ଗାଢ଼ତର ଅନ୍ଧକାର ଏବଂ ଅଶୁଭତର ରାଜ୍ୟଶାସନ ଅପେକ୍ଷା କରି ରହିଥିଲା, ଅବଶ୍ୟ ଅଶୁଭତର ବୋଲି ସେଠାରେ ଯଦି କିଛି ଥାଏ, ଯେଉଁଠି ସବୁକିଛିହିଁ ପାପର ଚୂଡ଼ାନ୍ତ; ତଥାପି ଆବୃତ ପାପ ପାଖରେ ଅନାବୃତ ପାପ ହେଲା ଅଶୁଭତମ ନଗ୍ନତା ।

There God and Truth and the supernal Light
Had never been or else had power no more.
ସେଠାରେ ଭଗବାନ୍ ଓ ସତ୍ୟ ତଥା ପରମ ଜ୍ୟୋତିଃ କଦାପି ନଥିଲେ ଅଥବା (ଥିଲେ ବି) ସେସବୁର ଆଉ କୌଣସି ଶକ୍ତିହିଁ ନ ଥିଲା ।

As when one slips in a deep moment's trance
Over mind's border into another world,
He crossed a boundary whose stealthy trace
Eye could not see but only the soul feel.
ଯେପରି ଏକ ଗଭୀର ସମାଧି ଭିତରେ ଜଣେ ଯେତେବେଳେ ମନର ସୀମା ଡେଇଁ ଯାଇ ଭିନ୍ନ ଏକ ଜଗତରେ ପ୍ରବେଶ କରେ, ସେହିପରି ସେ ଅତିକ୍ରମ କରିଗଲେ ଏକ ସୀମାନ୍ତ, ଯାହାର ଗୋପନ ଚିହ୍ନକୁ ଆଖି ଦେଖିପାରୁ ନ ଥିଲା ପରନ୍ତୁ କେବଳ ଅନ୍ତରାତ୍ମା ତାହାକୁ ଅନୁଭବ କରୁଥିଲା ।

Into an armoured fierce domain he came
And saw himself wandering like a lost soul
Amid grimed walls and savage slums of Night.
ରକ୍ଷାବଳୟ ବେଷ୍ଟିତ ଏକ ଭୟାନକ ରାଜ୍ୟକୁ ସେ ଆସିଲେ ଏବଂ ରାତ୍ରିର କ୍ଳେଦାକ୍ତ ପ୍ରାଚୀର ଓ ଆଦିମ ଅପରିଚ୍ଛନ୍ନ ବସତିଗୁଡ଼ିକ ମଧ୍ୟରେ ଘୂରି ବୁଲୁଥିବା ଏକ ପଥହରା ଆତ୍ମା ପରି ଆପଣାକୁ ଦେଖିବାକୁ ପାଇଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଅନ୍ୟମାନେ ତୁମର ଦର୍ପଣ

## ଶ୍ରୀମା

(୧)

ତୁମେ ଯେତେବେଳେ ଅନ୍ୟର କିଛି ଦୋଷ ଦେଖି ବିରକ୍ତ ହୋଇଉଠ, ଯେଉଁଗୁଡ଼ିକ କି ତୁମ ପାଇଁ ଗ୍ରହଣଯୋଗ୍ୟ ନୁହେଁ କିଂବା ହାସ୍ୟାସ୍ପଦ ସେତେବେଳେ ତୁମେ ତାଚ୍ଛଲ୍ୟର ସହ କହିଥାଅ –''ଛି, ଛି, ସେ ଲୋକଟା ଏପରି, ସେ ଏପରି ବ୍ୟବହାର କରେ, ସେ ଏମିତି ଗୁଡ଼ାଏ କଥା କହେ, ସେ ଏମିତି ସବୁ କାମକରେ''– ସେତେବେଳେ ବରଂ ତୁମେ ନିଜକୁ ସେହିପରି କହିବା ଉଚିତ, ''ଆଚ୍ଛା, ମୁଁ ବୋଧେ ସେହିପରି କାର୍ଯ୍ୟ କରୁଛି, କିନ୍ତୁ ସେକଥା ଜାଣିପାରୁ ନାହିଁ । ମୁଁ ବରଂ ଅନ୍ୟକୁ ସମାଲୋଚନା କରିବା ପୂର୍ବରୁ ନିଜେ ନିଶ୍ଚିତ ହେବା ପାଇଁ ନିଜ ଭିତରକୁ ପ୍ରଥମେ ଦେଖିବି, କାଳେ ମୁଁ ତା'ରି ଭଳି କାର୍ଯ୍ୟଟି ଟିକିଏ ଭିନ୍ନ ପ୍ରକାରେ କରୁଥିବି ।'' ତୁମର ଯଦି ଭଲ ବୁଝିବା ଶକ୍ତି ଓ ତୀକ୍ଷ୍ଣ ବୁଦ୍ଧି ଥାଏ ତେବେ ଯେତେଥର ଅନ୍ୟର ବ୍ୟବହାରରେ ତୁମେ ଆଘାତ ପାଉଥାଅ, ସେତେଥର ତୁମେ ବୁଝିପାରିବ ଯେ ଜୀବନରେ ଅନ୍ୟମାନଙ୍କ ସହ ସଂପର୍କଗୁଡ଼ିକ ହେଉଛି ଏକ ଦର୍ପଣ ପରି, ଯାହା ତୁମକୁ ଦିଆଯାଇଛି ଯେଉଁଥିରେ ତୁମେ ସହଜରେ ପରିଷ୍କାର ରୂପେ ଦେଖିପାରିବ ଯେ ସେହିସବୁ ଦୋଷତ୍ରୁଟିଗୁଡ଼ିକ ତୁମ ନିଜଠାରେ ମଧ୍ୟ ରହିଛି ।

ସାଧାରଣତଃ ଓ ପ୍ରାୟ ପୂର୍ଣ୍ଣତଃ ଏହା ଏକ ସତ୍ୟ ଯେ ତୁମେ ଅନ୍ୟଠାରେ ଯେଉଁସବୁ ଦୋଷ ଦେଖି ଆଘାତ ପାଉଛ ସେସବୁ ଦୋଷ ତୁମ ଭିତରେ ମଧ୍ୟ ରହିଛି – କିନ୍ତୁ ଟିକିଏ ଭିନ୍ନ ରୂପରେ, ଅଥବା ସେ ଦୋଷଗୁଡ଼ିକ ଅଳ୍ପବହୁତେ ତୁମ ଭିତରେ ଘୋଡ଼େଇ ହୋଇ ରହିଛି – ଲୁଚିକରି ରହିଛି, ତେଣୁ ତୁମେ ତୁମ ନିଜ ନିକଟରେ ସାମାନ୍ୟ ଭିନ୍ନ ଭାବେ ନିଜ ଦ୍ୱାରାହିଁ ପ୍ରତାରିତ ହୋଇ ରହିଛ । ତୁମ ଭିତରେ ସେ ଦୋଷଟି ରହିଛି, କିନ୍ତୁ ତୁମେ ତାହା ଦ୍ୱାରା କିଛି ଆଘାତ ପାଉ ନାହଁ; ଅଥଚ ସେ ଦୋଷଟି ତୁମେ ଅନ୍ୟଠାରେ ଦେଖିଲା ମାତ୍ରେ ହଠାତ୍ ଉତ୍‌କ୍ଷିପ୍ତ ହୋଇଉଠୁଛ ।

(୨)

ସବୁକଥାକୁ ଉଦାରତାର ସହିତ ସ୍ମିତହାସ୍ୟରେ ଦେଖ । ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛି, ସେଗୁଡ଼ିକୁ ଦେଖି ନିଜେ ଶିକ୍ଷାକର । ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ । କାରଣ ଯେଉଁ ପରିପୂର୍ଣ୍ଣତା ତୁମେ ଉପଲବ୍ଧି କରିବାକୁ ଚାହଁ, ତାହା ଅନ୍ୟଠାରେ ନାହିଁ ବୋଲି ଦେଖିଲା ମାତ୍ରେ ତୁମେ ଯେପରି ଭାବେ ସର୍ବଦା ବିରକ୍ତ ଓ ଉତ୍ତ୍ୟକ୍ତ ହେଉଥାଅ, ସେଇଥିରେହିଁ ତୁମର ଅଧିକାଂଶ ଶକ୍ତି କ୍ଷୟ ହୋଇଯାଏ ।

ଅନ୍ୟମାନେ ଯେଉଁ ପୂର୍ଣ୍ଣତା ଲାଭ କରିବା ଉଚିତ, ସେବିଷୟରେ ଚିନ୍ତା କରିବା ଏହି ମୁହୂର୍ତ୍ତରୁ ଛାଡ଼ିଦିଅ । ତୁମେ ନିଜେ ଯେଉଁ ଲକ୍ଷ୍ୟର ଅନୁସରଣ କରୁଛ ସେବିଷୟରେ ତୁମେ କ୍ୱଚିତ୍ ସଚେତନ । ଯଦି ତୁମେ ଏ ବିଷୟରେ ସଚେତନ ହୋଇଥାଅ, ତେବେ ତୁମକୁ ଯେଉଁ କାର୍ଯ୍ୟଟି ଦିଆଯାଇଛି, ତାହା ଆରମ୍ଭ କରିଦିଅ, ଅର୍ଥାତ୍, ତୁମର କର୍ତ୍ତବ୍ୟ କ'ଣ ତାହା ଉପଲବ୍ଧି କର ଏବଂ ଅନ୍ୟମାନେ କ'ଣ କରୁଛନ୍ତି ସେ ସମ୍ବନ୍ଧେ ଚିନ୍ତା କର ନାହିଁ, କାରଣ, ତାହା ତୁମର କାର୍ଯ୍ୟ ନୁହେଁ । ସବୁଠାରୁ ଭଲ ମନୋଭାବ ହେଲା ସହଜ ଭାବରେ ନିଜକୁ ଏତିକି କୁହ, ''ଯେଉଁମାନେ ମୋର ଚାରିପଟେ ଅଛନ୍ତି, ଏବଂ ମୋ ଚାରିପଟେ ଯେଉଁସବୁ ପରିସ୍ଥିତି ରହିଛି, ମୋ ନିକଟରେ ଯେଉଁ ବ୍ୟକ୍ତିମାନେ ଅଛନ୍ତି, ସେମାନେ ସମସ୍ତେ ମୋ ଆଗରେ ଦର୍ପଣ ପରି ଖଞ୍ଜା ଯାଇଛନ୍ତି । ଦିବ୍ୟଚେତନା ସେଗୁଡ଼ିକୁ ମୋର ଉନ୍ନତି ଲାଗି ମୋ ଆଗରେ ଖଞ୍ଜି ରଖିଛନ୍ତି ଯେଉଁଥିରେ ମୋର କି ପ୍ରକାର ଅଗ୍ରଗତି ହେଉଛି, ତାହା ମୁଁ ଭଲଭାବେ ଦେଖିପାରିବି । ଯେଉଁ କଥାଟି ଅନ୍ୟ ଭିତରେ ଦେଖି ମୁଁ ଆଘାତ ପାଉଛି, ସେଇ କଥାଟିକୁ ପ୍ରଥମେ ମୁଁ ମୋ ନିଜ ଭିତରେହିଁ ସାଧ କରିବି ।''

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୫୫)
## ଏକ ନୂତନ ଯୁଗର ଆରମ୍ଭ
ମନୋଜ ଦାସ

''ଭାଲ୍‌ମି ଯୁଦ୍ଧ ଦେଖି ମହାକବି ଗାଟା (Goethe) ଯାହା କହିଥିଲେ ମୁଁ ବି ସେଇଆ କହିପାରିଥା'ନ୍ତି : 'ଆଜି ଏକ ନୂତନ ଯୁଗର ଆରମ୍ଭ । ତୁମେ କହିପାର ତୁମେ ତା'ର ସାକ୍ଷୀ ଥିଲ !' '' – ହେନ୍‌ରି ନେଭିନ୍‌ସନ୍‌[୧]

ସୁରତ ନଗରୀ ଉପାନ୍ତରେ 'ଫରାସୀ ଉଦ୍ୟାନ' (French Gardens) ଭାବରେ ଚିହ୍ନିତ ସେ ଅଞ୍ଚଳ ଉପରେ ସେଦିନ ଅନୁଭୂତ ହୋଇଥିବ ଏକ ବିଷଣ୍ଣ ଏବଂ ଅସ୍ୱସ୍ତିକର ଗୋଧୂଳି । ୧୯୦୭ ମସିହା ଡିସେମ୍ବର ୨୬ ତାରିଖ ଦିନ ଅନୁଷ୍ଠିତ ଭାରତର ଜାତୀୟ କଂଗ୍ରେସର ତ୍ରୟୋବିଂଶ ସମ୍ମିଳନୀର ପ୍ରାରମ୍ଭିକ ଅଧିବେଶନ ଯେପରି ବିପୁଳ ହଟ୍ଟଗୋଳ ଭିତରେ ମୁଲତବି ରହିଲା, ସେଥିରେ ହତଭମ୍ଭ ହୋଇ ସେଠାରୁ ପ୍ରତ୍ୟାବର୍ତ୍ତନ କରିଥିବେ ସହସ୍ର ସହସ୍ର ଶ୍ରୋତା ଓ ଦର୍ଶକ ।

ସ୍ୱେଚ୍ଛାସେବକ ଭାବରେ ତହିଁ ଉପସ୍ଥିତ ଥିଲେ ପରବର୍ତ୍ତୀ ଜୀବନରେ ଜଣେ ବିଶିଷ୍ଟ ରାଷ୍ଟ୍ରନେତା, ସୁଲେଖକ ଏବଂ ଭାରତୀୟ ବିଦ୍ୟାଭବନର ପ୍ରତିଷ୍ଠାତା କେ. ଏମ୍. ମୁନ୍‌ସୀ । ତାଙ୍କ ନିଜ ଭାଷାରେ ସେହି ତରୁଣ ବୟସରେ ସେ ଥିଲେ ଏକାନ୍ତ ଅରବିନ୍ଦାନୁରାଗୀ (ardent Aravindite) । ତାଙ୍କ ସ୍ମୃତିଚାରଣ ଅନୁସାରେ, ସଭିଏଁ ଉତ୍ତେଜିତ ଏବଂ ମୁଖର ଥିବା ବେଳେ ଏକମାତ୍ର ଶ୍ରୀଅରବିନ୍ଦ ଥିଲେ ଶାନ୍ତ ଏବଂ ନିରାସକ୍ତ ।

ମୁନ୍‌ସୀ ଯଦି ଠିକ୍ ଶୁଣିଥିବେ, ତେବେ ଶ୍ରୀଅରବିନ୍ଦ ରକ୍ଷଣଶୀଳତା ବିରୋଧରେ କଂଗ୍ରେସ ପ୍ରତିନିଧିମାନଙ୍କର ସମବେତ ବିଦ୍ରୋହ ପ୍ରତି ତିଳକଙ୍କ ଦୃଷ୍ଟି ଆକର୍ଷଣ କରି ଯାହା କହିଥିଲେ, ତା'ର ମର୍ମାର୍ଥ ହେଲା ସେହି ବିଦ୍ରୋହୀମାନେହିଁ ଏ ମହାଜାତିର ମନୋଭାବ ପ୍ରକାଶ କରୁଛନ୍ତି । ଆଜିଠାରୁ ସେହିମାନେହିଁ ଭାରତର ଏକମାତ୍ର ଜନଶକ୍ତି ।[୨]

ଯେଉଁ ତୁମୁଳ ପ୍ରତିବାଦ ଭିତରେ ସମ୍ମିଳନୀର ପ୍ରାରମ୍ଭିକ ଅଧିବେଶନ ବିଫଳ ହେଲା, ସେ ପ୍ରତିବାଦର ତାତ୍ପର୍ଯ୍ୟ ଶୁଭଙ୍କର । ବର୍ଷ ପରେ ବର୍ଷ ଇଂରେଜ ଶାସନର ସ୍ତୁତିଗାନ କରିବା ସଙ୍ଗେ ସଙ୍ଗେ ଅଳ୍ପ କିଛି ଦାବି ଉପସ୍ଥାପନ କରି କଂଗ୍ରେସ ତା'ର କର୍ତ୍ତବ୍ୟ ସମାପନ କରୁଥାଏ । ସେଭଳି ଅନର୍ଥକ ନୀତିରେ ସଚେତନ ପ୍ରତିନିଧିମାନଙ୍କର ଆଉ ଆସ୍ଥା ନଥାଏ ।

'ଫରାସୀ ଉଦ୍ୟାନ'ର ଆଖପାଖ ଶିବିରମାନଙ୍କ ଉପରେ ନିସ୍ତବ୍ଧ ରାତି ଘୋଟି ଆସିଲା । କିନ୍ତୁ ନେତୃବର୍ଗ ସେ ରାତିରେ ସ୍ୱାଭାବିକ ନିଦ୍ରାର ଆଶିଷ ପାଇଥିବେ କି ନା ତାହା ଏକ ପ୍ରଶ୍ନ ।

ଡିସେମ୍ବର ୨୭ ସକାଳେ ଗୁଜୁରାଟୀ ଭାଷାରେ ଗୋଟାଏ ପ୍ରଚାର ପତ୍ର ଚତୁର୍ଦ୍ଦିଗରେ ବିତରିତ ହୋଇଥିବାର ଦେଖାଗଲା । ସେଦିନର ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସମ୍ମିଳନୀ ସ୍ଥଳର ତୋରଣ ପାଖରେ ଠିଆ ହୋଇ ମାଡ଼ାପନ୍ଥୀମାନେ ତାହା ଆଗନ୍ତୁକମାନଙ୍କୁ ଧରାଇ ଦେଉଥା'ନ୍ତି । ତା'ର ବିଷୟବସ୍ତୁ ଏହିପରି :

''ସୁରତବାସୀ ଗୁଜୁରାଟୀମାନେ ! ଜାଗିଉଠ । ତିଳକ ତୁମମାନଙ୍କ କପାଳରେ କଳା ବୋଳି ଦେଇଛି । ତାକୁ ଧୋଇ ପକାଅ । ଗତକାଲି ଅଧିବେଶନରେ କେମିତି ମସ୍ତାନି ହେଲା ଦେଖିଛ । ଅତୀତରେ ଶିବାଜି ଆସି ଦୁଇ ଦୁଇଥର ସୁରତ ଲୁଣ୍ଠନ କରିଥିଲେ ଏବଂ ପୁଣି ଆସିବେ ବୋଲି କହି ଯାଇଥିଲେ । ଶିବାଜି ଆସିବାକୁ ସକ୍ଷମ ହୋଇ ନାହାନ୍ତି, କିନ୍ତୁ ତିଳକ ଆସିଛି । ସେ ଆସିଛି ତୁମମାନଙ୍କ ନାକ, କାନ ଛିନ୍ନ କରିବାକୁ । ତେଣୁ ଉଠ, ଜାଗ୍ରତ୍ ହୁଅ ।''[୩]

କହିବା ବାହୁଲ୍ୟ, ଏ ପ୍ରଚାରପତ୍ର ଗୁଜୁରାଟୀ ଓ ମରାଠୀମାନଙ୍କ ଭିତରେ ଦ୍ୱେଷ ସଞ୍ଚାର କରିବା ନିମନ୍ତେ ମାଡ଼ାପନ୍ଥୀ ଗୋଷ୍ଠୀର ଏକ ପ୍ରୟାସ ଥିଲା ।

ଏ ସମ୍ମିଳନୀ ସଂକ୍ରାନ୍ତୀୟ ଯେତେ ଐତିହାସିକ ଦଲିଲ ଏବଂ ସ୍ମୃତିଚାରଣମାନ ରହିଛି, ସେସବୁ ଅଧ୍ୟୟନ କଲେ

ଗୋଟାଏ କଥା ସ୍ପଷ୍ଟ ହୁଏ : ମାନ୍ଦାପନ୍ଥୀମାନଙ୍କର ଗୋଟିଏ ମାତ୍ର ଉଦ୍ଦେଶ୍ୟ ଥିଲା, ସେହିମାନେ ସ୍ଥିର କରିଥିବା କାର୍ଯ୍ୟସୂଚୀ ଅନୁସାରେହିଁ ସମ୍ମିଳନୀ ଚାଲିବ । ଅନ୍ୟ ମତ ପ୍ରତି ସମ୍ମାନ ଦେଇ, ଅନ୍ତତଃ ପକ୍ଷେ ସେମାନଙ୍କ ସହ ଆଲୋଚନା କରି ସମ୍ମିଳନୀରେ ଯେମିତି ଏକତା ରକ୍ଷା କରାଯାଇ ପାରିବ, ସେଦିଗରେ ସେମାନଙ୍କ ଆଗ୍ରହ ନଥିଲା । ଜାତୀୟବାଦୀମାନେ କିନ୍ତୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବୁଝାମଣା ପାଇଁ ଚେଷ୍ଟା କରୁଥିଲେ ।

'ଅମୃତ ବଜାର ପତ୍ରିକା'ର ବିଖ୍ୟାତ ସମ୍ପାଦକ ମୋତିଲାଲ ଘୋଷ ଯେ ଜାତୀୟବାଦୀ ଥିଲେ, ତାହା ନୁହେଁ । ସେ ଦୁଇ ପକ୍ଷ ଭିତରେ ଶାନ୍ତି ସ୍ଥାପକର ଭୂମିକାରେ ଅବତୀର୍ଣ୍ଣ ହେବାକୁ ଆଗ୍ରହୀ ଥିଲେ । ତିଳକ ତାଙ୍କ ବନ୍ଧୁ । ସେ ତିଳକଙ୍କୁ ପ୍ରବର୍ତ୍ତାଇଲେ, ତିଳକ ନିଜକୁ ନିଜେ ବଳି ଦେବାକୁ ପ୍ରସ୍ତୁତ ହୁଅନ୍ତୁ । ସଙ୍ଗଠନର ସ୍ୱାର୍ଥ ଦୃଷ୍ଟିରୁ ସେ ମାନ୍ଦାପନ୍ଥୀମାନଙ୍କୁ ଉଦ୍ଦେଶ୍ୟ କରି ଖଣ୍ଡିଏ ସ୍ୱୀକାରୋକ୍ତିରେ ଲେଖି ଦିଅନ୍ତୁ ଯେ ପ୍ରଥମ ଅଧିବେଶନରେ ଯେଉଁ ବିଭ୍ରାଟ ଘଟିଗଲା, ସେଥିପାଇଁ ସେ ହିଁ ଦାୟୀ ଏବଂ ଦୁଃଖିତ । ପରବର୍ତ୍ତୀ ଅଧିବେଶନରେ ଯେମିତି ସେଭଳି ଅଶୋଭନୀୟ କାଣ୍ଡ ହେବ ନାହିଁ, ସେଥିପାଇଁ ଯତ୍‌କିଞ୍ଚିତ୍ ବୁଝାମଣା ପାଇଁ ଯଦି ନେତୃବର୍ଗ ରାଜି ହେବେ, ତେବେ ସମ୍ମିଳନୀ ସୁରୁଖୁରୁରେ ସମାପ୍ତ ହେବା ଦିଗରେ ସେ ଯତ୍ପରୋନାସ୍ତି ସଚେଷ୍ଟ ହେବେ ।[୪]

ଏମିତି ଲେଖିଦେବା ତିଳକ ତାଙ୍କ ନିଜ ପ୍ରତି ଅନ୍ୟାୟ ବୋଲି ବୁଝୁଥିଲେ । ତାଙ୍କ ସହକର୍ମୀମାନେ ମଧ୍ୟ ଏଭଳି ପଦକ୍ଷେପର ବିରୋଧ କରୁଥିଲେ । ତଥାପି ସମ୍ମିଳନୀ ସମ୍ପୂର୍ଣ୍ଣ ନିଷ୍ଫଳ ହୋଇଯାଉ, ଏହା ସେ ଚାହୁଁ ନଥିଲେ । ସେ ତାଙ୍କ ବନ୍ଧୁଙ୍କ ପରାମର୍ଶ ଗ୍ରହଣ କଲେ ଏବଂ ଉପରୋକ୍ତ ମର୍ମରେ ବିବୃତିଟିଏ ଲେଖିଦେଲେ । ଏହା ଡିସେମ୍ବର ୨୭ ତାରିଖ ସକାଳଓଳି କଥା ।

ଏହାର ପରିଣତି ମୋତିଲାଲ ଘୋଷଙ୍କ ଭାଷାରେ ପଢ଼ାଯାଉ : ''ମୁଁ, ରାୟ ଯତୀନ୍ଦ୍ରନାଥ ରାୟ ଚୌଧୁରୀ ଏବଂ ଅନ୍ୟ କେତେଜଣ ବନ୍ଧୁ ସେ ବିବୃତି ଧରି ମାନ୍ଦାପନ୍ଥୀମାନଙ୍କ ଶିବିରକୁ ଦୌଡ଼ିଲୁ । ଯଦି ମିଳାମିଶା ସମ୍ଭବପର ହୁଏ ! କିନ୍ତୁ ସାର୍ ଫିରୋଜ୍‌ଶାହ ମେହ୍‌ଟାଙ୍କ ନେତୃତ୍ୱରେ ମାନ୍ଦାପନ୍ଥୀ ନେତାମାନେ ଆମକୁ ବକାବକି କରି ବାହାର କରିଦେଲେ (howled out) । ସେମାନେ ଏମିତି ଉତ୍ତେଜିତ ହୋଇ ରହିଥା'ନ୍ତି ଯେ ସେମାନଙ୍କ ସହ ଯୁକ୍ତିପୂର୍ଣ୍ଣ କଥାବାର୍ତ୍ତା କରିବା ଥିଲା ଅସମ୍ଭବ !''[୫]

ଜାତୀୟବାଦୀମାନଙ୍କର ଆଉ କିଛି କରିବାର ନଥିଲା ।

ଅନିବାର୍ଯ୍ୟଭାବେ ଦିନ ଗୋଟାଏ ବାଜିଲା । ଗତାନୁଗତିକ ଆଡ଼ମ୍ବର ସହକାରେ ଶୋଭାଯାତ୍ରା ଯୋଗେ ମାନ୍ଦାପନ୍ଥୀ-ପ୍ରସ୍ତାବିତ ସଭାପତି ମଞ୍ଚାଭିମୁଖୀ ହେଲେ । ତିଳକଙ୍କ ଖଣ୍ଡିଏ ପତ୍ର ନେଇ ଜଣେ ସ୍ୱେଚ୍ଛାସେବକ ଅଭ୍ୟର୍ଥନା ସମିତିର ସଭାପତି ମାଲ୍‌ଭି ମହାଶୟଙ୍କୁ ଧରାଇ ଦେଲେ । ସେଥିରେ ଲେଖାଥିଲା, ''ମୁଁ ଗଠନମୂଳକ ପ୍ରସ୍ତାବ ସମ୍ବଳିତ ମୁଲତବୀ ପ୍ରସ୍ତାବଟିଏ ଆଗତ କରିବାକୁ ମନସ୍ଥ କରିଛି । ଦୟାକରି ଏ କଥାଟି ଘୋଷଣା କରନ୍ତୁ ।''

ମାଲ୍‌ଭି ମହାଶୟ ତାହା ପ୍ରତି ଦୃଷ୍ଟିପାତ କଲେ କି ନାହିଁ କହିବା ସମ୍ଭବପର ନୁହେଁ । କିନ୍ତୁ ସେ ଏଡ଼େ ଗୁରୁଗମ୍ଭୀର ଦେଖା ଯାଉଥିଲେ ଯେ ମନେ ହେଲା କୌଣସି ଦେବତା ମଧ୍ୟ ସେ ମହାଶୟଙ୍କୁ ତାଙ୍କ ଆତ୍ମ-ନିମଜ୍ଜିତ ଅବସ୍ଥାରୁ ବିଚଳିତ କରିପାରିବେ ନାହିଁ ।

ସଭାମଣ୍ଡପ ଉପରେ ତିଳକଙ୍କ ସକାଶେ ଚୌକିଟାଏ ରଖା ଯାଇଥିଲା । କିନ୍ତୁ ସେ ପ୍ରେକ୍ଷାଳୟ ଭିତରେ ପ୍ରଥମ ଧାଡ଼ିରେ ବସିଲେ – କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ତାଙ୍କ ଅନୁରୋଧ ଅନୁସାରେ ତାଙ୍କ ପ୍ରସ୍ତାବ ଉପସ୍ଥାପନ ନିମନ୍ତେ ଡାକରା ପାଇବା ଆଶାରେ । କିନ୍ତୁ ମାଲ୍‌ଭି ଅଥବା ଅନ୍ୟ କୌଣସି ମଞ୍ଚାସୀନ ନେତା ତାଙ୍କ ଆଡ଼େ ଦୃକ୍‌ପାତ ମଧ୍ୟ କଲେ ନାହିଁ । ଅଗତ୍ୟା ସେ ଆଉ ଖଣ୍ଡିଏ ଚିଟାଉ ପଠାଇଲେ । ଏଥର ତାହା ବହନ କରି ନେଇଗଲେ ଏନ୍. ସି. କେଲ୍‌କାର୍ । ସେ ଜଣେ ବିଶିଷ୍ଟ କଂଗ୍ରେସ ନେତା ମାତ୍ର ନୁହନ୍ତି, ଜଣେ ଜଣାଶୁଣା ଲେଖକ ଏବଂ ସମ୍ପାଦକ ମଧ୍ୟ ।

ଦୁର୍ଭାଗ୍ୟକୁ ଦେଖାଗଲା, ତାଙ୍କ ଚିଟାଉ ଟେବୁଲର ଗୋଟାଏ କୋଣରେ ଥୁଆ ହୋଇ ରହିଲା ।

୧୯୫୮ ମସିହାରେ ତତ୍କାଳୀନ ବୋମ୍ବେ ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ସଂକଳନରେ ପଢ଼ିବାକୁ ମିଳେ :

''ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କୁ ତାଙ୍କର ସଭାପତି-ନିର୍ବାଚନ ପ୍ରସ୍ତାବର ସମର୍ଥନ ସୂଚକ ଭାଷଣ ପୁନର୍ବାର ପ୍ରଦାନ କରିବାକୁ ଆହ୍ୱାନ କରାଗଲା ।

''ତାଙ୍କ ଭାଷଣ ପ୍ରତିନିଧିମାନେ ନୀରବରେ ଶୁଣିଲେ । ତାହା ଶେଷ ହେବାମାତ୍ରେ ଶ୍ରୀ ତିଳକ ମଞ୍ଚ ଉପରକୁ ଯିବା ନିମନ୍ତେ ଦଣ୍ଡାୟମାନ ହେଲେ । କିନ୍ତୁ ଜଣେ ସ୍ୱେଚ୍ଛାସେବକ ତାଙ୍କୁ ଅଟକାଇ ରଖିଲା । ଶ୍ରୀ ତିଳକ କିନ୍ତୁ ମଞ୍ଚକୁ ଯିବା ନିମନ୍ତେ

ତାଙ୍କ ଅଧିକାର ରହିଛି ବୋଲି ଘୋଷଣା କରି ସ୍ୱେଚ୍ଛାସେବକଟିକୁ ଘୁଞ୍ଚାଇ ଦେଇ ମଞ୍ଚ ଉପରକୁ ଉଠି ଯିବାକୁ ସକ୍ଷମ ହେଲେ । ସେତେବେଳେ ପ୍ରସ୍ତାବିତ ସଭାପତି ଡ : ଘୋଷ ତାଙ୍କ ଆସନ ଗ୍ରହଣ କରିବାକୁ ଉଦ୍ୟତ ହେଉଥା'ନ୍ତି । କଂଗ୍ରେସର ନିଜସ୍ୱ ଦଲିଲ କହେ ଯେ ତିଳକ ମଞ୍ଚାରୋହଣ କରିବା ପୂର୍ବରୁହିଁ ସଭାପତି-ନିର୍ବାଚନକୁ ବିପୁଳ ଜନ ସମର୍ଥନ ମିଳି ସାରିଥିଲା । ଏବଂ ସଭାପତି ରୂପେ ଡ : ଘୋଷ ସଶବ୍ଦ, ଦୀର୍ଘାୟିତ କରତାଳି ଧ୍ୱନି ଭିତରେ ନିଜ ଭାଷଣ ଆରମ୍ଭ କରି ଦେଇଥିଲେ ।

''ସତରେ ଯଦି ଦଲିଲର ଲେଖା ଅନୁସାରେ ଏମିତି ହୋଇଥିବ, ତେବେ ନିଃସନ୍ଦେହରେ ଏହା ଇଚ୍ଛାକୃତଭାବେ ଅତି ତରବରରେ କରାଯାଇଥିବ – ଏବଂ ତିଳକଙ୍କୁ କୌଶଳକ୍ରମେ କୁହାଇ ନଦେବାହିଁ ସେମିତି କରିବାର ଏକମାତ୍ର ଉଦ୍ଦେଶ୍ୟ ହୋଇଥିବ । ବିଧିବଦ୍ଧ ପରମ୍ପରା ଅନୁସାରେ ତିଳକଙ୍କୁ କହିବାର ସୁଯୋଗ ଦେବାକୁ ମାଲ୍‌ଭି ବାଧ୍ୟ ଥିଲେ । ଯଦି ସେ ମନେ କରୁଥିଲେ ତିଳକଙ୍କ ଆଗତ ସଂଶୋଧନୀ ପ୍ରସ୍ତାବ ନିୟମ ବହିର୍ଭୂତ, ତେବେ ସେ ତାହା ଖୋଲାଖୋଲି ଭାବରେ କହିବା ଆବଶ୍ୟକ ଥିଲା । ପ୍ରସ୍ତାବ ସପକ୍ଷରେ ଓ ବିପକ୍ଷରେ ପ୍ରତିନିଧିମାନଙ୍କୁ ହାତ ଟେକିବାକୁ କୁହାଯାଇ ପାରିଥା'ନ୍ତା । କିନ୍ତୁ ସେସବୁ କିଛିହିଁ କରାଗଲା ନାହିଁ । ସଭାପତି 'ଦୀର୍ଘାୟିତ କରତାଳି ଧ୍ୱନି' ଦ୍ୱାରା ସଭାପତିଙ୍କ ଭାଷଣକୁ ସ୍ୱାଗତ କରିବା ମାତ୍ର ସେ କେତେ ସେକେଣ୍ଡ ଭିତରେ ସମ୍ଭବ ହୋଇ ନଥା'ନ୍ତା ।''[୬]

୧୯୦୭ ମସିହାର ଅବସାନ ହେଉଥିବା ବେଳେ ସେଦିନ ଭାରତର ଇତିହାସରେ ଯେଉଁ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣାଟି ସୁରତ ଉପକଣ୍ଠରେ ଘଟୁଥିଲା, ତା'ର ବହୁ ବିବରଣୀ ଭିତରୁ ଏ ଲେଖକର ବିବେଚନାରେ ସାମ୍ବାଦିକ ନେଭିନ୍‌ସନ୍‌ଙ୍କ ସ୍ମୃତି କଥାହିଁ ସବୁଠାରୁ ଅଧିକ ବିଶେଷତ୍ୱପୂର୍ଣ୍ଣ । କାରଣ, ସେ ଜଣେ ନିରାସକ୍ତ ସାକ୍ଷୀ ଭାବରେହିଁ ସବୁ ଘଟଣା ଲିପିବଦ୍ଧ କରୁଥିଲେ । ଭାରତୀୟମାନଙ୍କର ସ୍ୱାଧୀନତା କାମନା ପ୍ରତି ତାଙ୍କର ବ୍ୟକ୍ତିଗତ ସହାନୁଭୂତି ଥିଲା ବୋଲି ଧାରଣା ହୁଏ । କିନ୍ତୁ ''ମାଞ୍ଚେଷ୍ଟର ଗାର୍ଡିଆନ୍'' ଏବଂ ଲଣ୍ଡନର ''ଡେଲି ନିଉଜ୍''ର ସାମ୍ବାଦିକ ଭାବରେ ସେ ନିରପେକ୍ଷ ଭାବରେହିଁ ଅବସ୍ଥାର ଅନୁଧ୍ୟାନ କରୁଥିଲେ । ଅବଶ୍ୟ ଘଟଣାକ୍ରମ ସେ ଯେ ସମ୍ପୂର୍ଣ୍ଣ ଠିକ୍‌ଭାବେ ଅନୁଧ୍ୟାନ କରିଥିବେ, ସେକଥା କହି ହେବ ନାହିଁ । ଏକଦା ସୁଧୀ ସମାଜରେ ଚର୍ଚ୍ଚିତ ବହି, ସେ ମହାଶୟଙ୍କର The New Spirit in India ଉପରେ ଧ୍ୟାନ ଦିଆଯାଉ :

''ଗମ୍ଭୀର ଏବଂ ପ୍ରତ୍ୟାଶାପୂର୍ଣ୍ଣ ନୀରବତା ଭିତରେ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଡ : ଘୋଷଙ୍କୁ ସଭାପତି ରୂପେ ନିର୍ବାଚିତ କରିବା ନିମନ୍ତେ ପ୍ରସ୍ତାବକୁ ସମର୍ଥନ କରି ତାଙ୍କ ଭାଷଣ ଉପସ୍ଥାପନ କରିବା ସକାଶେ ଶ୍ରୀ ବାନାର୍ଜୀଙ୍କୁ ଆହ୍ୱାନ କଲେ ଶ୍ରୀ ମାଲ୍‌ଭି । ନିୟତି ଦ୍ୱାରା ଭର୍ତ୍ସିତ ଜଣେ ନାୟକ ସୁଲଭ ମାର୍ଜିତ ଉଦ୍ଦୀପନାମୟ କଣ୍ଠରେ ସୁରେନ୍ଦ୍ରନାଥ କଂଗ୍ରେସର ଅତୀତ କୃତିତ୍ୱର ଦ୍ୱାହି ଦେଇ ତଥା ଶକ୍ତି ସକାଶେ ଏକତାର ଆବଶ୍ୟକତାର ଦ୍ୱାହି ଦେଇ ସେ ନିରବତା ଏବଂ କରତାଳି ଧ୍ୱନି ଭିତରେ ବସି ପଡ଼ିଲେ । ଏଲାହାବାଦର ଧନୀ ବାରିଷ୍ଟର, ବଦାନ୍ୟତା ବ୍ୟତିରେକେ ଯାହାଙ୍କ ପ୍ରକୃତି ଆଉ ସବୁଥିରେ ଉଦାର, ଅଳ୍ପ କେତୋଟି ବାକ୍ୟ କହିଲେ । ଭସ୍ମସ୍ତୂପର ଆବରଣ ଉପରେ ଚାଲିଲା ପ୍ରାୟେ ସମସ୍ତେ ସତର୍କ । ଅସ୍ପଷ୍ଟ ଭାଷାରେ ଶ୍ରୀ ମାଲ୍‌ଭି ଡ : ଘୋଷଙ୍କୁ ସଭାପତି ଆସନରେ ବସିବାକୁ ଅନୁରୋଧ କଲେ । ଭିନ୍ନ ଭିନ୍ନ ପ୍ରକାର ଚିତ୍କାର ଭିତରେ ସେ ପ୍ରସ୍ତାବଟି ଗୃହୀତ ହୋଇଯାଇଛି ବୋଲି ସେ ଘୋଷଣା କଲେ । ଜ୍ଞାନରେ ତଥା ବୟସରେ ଓଜନଦାର ଡ : ଘୋଷ ନିଜ ଚୌକି ପରିବର୍ତ୍ତନ କଲେ ଏବଂ ତତ୍‌କ୍ଷଣାତ୍ ଉଠିପଡ଼ି ତାଙ୍କ ବହୁ ଚିନ୍ତା ପ୍ରସୂତ ଭାଷଣ ପଢ଼ିବାକୁ ଆରମ୍ଭ କଲେ : 'ପ୍ରତିନିଧି ଭ୍ରାତୃବୃନ୍ଦ, ଭଦ୍ର ମହିଳା ଏବଂ ଭଦ୍ରବ୍ୟକ୍ତିବୃନ୍ଦ ! ମୋତେ ଏହି ମହତ୍ ସମ୍ମାନ ପ୍ରଦାନ କରିଥିବା ଯୋଗୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ମୋର ପ୍ରଥମ କର୍ତ୍ତବ୍ୟ ।'

''କିନ୍ତୁ ଭଦ୍ରଲୋକ ସେହି 'ପ୍ରଥମ କର୍ତ୍ତବ୍ୟ'ରୁ ଆଉ ଅଧିକ ଅଗ୍ରସର ହୋଇପାରିଲେ ନାହିଁ । ପ୍ରଭଞ୍ଜନାକ୍ରାନ୍ତ ଆକାଶରେ ବିଦ୍ୟୁତ୍ ସ୍ଫୁରିତ ହେବା ପ୍ରାୟେ ଠିକ୍ ସଭାପତିଙ୍କ ଆସନ ସମ୍ମୁଖରେହିଁ ଶ୍ରୀ ତିଳକ ଦଣ୍ଡାୟମାନ ଥିବାର ଦେଖାଗଲା । ଭାଗ୍ୟକୁ ଖାତର କରୁ ନଥିବା ତାଙ୍କର ନିଶ୍ଚିତ ପ୍ରଶାନ୍ତ କଣ୍ଠରେ ସେ ଘୋଷଣା କରୁଥିଲେ ଯେ ସେ ଏକ ସଂଶୋଧନୀ ପ୍ରସ୍ତାବ ଆଗତ କରିବା ନିମନ୍ତେ ଅଗ୍ରିମ ନୋଟିସ ଦେଇଛନ୍ତି ଏବଂ ତାହା ସେ ଆଗତ କରିବେହିଁ କରିବେ ।

'ତୁମେ କଂଗ୍ରେସ ଅଧିବେଶନ ମୁଲତବି କରିବା ପ୍ରସ୍ତାବ ଆଗତ କରିପାରିବ ନାହିଁ । ମୁଁ ତୁମକୁ ନିୟମ ବହିର୍ଭୂତ (Out of Order) ଘୋଷଣା କରୁଛି ।' ଉଚ୍ଚ କଣ୍ଠରେ କହିଲେ ଶ୍ରୀ ମାଲ୍‌ଭି ।

'ମୁଁ ସଭାପତି ନିର୍ବାଚନ ଉପରେ ଏକ ସଂଶୋଧନ ପ୍ରସ୍ତାବ ଆଗତ କରିବାକୁ ଚାହୁଁଛି । ତୁମେ ସଭାପତି ନୁହଁ ।' ଉତ୍ତର ଦେଲେ ଶ୍ରୀ ତିଳକ ।

ଏଥର ଡ. ଘୋଷ କହିଲେ, 'ମୁଁ ତୁମକୁ ନିୟମ ବହିର୍ଭୂତ ଘୋଷଣା କରୁଛି ।'

'ତୁମେ ଏଯାଏ ନିର୍ବାଚିତ ହୋଇ ନାହଁ ! ମୋର ନିବେଦନ ପ୍ରତିନିଧିବର୍ଗଙ୍କ ଉଦ୍ଦେଶ୍ୟରେ ।' ପ୍ରତ୍ୟୁତ୍ତରରେ ଘୋଷଣା କଲେ ଶ୍ରୀ ତିଳକ ।

''ଏହାପରେ ସବୁ ଉତ୍ତର-ପ୍ରତ୍ୟୁତ୍ତର ବୁଡିଗଲା ହଟ୍ଟଗୋଳରେ । ବାହୁ ଛନ୍ଦି ଶ୍ରୀ ତିଳକ ସମାବେଶ ଆଡ଼େ ଅନାଇ ଠିଆ ହୋଇ ରହିଥା'ନ୍ତି । ତାଙ୍କ ଦୁଇ କଡ଼ରେ ଯୁବକ ମାନ୍ଦାପନ୍ଥୀମାନେ ଲମ୍ଫ ଦେଇ ଉଠିପଡ଼ି, ଚିତ୍କାର କରି, ମୁଠା ଉଠାଇ ଶ୍ରୀ ତିଳକଙ୍କୁ ମଞ୍ଚ ଉପରୁ ଫୋପାଡ଼ି ଦେବାର ଧମକ ଦେଉଥା'ନ୍ତି । ଶ୍ରୀ ତିଳକଙ୍କ ପଛରେ ଡ. ଘୋଷ ଟେବୁଲ ଉପରକୁ ଚଢ଼ିଯାଇ ବଜାଇବାକୁ ଲାଗିଲେ ଘଣ୍ଟି – ଯାହା କାହାକୁ ବି ଶୁଣାଯାଉ ନଥାଏ । ତୀକ୍ଷ୍ଣ, ଉତ୍ତେଜିତ କଣ୍ଠରେ ସେ ପ୍ରେକ୍ଷାଳୟରେ ଘଟୁଥିବା ଗଣ୍ଡଗୋଳକୁ ଭର୍ତ୍ସନା କରୁଥା'ନ୍ତି – ଯାହା ଥିଲା ନିଷ୍ଫଳ । ମାନ୍ଦାପନ୍ଥୀମାନଙ୍କ କ୍ରୋଧ ଉପଶମ କରିବାର ପ୍ରୟାସ କରିବା ସଙ୍ଗେ ଶାନ୍ତି ସଞ୍ଚାର କରିବାର ଚେଷ୍ଟା କରୁଥା'ନ୍ତି ଶ୍ରୀ ଗୋଖେଲ – ମଣିଷ ଯଦି ଶାନ୍ତି ସଞ୍ଚାର କରିପାରୁଥା'ନ୍ତା ! ମଧୁର-ସ୍ୱଭାବ ଗୋଖେଲ ତାଙ୍କ ପୁରୁଣା ବଇରୀଙ୍କୁ ନିଜର ଦୁଇ ପ୍ରସାରିତ ବାହୁଯୋଗେ ସମ୍ଭାବ୍ୟ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ତାଙ୍କ ପାଖରେ ଠିଆ ହୋଇଥା'ନ୍ତି । କିନ୍ତୁ ଶ୍ରୀ ତିଳକଙ୍କୁ କାହାରି ସହାୟତା ଲୋଡ଼ା ନଥିଲା । ସେ ଦଣ୍ଡାୟମାନ ରହିଥା'ନ୍ତି ସବୁ ଭୟ ପ୍ରଦର୍ଶନକୁ ବେଖାତିର କରି । ତାଙ୍କ ଉପରେ ହିଂସାଚାର ହେବ ? ହେଉ ! ସ୍ୱର୍ଗ ବା ନର୍କର କୌଣସି ହସ୍ତକ୍ଷେପ ତାଙ୍କୁ ଟଳାଇ ପାରିବ ନାହିଁ ! ତାଙ୍କ ସମ୍ମୁଖରେ ଶୁଭ୍ର ବେଶାବୃତ ଜନତା ବିକ୍ଷୁବ୍ଧ ସମୁଦ୍ର ଭଳି ଗର୍ଜନରତ ଥାଏ ।

ହଠାତ୍ ଶୂନ୍ୟରେ କିଛି ଗୋଟାଏ ଉଡ୍ଡୀୟମାନ ହେବାର ଦେଖାଗଲା – ପଟେ ଜୋତା ! ଏକ ମରାଠୀ ଜୋତା ! ଲାଲିଚିଆ ଚମଡ଼ା, ଗୋଜିଆ ମୁଣ୍ଡ; ତା' ତଳିରେ ଯୋଖା ଅଛି ସୀସା । ସେ ଗୋଟିକ ଯାଇ ସୁରେନ୍ଦ୍ରନାଥଙ୍କ କପୋଳ ଦେଶରେ ମାଡ଼ ଦେବା ଅନ୍ତେ କମାଣ ଗୋଳା ଭଳି ଯାଇ ସାର୍ ଫିରୋଜ୍ ଶାହ ମେହ୍‌ତାଙ୍କ ଉପରେ ବାଡ଼େଇ ହୋଇଗଲା । ବସ୍ତୁଟି ଉଡ଼ୁଥାଏ, ପଡ଼ୁଥାଏ – ଏବଂ ସତେ ଯେପରି କୌଣସି ଏକ ସଙ୍କେତ ପାଇ ଧଳା ପଗଡ଼ିର ଏକ ଜୁଆର ମଞ୍ଚ ଆଡ଼େ ମାଡ଼ି ଆସିଲା । କୁଦିପଡ଼ି, ମଞ୍ଚ ଆରୋହଣ କରି, ରୁଦ୍ରଭାବ ନିଃସୃତ ଉତ୍ତପ୍ତ ନିଃଶ୍ୱାସ ଛାଡ଼ି, ନିଜ ନିଜ ଦୀର୍ଘ ଲାଠି ଯୋଗେ ଯିଏ ମାନ୍ଦାପନ୍ଥୀ ମନେହେଲା ତା' ଉପରେ ସେମାନେ ପକାଇ ଗଲେ ପାହାର । ପରବର୍ତ୍ତୀ ମୁହୂର୍ତ୍ତରେ, ଟେବୁଲ ଉପରେ ଦଣ୍ଡାୟମାନ ପିଙ୍ଗଳ ବର୍ଣ୍ଣ ପାଦ ଭିତର ସବୁ ଦେଇ ଅନାଇ ଭାରତୀୟ ଜାତୀୟ କଂଗ୍ରେସ ବିଧ୍ୱସ୍ତ ହେବାର କେତେ ଝଲକ ଦୃଶ୍ୟ ସଂଦର୍ଶନ କଲି...

''ଭାରତୀୟ ମହିଳାମାନେ ଅନ୍ତର୍ହିତ ହୋଇଗଲେ । ମଞ୍ଚାସୀନ ନେତୃବର୍ଗ ପଛ ଦ୍ୱାର ଦେଇ କ୍ଷିପ୍ର ଗତିରେ ନିଷ୍କ୍ରାନ୍ତ ହେଲେ । ଶ୍ରୀ ତିଳକଙ୍କୁ ତାଙ୍କ ଅନୁଗତମାନେ ବେଷ୍ଟନ କରି ନେଇଗଲେ । କିନ୍ତୁ ସେ ବିଶାଳ ପ୍ରେକ୍ଷାଳୟ ଭିତରେ ଲାଗି ରହିଲା ସଂଘର୍ଷ । ବର୍ତ୍ତମାନ ମାରଣାସ୍ତ୍ରଭାବେ ବ୍ୟବହାର ହେବା ପରିବର୍ତ୍ତେ ଚୌକିସବୁର ଅନ୍ୟ କୌଣସି ଭୂମିକା ନଥିଲା । ଲାଠିମାନେ ପରସ୍ପର ପିଟି ହୋଇ ଯାଉଥା'ନ୍ତି । ଛୋଟ ଛୋଟ ଦଳ ସବୁ ଭିତରେ ଲଢ଼େଇ ଚାଲିଥାଏ । କିଏ ଶତ୍ରୁ, କିଏ ମିତ୍ର ବୁଝିବାର ଉପାୟ ନଥିଲା । ଖାଲି ମୁହଁ ଭାବରୁ ବୁଝିବା କଥା କିଏ ମାନ୍ଦାପନ୍ଥୀ କିଏ ଜାତୀୟବାଦୀ ।''(୭)

ସେ ଭୀଷଣ କାଣ୍ଡ ଭିତରେ ବି ପରସ୍ପର ସୌଜନ୍ୟ ଓ ଜଣେ ଆଉ ଜଣକୁ ରକ୍ଷା କରିବାର ଦୃଶ୍ୟ ଲକ୍ଷ୍ୟ କରିଥିଲେ ନେଭିନ୍‌ସନ୍ । ତାଙ୍କ ବର୍ଣ୍ଣନାରୁ ସ୍ପଷ୍ଟ ଯେ ସେ ବକ୍ତୃତା ମଞ୍ଚର ସବା ଶେଷରେ ଠିଆ ହୋଇ ମଞ୍ଚ ସମେତ ସମଗ୍ର ପ୍ରେକ୍ଷାଳୟ ଭିତରେ ଯାହାସବୁ ଘଟୁଥିଲା ଲକ୍ଷ୍ୟ କରୁଥିଲେ ।

ମୁନ୍‌ସୀ ଲେଖିଛନ୍ତି : ''ସେ ଭିଡ଼ ଭିତରେ ମୁଁ ମଞ୍ଚ ଉପରକୁ ଠେଲି ହୋଇ ଯାଇଥିଲି ଏବଂ ଗୋଟାଏ ଟେବୁଲ ଉପରକୁ ଚଢ଼ି ଯାଇଥିଲି ଅନ୍ୟାନ୍ୟ ଅନେକଙ୍କ ସମେତ । ଟେବୁଲ ଗୋଟିକ ଭାଙ୍ଗି ପଡ଼ିଲା !''(୮)

ସେଦିନ ରାତିରେ ମିଳାମିଶା ଦିଗରେ ଆହୁରି କିଞ୍ଚିତ୍ ଉଦ୍ୟମ ହୋଇଥିଲା । କିନ୍ତୁ ଦୁଇ ଦଳ ଭିତରେ ବ୍ୟବଧାନ ଏତେ ଅଧିକ ହୋଇଯାଇଥାଏ ଯେ ସେ ଉଦ୍ୟମ ଅଚିରେ ମଉଳିଗଲା । ପରଦିନ ମାନ୍ଦାପନ୍ଥୀମାନେ ସେହି ପ୍ରେକ୍ଷାଳୟରେ ସେମାନଙ୍କର ଗୋଟାଏ ସଭା କଲେ । ଖୁବ୍ କମ୍ ଲୋକ ଥିଲେ । ପ୍ରବେଶ ପୂର୍ବରୁ ପ୍ରତ୍ୟେକଙ୍କୁ ସତ୍ୟପାଠ କରାଇ ନିଆ ଯାଉଥାଏ ଯେ ସେମାନେ ଖାଲି ଚୁପ୍‌ଚାପ୍ ବସି ରହିବେ ।

ଉପରଓଳି ଜାତୀୟବାଦୀମାନଙ୍କର ଏକ ସମାବେଶ ଆହୂତ ହେଲା । ପ୍ରଶସ୍ତ ସଭାସ୍ଥଳ ଜନତାରେ ଭରପୂର । ଆମେ ପୁଣି ନେଭିନ୍‌ସନ୍‌ଙ୍କ ସ୍ମୃତିକଥା ଅନୁସରଣ କରିବା :

''ନୀରବରେ ଦଳ ଦଳ ହୋଇ ସମସ୍ତେ ସ୍ଥାନ ଗ୍ରହଣ କଲେ । ଗମ୍ଭୀର ଏବଂ ନିର୍ବାକ୍ – ମୋର ମନେ ହୁଏ ଗୋଟାଏ ମଧ୍ୟ ଶବ୍ଦ ଉଚ୍ଚାରଣ ନକରି – ଶ୍ରୀଅରବିନ୍ଦ ଘୋଷ ସଭାପତି ଆସନ ଗ୍ରହଣ କଲେ ଏବଂ ବସି ରହିଥିଲେ ନିଶ୍ଚଳ ଭାବେ । ସୁଦୂର ପ୍ରସାରିତ ତାଙ୍କ ଦୃଷ୍ଟି – ସତେ ଅବା ତାହା ଭବିଷ୍ୟତ୍ ଉପରେ ସନ୍ନିବିଷ୍ଟ । ସ୍ପଷ୍ଟ ଏବଂ ଛୋଟ ଛୋଟ ବାକ୍ୟ ଯୋଗେ, ବିନା ବାଗ୍ମିତା, ବିନା ଭାବାବେଗରେ ତିଳକ କହିଚାଲିଥା'ନ୍ତି । ଆକାଶରେ ଦେଖାଦେଲେ ନକ୍ଷତ୍ର ପୁଞ୍ଜ; କେହି ଜଣେ ତାଙ୍କ କଡ଼ରେ ଆଣି ଥୋଇଲା ଏକ ଲଣ୍ଠନ । ତିଳକ ପରିସ୍ଥିତିର ସମୀକ୍ଷା କଲେ । ''ବୋମ୍ବେବାଲା ମାନ୍ଦାପନ୍ଥୀ''ମାନେ ସରକାରକୁ ଖୁସି କରିବା ନିମନ୍ତେ ଜାତୀୟବାଦୀମାନଙ୍କ ସହଯୋଗକୁ ପ୍ରତ୍ୟାଖ୍ୟାନ କଲେ ବୋଲି ସେ ଅଭିଯୋଗ କଲେ । କଂଗ୍ରେସକୁ ଧ୍ୱଂସ କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ । କଂଗ୍ରେସର ଅର୍ଜିତ ସମ୍ମାନ ମୂଲ୍ୟବାନ୍ । କିନ୍ତୁ ଭାରତରେ ଏକ ନୂତନ ଚେତନା ଜାଗରିତ ହୋଇଛି । କଂଗ୍ରେସ ସେ ଚେତନା ଦ୍ୱାରା ଅନୁପ୍ରାଣିତ ହୋଇ ନପାରିଲେ ତା' ପାଇଁ ମୃତ୍ୟୁ ବରଂ ଶ୍ରେୟସ୍କର । ବାସ୍ତବରେ କଂଗ୍ରେସ ମୃତ । ନୂଆ ଚେତନା ବୋଇଲେ ସେ ଆତ୍ମ-ବିଶ୍ୱାସ ଏବଂ ଆତ୍ମ-ସାବ୍ୟସ୍ତି (Self-assertion)କୁ ବୁଝାଇଥିଲେ ! ଯେଉଁ ପୁରୁଣା ପନ୍ଥା ସରକାର ପାଖରେ ଦରଖାସ୍ତ ପକାଇ କିଛି ଅଧିକାର ଭିକ୍ଷା କରେ, ନ୍ୟାୟ ସକାଶେ ଆବେଦନ, ନିବେଦନ କରିଚାଲେ, ସରକାରଠୁଁ ପ୍ରତିଶ୍ରୁତି ପାଏ କିନ୍ତୁ ଯେଉଁ ପ୍ରତିଶ୍ରୁତି କେବେ ପୂରଣ କରା ହୁଏ ନାହିଁ, ଆଙ୍ଗ୍ଲୋ-ଇଣ୍ଡିଆନ୍‌ମାନଙ୍କ ଆଗରେ ହାସ୍ୟାସ୍ପଦ ହେବାକୁ ପଡ଼େ, ନୂଆ ଚେତନା ସେହିଭଳି ପରଂପରାର ବିରୋଧୀ ଏବଂ ବୋକାମି ।''[୯]

ନେଭିନ୍‌ସନ୍ ମାନ୍ଦାପନ୍ଥୀ ନେତାମାନଙ୍କ ସହ ହିଁ ଟ୍ରେନ ଯୋଗେ କଲିକତାରୁ ସୁରତ ଆସିଥିଲେ । ରାସ୍ତାଯାକ ଉତ୍ସାହୀ ଜନତା ସେମାନଙ୍କୁ ଉଚ୍ଛ୍ୱସିତ ଅଭିନନ୍ଦନ ଜଣାଉଥା'ନ୍ତି; ଫୁଲମାଳରେ ଢାଙ୍କି ଦେଉଥା'ନ୍ତି । ଫେରିବା ବେଳେ ମଧ୍ୟ ନେଭିନ୍‌ସନ୍ ସେହିମାନଙ୍କ ସାଥିରେ ଫେରିଲେ । କିନ୍ତୁ ସୁରତ ଅଭିମୁଖେ ଯାତ୍ରା ଓ ସୁରତରୁ ପ୍ରତ୍ୟାବର୍ତ୍ତନ ଭିତରେ କି ବିଷାଦମୟ ପାର୍ଥକ୍ୟ ! ସେତେବେଳେ ଟି. ଭି., ରେଡ଼ିଓ ନଥିବା ସତ୍ତ୍ୱେ ଏବଂ ଖବରକାଗଜର ପାଠକ ସଂଖ୍ୟା ସୀମିତ ହେବା ସତ୍ତ୍ୱେ ସୁରତରେ ଯାହା ଘଟିଲା ତାହାର ବିବରଣୀ ସମସ୍ତେ ଜାଣିଯାଇଥା'ନ୍ତି । ନେଭିନ୍‌ସନ୍ ଲେଖୁଛନ୍ତି :

''ପ୍ରତି ଷ୍ଟେସନରେ ସମବେତ ଭର୍ତ୍ସନା : ଧିକ୍ (down with) ରାସବିହାରୀ, ଧିକ୍ ଗୋଖେଲ, ଧିକ୍ ସୁରେନ୍ଦ୍ରନାଥ ! ଗୋଟାଏ ବି ସ୍ଥାନରେ ଅଭିବାଦନ ମିଳିଲା ନାହିଁ; 'ଜୟ' ବୋଲି ଥରେ ମଧ୍ୟ ଶୁଣାଗଲା ନାହିଁ । ସେଦିନ ରବିବାର । ଗତ ବୁଧବାର ଦିନ ଯାତ୍ରା ପଥରେ କେତେ ଜୟଧ୍ୱନି ! କେତେ ପୁଷ୍ପମାଲ୍ୟ ! ସାରା ପଥ ଥିଲା ଗୋଲାପମୟ !'' [୧୦]

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା

୧. Henry W. Nevinson : *The New Spirit in India*; (Indian Reprint), 1975, Metropolitan Book Co., Delhi.

ଫରାସୀ ବିପ୍ଲବ କାଳୀନ ଯୁଦ୍ଧଗୁଡ଼ିକ ଭିତରେ ଭାଲ୍‌ମି ଯୁଦ୍ଧ (୧୭୯୨)ର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ବେଶ୍ କିଛି ଥର ପରାଭବ ଲଭିବା ଅନ୍ତେ ବ୍ରାନ୍‌ସୱିକ୍‌ଙ୍କ ନେତୃତ୍ୱରେ ଲଢ଼ୁଥିବା ପ୍ରୁସିଆର ସୈନ୍ୟ ବାହିନୀକୁ ଫରାସୀମାନେ ପରାଜିତ କଲେ । ବିଡ଼ମ୍ବନା ହେଲା, ମହାକବି ଗାଟେ (ଅନେକେ ଗୋଥେ ଭାବରେ ଉଚ୍ଚାରଣ କରନ୍ତି) ବ୍ରାନ୍‌ସୱିକ୍‌ଙ୍କ ପକ୍ଷରେ ଥିଲେ । କିନ୍ତୁ ଯେତେବେଳେ ତାଙ୍କର ହତାଶ ସହକର୍ମୀମାନେ ତାଙ୍କୁ ସେ କ'ଣ ଭାବୁଛନ୍ତି ବୋଲି ପ୍ରଶ୍ନ କଲେ, ମହାକବି କହିଲେ, ''ଏହି ସ୍ଥାନରୁ ଏବଂ ଆଜି ଦିନରୁ ପୃଥିବୀର ଇତିହାସରେ ଆରମ୍ଭ ହେଲା ଏକ ନୂତନ ଯୁଗ ଏବଂ ତୁମେମାନେ ସମସ୍ତେ କହିପାର ଯେ ସେ ଯୁଗର ଜନ୍ମ ମୁହୂର୍ତ୍ତରେ ତୁମେମାନେ ଉପସ୍ଥିତ ଥିଲ ।'' (The French Revolution, Pernaud and Flaissier ଏବଂ Oxford Dictionary of World History)

ନେଭିନ୍‌ସନ୍ ଏହା ଉଦ୍ଧୃତ କରିବା ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ସେ ନିଜେ ଇଂରେଜ । ଜାତୀୟବାଦୀମାନେ ଇଂରେଜ ଶାସନ ବିରୋଧରେ ସଂଗ୍ରାମ କରୁଥିଲେ ।

୨. K. M. Munshi in *Bhavan's Journal;* 27 Nov 1960.

୩. *Sri Aurobindo Ashram Archives and Research.*

୪. ତିଳକଙ୍କ ଜୀବନୀ *A Step in the Steamer* ରେ ମୋତିଲାଲ ଘୋଷଙ୍କ ଭୂମିକା । ପରମାନନ୍ଦ ଦତ୍ତଙ୍କ *Memories of Motilal Ghose* (ଅମୃତ ବଜାର ପତ୍ରିକା କାର୍ଯ୍ୟାଳୟ)ରେ ଉପସ୍ଥାପିତ ।

୫. ତତ୍ରୈବ ।

୬. Source Material for a *History of the Freedom Movement in India,* Vol. 11, Government of Bombay, 1958.

୭. Henry W. Nevinson : *The New Spirit in India*; (Indian Reprint), 1975, Metropolitan Book Co., Delhi.

୮. K. M. Munshi. *“Bhavan’s, Journal”,* 27 Nov 1960.

୯. Nevinson

୧୦. ତତ୍ରୈବ । ❑

# ସୁବର୍ଣ୍ଣ ଶିଖୁଳିଟିଏ...

## ଶରତ କୁମାରୀ ସ୍ୱାଇଁ



ଏଇ ଜଡ଼ ଚେତନାରେ –
କିଏ ସୃଜେ ଅମର ସଂଗୀତ... ??
ପ୍ରତିଟି ତନ୍ତ୍ରୀରେ ତା’ର –
ଜାଗିଉଠେ ପ୍ରୀତିଭରା, ମଧୁଝରା ଅସୀମ ଆନନ୍ଦ ।
ଗଭୀରତମ ପ୍ରଦେଶୁ
କାତରତା, ଯନ୍ତ୍ରଣା ସକଳ –
ଏକାକୀତ୍ୱ ଭୁଲି,
ଧରଣୀର ଉଷ୍ଣ ବକ୍ଷ ତେଜି –
ଆସ୍ପୃହାର ଲେଲିହାନ ଶିଖାତୋଳି,
ଉର୍ଦ୍ଧ୍ୱାୟିତ ହେଉଥିବା ବେଳେ –
କେଜାଣି ... କେଉଁଠୁ ଆସି
‘‘ସୁବର୍ଣ୍ଣ ଶିଖୁଳିଟିଏ’’
ଭିଡ଼ିଧରି, ଯୋଡ଼ିଦିଏ –
ଅନନ୍ତକୁ ଜଡ଼ ଆସ୍ପୃହାରେ ।

ଜଡ଼ରେ ଜାଗେ ଚେତନା
ଫୁଟିଉଠେ ଅପୂର୍ବ ସୌନ୍ଦର୍ଯ୍ୟ ।
ସ୍ତର ପରେ ସ୍ତର ଅତିକ୍ରମି,
ସୂର୍ଯ୍ୟର ମହାସମ୍ମାରେ –
ପ୍ରକାଶିତ ହୁଏ ଶୌର୍ଯ୍ୟ-ବୀର୍ଯ୍ୟ । ❑

ଯୋଗସମନ୍ୱୟ (୭୩)

# ଅତିମାନସର ସ୍ୱରୂପ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଊନବିଂଶ ଅଧ୍ୟାୟ ''ଅତିମାନସର ସ୍ୱରୂପ'' (**The Synthesis of Yoga, Part - IV, The Yoga of Self-Perfection, Chapter - XIX "The Nature of the Supermind"**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

ଏବେ ଆମେ ଅତିମାନସ କ'ଣ ଏବଂ ତା'ର ସ୍ୱରୂପ ଓ ସଂଗଠନ କ'ଣ ହୋଇପାରେ ତାହା ଯଥାସମ୍ଭବ ଆଲୋଚନା କରିବା । ଏ ବିଷୟଟି ବଡ଼ ଦୁରୂହ । କାରଣ ଏହା ମଣିଷର ମନର ପର୍ଯ୍ୟାୟଭୁକ୍ତ ନୁହେଁ । ମନ ସେ ଯାଏ ବିକଶିତ ହୋଇ ନାହିଁ । ତେବେ ବି ଏହାର ସାର କଥା ବୁଝିବାକୁ ଚେଷ୍ଟା କରିବା । ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଲା ଅତିମାନସ (Supermind) ସ୍ତରକୁ ଉତ୍ଥିତ ହେବା । ତେବେ ବି ଆମେ ଜାଣୁ ଅତିମାନସ ମନର ଏକ ଊର୍ଦ୍ଧ୍ୱ ବିଷୟ ନୁହେଁ । ଏହା କେବେ ବି ଏକ ଚମତ୍କାର ବିଶାଳ ମନ ନୁହେଁ । ଏହା ପରମ ସତ୍ୟ-ସଂକଳ୍ପ-ଚେତନା । ଏହା ମନର ସର୍ବୋଚ୍ଚ ପରିଧିର ଊର୍ଦ୍ଧ୍ୱରେ । ମନର ଊର୍ଦ୍ଧ୍ୱଭୂମିରେ ଅଛି ଅଧିମାନସ । ଏଇ ଭୂମିରେ ପହଞ୍ଚିଲେ ତା'ଠାରୁ ଆକାଶ ଉଚ୍ଚତାରେ ତାରକା ଭଳି ଅଛି ଅତିମାନସ । ମନୁଷ୍ୟର ମନ, ଇନ୍ଦ୍ରିୟ, ବୁଦ୍ଧିରେ ଏହା ଅନୁଭବ କରି ହେବ ନାହିଁ । କାରଣ ଏମାନେ ସୀମିତ । ସେ ସର୍ବବ୍ୟାପୀ, ସକଳଙ୍କୁ ଓ ସବୁକୁ ନେଇ ସୃଷ୍ଟ – ''ସର୍ବୋ ଭୂତ୍ୱା ସର୍ବମାବିଶତି'' । ଏହା ପରମ ସତ୍ୟଚେତନା ବା ଐଶ୍ୱରଚେତନା ।

ପୂର୍ଣ୍ଣଯୋଗୀ ଏଇ ଅତିମାନସ ସତ୍ୟଚେତନା ପାଇବାକୁ ଚାହେଁ । ଏହା ପାଇବା ମାନେ ତତ୍‌କ୍ଷଣାତ୍ ବ୍ୟକ୍ତିର ତଦନୁରୂପ ଦିବ୍ୟ ପରିବର୍ତ୍ତନ ଘଟିବ, ସେ ତାହାହିଁ ହୋଇଯିବ ଅର୍ଥାତ୍ ମନଶ୍ଚେତନାର ଅତିମାନସରେ ପରିବର୍ତ୍ତନ, ହୃଦୟ ଚେତନାର ପରିବର୍ତ୍ତନ, ପ୍ରାଣଭୂମିର ପରିବର୍ତ୍ତନ; ଏପରିକି ଅବଚେତନା ଯାଏ ଶରୀରର ପରିବର୍ତ୍ତନ ଘଟିବ । ଆଉ ଏପରି ରୂପାନ୍ତର ଗତାନୁଗତିକ ଧାରାରେ ଚାଲିଆସୁଥିବା ଆମ ପାରମ୍ପରିକ ଯୋଗ ପଦ୍ଧତିରେ ସମ୍ଭବ ହେବ ନାହିଁ । ଏଇ ହେତୁ ଶ୍ରୀଅରବିନ୍ଦ ଆତ୍ମ-ପରିପୂର୍ଣ୍ଣତାର ଯୋଗ ବା ପୂର୍ଣ୍ଣଯୋଗ ବା ଯୋଗ ସମନ୍ୱୟ କଥା ଉଲ୍ଲେଖ କଲେ । ପୁନଶ୍ଚ ଏହାର ସୋପାନାବଳୀ ମଧ୍ୟ ଉଲ୍ଲେଖ କଲେ । ଯଦି ପ୍ରାଚୀନ ଯୋଗୀମାନେ ଏହା ସମ୍ଭବ କରିପାରିଥାନ୍ତେ, ତେବେ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟଧାରା ସହଜ ହୋଇଯାଇଥା'ନ୍ତା । ତାଙ୍କୁ ନୂତନ ପନ୍ଥା ଗ୍ରହଣ କରିବାକୁ ପଡ଼ି ନଥା'ନ୍ତା । ପୁରାତନ ଯୋଗୀମାନେ ମୁକ୍ତିକାମୀ, ପୂର୍ଣ୍ଣଯୋଗ କିନ୍ତୁ ଚାହେଁ ଦିବ୍ୟ-ରୂପାନ୍ତର ।

ପୂର୍ଣ୍ଣଯୋଗ ସିଦ୍ଧି ପାଇଁ ମହାଶକ୍ତିର ଭୂମିକା କ'ଣ ହେବ ତାହା ଆମେ ପୂର୍ବ ପ୍ରକାଶିତ ପ୍ରବନ୍ଧମାନଙ୍କରେ ଆଲୋଚନା କରିଛୁ । ତତ୍ ସହ ଶୁଦ୍ଧୀକରଣ ଓ ଅପରା ପ୍ରକୃତିର ଗ୍ରନ୍ଥିମୋଚନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇ ସାରିଛି । କାମନା-ବାସନା ଜର୍ଜର ଅହଂର କ୍ଷୁଦ୍ରତା ସ୍ଥାନରେ ସମତ୍ୱର ପ୍ରତିଷ୍ଠା ଏବଂ ଐଶୀଶକ୍ତି ନିକଟରେ ଆତ୍ମସମର୍ପଣ ସମ୍ପର୍କରେ ଆଲୋଚନା କରିଛୁ ।

ଏବେ ଆମ ମନରେ ସ୍ୱତଃ ପ୍ରଶ୍ନ ଉଠିପାରେ ଐଶ୍ୱର ଶକ୍ତି ବା ମହାଶକ୍ତି, ଅତିମାନସ ବା ବିଜ୍ଞାନ ଆମ ଆଧାରର କେଉଁ ଅଂଶରେ କାର୍ଯ୍ୟ କରିବ । ଅବଶ୍ୟ ପ୍ରାଥମିକ ସ୍ତରରେ ପ୍ରସ୍ତୁତି ପର୍ବରେ ମନର କିଛି ଭୂମିକା ରହିପାରେ । ମାତ୍ର ପଶୁର ମନ ଯେପରି ମଣିଷର ମନର ସ୍ଥାନ ପୂରଣରେ ଅସମର୍ଥ, ସେହିପରି ମଣିଷର ମନ ମହାଶକ୍ତିର କରଣ ହେବା ସମ୍ଭବ ନୁହେଁ । କାରଣ ମହାଶକ୍ତି ଅତିମାନସୀ ଶକ୍ତି ଅଟନ୍ତି । ତଥାପି ମନ ଅତିମାନସର ବିଭୂତି । ତେବେ ମନ ଯେପରି ଜ୍ଞାନକୁ ବାହାରୁ ଆହରଣ କରେ, ଅତିମାନସ ସେପରି କରେ ନାହିଁ, ଜ୍ଞାନ ତା' ଭିତରେ ସ୍ୱତଃ ସ୍ଫୁରିତ । ମନ ଅବିଦ୍ୟାରୁ ବିଦ୍ୟା ଦିଗରେ ଗତିକରେ ଅନ୍ଧ ଭଳି ଦରାଣ୍ଡି ଦରାଣ୍ଡି । ଅତିମାନସର ଜ୍ଞାନ ନିଜ ମଧ୍ୟରୁ ସ୍ୱତଃସ୍ଫୁରିତ । ତାକୁ ଅଣ୍ଡାଳିବାକୁ ପଡ଼େ ନାହିଁ । ଉଦାହରଣସ୍ୱରୂପ ଜଣେ ରାଗିଛି, ତାହା ସେ ନିଜେ ଜାଣେ ।

ଏଥିପାଇଁ କାହାକୁ ପଚାରିବାର ପ୍ରୟୋଜନ ନଥାଏ । ଜଣକର ମୁଣ୍ଡ ବିନ୍ଧୁଛି, ସେ ସ୍ୱତଃ ଜାଣିପାରେ ଓ ଅନୁଭବ କରିପାରେ । ଅତିମାନସ ଜ୍ଞାନ ମଧ୍ୟ ତଦନୁରୂପ । ଡାକ୍ତର ତା'ର ଯନ୍ତ୍ରଲଗାଇ, ପଚାରିବୁଝି ଅନୁମାନ କରି ରୋଗୀ ସମ୍ପର୍କରେ ଜ୍ଞାନଲାଭ ଯେପରି କରେ, ମନର ସ୍ୱରୂପ ସେହିପରି ।

ମନର ଏକ ସ୍ୱଭାବ ସିଦ୍ଧ ସୀମା ରହିଛି । ସେ ଦିବ୍ୟଜ୍ଞାନ, ସଂକଳ୍ପ ଓ ଆନନ୍ଦର ଏକତ୍ୱବଦ୍ଧ ସମ୍ପୂର୍ଣ୍ଣତା ସହ କଦାପି କାର୍ଯ୍ୟ କରିପାରିବ ନାହିଁ । କାରଣ ମନର ଭିତ୍ତି ବିଭାଜନ । ଏହା ଅତିବେଶୀରେ ହୋଇପାରେ ଏକ ଗୌଣସାଧନ, ଏହା ପରମ ଅନନ୍ତସତ୍ତାକୁ ପ୍ରତିଫଳିତ କରିପାରେ । ଅନନ୍ତସତ୍ତାରେ ଏହା ନିଜକୁ ଲୀନ କରି ଦେଇପାରେ । ଏହା ହୋଇପାରେ ତା'ର ଏକ ମନୋଗତ ଅନୁସଂସ୍କରଣ । ଏହା ଅନନ୍ତର ବୃହତ୍ ନିଷ୍କ୍ରିୟତାକୁ ପ୍ରାପ୍ତ କରିପାରେ ବା ଅବଲମ୍ବନ କରିପାରେ । ତାହା ମଧ୍ୟରେ ସେ ବାସ କରିପାରେ । ତା'ର ଆଦେଶରେ ନିଜ ଧାରାରେ ଯଥାସମ୍ଭବ ତାକୁ କାର୍ଯ୍ୟକାରୀ କରିପାରେ । ତଥାପି ଏଥିରେ ବିକୃତି ରହିଯିବ । ସେ ଚିଦ୍‌ଗତତାର ପ୍ରତ୍ୟକ୍ଷ ଓ ପରିପୂର୍ଣ୍ଣ ସାଧନ ହେବାକୁ ଯୋଗ୍ୟ ହେବ ନାହିଁ । କାରଣ ମୂଳବସ୍ତୁଟି ମନସ୍ତରର ବିଷୟ ନୁହେଁ ।

ଅତିମାନସର ଯାବତୀୟ ଜ୍ଞାନ ତାଦାତ୍ମ୍ୟ ଏବଂ ଏକତ୍ୱ ଜ୍ଞାନ । ଏହା ମଧ୍ୟରେ ଆପାତ ବିଭାଜନ ମଧ୍ୟ ପୂର୍ଣ୍ଣଜ୍ଞାନ ଆଧାରିତ, ବିଧୃତ, ଆଲୋକିତ ଓ ପରିଚାଳିତ । ଆତ୍ମା ସର୍ବତ୍ର ବିଦ୍ୟମାନ ରହି ସକଳବସ୍ତୁକୁ ଆପଣାଠାରୁ ଅଭିନ୍ନ ବୋଲି ଜାଣେ । ସମସ୍ତେ ତା' ମଧ୍ୟରେ ଅବସ୍ଥିତ, ଏଣୁ ସେମାନଙ୍କୁ ଅନ୍ତରଙ୍ଗଭାବେ ଜାଣିବା ସହ, ସେମାନଙ୍କ ସତ୍ୟମୟ ସ୍ୱରୂପ ଓ ସେମାନଙ୍କର ପ୍ରତୀକ ଓ ତାଙ୍କର ପ୍ରାତିଭାସିକ ରୂପକୁ ମଧ୍ୟ ସେ ଜାଣେ । କାରଣ ପ୍ରତ୍ୟେକକୁ ସେ ନିଜ ସହ ଅଭିନ୍ନ ଭାବେ ଦେଖେ ଓ ଚିହ୍ନି ପାରେ ଏବଂ ଆଂଶିକ ନୁହେଁ ସମଗ୍ର ଭାବେ ଜାଣେ । ଅତିମାନସର ଦ୍ୱିତୀୟ ସ୍ୱଭାବ ହେଲା, ଏହା ସତ୍ୟଜ୍ଞାନ । କାରଣ ଏ ଜ୍ଞାନ ଆଂଶିକ ନୁହେଁ ସାମଗ୍ରିକ । କାରଣ ଏହାର ରହିଛି ବିଶ୍ୱାତୀତ ଦୃଷ୍ଟି ସାମର୍ଥ୍ୟ, ଏହା ଜାଣେ ସୃଷ୍ଟିର ମୂଳତତ୍ତ୍ୱ କ'ଣ । ସେହି ମୂଳତତ୍ତ୍ୱ ସହ ସୃଷ୍ଟିର ସମ୍ବନ୍ଧ ଓ ଅଭିବ୍ୟକ୍ତି ।

ଅତିମାନସର ଦୃଷ୍ଟି – ସତ୍ୟ ଦୃଷ୍ଟି । ଏହା ସର୍ବାଙ୍ଗୀଣ । ଏଣୁ ମନ ଭଳି ଯୁକ୍ତି ସାହାଯ୍ୟରେ (aid of reasoning) ବା ଇନ୍ଦ୍ରିୟ ନିର୍ଭର (sense data) ଦ୍ୱାରା ଅଥବା କଳ୍ପନା ବା ଅନୁମାନ ଦ୍ୱାରା ଏହା ଜ୍ଞାନଲାଭ କରେ ନାହିଁ । ମନ ସ୍ତରରେ ଜ୍ଞାନ ଚାହୁଁଥିବା ବ୍ୟକ୍ତି (knower), ବିଷୟ (object) ଏବଂ ଜ୍ଞାନକ୍ରିୟା (knowing) ସ୍ତରରେ ସ୍ୱତନ୍ତ୍ର । ମାତ୍ର ଅତିମାନସ କ୍ଷେତ୍ରରେ ଜ୍ଞାନ ଚାହୁଁଥିବା ବ୍ୟକ୍ତିର ଜ୍ଞାନର ବିଷୟ ସହ ଏକତ୍ୱ ହୁଏ (knowledge by identity) । ଏହାର ନାମ ତାଦାତ୍ମ୍ୟ ଏବଂ ଏକତ୍ୱର ଜ୍ଞାନ । ଏଣୁ ଅତିମାନସ ସ୍ୱଭାବରେ ପରିବର୍ତ୍ତନମାନ କାର୍ଯ୍ୟ କରି ଚାଲିଥିଲେ ମଧ୍ୟ କ୍ରିୟାତ୍ମକ ସମୁଦାୟ ମଧ୍ୟରେ ତାଦାତ୍ମ୍ୟ ଉପଲବ୍ଧ ହୁଏ ।

ମନ ବୁଦ୍ଧି ସାହାଯ୍ୟରେ ନିର୍ବିଶେଷ ସମ୍ପର୍କରେ ଏକ ବୋଧ ବା ଧାରଣା କରିପାରେ ମାତ୍ର ତା'ର ତାଦାତ୍ମ୍ୟ ଜ୍ଞାନ ନଥିବାରୁ ତା'ର ଧାରଣା ବା କଳ୍ପନାରେ ପ୍ରକୃତ ସତ୍ୟର ପୂର୍ଣ୍ଣାନୁଭୂତି ସମ୍ଭବ ହୁଏ ନାହିଁ, କେବଳ ମିଳେ କିଛି ଇଙ୍ଗିତ ।

ଅତିମାନସ ଓ ମନ ମଧ୍ୟରେ ଆଉ ଗୋଟିଏ ତଫାତ ହେଲା ଅତିମାନସ ଅପରୋକ୍ଷ ଭାବରେ ଋତ-ଚିନ୍ମୟ । ଏହା ସ୍ୱତଃସ୍ଫୂର୍ତ୍ତ ଜ୍ଞାନର ଏକ ଦିବ୍ୟ ସାମର୍ଥ୍ୟ, ଅତିମାନସ ବାହାରୁ ଜ୍ଞାନ ସଂଗ୍ରହ କରୁ ନାହିଁ, ଏହା ଆପଣାର ଯାବତୀୟ ଜ୍ଞାନକୁ ଆପଣା ମଧ୍ୟରେହିଁ ଧାରଣ କରିଛି । ଏହା ମନ ପକ୍ଷେ କେବେ ବି ସମ୍ଭବ ନୁହେଁ । ଯାବତୀୟ ଜ୍ଞାନଲାଭ ଋଷିମାନଙ୍କ ପାଇଁ କେବଳ ଯଥାର୍ଥ ମୂଳସତ୍ୟ ଓ ସ୍ୱଭାବ ଅନ୍ତର୍ଗତ ଜ୍ଞାନର ସ୍ମୃତି ମାତ୍ର । ଅତିମାନସ ଚେତନାର ସକଳ ଭୂମିରେ ଏହା ଚିରନ୍ତନ ଭାବେ ଋତ-ଚିନ୍ମୟ ହୋଇରହିଛି । ଏହା ମନୋମୟ, ଏପରିକି ଅନ୍ନମୟ ସତ୍ତା ମଧ୍ୟରେ ପ୍ରଚ୍ଛନ୍ନ ରୂପେ ରହିଛି । ଏହା ମନୋମୟ ଅଜ୍ଞାନରେ ଆଚ୍ଛନ୍ନ ସବୁକିଛିକୁ ସର୍ବେକ୍ଷଣ କରିପାରୁଛି । ଏହାକୁ ସେ ବୁଝିପାରୁଛି, ଜାଣିପାରୁଛି ଓ ମନର ପ୍ରକ୍ରିୟାର ନିୟନ୍ତ୍ରଣ କରିପାରୁଛି, କାରଣ ମନ ଅତିମାନସର ଏକ ଆଂଶିକ ବା ବିକୃତ ସଂସ୍କରଣ, ଅଜ୍ଞାନରୁ ଜ୍ଞାନ ଦିଗରେ ଗତି ମନର । ମାତ୍ର ଅତିମାନସ ସର୍ବାଦୌ ଜ୍ଞାନରୁ ବା ଆଲୋକରୁ ଅଧିକ ଜ୍ଞାନାଲୋକ ଦିଗରେ ଗତି କରିଚାଲେ । ଏହା ସର୍ବଦା ସ୍ମରଣ ରହିବା ଆବଶ୍ୟକ ଯେ ଅତିମାନସ ପ୍ରତ୍ୟକ୍ଷ ଭାବେ ସତ୍ୟଚେତନ । ମନ ଅଜ୍ଞାନର ଏକ ଶକ୍ତି । ଏଣୁ ଅତିମାନସ ମଧ୍ୟରେ ସମସ୍ତ ଜ୍ଞାନ ଏପରିକି ସର୍ବୋଚ୍ଚ ଦିବ୍ୟଜ୍ଞାନ ଅନ୍ତର୍ନିହିତ । ମନ ଭଳି ଇନ୍ଦ୍ରିୟଜ୍ଞାନ, କଳ୍ପନା ବା ଅନୁମାନ ଅଥବା ଯୁକ୍ତି ବୁଦ୍ଧିର ସ୍ତର ସ୍ତର ଦେଇ ଜ୍ଞାତରୁ ଅଜ୍ଞାତ ଦିଗରେ (from known to the unknown) ଅତିମାନସକୁ ଜ୍ଞାନ ଲାଭର ପଦ୍ଧତି ଗ୍ରହଣ କରିବାକୁ ପଡ଼େ ନାହିଁ । ସର୍ବାଧିକ ପରିପୂର୍ଣ୍ଣତାରେ

ମଧ୍ୟ ମନ ଏକ ଅପ୍ରତ୍ୟକ୍ଷ ଜ୍ଞାନର ଯନ୍ତ୍ର । ମନର ସର୍ବାଧିକ ଜ୍ଞାନ ଲାଭର ସାମର୍ଥ୍ୟ ଅଛି ବିଚାର ବୁଦ୍ଧିରେ (reasoning) ବା ଯୁକ୍ତି ବୁଦ୍ଧିରେ, ଯାହା ସୀମିତ । ମାତ୍ର ଅତିମାନସ ଅସୀମ ସହ ସମ୍ବନ୍ଧିତ । ଏହା ପ୍ରତ୍ୟକ୍ଷଭାବେ ସତ୍ୟଦ୍ରଷ୍ଟା । ଏହା ଅପରୋକ୍ଷ ଜ୍ଞାନର ଦ୍ରଷ୍ଟା ଓ ଅଧିକାରୀ ।

ପୁନଶ୍ଚ ଅତିମାନସର କ୍ରିୟା, ସୃଜନ, ଜ୍ଞାନ କେବଳ ପ୍ରତ୍ୟକ୍ଷ ସତ୍ୟ ନୁହେଁ, ଏହା ଏକ ଜ୍ୟୋତିର୍ମୟ ସତ୍ୟସଂକଳ୍ପ ଓ ସଂକଳ୍ପ ମାତ୍ରେହିଁ ସ୍ରଷ୍ଟା ମଧ୍ୟରେ ଅତିମାନସ ଜ୍ଞାନ ଏବଂ ଇଚ୍ଛା (ସଂକଳ୍ପ) ମଧ୍ୟରେ କୌଣସି ବିଚ୍ଛିନ୍ନତା, ବିରୋଧ ରହି ନଥାଏ । ଆଧ୍ୟାତ୍ମିକ ସଂକଳ୍ପହିଁ ତପଃ । ଏହା ଏକ ଜ୍ୟୋତିର୍ମୟ ଶକ୍ତି, ଚିତ୍‌ସତ୍ତା ସମ୍ଭୂତ ।

ସଂକଳ୍ପ ବହୁବିଧ । ବୁଦ୍ଧିଦୀପ୍ତ ମନର ସଂକଳ୍ପ ଅଛି । ସେହିପରି ଆବେଗପ୍ରବଣ ମନର ଅଛି ସଂକଳ୍ପ । ପ୍ରାଣ ଭୂମିର କାମନା-ବାସନା ସହ ଅଛି ଆବେଗପ୍ରବଣତା ମଧ୍ୟ । ଅବଚେତନ ଭୂମିରୁ ବି କିଛି କାମନା ଉଠି ଆସେ । ଏମାନଙ୍କ ମଧ୍ୟରେ ସଂଗତି ନାହିଁ । ଏଣୁ ମଣିଷ ଅସ୍ଥିରତାର ଦାସ । ମନ ଓ ପ୍ରାଣ ସତ୍ୟ ଖୋଜିବାରେ ଚାଲନ୍ତି କମ୍, ଝୁଣ୍ଟନ୍ତି ବେଶି । ଏସବୁ ସଂକଳ୍ପ ଦିବ୍ୟଜ୍ଞାନଠାରୁ ବିଚ୍ଛିନ୍ନ ।

ଏହାର ବିପରୀତ ହେଲା ଅତିମାନସ ପ୍ରକୃତି, ଏଠାରେ ସବୁ ସଂଗତିପୂର୍ଣ୍ଣ । ଏହା ଅତିମାନସର ଚତୁର୍ଥ ଲକ୍ଷଣ । ଅତିମାନସରେ ଜ୍ଞାନ ଓ ସଂକଳ୍ପ ମଧ୍ୟରେ କିଛି ବି ବିରୋଧ ନାହିଁ ବା ବ୍ୟବଧାନ ନାହିଁ । ବେଦ ଭାଷାରେ ଏହା କବିକ୍ରତୁ । ଉପନିଷଦ୍ କହେ ଏହା ''ଜ୍ଞାନମୟଂ ତପଃ'' । ଯେପରି ବ୍ରହ୍ମର ଇଚ୍ଛା ବା ସଂକଳ୍ପ ଓ ଜ୍ଞାନ ମଧ୍ୟରେ ଫାଙ୍କ ନାହିଁ, ବିରୋଧ ନାହିଁ; ସେହିପରି ଅତିମାନସ ମଧ୍ୟରେ ଜ୍ଞାନ ଓ ସଂକଳ୍ପ ଏକ ଓ ଅଭିନ୍ନ, ପୁନଶ୍ଚ ଅତିମାନସର ଅଛି ତ୍ରିକାଳ ଦୃଷ୍ଟି । ଏଠାରେ ଏକ ସମୟରେ ବର୍ତ୍ତମାନ, ଅତୀତ ଏବଂ ଭବିଷ୍ୟତକୁ ପୂର୍ଣ୍ଣରୂପେ, ସେମାନଙ୍କ ସତ୍ୟସ୍ୱରୂପରେ ଦେଖି ହୁଏ । ଏଠି ଅତିମାନସ କ୍ରିୟା ଓ ସଂକଳ୍ପ ସତ୍ୟର, ସର୍ବଶ୍ରେଷ୍ଠ ତତ୍ତ୍ୱର ସ୍ୱତଃସ୍ଫୂର୍ତ୍ତ ପ୍ରକାଶ । ମନ ଏ ଦିଗରେ ଏକ ଅସମ୍ପୂର୍ଣ୍ଣ ଅସହାୟ ଯନ୍ତ୍ର । ଅଥଚ ଅତିମାନସ ପରମପୁରୁଷର ପ୍ରଜ୍ଞାବୀର୍ଯ୍ୟ, ତା'ର ''ଜ୍ଞାନମୟଂ ତପଃ'' ।

ଆମେ ଯୋଗରେ ଯାହାକୁ ସର୍ବୋତ୍ତମା ଜ୍ଞାନଶକ୍ତି କହୁ ତାହା ସର୍ବୋତ୍ତମ ଏବଂ ବିଶ୍ୱମୟ ଅତିମାନସ । ଏହା ସକ୍ରିୟ ମହତ୍ ଜ୍ୟୋତିଃ ଓ ବିଶ୍ୱଦେବଙ୍କର ଶକ୍ତି । ଏହା ପରମ ସୃଷ୍ଟିକର୍ତ୍ତାଙ୍କ ତପଃଶକ୍ତି । ଏହାକୁ ଆମେ ଐଶ୍ୱରୀୟ ଜ୍ଞାନ ଓ ସଂକଳ୍ପ କହିଥାଉ ।

ପୂର୍ଣ୍ଣ ଆତ୍ମଜ୍ଞାନ ଏବଂ ଜ୍ୟୋତିର୍ମୟ ସଂକଳ୍ପ ଏବେ ବି ଆମ ମନ ଓ ଯୁକ୍ତି ଭିତ୍ତିକ ବିଚାରର ବହୁ ଉପରେ । କାରଣ ଏହା ଅତିମାନସ ପ୍ରକୃତିର ସ୍ୱାଭାବିକତା । ଅପରା ମନୋଭୂମିର ବିଷୟ ଏହା ନୁହେଁ ।

ତେବେ ବି ଅତିମାନସ ପରୋକ୍ଷରେ ଜଡ଼, ପ୍ରାଣ, ମନ, ଯୁକ୍ତି ଓ ପ୍ରମାଣ ସିଦ୍ଧ ହେତୁବାଦ ଆଦି ସମସ୍ତଙ୍କୁ ପ୍ରସ୍ତୁତ କରିଚାଲିଛି । କାରଣ ବ୍ରହ୍ମ ସର୍ବତ୍ର ବିରାଜମାନ, ଏପରିକି ଜଡ଼ରେ । କିନ୍ତୁ ଜଡ଼ରେ ଏହା ସଂଗୁପ୍ତ । ଜଡ଼ ହେଲା ଚେତନାର ଅପ୍ରକଟିତ ରୂପ । ଏଠାରେ ଚେତନ-ଶକ୍ତି ଜଡ଼ୀଭୂତ (Condensed form of Spirit) । ଅତିମାନସ ହେଲା ବ୍ରହ୍ମର ବା ପରମ ଚିଦ୍‌ଗତତାର ସଦାବସ୍ଥିତ ଜ୍ଞାନ ଶକ୍ତି । ଏଣୁ କି ଚେତନ କି ତଥାକଥିତ ଜଡ଼ ଓ ଅଚେତନରେ ଅତିମାନସ ସଦା କ୍ରିୟାମଗ୍ନ । ଏହି କ୍ରିୟା ଅବିରାମ । ଉଦ୍ଦେଶ୍ୟ ସମସ୍ତ ଭୂମିରେ ପରମସତ୍ୟଙ୍କର ଭୂମି ଅନୁରୂପ ପରମସତ୍ୟଙ୍କୁ ପ୍ରକଟିତ କରିବା । 'All earth shall be the Spirit's manifest home,' (Savitri, p. 707)

ଏଣୁ ମନୋଭୂମିରେ ମନୁଷ୍ୟ ଅତିମାନସକୁ ଏବେ ସିନା ଅନୁଭବ କରି ନାହିଁ, ମାତ୍ର ଆମର ଆସ୍ପୃହା ଓ ମାତୃଶକ୍ତିଙ୍କ ପରମ କୃପା ଫଳରେ ଏହା ଘଟିବ ନାହିଁ ବୋଲି ଭାବିବା ମୂର୍ଖତା । ବିବର୍ତ୍ତନ ଧାରାରେ ଯାହା ଉପଲବ୍ଧି କରିବାକୁ ହଜାର ହଜାର ବର୍ଷ ଲାଗିଥା'ନ୍ତା ଏବେ ସୂଚନାତ୍ମକ ଭାବେ, ସଂବୋଧି ବା intuition ଭାବେ ସେସବୁ କେତେକ ବିଶେଷ କ୍ଷେତ୍ରରେ ଉପଲବ୍ଧ । କାରଣ ସେଠାରେ ଆପଣାର ପ୍ରଶସ୍ତତମ ତଥା ପୂର୍ଣ୍ଣତମ ବିଚରଣୀ ବେଳେ ମନ ମଧ୍ୟ ଆପଣାର ସୀମାକୁ ପାର ହୋଇଯାଏ, ଚାଲିଯାଏ ଚିଦ୍‌ଗତ ତାଦାତ୍ମ୍ୟକୁ । ଏବେ ପରିଣାମ ହୁଏ ଅନ୍ୟ କିଛି । କିନ୍ତୁ ତାକୁ ସଂଗଠିତ ଓ ବ୍ୟବହାର ଯୋଗ୍ୟ କରିବା ସହଜ ହୁଏ ନାହିଁ । ଏଣୁ ଏଠାରେ ବୁଦ୍ଧି ଅପେକ୍ଷା ଅଧିକ କିଛି ବୃହତ୍ତର ଶକ୍ତି ଆବଶ୍ୟକ ହୁଏ । ଏହା କରିପାରେ ପରମଅନନ୍ତଙ୍କ ସହ ସମ୍ବନ୍ଧିତ ଅତିମାନସ । ସକଳ ବସ୍ତୁରେ ବିଦ୍ୟମାନ ବିଶ୍ୱଗତ ପରମ ଚିଦ୍‌ଗତତା ଏବଂ ପରମସତ୍ତାଙ୍କ ସମ୍ପର୍କରେ ସଦା ସଚେତନତା ଏବଂ ସକଳଙ୍କ ସମ୍ପର୍କରେ ପୂର୍ଣ୍ଣଚେତନା – ଅନ୍ୟ ଭାଷାରେ ଆତ୍ମଚେତନା ଓ ବିଶ୍ୱଚେତନା ଅତିମାନସର ପ୍ରକୃତି । (As it knows itself,

so too it knows all things.) ଏଠାରେ ନିଜ ପର ଭେଦ ନାହିଁ ।

ତେବେ ଏଇ ଅତିମାନସକୁ ପ୍ରତ୍ୟକ୍ଷ ବା ସ୍ୱାଭାବିକ ଭାବେ ବ୍ୟବହାର କରିବାର ସାମର୍ଥ୍ୟ କୌଣସି ଇନ୍ଦ୍ରିୟ ମାନବର ନାହିଁ । ଏଥିପାଇଁ କିଛି ନୂତନ ଇନ୍ଦ୍ରିୟ ଆବଶ୍ୟକ ଅଥବା ସାଂପ୍ରତିକ ବ୍ୟବହୃତ ଇନ୍ଦ୍ରିୟମାନଙ୍କର ରୂପାନ୍ତର ଓ ବିକାଶ ଆବଶ୍ୟକ । ଏହା ନଥିଲେ ମଧ୍ୟ ମନୁଷ୍ୟ ବିବର୍ତ୍ତନ ଧାରାରେ ସେଇ ଦିଗରେ ଆଗେଇ ଚାଲିଛି ।

ନିମ୍ନତର ପ୍ରକୃତିର କ୍ଷେତ୍ରରେ ଅତିମାନସ ସବୁଠାରୁ ଅଧିକ ଶକ୍ତିଶାଳୀ ଭାବେ ପ୍ରତିବୋଧ ରୂପେ ଅବସ୍ଥିତ ଥାଏ । ଆମେ ସେଇ ପ୍ରତିବୋଧୀ ବା ସଂବୋଧିଯୁକ୍ତ (intuitive) ମନର ବିକାଶ ଘଟାଇବା ଦ୍ୱାରା ସ୍ୱୟଂ-ବର୍ତ୍ତମାନ, ସ୍ୱୟଂସ୍ଫୂର୍ତ୍ତ ଅପରୋକ୍ଷ ଜ୍ଞାନ ଆଡ଼କୁ ଆଗେଇ ପାରିବା । ଏହା ହେବ ମନୁଷ୍ୟର ଅତିମାନସ ଦିଗରେ ପ୍ରଥମ ପଦକ୍ଷେପ । ସେହି ଚରମ ଭୂମିରେ ଜ୍ୟୋତିଃ, ପରମାଶକ୍ତି, ପୂର୍ଣ୍ଣାନନ୍ଦ ଏବଂ ଅମୃତମୟ ଜ୍ଞାନ ମଧ୍ୟରେ ବିଚ୍ଛିନ୍ନତା ନଥିବ ।

'Light and might and bliss and immortal wisdom
clasping for ever.'

(Collected poems, p. 578) – Sri Aurobindo

ମନୁଷ୍ୟର ସର୍ବଭୌତିକ, ପ୍ରାଣିକ, ସଂବେଗଗତ, ଚୈତ୍ୟ ଓ ଗତ୍ୟାତ୍ମକ ପ୍ରକୃତି ଏଇ ସବୁ ସାଧନର ଏକ ପ୍ରଚ୍ଛନ୍ନ ପ୍ରତିବୋଧାତ୍ମକ ଆତ୍ମସତ୍ତା ମଧ୍ୟରୁ ଉଦ୍ଭିତ ହୋଇ ଆସୁଥିବା ସଂକେତଗୁଡ଼ିକୁ ସତ୍ତାର ଉପର ସ୍ତରରେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇଚାଲିଛି ।

ଆମେ ଯଦି ଗଭୀର ଭାବେ ନିରୀକ୍ଷଣ କରି ଦେଖିବା ପ୍ରକୃତରେ ଅତିମାନସହିଁ ଜଡ଼, ପ୍ରାଣ, ମନ, ବିଚାରବୁଦ୍ଧିକୁ ପରିଚାଳିତ ଓ ନିୟନ୍ତ୍ରିତ କରୁଛି । ପ୍ରକୃତରେ ଏହାହିଁ ସେହି ଜ୍ଞାନ, ଯେଉଁ ଦିଗରେ ଆମେ ଏବେ ଅଗ୍ରଗାମୀ ହେଉଛୁ । ଏହାର ପ୍ରମାଣ ମଣିଷ ମଧ୍ୟରେ ବୋଧିଜ୍ଞାନ (intuition)ର ଜାଗରଣ । ଏହି ବୋଧିଜ୍ଞାନ ସେହି ଅତିମାନସର ଏକ ଆଭାସ । ଏହାର ବିଶାଳତମ ପୂର୍ଣ୍ଣତମ ରୂପ ଆମେ ପାଇବା ଅତିମାନସରେ । ଏହା ସୂର୍ଯ୍ୟୋଦୟ ପୂର୍ବର ଉଷା ଆଲୋକ ପରି, ଏକ ନିଶ୍ଚିତ ସୂର୍ଯ୍ୟାଲୋକର ସୂଚକ ।

ପୂର୍ବରୁ କ'ଣ ଅତିମାନସ ବୋଲି କିଛି ନଥିଲା, ଏବେ ବିବର୍ତ୍ତନର ଏକ ଉଚ୍ଚ ପର୍ଯ୍ୟାୟରେ ତା'ର ଆବିର୍ଭାବ ଘଟିଲା ? ନିଶ୍ଚୟ ତା' ଥିଲା । ଥିଲା ପ୍ରଚ୍ଛନ୍ନ ଭାବେ । ଆମେ ଯାହାକୁ ପ୍ରକୃତିର ନିୟମ ବା ଧର୍ମ ବୋଲି କହୁ, ଯାହା ପ୍ରତ୍ୟେକ ବସ୍ତୁର ତା'ର ପ୍ରକୃତ ଅନୁରୂପ କ୍ରିୟାର ନିର୍ଦ୍ଧାରଣ କରେ, ତାହା କ'ଣ ? ତାହା ଯଦି ନଥାନ୍ତା ତେବେ ଏ ସୃଷ୍ଟି କେଉଁ କାଳରୁ ଲୋପ ପାଇ ଯାଆନ୍ତାଣି । ଅତିମାନସ, ଯାହା ସ୍ୱୟଂ ଆତ୍ମଚେତନ ତାହା ସଂଗୁପ୍ତ ହୋଇ ରହିଛି ପ୍ରତି ବସ୍ତୁର ଆତ୍ମଧର୍ମ ରୂପେ ।

ଯାହାକୁ ଯୁକ୍ତିବୁଦ୍ଧି (reason) କୁହାଯାଏ, ତାହା ପଶୁ ମଧ୍ୟରେ ନାହିଁ । ପଶୁର ମନ ପଛରେ କାର୍ଯ୍ୟ କରେ ପ୍ରବୃତ୍ତି ବା 'instinct' । ଯେବେଠାରୁ ମଣିଷ ମଧ୍ୟରେ ବୁଦ୍ଧି ପ୍ରକାଶ ପାଇଲା, ମଣିଷ ସେ ଜ୍ଞାନକୁ ଅର୍ଦ୍ଧଜ୍ଞାନ ଜାଣି ଅଧିକତର ଓ ଉର୍ଦ୍ଧ୍ୱତର ବୁଦ୍ଧି ସନ୍ଧାନରେ ଲାଗିଲା । ପ୍ରକୃତରେ ଜ୍ଞାନଲାଭର ସକଳ ପ୍ରଣାଳୀ ମାନସିକ ନୁହେଁ, ଏହା ବାସ୍ତବରେ ଆଧ୍ୟାତ୍ମିକ ଓ ଅତିମାନସିକ । ଏକ ଗୋପନୀୟ ସୂକ୍ଷ୍ମ ଭୂମିରେ ଏହା ଯୋଗଦୃଷ୍ଟିରେ ବାରି ହୋଇଥାଏ । କିନ୍ତୁ ଏହାର ପରିଚୟ କେବଳ, ଜଡ଼, ପ୍ରାଣ, ମନର ସ୍ଥୂଳ ଭୂମିରେ ସାଧାରଣତଃ ମିଳିଥାଏ ଅଶୋଧିତ ସୀମିତ ରୂପରେ ।

କାରଣ ବାହ୍ୟ ଜଡ଼, ପ୍ରାଣ, ମନ କେବେ ବି ଅତିମାନସର ରହସ୍ୟମୟ କ୍ରିୟାକୁ ଧାରଣା କରିବାକୁ ସମର୍ଥ ନୁହନ୍ତି । ଏଠାରେ ସବୁ ଛାୟାଚ୍ଛନ୍ନ; ତିଳ-ତଣ୍ଡୁଳିତ । ଏସବୁ ସତ୍ତ୍ୱେ ଏକ ବିକାଶଶୀଳ ମନୁଷ୍ୟର ଯୁକ୍ତିନିର୍ଭର ବୁଦ୍ଧି ତା'ର ପ୍ରଧାନ ଅବଲମ୍ବନ । ତାହାହିଁ ତା'ର ସମଗ୍ର ସତ୍ତାର ନିୟନ୍ତ୍ରକ । ଯଦି ଯୁକ୍ତି-ବୁଦ୍ଧି ସବୁକିଛି, ତେବେ ମଣିଷର ଅସାଧ୍ୟ କିଛି ନଥାନ୍ତା । ସେ ତା' ମାଧ୍ୟମରେ ସବୁ ଜାଣିପାରନ୍ତା ଓ ତା'ର ନିର୍ଦ୍ଦେଶନାରେ ସବୁ କ୍ଷେତ୍ରରେ ସଫଳ ହୁଅନ୍ତା । କିନ୍ତୁ ମଣିଷ ଏହି ସୀମିତ ଯୁକ୍ତି ବୁଦ୍ଧି ମାଧ୍ୟମରେ ବୁଦ୍ଧିଠାରୁ ବହୁ ଗୁଣରେ ଅଧିକ ଆତ୍ମାର ସ୍ଥାନପୂରଣ କରିବ କିପରି ? ଆତ୍ମବିକାଶ ଏହାଦ୍ୱାରା ଖାଲି ବ୍ୟାହତ ହେବ ନାହିଁ, ଆତ୍ମବିକାଶ, ଆତ୍ମଜ୍ଞାନ, କର୍ମ ଓ ଆନନ୍ଦ ମଧ୍ୟ ସଂକୀର୍ଣ୍ଣ ହୋଇଯିବ । ବ୍ୟକ୍ତିର ଅନ୍ୟ ଭାଗମାନେ ମଧ୍ୟ ଆତ୍ମବତ୍ ବିକଶିତ ହେବାକୁ ଆସ୍ପୃହାଶୀଳ । ଏଣୁ ସମସ୍ତଙ୍କୁ ବୁଦ୍ଧିର ଯନ୍ତ୍ରବତ୍ କ୍ରିୟାରୁ ମୁକ୍ତ କରିବାକୁ ହେବ । ଏହି କାରଣରୁ ଆଧ୍ୟାତ୍ମିକ ଅତିମାନସର ଆବିର୍ଭାବ ଓ ପ୍ରତିଷ୍ଠା ଆବଶ୍ୟକ ।

ପୂର୍ବେ କହିଛୁ, ନିମ୍ନ ଜଗତରେ ଅତିମାନସର କ୍ରିୟାର ପ୍ରକାଶ ହୁଏ ବୋଧିମାନସ ମାଧ୍ୟମ (Intuitive Mind)ରେ । ଏହା ସ୍ୱତଃସ୍ଫୂର୍ତ୍ତ ଜ୍ଞାନ ଦିଗରେ ପ୍ରଥମ ପଦକ୍ଷେପ । ଶରୀର, ମନ, ପ୍ରାଣ, ଆବେଗ ପ୍ରବଣତା, ଚୈତ୍ୟ ଓ ସକ୍ରିୟ ପ୍ରକୃତି

ଆମର ବାହ୍ୟସ୍ଥ ପ୍ରକୃତି । ଏମାନେ ମୂଳତଃ ସୂକ୍ଷ୍ମ ଓ ନିମ୍ନ ଅଧିମାନସର ଗଭୀରତମ ଭୂମିରୁ ଯେହେତୁ ଉତ୍ଥିତ, ଏଣୁ ପୂର୍ଣ୍ଣଜ୍ଞାନ ଦୃଷ୍ଟିରୁ ଏମାନେ ସ୍ୱପ୍ନାଚ୍ଛନ୍ନ । ତେବେ ଅତିମାନସର ଆବିର୍ଭାବ ଏମାନଙ୍କର ଅନ୍ଧତ୍ୱ ଦୂର କରେ, ଏହି ଜାଗରଣ ମଧ୍ୟରେ ବୁଦ୍ଧି ଏକ ମଧ୍ୟବର୍ତ୍ତୀ ସ୍ୱଚ୍ଛାଲୋକ, ଯାହା ଏହା ପଶ୍ଚାତ୍‌ରେ ଥିବା ବୋଧିଗତ ଜ୍ଞାନର ଏକ ସାମାନ୍ୟ ଇଙ୍ଗିତବାହକ । ଏଣୁ ମନୁଷ୍ୟର ସାଂପ୍ରତିକ ସ୍ଥିତିରେ ମନୋବୁଦ୍ଧି ମାଧ୍ୟମରେ ପ୍ରକଟିତ ବୋଧିଗତ ଜ୍ଞାନ ସମ୍ପୂର୍ଣ୍ଣ ଶୁଦ୍ଧ ବୋଲି ବିଚାରିବା ଭୁଲ୍, ମୂଳ ପୁସ୍ତକରେ ଏହା ସ୍ପଷ୍ଟ । "The intuitive intelligence is however never quite pure and complete in the present mind of man,..."

(The Synthesis of Yoga, p. 797)

ଏହି ବୋଧିମନ ଏ ଯାଏ ବ୍ୟବହାର ଯୋଗ୍ୟ ହୋଇ ନାହିଁ । ଏହାକୁ ମଧ୍ୟ ସେପରି ପ୍ରଶିକ୍ଷଣ ଦେଇ ମନର କାର୍ଯ୍ୟସ୍ଥାନରେ ତାକୁ ଉପଯୋଗ କରାଯାଇପାରି ନାହିଁ । କିନ୍ତୁ ଅତିମାନସ ଲାଭର ଏକ ମଧ୍ୟବର୍ତ୍ତୀ ସ୍ତରଭାବେ ଏହାକୁ ବ୍ୟବହାର କରି ଜାଣିଲେ ଏହା ସମ୍ଭବ ହେବ ।

ତେବେ ବି ପରମେଶ୍ୱରୀଙ୍କ ସର୍ବୋତ୍ତମ ଅତିମାନସ ଓ ମାନବଗ୍ରାହ୍ୟ (ଜୀବଗ୍ରାହ୍ୟ) ଅତିମାନସ ମଧ୍ୟରେ ଢେର ତଫାତ ଅଛି । ମଣିଷର ଉତ୍ତରଣ ଅଜ୍ଞାନରୁ ଜ୍ଞାନ ଦିଗକୁ, ଏଇ ଉତ୍ତରଣ ମାଧ୍ୟମରେ ସେ ଶୀର୍ଷରେ ପହଞ୍ଚିଲେ ଦେଖିବ, ସେ ବହୁ ଭୂମି ପାର ହୋଇ ଶୀର୍ଷରେ ଉପନୀତ । ଆମକୁ କେବଳ ଭଗବତ୍ ଉପଲବ୍ଧିରେ ଅନ୍ୟ ଯୋଗ ପରି ସନ୍ତୁଷ୍ଟ ହେବାକୁ ପଡ଼ିବ ନାହିଁ । ଉପଲବ୍ଧି ସହ ଭଗବତ୍ ପ୍ରକାଶ ଆବଶ୍ୟକ । ମାତ୍ର ତାକୁ, ମାନବୀୟ ସର୍ତ୍ତରେ ଦିବ୍ୟମାନବର ପ୍ରକୃତିକୁ ଅଭିବ୍ୟକ୍ତ କରିବାକୁ ହେବ ।

ପରିଶେଷରେ ସଂକ୍ଷେପରେ ଏତିକି ସ୍ମରଣ କରାଇ ଦେବା (୧) ଅତିମାନସର ଜ୍ଞାନ ତାଦାତ୍ମ୍ୟ ବିଜ୍ଞାନ । ସେ ଯାହା ଜାଣେ ତାହା ସେ ନିଜେ ହୋଇ ଯାଏ । ''Knowledge by identity.''

(୨) ଅତିମାନସର ଜ୍ଞାନ ଏକ ସମୟରେ ଆତ୍ମଜ୍ଞାନ, ବିଶ୍ୱଜ୍ଞାନ ଓ ବିଶ୍ୱାତୀତ ବା ବ୍ରହ୍ମଜ୍ଞାନ । ଏଠାରେ ଜ୍ଞାନ ସମଗ୍ର ଓ ଅବିନାଭୂତ ତଥା ଅବିଚ୍ଛିନ୍ନ ।

(୩) ଏହାର ଜ୍ଞାନ ଋତଚେତନାର ଅପ୍ରତ୍ୟକ୍ଷତା ଯାହା truth-consciousness ।

(୪) ଅତିମାନସର ଅନ୍ୟ ଏକ ଲକ୍ଷଣ ହେଲା ଏହା ଜ୍ଞାନ (Knowledge) ଓ ସଂକଳ୍ପ (Will) ମଧ୍ୟରେ ବିରୋଧ ବା ବ୍ୟବଧାନ ଦେଖେ ନାହିଁ । ଏଠାରେ ସଂକଳ୍ପ (Will) ଓ କ୍ରିୟା ମଧ୍ୟରେ ମଧ୍ୟ ବ୍ୟବଧାନ ନଥାଏ ।

(୫) ଅତିମାନସକୁ ବୈଦିକ ଋଷିମାନେ 'ଜ୍ଞାନମୟଂ ତପଃ' କହୁଥିଲେ । ଏହା ପରମଙ୍କ ସ୍ୱରୂପଶକ୍ତିର ହିରଣ୍ମୟଛଟା ଯାହା ଅଖଣ୍ଡ ସଚ୍ଚିଦାନନ୍ଦ । ଏହା ଊର୍ଦ୍ଧ୍ୱରୁ ଚେତନାର ବହୁସ୍ତର ଦେଇ ଶେଷରେ ବୁଦ୍ଧି, ମନ, ପ୍ରାଣ, ଇନ୍ଦ୍ରିୟ ଓ ଦେହର ଭୂମିରେ ଅବତରଣ କରି ଶେଷରେ ଜଡ଼ତ୍ୱର ଅମା ନିଶାରେ ମୂର୍ଚ୍ଛାବତ୍ ପଡ଼ିରହେ । ଏହାର ପୁନଃ ଜାଗରଣର ଦୃଶ୍ୟମାନ ରୂପ ପ୍ରକାଶ ପାଏ ମାନବର ଅଭୀପ୍ସାରେ, ଯାହା ନିମ୍ନରୁ ଊର୍ଦ୍ଧ୍ୱ ଦିଗରେ ଉଠିଚାଲେ । ଏହା ଉଭୟ ଆରୋହଣ ଓ ଅବରୋହଣରେ ସମର୍ଥ ।

(୬) ଅତିମାନସରେ ଜ୍ଞାନ, ପ୍ରେମ, କର୍ମ ସମନ୍ୱିତ ଓ ସ୍ୱତଃସ୍ଫୂର୍ତ୍ତ ।

(୭) ବ୍ରହ୍ମ ସର୍ବତ୍ର ବିଦ୍ୟମାନ, ଅତିମାନସ ଶକ୍ତି ଯେହେତୁ ବ୍ରହ୍ମର ଶକ୍ତି, ଏଣୁ ସେ ସର୍ବତ୍ର ବିଦ୍ୟମାନ । ଶକ୍ତି ବ୍ୟବସ୍ଥିତ ଅବସ୍ଥାରେ ସଂହତିପୂର୍ଣ୍ଣ, ଅବ୍ୟବସ୍ଥିତ କ୍ଷେତ୍ରରେ ସଂହତିହୀନ । ମନୁଷ୍ୟ ଜୀବନର ବ୍ୟବସ୍ଥା ମୂଳରେ ତା'ର ଚେତନା ବା ବୁଦ୍ଧିର ପ୍ରେରଣା ରହିଛି । ଯେପରି ବୁଦ୍ଧି ସେପରି ଜୀବନ । ବିଶ୍ୱ ବ୍ୟବସ୍ଥା ମୂଳରେ ରହିଛି ବିଶ୍ୱବୁଦ୍ଧି, ଏହା ଅତିମାନସର ନିଗୂଢ଼ କ୍ରିୟା ।

(୮) ଚେତନା ବଦଳି ଗଲେ ଜୀବନ ବଦଳି ଯାଏ । ଯେତେବେଳେ ଅତିମାନସ ଚେତନା ମାନସ ଚେତନାର ସ୍ଥାନ ଅଧିକାର କରେ, ସେତେବେଳେ ବ୍ୟକ୍ତିର ବ୍ୟାପକ ତଥା ଦିବ୍ୟ-ପରିବର୍ତ୍ତନ ଘଟେ ।

ଅତିମାନସ ସମ୍ପର୍କରେ ଆମେ ସାମାନ୍ୟ ସୂଚନା ମାତ୍ର ଦେଇ ଏହା ମନଶ୍ଚେତନାଠାରୁ କିପରି ଭିନ୍ନ, ବ୍ୟାପକ, ପୂର୍ଣ୍ଣ ଓ ଐଶ୍ୱରୀୟ ଏହା ଦେଖାଇ ଦେଇ ଏଇଠି ଉପସଂହାର କରୁଛୁ । ଆଗାମୀ ଅଧ୍ୟାୟମାନଙ୍କରେ ଧୀରେ ଧୀରେ ଆମେ ଏ ସମ୍ପର୍କରେ ଅଧିକ ଆଲୋଚନା କରିବା । କାରଣ 'Only a slow advance the earth can bear.' (Savitri, p. 244) ତେବେ ଆମେ ସୁନିଶ୍ଚିତ ଯେ ଯେପରି ମନର ଆବିର୍ଭାବ ଯୋଗୁଁ ମନୁଷ୍ୟର ସୃଷ୍ଟି ହେଲା, ସେହିପରି ଅତିମାନସ ବିଜ୍ଞାନ (Super Mind)ର ଆବିର୍ଭାବରେ ଅତିମାନବର ଆବିର୍ଭାବ ହେବ । ❑

# ଆନ୍ତର ମନୋଭାବର ଅର୍ଥ

## ଶ୍ରୀମା

***ପ୍ରଶ୍ନ : ''ଯଥାର୍ଥ ମନୋଭାବ'' କ'ଣ ?***

**ଶ୍ରୀମା :** ମୋର ଶିଶୁ, ଏହା ସେହି ଘଟଣା ଉପରେ ନିର୍ଭର କରେ । ଯଥାର୍ଥ ମନୋଭାବ ହେଉଛି, ନିଜକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ (Perfect) କରିବାର ସଙ୍କଳ୍ପ, କିଂବା ଶାନ୍ତ କରିବାର ସଙ୍କଳ୍ପ କିଂବା ଏହା ସେହି ପରିସ୍ଥିତି ଉପରେ ନିର୍ଭର କରେ ।... ଏହାର ଅର୍ଥ ହେଉଛି ପ୍ରତ୍ୟେକ ପରିସ୍ଥିତିରେ, ଏକ ମନୋଭାବ ରହିଛି ଯାହା ଅନୁକୂଳ ମନୋଭାବ, ଯାହା ତୁମର ରହିବା ଉଚିତ, ଯେଉଁ ମନୋଭାବ (Attitude) ତୁମେ ଅନ୍ତରରେ ରଖିବା ଉଚିତ, ଏହା ସେହି ଘଟଣା ଉପରେ ନିର୍ଭର କରେ ।

ଦୃଷ୍ଟାନ୍ତ ସ୍ୱରୂପ, ତୁମେ ଦେଖ, ଯେତେବେଳେ ଜଣେ ଶାରୀରିକ ଭାରସାମ୍ୟର ଅଭାବ ଅନୁଭବ କରେ, ଅସୁସ୍ଥତା ଆସିବାର ସୂଚନା ପାଏ, ସେତେବେଳେ ଯଥାର୍ଥ ମନୋଭାବ ସହିତ ଏକାଗ୍ର ହେବାର ଅର୍ଥ ଏକ ଆନ୍ତଃ-ପ୍ରଶାନ୍ତି ଅବସ୍ଥା, ଭାଗବତ କରୁଣା ଉପରେ ଭରସା, ଏବଂ ଶାରୀରିକ ଭାରସାମ୍ୟତା ଓ ସୁସ୍ଥତାରେ ନିଜକୁ ରଖିବା । ଏହା ହେଉଛି ଯଥାର୍ଥ ମନୋଭାବ । ଅନ୍ୟ ଏକ କ୍ଷେତ୍ରରେ, ଜଣେ କ୍ରୋଧର ଏକ ତରଙ୍ଗ ଅନୁଭବ କରିପାରେ, କିଂବା ବାହାରୁ ଉତ୍ତେଜନାର ଏକ ପ୍ରବାହ ଅନୁଭବ କରିପାରେ; ସେତେବେଳେ ଜଣେ ନିଜକୁ ଉପର ଠାଉରିଆ ବସ୍ତୁରୁ ଅନାସକ୍ତ ରଖି, ଯାହା ଊର୍ଦ୍ଧ୍ୱରୁ ଆସୁଛି, କେବଳ ତାହାକୁ ପ୍ରକାଶ କରିବାର ସଂକଳ୍ପ ଏବଂ ସଦାସର୍ବଦା ଦିବ୍ୟ-ଇଚ୍ଛା ପାଖରେ ସମର୍ପଣ କରି ଦେବାର ସଂକଳ୍ପ ରଖି ନିଜକୁ ଏକ ଆନ୍ତର ନିରବତା ମଧ୍ୟକୁ ଫେରାଇ ଆଣିବାକୁ ହେବ । ଏହାହିଁ ହେଉଛି ଯଥାର୍ଥ ଆନ୍ତର ମନୋଭାବ (Spirit) । ଏବଂ ପ୍ରତ୍ୟେକ କ୍ଷେତ୍ରରେ ଏହା ସେହିପରି କିଛି । ପ୍ରକୃତ ପକ୍ଷେ ଏହା ସେହି ଗୋଟିଏ କଥାକୁ ଫେରି ଆସେ ଯେ ଜଣେ ନିଶ୍ଚିତ ଭାବରେ ଭଗବାନଙ୍କୁ ସ୍ମରଣ କରିବ, ଏବଂ ନିଜକୁ ତାଙ୍କ ସେବାରେ ନିୟୋଜିତ ରଖିବ ଏବଂ ଭଗବାନ୍ ଯାହା ଚାହିଁବେ, ତାହାହିଁ ଚାହିଁବ ।

ମାତ୍ର ଗୋଟିଏ ଦିଗରେ ତୁମେ ଏକ ନିରବ ଅବସ୍ଥା ଚାହିଁ ପାର, ଅନ୍ୟ ଏକ କ୍ଷେତ୍ରରେ ଶକ୍ତି ଚାହିଁ ପାର, ପୁଣି କେବେ ସ୍ୱାସ୍ଥ୍ୟ ମଧ୍ୟ ଚାହିଁପାର ଏବଂ ପୁଣି ଅନ୍ୟ ଏକ କ୍ଷେତ୍ରରେ ଏପରି କିଛି ଚାହିଁବ ଯାହା ବାହ୍ୟ ଚାପକୁ ପ୍ରତିରୋଧ କରିବ ।

ଯେତେବେଳେ ଜଣେ ଦ୍ୱନ୍ଦ୍ୱଗ୍ରସ୍ତ ହୁଏ, ଯେତେବେଳେ ଜଣକୁ କିଛି ବାଛିବାକୁ ଥାଏ, ଯେତେବେଳେ ଜଣେ ଜାଣେ ନାହିଁ କେଉଁ କାର୍ଯ୍ୟଟି ପୂରାପୂରି ଠିକ୍ ହେବ – ତୁମେ ଦେଖ, ତୁମକୁ ଦୁଇ, ତିନି କିଂବା ଚାରୋଟି ସମ୍ଭାବ୍ୟ ନିଷ୍ପତ୍ତିରୁ ବାଛିବାକୁ ହୋଇଥାଏ ଏବଂ ଜଣେ ଜାଣେ ନାହିଁ କେଉଁଟି ଠିକ୍, ସେତେବେଳେ ଜଣେ ଯଥା ସମ୍ଭବ ନିଜର ଚୈତ୍ୟସତ୍ତା ସହିତ ସଂଯୋଗ ରଖିବ, ନିଜ ଭିତରେ ଥିବା ଦିବ୍ୟ-ଉପସ୍ଥିତି ସହିତ ଓ ଚୈତ୍ୟ ଚେତନାକୁ ସମସ୍ୟାଟି ଜଣାଇବ, ଏବଂ ଯଥାର୍ଥ ଆଲୋକ ଓ ଯଥାର୍ଥ ନିଷ୍ପତ୍ତି ଚାହିଁବ, ଯାହା ଭାଗବତ ଇଚ୍ଛା ସହିତ ଅଧିକ ଭାବରେ ସମନ୍ୱୟ ରଖିଥିବ, ଏବଂ ଜଣେ ତାହା ଶୁଣିବାକୁ ଓ ପ୍ରେରଣା ପାଇବାକୁ ପ୍ରଚେଷ୍ଟା କରିବ ।

ପ୍ରତ୍ୟେକ କ୍ଷେତ୍ରରେ ତୁମେ ଦେଖିବ ଏହାହିଁ ଯଥାର୍ଥ ମନୋଭାବ ।

*

***ପ୍ରଶ୍ନ : ମଧୁମୟି ମା', ଏଠାରେ ଶ୍ରୀଅରବିନ୍ଦ କହିଛନ୍ତି, ''... ଯଥାର୍ଥ ମନୋଭାବ ସହିତ ବାଧାବିଘ୍ନର ସମ୍ମୁଖୀନ ହୋଇ ବିଜୟ ହାସଲ କଲେ, ଜଣେ ଦେଖିବାକୁ ପାଏ ଯେ ବାଧାଟି ଅପସୃତ ହୋଇଛି ।'' ତେବେ ଯଥାର୍ଥ ମନୋଭାବ କ'ଣ ?***

**ଶ୍ରୀମା :** ଆଃ, ଏହି ପ୍ରଶ୍ନଟି ମୁଁ ଆଶା କରୁଥିଲି । ଯଥାର୍ଥ ମନୋଭାବ ହେଉଛି ଯାହା ସେ ପରବର୍ତ୍ତି-ବାକ୍ୟରେ ବ୍ୟାଖ୍ୟା କରିଛନ୍ତି : ଜଣଙ୍କର ଆସ୍ଥା ବଜାୟ ରଖିବା, ଶାନ୍ତ ରହିବା,... ଆକ୍ରମଣ ଅତିକ୍ରାନ୍ତ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବା, ନିଜର ଆସ୍ଥା ଜାରୀ ରଖିବା ।...

ପ୍ରତ୍ୟେକ କ୍ଷେତ୍ରରେ ଯଥାର୍ଥ ମନୋଭାବର ଅର୍ଥ, ସାହସ ନହରାଇବା, ନିଜର ବିଶ୍ୱାସ ନହରାଇବା, ଅଧୈର୍ଯ୍ୟ ନହେବା, ବିଷାଦଗ୍ରସ୍ତ ନହେବା; ଖୁବ୍ ଶାନ୍ତ ରହିବା, ନିରବତାର ସହିତ ଯେତେଦୂର ଅଧିକ ଅଭୀପ୍‌ସା ରଖାଯାଇପାରେ ରଖିବା, ଏବଂ ଯାହା କିଛି ଘଟୁଛି ସେଥିରେ ବିଚଳିତ ନହେବା । ଏହି ନିଶ୍ଚିତ ଭାବ ରଖିବା ଯେ ଏହା ଅତିକ୍ରାନ୍ତ ହେବ ଏବଂ ସବୁକିଛି ଠିକ୍ ହୋଇଯିବ । ଯଥାର୍ଥରେ ଏହା ହେଉଛି ସର୍ବୋତ୍ତମ ବିଷୟ ।

(AIM, ୨୦୧୦, ଫେବ୍ରୁଆରୀରୁ ସଂଗୃହୀତ) ❑

# ଧ୍ୟାନ

## (୬)

## ମାଧବ ପଣ୍ଡିତ

### ଆସନ

ତା'ପରେ ହେଲା ଆସନ – ଶରୀରର ଧ୍ୟାନ ପାଇଁ ସବୁଠାରୁ ସୁବିଧାଜନକ ସ୍ଥୂଳ ଅବସ୍ଥାନ । ଏଠାରେ ମଧ୍ୟ ସବୁ ଅବସ୍ଥାରେ ଧ୍ୟାନ ସମ୍ଭବ ହେବା ଉଚିତ ଏବଂ ହୁଏ । ଉଦାହରଣ ସ୍ୱରୂପ ବସିବା ଓ ଠିଆ ହେବା, ଶୋଇବା, ଚାଲିବା, ଏପରିକି ଦୌଡ଼ିବା ସମୟରେ ମଧ୍ୟ । ଏହା ନିର୍ଭର କରେ ଧ୍ୟାନ କେଉଁପର୍ଯ୍ୟନ୍ତ ସ୍ୱାଭାବିକ ହୋଇଉଠିଛି ତା'ଉପରେ ଓ ଦେହର ଅଭ୍ୟାସ ଉପରେ । ଯୋଗଶାସ୍ତ୍ରରେ ଧ୍ୟାନ ପାଇଁ କେତେଗୁଡ଼ିଏ ଆସନ ଅନୁମୋଦନ କରାଯାଇଛି କିନ୍ତୁ ତତ୍ତ୍ୱର ସାର ସତ୍ୟଟି କେବଳ ସେହି ସାହସିକତାର ମହାନ୍ ପ୍ରତିଭୂ ପତଞ୍ଜଳିଙ୍କ ଦ୍ୱାରା ସଂକ୍ଷିପ୍ତ ଆକାରରେ ଲିପିବଦ୍ଧ ହୋଇଛି – ସ୍ଥିର ସୁଖମାସନମ୍[୧] । ଯାହା ସ୍ଥିରତା ଓ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରେ ତାହାହିଁ ଯଥାର୍ଥ ଆସନ । ଯାହା ଜଣକୁ ସୁବିଧାବୋଧ ହୁଏ ତାହା ଅନ୍ୟକୁ ସୁବିଧାବୋଧ ନ ହୋଇପାରେ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ପାଇଁ ସବୁଠାରୁ ଅନୁକୂଳ ଆସନଟି ବାଛି ନେବାକୁ ହୁଏ । ଯେପରିକି ଗୋଟିଏ ଉପନିଷଦ୍‌ରେ କୁହାଯାଇଛି : ଯେତେ ଜୀବ ଅଛନ୍ତି ସେତେ ପ୍ରକାରର ଆସନ ରହିଛି[୨] ।

ବସିକରି ଧ୍ୟାନ କରିବା ସବୁଠୁ ଉତ୍ତମ, ଆସୀନଃ[୩] ପୁଣି ଯେଉଁପରି ଭାବରେ ବ୍ୟକ୍ତି ବିନା ପ୍ରଚେଷ୍ଟାରେ ସବୁଠୁ ଅଧିକକାଳ ବସି ରହିପାରେ, ଯେଉଁଥିରେ ଦେହ ତନ୍ଦ୍ରାବିହୀନ ହୋଇ ରହିପାରେ ତାହାହିଁ ପ୍ରକୃଷ୍ଟତମ ସ୍ୱାଭାବିକ ଆସନ[୪] । ଯେତେବେଳେ ସ୍ୱାଭାବିକ ଆସନଟି ମିଳିଯାଏ ସେତେବେଳେ ସାଧକ ଉପବେଶନର କ୍ରିୟାକୁହିଁ ଭୁଲିଯାଏ ଏବଂ ମନ ଦେହଜ୍ଞାନରୁ ମୁକ୍ତ ହୋଇଯାଏ । ଧ୍ୟାନ ସମୟରେ ଉଚ୍ଚତର ତଥା ଆନ୍ତର ଚେତନାର ସକ୍ରିୟ କ୍ରିୟାକୁ ସହନ କରିବା ତଥା ଧରି ରଖିବା ଲାଗି ଶରୀରର ଏହି ଏକତ୍ରୀକୃତ ନିଶ୍ଚଳତା ଆବଶ୍ୟକ ମୌଳିକ ଅବଲମ୍ବନ ଯୋଗାଇଥାଏ ।

ଏହା ମଧ୍ୟ ମନେ ରଖିବା ଦରକାର ଯେ – ଯେକୌଣସି ଆସନ ହେଉନା କାହିଁକି ମେରୁଦଣ୍ଡ ଓ ମସ୍ତକ ଉପରକୁ ସିଧା ହୋଇରହିବା ବିଧେୟ[୫] । ପୃଷ୍ଠଭାଗ, ଗ୍ରୀବା ତଥା ମସ୍ତକ ଏକ ସରଳରେଖାରେ

---

(୧) ସ୍ଥିର ସୁଖମ୍ ଆସନମ୍ ଇତି ନ ନିୟମଃ – ଯେକୌଣସି ଅବସ୍ଥାନ ସ୍ଥିର ଏବଂ ଅବିଚଳିତ ତାହାହିଁ ଆସନ । ଅନ୍ୟ କୌଣସି ନିୟମ ନାହିଁ । (ସାଂଖ୍ୟ ସୂତ୍ର : ୬.୨୪)

(୨) ଆସନାନି ଚ ଯାବନ୍ତି ଯାବନ୍ତ୍ୟୋଃ ଜୀବ ଜାତୟଃ । (ଧ୍ୟାନବିନ୍ଦୁ ଉପ. ୪୧)

(୩) ବ୍ରହ୍ମସୂତ୍ର (୪.୧.୮)

(୪) ବ୍ୟକ୍ତିଗତ ଭାବରେ କେତେକ ଯୋଗୀମାନଙ୍କ ଦ୍ୱାରା ବ୍ୟବହୃତ ନିମ୍ନଲିଖିତ ଆସନ ବହୁତ ସହାୟକାରୀ ହେବାର ଆମେ ଲକ୍ଷ୍ୟ କରିଛୁ । ଏହା ହେଲା ଗୋଡ଼ ଦୁଇଟିକୁ ଭାଙ୍ଗି ଡାହାଣ ଗୋଡ଼କୁ ବାମ ଜଙ୍ଘ ଉପରେ ଓ ବାମ ପାଦକୁ କେବଳ ଡାହାଣ ଜଙ୍ଘ ତଳେ ଭାଙ୍ଗି କରି ସେମିତି ରଖିବା ।

(୫) କୁଣ୍ଡଳିନୀ ଓ ହଠଯୋଗ ଭଳି କେତେକ ଯୋଗରେ ମେରୁଦଣ୍ଡର ଏକ ସଳଖ ଅବସ୍ଥିତି ମୂଳରୁ ପ୍ରାନ୍ତ ପର୍ଯ୍ୟନ୍ତ ବଜାୟ ରଖିବା ଅପରିହାର୍ଯ୍ୟ । କାରଣ ଏହିପରି ଏକ ଅବସ୍ଥାରେହିଁ କୁଣ୍ଡଳିନୀ ଶକ୍ତିଙ୍କର ଅବାଧଗତି ହୋଇପାରେ ଯିଏକି ମୂଳାଧାରରେ ଥିବା ତାଙ୍କର ବିଶ୍ରାମ ସ୍ଥାନରୁ ଜାଗ୍ରତ୍ ହୁଅନ୍ତି ଓ ମସ୍ତିଷ୍କର ଶୀର୍ଷ ଦିଗରେ ଉତ୍‌ଥିତ ହୁଅନ୍ତି ।

ରହିବା ଉଚିତ[୬] । ଶରୀର ଓ ବିଶେଷ କରି ମସ୍ତକକୁ ସେହି ଅବସ୍ଥାରୁ ଝୁଙ୍କି ପଡ଼ିବାକୁ ଅନୁମତି ନ ଦିଆଯିବା ଉଚିତ । କାରଣ ଏପରି ଅବସ୍ଥା ନିଦ୍ରାକୁ ନିମନ୍ତ୍ରଣ କରିଆଣେ । ଶରୀରର ଏହି ଲମ୍ବ ଭାବରେ ଅବସ୍ଥାନ ଶରୀରରେ ସ୍ନାୟୁଶକ୍ତିର ଯଥାର୍ଥ ନିୟନ୍ତ୍ରଣ ଓ ପ୍ରାଣ ଶକ୍ତିର ପ୍ରାଣାୟାମରେ କୁହାଯାଉଥିବାମତେ ନିୟମନ ପାଇଁ ଆବଶ୍ୟକ ହେଉଥିବା ଅବଲମ୍ବନ ଓ ସୁଯୋଗ ପ୍ରଦାନ କରିଥାଏ, ଯେଉଁ ବିଷୟଟି ଏହାପରେ ଆମର ଧ୍ୟାନ ଆକର୍ଷଣ କରିବ ।

(କ୍ରମଶଃ)

ଇଂରାଜୀ Dhyana ପୁସ୍ତକରୁ

ଅନୁବାଦ : ରଜନୀକାନ୍ତ ମିଶ୍ର ❑

---

(୬) ତ୍ରିରୁନ୍ନତଂ ସ୍ଥାପ୍ୟସମଂ ଶରୀରମ୍ ।
ଶରୀରକୁ ସଳଖଭାବେ ସ୍ଥାପନ କରି ହୃଦୟ, କଣ୍ଠ ଓ ମସ୍ତକକୁ ସିଧାରଖିବା । (ଶ୍ୱେତ. ଉପ.୨.୮)
ସୁଖାସନସ୍ଥଃ ଶୁଚିଃ ସମଗ୍ରୀବଶିରଃ ଶରୀରଃ (କୈବଲ୍ୟ ଉପନିଷଦ୍) ସୁଖାସନରେ ବସି, ପବିତ୍ର ଭାବ ସହ ଗ୍ରୀବା ଓ ମସ୍ତକ ସଳଖ ରଖିବା ।
ସମଂ କାୟଶିରୋଗ୍ରୀବଂ ଧାରୟନ୍ ଅଚଳଂ ସ୍ଥିରଃ ।
ଶରୀରର ମସ୍ତକ ଓ ଗ୍ରୀବାକୁ ସଳଖ ଓ ନିଶ୍ଚଳ ଭାବେ ଧରି ରଖିବା ।


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୩)

**ଦିନପଞ୍ଜି :**

ଯୁଗ ଯୁଗ ଧରି ଭାରତର ସ୍ମରଣାତୀତ କାଳରୁ ଭଗବତ୍ ଅନ୍ୱେଷୀ ଜୀବାତ୍ମାଗଣଙ୍କ ସକାଶେ 'ଗୁରୁ-ଗୃହ-ବାସ' ଏକ ଅତୀବ ଉଚ୍ଚକୋଟୀର ଆଦର୍ଶରୂପେ ଗୃହୀତ ହୋଇ ଆସିଛି । 'ଆରଣ୍ୟକ'ରେ ବର୍ଣ୍ଣିତ ଗାଥାସକଳ ବୋଧହୁଏ ଆମର ସବୁଠୁ ପୁରାତନ ପୋଥି ବା ନଥିପତ୍ର ଏବଂ ସାଧକ-ଭକ୍ତଗଣଙ୍କର ଅତୀବ ଆଦରଣୀୟ ।

ପୁନଶ୍ଚ ଅର୍ଜୁନ ଯେମିତି ଶ୍ରୀକୃଷ୍ଣଙ୍କୁ ପଚାରିଛନ୍ତି :

'ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।
ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ॥'
(ଗୀତା : ୨/୫୪)

ଅର୍ଥାତ୍, 'ହେ କେଶବ, ସ୍ଥିରବୁଦ୍ଧି ବ୍ୟକ୍ତିଙ୍କ ଲକ୍ଷଣ କ'ଣ, ତାଙ୍କର ଗତିବିଧି କିପରି, ସେ କେମିତି କଥାବାର୍ତ୍ତା କରନ୍ତି, କେମିତି ବସବାସ କରନ୍ତି ?'

ଠିକ୍ ସେମିତି ଆବହମାନ କାଳରୁ ଗୁରୁଙ୍କ ସମ୍ବନ୍ଧେ, ଅବତାରଙ୍କ ସମ୍ବନ୍ଧେ ଉପରୋକ୍ତ କଥାସବୁ ଜାଣିବାକୁ ଅଗଣିତ ଭକ୍ତବୃନ୍ଦ ତୀବ୍ର ଭାବରେ ତୃଷିତ ଥା'ନ୍ତି ।

ନୀରଦବରଣ ୧୯୭୨ରେ ଯେତେବେଳେ 'ଶ୍ରୀଅରବିନ୍ଦଙ୍କ ସହିତ ବାରବର୍ଷ' (କହିବାକୁ ଗଲେ ଗୁରୁଦେବଙ୍କର ଶେଷ ବାର ବର୍ଷ) ପୁସ୍ତକଟି ଶ୍ରୀମାଙ୍କର ସାଗ୍ରହ ଅନୁମୋଦନ ପ୍ରାପ୍ତ ହୋଇ ରଚନା କଲେ ଏବଂ ସମସ୍ତ ପୁସ୍ତକଟିକୁ ନୀରଦ ତାଙ୍କୁ ପଢ଼ି ଶୁଣାଇଲେ, ଶ୍ରୀମା ନିମ୍ନୋକ୍ତ ମନ୍ତବ୍ୟ ଦେଇଥିଲେ :

''ନୀରଦଙ୍କୁ ଧନ୍ୟବାଦ, ଯାହାଙ୍କ ଯୋଗୁଁ ଶ୍ରୀଅରବିନ୍ଦ ଯାହା ଥିଲେ, ତାହାର ଏକ ସମ୍ପୂର୍ଣ୍ଣ ଅପ୍ରକାଶିତ ଦିଗଟି ଆଜି ଆମ ଆଗରେ ଉଦ୍‌ଘାଟିତ ହେଲା ।

'ଏହା ଅତ୍ୟନ୍ତ ଚିତ୍ତାକର୍ଷକ ଓ ବାସ୍ତବିକ ଶିକ୍ଷାପ୍ରଦ ଅଟେ ।'

ଏଇଠି ସ୍ମରଣରେ ଆସେ 'ଜଣେ ନୂତନ ସତ୍ୟବାଦିତାର ସନ୍ଥ ଓ ସହିଦ' ବ୍ରହ୍ମବାନ୍ଧବ ଉପାଧ୍ୟାୟଙ୍କ କଥା । ସେ ୧୯୦୬ରେ ତାଙ୍କର ସ୍ୱ-ସମ୍ପାଦିତ 'ସନ୍ଧ୍ୟା' ପତ୍ରିକାରେ 'ମାନସ-ସରୋବରର ଶ୍ରୀଅରବିନ୍ଦ' ଶିରୋନାମାରେ ପ୍ରକାଶ କରିଥିଲେ : ''ଅମଳ-ଶୁଭ୍ର ଅରବିନ୍ଦ ଦେଖିଛ କି ? ଭାରତ ମାନସ-ସରୋବରର ପ୍ରସ୍ଫୁଟିତ ଶତଦଳ !... ଆମର ଏଇ ଅରବିନ୍ଦ ଜଗତ୍-ଦୁର୍ଲଭ ।... ଇଏ ଋଷି ବଙ୍କିମଙ୍କର ଭବାନନ୍ଦ, ଜୀବାନନ୍ଦ, ଧୀରାନନ୍ଦ ସ୍ୱାମୀ ।...''

ପୁନଶ୍ଚ ସ୍ମରଣରେ ଆସେ ଭାରତ ଜନନୀଙ୍କର ଏକନିଷ୍ଠ ତପସ୍ୱୀ-ସେବକ, ପରମ ପ୍ରୀତିଭାଜନ ସୁହୃଦ୍ ସୁରେଶଚନ୍ଦ୍ର ସମାଜପତିଙ୍କ ପୁଣ୍ୟକଥା । ସେ ୧୯୧୧-୧୨ରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଦୀନେନ୍ଦ୍ର କୁମାରଙ୍କୁ କହିଥିଲେ, ''...ଗୁର୍ଜର ବରୋଦାର ମରୁବକ୍ଷରେ ଯେଉଁ ରତ୍ନଟି ଲୁକ୍‌କାୟିତ ହୋଇ ରହିଥିଲେ, କେହି ତାହାର ସନ୍ଧାନ ପାଇ ନାହାନ୍ତି । କିନ୍ତୁ ସେଇ ଦୀର୍ଘକାଳ ସୁଦୂର ପ୍ରବାସ ସମୟରେ ତାଙ୍କୁ ଜାଣିବା, ବୁଝିବା ଓ ତାଙ୍କର ନିକଟ ସଂସ୍ପର୍ଶରେ ଆସିବାର ସୁଯୋଗଟି ତୁମେ କେବଳ ଲାଭ କରିଛ । ବର୍ତ୍ତମାନ ସେସବୁ କଥା ଶୁଣିବାକୁ ଯୁବ-ସମାଜ ଅତ୍ୟନ୍ତ ଆଗ୍ରହୀ । ତେଣୁ ସେସବୁ ପ୍ରକାଶ କଲେ ବେଶ୍ ସମାଦୃତ ହେବ ।''

ଦୀନେନ୍ଦ୍ର କୁମାର ତାଙ୍କର 'ଅରବିନ୍ଦ-ପ୍ରସଙ୍ଗ'ରେ ପ୍ରକାଶ କରିଥିଲେ : ''... ତାଙ୍କ (ଶ୍ରୀଅରବିନ୍ଦଙ୍କ) ସହିତ ଦିନେ ଦୁଇଦିନର ବ୍ୟବହାରରୁ ବୁଝିଲି, ତାଙ୍କ ହୃଦୟରେ ପୃଥିବୀର ହୀନତା ଓ କଳୁଷତା ନାହିଁ । ତାଙ୍କ ହସ ଶିଶୁର ହସ ପରି ସରଳ, ତରଳ ଓ ସୁକୋମଳ । ହୃଦୟର ଅଟଳ ସଂକଳ୍ପ ଓଷ୍ଠପ୍ରାନ୍ତରେ ଆତ୍ମପ୍ରକାଶ କରୁଥିଲେ ମଧ୍ୟ ମାନବ-ଦୁଃଖରେ ଆତ୍ମ-ବିସର୍ଜନର ଦେବ-ଦୁର୍ଲଭ ଆକାଂକ୍ଷା ଭିନ୍ନ ସେ ହୃଦୟରେ ପାର୍ଥିବ ଉଚ୍ଚାଭିଳାଷ ବା ମନୁଷ୍ୟସୁଲଭ ସ୍ୱାର୍ଥପରତା ଲେଶମାତ୍ର ନାହିଁ ।...

''ଦିବାରାତ୍ରି ଏକତ୍ର ବାସ କରି କ୍ରମେ ଯେତେବେଶୀ ତାଙ୍କ ହୃଦୟର ପରିଚୟ ପାଇଲି, ସେତେ ବେଶୀ ବୁଝି ପାରିଲି

ସେ ଏହି ପୃଥିବୀର ମଣିଷ ନୁହନ୍ତି, ସେ ଜଣେ ଶାପଭ୍ରଷ୍ଟ ଦେବତା ।... ଥରେ ଥରେ ସେ ହସି ହସି କହୁଥିଲେ, 'ମୁଁ ପାଗଳ ମା'ର ପାଗଳ ପୁଅ !'...

''ତାଙ୍କ ସହିତ ଯିଏ ଦଶ ଦିନ ବାସ କରିଛି, ସିଏ ଜୀବନରେ ତାଙ୍କୁ ଭୁଲି ପାରିବ ନାହିଁ । ମୋର ପରମ ସୌଭାଗ୍ୟ ଯେ ଦୁଇ ବର୍ଷ (୧୮୯୮-୧୯୦୧) କାଳ ମୁଁ ତାଙ୍କ ସହିତ ବାସ କରିବାର ସୁଯୋଗ ପାଇଥିଲି ।''

ମୃଣାଳିନୀ ଦେବୀଙ୍କ ବର୍ଣ୍ଣନାରୁ : ''... ମୋ ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହାଙ୍କୁ ବି ମୁଁ ଭଗବାନ୍ ବୋଲି ଚିହ୍ନି ନଥିଲି । ଭଗବାନଙ୍କର ବିକାଶ ମୁଁ ତାଙ୍କରି ଭିତରେହିଁ ପ୍ରତ୍ୟକ୍ଷ ଦେଖୁଥିଲି । ସେ ଯେତେବେଳେ କଥା କହୁଥିଲେ, ସେତେବେଳେ ଶୁଣୁଥିଲି, କୌଣସି ଦୂରାଗତ ଅଶରୀରୀ ଧ୍ୱନି ଯେମିତି ତାଙ୍କ ମୁଖରୁ ନିଃସୃତ ହୋଇ ଚାଲିଛି; ସେ ଯେତେବେଳେ ଅନାଉଥିଲେ ସେତେବେଳେ ଦେଖୁଥିଲି କୌଣସି ଏକ ସୁଦୂରର ସ୍ୱପ୍ନମୟ ଆଖି ଦୁଇଟି ଜ୍ୟୋତିଃ ଉଜ୍ଜ୍ୱଳ ଦୃଷ୍ଟି ମେଲି ମୋତେ ଅଭିଷିକ୍ତ କରିଚାଲିଛି ।... ଏବଂ ତାଙ୍କ ଶରୀରରୁ ପଦ୍ମଗନ୍ଧ ସଞ୍ଚାରିତ ହେଉଥିଲା ।...''

ଦାମ୍ପତ୍ୟ ଜୀବନ ସମ୍ବନ୍ଧେ ଶ୍ରୀଅରବିନ୍ଦ(ଜୁନ୍ ୮, ୧୯୦୬ରେ) ତାଙ୍କ ଶ୍ୱଶୁରଙ୍କୁ ଲେଖିଥିଲେ : ''...ମୋର ଆଶଙ୍କା ଗୃହୀ ହିସାବରେ ମୁଁ କେବେ ବି ଖୁବ୍ ବଡ଼ କୌଣସି କାମରେ ଆସିବି ନାହିଁ; ପୁତ୍ର ହିସାବରେ, ସହୋଦର ହିସାବରେ ଏବଂ ସ୍ୱାମୀ ହିସାବରେ ମୁଁ ମୋର କର୍ତ୍ତବ୍ୟର କିଛିଟା ଅନ୍ତତଃପକ୍ଷେ ନିଷ୍ଫଳ ପ୍ରୟାସ କରିଛି; କିନ୍ତୁ ମୋ ଅନ୍ତରରେ କିଛି ଗୋଟିଏ ରହିଛି, ଯାହାକି ଖୁବ୍ ପ୍ରବଳ ଏବଂ ମୋ ଭିତରର ଆଉ ସବୁକିଛିକୁ ତା'ର ଅନୁବର୍ତ୍ତୀ କରି ରଖିବାକୁ ମୋତେ ବାଧ୍ୟ କରେ ।...''

ଅବିନାଶ ଭଟ୍ଟାଚାର୍ଯ୍ୟ ତାଙ୍କ 'ସ୍ମୃତି-କାହାଣୀ'ରେ ଲେଖିଛନ୍ତି : ''... ଅରବିନ୍ଦବାବୁଙ୍କ ସହିତ ସଂସାର କରିବା ଯେ କେତେ କଠିନ, ସହଜରେ ଅନୁମାନ କରାଯାଏ । ଖାଇବା-ପିଇବାରେ କୌଣସି ବିରକ୍ତି ବା ଅଶାନ୍ତି ନାହିଁ । ଯା' ପାଇଲେ ତା' ଖାଇଲେ । ଜୋତାର ତଳି ଛିଣ୍ଡିଯାଇ କଣା ହୋଇ ଯାଇଛି, ସେ ଆଡ଼କୁ ଭ୍ରୂକ୍ଷେପ ନାହିଁ । ସଂସାରର ଭାବନା ତିଳେ ମାତ୍ର ନାହିଁ ।... କିନ୍ତୁ ଯିଏ ଅରବିନ୍ଦବାବୁଙ୍କ ସଂସ୍ପର୍ଶରେ ଆସୁଥିଲେ ସେମାନେ ତାଙ୍କର ସରଳ ଶିଶୁ ସୁଲଭ ହସ ଓ ଆଚରଣରେ ମୁଗ୍ଧ ହୋଇ ଯାଉଥିଲେ । ତାଙ୍କର ଏମିତି ଆଚରଣ ଦେଖି ମୁଁ ବି ମଝିରେ ମଝିରେ ଥରେ ଅଧେ ହସି କରି ତାଙ୍କୁ ବକାବକି କରିଛି, ଆଉ ସେ ହୋ-ହୋ କରି ହସି ଉଠିଛନ୍ତି ।

''ଏହି ସମୟରେ (୧୯୦୮ରେ) ଶ୍ରୀଅରବିନ୍ଦ-ବାବୁଙ୍କର ସ୍କଟ୍ସ୍ ଲେନ୍‌ର ବାସଭବନରେ ଶ୍ରୀଯୁକ୍ତ ବିଷ୍ଣୁଭାସ୍କର ଲେଲେ ଆସି ପହଞ୍ଚିଲେ । ତାଙ୍କର ଆସିବା ପରଠୁ ଅରବିନ୍ଦବାବୁଙ୍କର ଯୋଗ-ସାଧନାର କ୍ରିୟାକଳାପ କିଛି ମାତ୍ରାରେ ବଢ଼ି ଚାଲିଲା ।... ଖିଆପିଆର ମାତ୍ରା କ୍ରମଶଃ କମିଗଲା ।...

''ସେଇଠୁ ଥରେ ତାଙ୍କୁ ପଚାରି ବସିଲି, 'ସେଜ୍-ଦା, ତୁମେ ଗୋଟିଏ ଦିଗରେ (ତୀବ୍ର ଭାବରେ) ଯୋଗ-ସାଧନା କରୁଛ, ପୁଣି ଅନ୍ୟ ଦିଗରେ ସ୍ତ୍ରୀକୁ ନେଇ ଗୋଟିଏ ବିଛଣାରେ ଶୋଉଛ, ଏ କି ରକମ ତପସ୍ୟା ?' ମଧୁର ହସ ହସି ସେ କହିଲେ, 'ଅବିନାଶ, ସ୍ତ୍ରୀକୁ ନେଇ ଶୋଇଲେ ବି ବ୍ରହ୍ମଚର୍ଯ୍ୟ ଭଙ୍ଗ ହୁଏ ନାହିଁ । ଦଳେ ନାଗା ସନ୍ନ୍ୟାସୀ ମୁଁ ଗଢ଼ିବାକୁ ଚାହେଁ ନାହିଁ । ଭାରତରେ ସେମିତି ୩୩ ଲକ୍ଷ ସନ୍ନ୍ୟାସୀ ଅଛନ୍ତି । ମୁଁ ଚାହେଁ ଗୃହସ୍ଥ ସନ୍ନ୍ୟାସୀ – ଯେଉଁମାନେ ଘରସଂସାର ସବୁକିଛି କରିବେ, ପୁଣି ଦରକାର ପଡ଼ିଲେ ସବୁକିଛିକୁ ତ୍ୟାଗ କରି କର୍ତ୍ତବ୍ୟର ତାଡ଼ନାରେ ଆଗକୁ ଛୁଟି ଆସିବେ ।'...''

ପୁନଶ୍ଚ ସମାନ ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ ମନୋମୋହନ ଗଙ୍ଗୋପାଧ୍ୟାୟ ଯିଏକି ବଙ୍ଗଳା ଓ ସଂସ୍କୃତରେ ଜଣେ ବିଦ୍ୱାନ୍ ବ୍ୟକ୍ତି; ୧୯୦୨ରେ 'Orissa and Her Remains : Ancient and Mediaeval' ନାମକ ପ୍ରଭୂତ ତଥ୍ୟମୂଳକ ପୁସ୍ତକ ରଚନା କରି ଭାରତୀୟ ପାଣ୍ଡିତ୍ୟ-ବୃତ୍ତିର ମାନକୁ ଉତ୍‌ଥିତ କରାଇଥିଲେ । ସେ ଥରେ ଶ୍ରୀଅରବିନ୍ଦଙ୍କର କାରାମୁକ୍ତି ପରେ, ତାଙ୍କୁ ନିଜ ଘରକୁ ଭୋଜନ କରିବା ପାଇଁ ନିମନ୍ତ୍ରଣ କରିଥିଲେ । ଖୁବ୍ ସମ୍ଭବତଃ ଶ୍ରୀଅରବିନ୍ଦଙ୍କର ଶ୍ୱଶୁରଙ୍କ କଥା ତାଙ୍କ କାନରେ ବାଜିଥିଲା : 'ଯଦି କାହାଙ୍କୁ ଖୁଆଇ ତୃପ୍ତିଲାଭ କରିବାକୁ ଚାହଁ, ତେବେ ସେ ହେଉଛନ୍ତି ଏକମାତ୍ର ଅରବିନ୍ଦ ।' ମନୋମୋହନ ବାବୁଙ୍କ ଘରେ ଶ୍ରୀଅରବିନ୍ଦ ତାଙ୍କ ସହିତ ବସି ଖାଉଥିବା ବେଳେ 'ବିବାହ କରି ମଧ୍ୟ କି ଭାବରେ ବ୍ରହ୍ମଚର୍ଯ୍ୟ ରକ୍ଷା କରାଯାଏ'– ଏ ସମ୍ବନ୍ଧରେ ଆଲୋଚନା ହେଉଥିଲା । ଏହା ଅସମ୍ଭବ ବୋଲି ମନୋମୋହନ ବାବୁ ମତ ଦେଇଥିଲେ । ଏବେ ମନୋମୋହନଙ୍କ ଉକ୍ତିରୁ : ''ସେ (ଶ୍ରୀଅରବିନ୍ଦ) ଏହା ଯେ ସମ୍ଭବ ମୋତେ ବୁଝାଉଥିଲେ । ସେ ନିଜେ କି ପ୍ରକାରେ ବ୍ରହ୍ମଚର୍ଯ୍ୟ ପାଳନ କରିଛନ୍ତି ମୋର ଜାଣିବାକୁ ଖୁବ୍ ଇଚ୍ଛା ହେଉଥିଲା, କିନ୍ତୁ ମୁହଁ ଖୋଲି ପଚାରିବାକୁ ସାହସ ହେଉ

ନଥିଲା । ସେ କିଛି କ୍ଷଣ ପରେ ମୋତେ କହିଲେ, 'ଆପଣଙ୍କର ମନୋଭାବ ବୁଝିଛି, ଆପଣ ଜାଣିବାକୁ ଇଚ୍ଛୁକ ହୋଇଛନ୍ତି ଯେ ମୁଁ ସ୍ତ୍ରୀ ସହବାସ କରେ କି ନା । ମୁଁ କେବେ ବି ସ୍ତ୍ରୀସଙ୍ଗ କରି ନାହିଁ । ମୁଁ ବ୍ରହ୍ମଚର୍ଯ୍ୟ ରକ୍ଷା କରି ପାରିଛି ।...''

('ଶ୍ରୁତି-ସ୍ମୃତି', ପ୍ରଥମାର୍ଦ୍ଧ, ୧୯୨୭, ପୃ-୧୩)

ଏବେ ଶ୍ରୀଅରବିନ୍ଦଙ୍କର ବୈବାହିକ ଜୀବନ ସମ୍ବନ୍ଧରେ ଆଉ ଏକ ଦୃଷ୍ଟାନ୍ତ – କେବେ କେବେ ଶ୍ରୀଅରବିନ୍ଦ ସପରିବାରରେ ଦେଓଘରର ମାମୁଙ୍କ ଘରକୁ ଯାଉଥିଲେ । ଥରେ ଦେଓଘରରେ ଥିବା ସମୟରେ ଏକ ଉଲ୍ଲେଖଯୋଗ୍ୟ ଘଟଣା ବର୍ଣ୍ଣନା କରୁଛୁ । ଏହା ମୃଣାଳିନୀ ଦେବୀଙ୍କର ଜ୍ୟେଷ୍ଠତାତଙ୍କ ପୁତ୍ର ଶୈଳେନ୍ଦ୍ରଙ୍କ ସ୍ମୃତିକଥାରୁ ଉଦ୍ଧୃତ :

''ଏଇ ଘରେ ଶ୍ରୀଅରବିନ୍ଦଙ୍କ ସହିତ ମୃଣାଳିନୀ ଦେବୀ ଓ ସରୋଜିନୀ ଥିଲେ । ସରୋଜିନୀଙ୍କ ସହିତ ମୃଣାଳିନୀ ଦେବୀଙ୍କର ଠିକ୍ ଠିକ୍ ପଡୁ ନଥିଲା । କାରଣ ଅକାରଣରେ ସରୋଜିନୀ ତାଙ୍କ ସହିତ ଖିଟି ଖିଟି ବ୍ୟବହାର କରୁଥିଲେ, ପଛରେ ଲାଗି ରହୁଥିଲେ । ସେଥିପାଇଁ ମୃଣାଳିନୀ ଦେବୀ ମଝିରେ ମଝିରେ ଶ୍ରୀଅରବିନ୍ଦଙ୍କ ନିକଟରେ ସରୋଜିନୀଙ୍କ ବ୍ୟବହାର କଥା ନେଇ ଅଭିଯୋଗ କରୁଥିଲେ । କିନ୍ତୁ ଯେତେଥର ସେ ଏଇ କଥା ଶ୍ରୀଅରବିନ୍ଦଙ୍କୁ ଜଣାଉଥିଲେ, ଶ୍ରୀଅରବିନ୍ଦ ପ୍ରତ୍ୟେକ ଥର ତାଙ୍କୁ ସେଇ ଗୋଟିଏ କଥାହିଁ କହୁଥିଲେ, 'ସହ୍ୟ କର, ସହ୍ୟ କର' । ଶ୍ରୀଅରବିନ୍ଦଙ୍କର ଏହି ଉପଦେଶ ମୃଣାଳିନୀ ଦେବୀଙ୍କର ମନଃପୂତ ହେଉ ନଥିଲା, ତାଙ୍କର କେବଳ ଅଭିମାନହିଁ ହେଉଥିଲା । ସେ ଚାହୁଁଥିଲେ, ଅନ୍ତତଃ ପକ୍ଷେ ଥରଟିଏ ଯେମିତି ଶ୍ରୀଅରବିନ୍ଦ ସରୋଜିନୀଙ୍କୁ ଟିକିଏ ଧମକାଇ ଦିଅନ୍ତେ । କିନ୍ତୁ କୌଣସି ଅନୁଯୋଗ, ଅଭିଯୋଗ ଶ୍ରୀଅରବିନ୍ଦଙ୍କର ନିର୍ବିକାରତ୍ୱରେ ବ୍ୟତିକ୍ରମ ଆଣୁ ନଥିଲା । ଅବଶେଷରେ ଦିନେ ମୃଣାଳିନୀ ଦେବୀ ଯେମିତି ସ୍ଥିରପ୍ରତିଜ୍ଞ ହୋଇ ଶ୍ରୀଅରବିନ୍ଦଙ୍କୁ ଜଣାଇଲେ ଯେ ସରୋଜିନୀଙ୍କୁ ଶାସନ ନ କଲେ ସେ ଆଉ ଘର ସଂସାର କରିପାରିବେ ନାହିଁ । ଏଇଥର ଶ୍ରୀଅରବିନ୍ଦଙ୍କର ଯେମିତି ଚୈତନ୍ୟ ଉଦୟ ହେଲା । ସେଇଠୁ ସେ ମୃଣାଳିନୀ ଦେବୀଙ୍କ ଉପରେ ସ୍ଥିରଦୃଷ୍ଟି ନିବଦ୍ଧ ରଖି ଉତ୍ତର ଦେଲେ, 'ଦେଖ, ତୁମେ ଯେମିତି ଚାହଁ, ସେମିତି କଲେ କ'ଣ କାହାରି ଆଚରଣର ପରିବର୍ତ୍ତନ ହୋଇପାରେ ? ମୁଁ ତୁମକୁ ବା ସରୋଜିନୀକୁ ଯଦି ତିରସ୍କାର କରି କିଛି କହିବି, ତେବେ କ'ଣ ତତ୍‌କ୍ଷଣାତ୍ ତୁମେ ଦୁହେଁ ଖାଣ୍ଟି ମଣିଷ ହୋଇଯିବ ? ବରଂ ଯେଉଁ ଶାନ୍ତି ତୁମେ ଚାହିଁଛ, ତା' ନ ଘଟି ବିପରୀତଟାହିଁ ଘଟିବାକୁ ଆରମ୍ଭ କରିବ । ତୁମକୁ ସହ୍ୟ କରିବାକୁ କହିଛି, ତୁମେ ଏହି ପଥଟିକୁ ଠିକ୍ ଠିକ୍ ଅନୁସରଣ କରି ଚାଲିଲେ କିଛି ଦିନ ପରେ ଦେଖିବାକୁ ପାଇବ ମ୍ୟାଜିକ୍ ପରି ସବୁକିଛି ଭଲ ଭାବରେ ଶାନ୍ତିରେ ଚାଲିଛି ।'

''ମୃଣାଳିନୀ ଦେବୀ କଥାଛଳରେ ମୋତେ କହିଥିଲେ, 'ଏହାପରଠାରୁ ସଂସାରରେ ଆଉ କୌଣସି ଦିନ ବାଗ୍‌ବିତଣ୍ଡା, ମନୋମାଳିନ୍ୟ ଘଟି ନାହିଁ । କେମିତି କ'ଣ ହେଲା ଜାଣେନି, ତା'ପରଠୁ ସାଂସାରିକ ଜୀବନରେ ହଠାତ୍ ଏକ ପରିବର୍ତ୍ତନ ଆସିଗଲା । ଅବଶ୍ୟ ସେଇଦିନଠୁଁ ଦୃଢ଼ସଂକଳ୍ପ ନେଇ ମୁଁ ତାଙ୍କରି ଉପଦେଶ, ଅର୍ଥାତ୍ ସହ୍ୟ କରିବାର ସାଧନା କରି ଚାଲିଥିଲି ।' ''

ଶ୍ରୀଅରବିନ୍ଦ ପଣ୍ଡିଚେରୀକୁ ଆସିବାର ପ୍ରଥମ ପର୍ଯ୍ୟାୟର ବିବରଣୀସବୁ ଆମେ ଅମୃତଙ୍କ ଲେଖାରୁ, ନଳିନୀକାନ୍ତଙ୍କ ଲେଖାରୁ, ସୁରେଶ ଚକ୍ରବର୍ତ୍ତୀଙ୍କ ଲେଖାରୁ ଏବଂ ଅନ୍ୟ କେତେକଙ୍କ ଲେଖାରୁ ବେଶ୍ ଜାଣିଛୁ । ସେସବୁ ପ୍ରକାଶିତ ଓ ବହୁଚର୍ଚ୍ଚିତ ।

କିନ୍ତୁ ୧୯୨୩ର ପ୍ରାରମ୍ଭରେ ପୁରାଣୀ ଆଶ୍ରମରେ ରହିବାକୁ ଆସିବା ପରେ ସେ ପ୍ରାୟ ପ୍ରତିଦିନର 'ସାନ୍ଧ୍ୟ-ବୈଠକ'ରେ ଶ୍ରୀଅରବିନ୍ଦଙ୍କ ସହିତ ଆଳାପ-ଆଲୋଚନା, ବିଶେଷ କରି ଶ୍ରୀଅରବିନ୍ଦଙ୍କର କଥା ଲିପିବଦ୍ଧ କରିବାକୁ ଲାଗିଲେ । ଏଇଠୁ 'ଦିନପଞ୍ଜୀ'ର ସୃଷ୍ଟି । ଯାହାକି ପରବର୍ତ୍ତୀ କାଳରେ 'Evening Talks' ପୁସ୍ତକରେ ପ୍ରକାଶ ପାଇଛି ।

ଏହାର ରହିଛି ଦୁଇଟି ପର୍ଯ୍ୟାୟ – ପ୍ରଥମଟି ୧୯୨୩ରୁ ୧୯୨୬ ଏବଂ ଦ୍ୱିତୀୟଟି ୧୯୩୮ରୁ ୧୯୪୩ । ପ୍ରଥମଟିରେ ନିୟମିତ ଭାବରେ 'ସାନ୍ଧ୍ୟ ବୈଠକ'ରେ ଅଂଶଗ୍ରହଣ କରୁଥିଲେ ୧୪ ଜଣ; ଏମାନଙ୍କ ମଧ୍ୟରୁ ପୁରାଣୀ, ବାରୀନ୍, ନଳିନୀ, ସୁରେଶ, ବିଜୟ, ଅମୃତ, ପବିତ୍ର, ଚମ୍ପକଲାଲ, ପୁନମ୍‌ଚନ୍ଦ ଏବଂ କାନାଇଁ ଅନ୍ୟତମ । ପୁନଶ୍ଚ ଅନିୟମିତ ଭାବରେ ୭ଜଣ ଉପସ୍ଥିତ ରହୁଥିଲେ; ଏମାନଙ୍କ ମଧ୍ୟରୁ ଦୁରାଇସ୍ୱାମୀ, ରଜନୀ ପାଲିତ୍, ଅନିଲବରଣ ଏବଂ କୋଦଣ୍ଡରାମ ଅନ୍ୟତମ ।

ଦ୍ୱିତୀୟ ପର୍ଯ୍ୟାୟରେ, ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ଗୋଡ଼ର ଦୁର୍ଘଟଣା ପରେ ନିୟମିତ ଭାବରେ 'ସାନ୍ଧ୍ୟ ବୈଠକ'ରେ ଅଂଶଗ୍ରହଣ କରୁଥିଲେ ଛ'ଜଣ : ନୀରଦବରଣ, ଚମ୍ପକଲାଲ, ସତ୍ୟେନ୍ଦ୍ର, ମୂଳଶଙ୍କର, ପୁରାଣୀ ଓ ବେଚାର୍‌ଲାଲ ଏବଂ

ଅନିୟମିତ ଭାବରେ ଅଂଶ ଗ୍ରହଣ କରୁଥିଲେ ଡଃ. ମଣିଲାଲ ପାରେଖ, ଡଃ. ଶ୍ରୀନିବାସ ରାଓ ଏବଂ ଡଃ. ସାଭୋର ।

ପୁନଶ୍ଚ ନୀରଦବରଣ ମଧ୍ୟ ୧୦ ଡିସେମ୍ବର ୧୯୩୮ରୁ ୧୯୪୧ ପର୍ଯ୍ୟନ୍ତ 'ସାନ୍ଧ୍ୟ ବୈଠକ'ର ପ୍ରାୟ ପ୍ରତିଦିନର ଆଳାପ-ଆଲୋଚନା ଲିପିବଦ୍ଧ କରିଛନ୍ତି ତାଙ୍କର 'ଦିନପଞ୍ଜି'ରେ, ଯାହାକି 'Talks with Sri Aurobindo' ପୁସ୍ତକରେ ପରେ ପ୍ରକାଶ ପାଇଛି ।

ପୁରାଣୀ ତାଙ୍କର ଉପରୋକ୍ତ ପୁସ୍ତକ ଏବଂ 'Conversations with Sri Aurobindo' ପୁସ୍ତକ ସମ୍ବନ୍ଧେ ଏହି ମର୍ମରେ ଉଲ୍ଲେଖ କରିଛନ୍ତି : ''... ଯେହେତୁ ଶ୍ରୀଅରବିନ୍ଦ ଏହିସବୁ ଲିପିବଦ୍ଧ ବୃତ୍ତାନ୍ତକୁ ପଢ଼ିବାକୁ ସୁଯୋଗ ପାଇପାରି ନଥିଲେ, ତେଣୁ କଥୋପକଥନରେ ବର୍ଣ୍ଣିତ ତାଙ୍କର ଉକ୍ତିସବୁ ସମ୍ବନ୍ଧେ ସେ ପୂର୍ଣ୍ଣମାତ୍ରାରେ ଦାୟୀ ନୁହନ୍ତି । ମୁଁ ଏତିକି କହିପାରେ ଯେ ମୁଁ ବିଶ୍ୱସ୍ତ ଭାବରେ ମୋର ସାଧ୍ୟମତେ ବିନମ୍ରତାର ସହିତ ସେସବୁକୁ ଲିପିବଦ୍ଧ କରିଛି ମାତ୍ର । କିନ୍ତୁ ତା' ବୋଲି ମୁଁ ମୋର ବ୍ୟକ୍ତିଗତ ଦାୟିତ୍ୱବୋଧରୁ କେବେହେଲେ ବିଚ୍ୟୁତ ହୋଇ ନାହିଁ ।''

ନୀରଦବରଣ ମଧ୍ୟ ପ୍ରାୟ ସମାନ ଭାବରେ ତାଙ୍କ ପୁସ୍ତକରେ ଏହି ମର୍ମରେ ଏକ ସଂକ୍ଷିପ୍ତ ବିବରଣୀ ଦେଇଛନ୍ତି : ''ଯେହେତୁ ଏଥିରେ ଲିପିବଦ୍ଧ ବିବରଣୀସବୁକୁ ଶ୍ରୀଅରବିନ୍ଦ ସ୍ୱୟଂ ପଢ଼ି ନାହାନ୍ତି, ତେଣୁ ଏଥିରେ ଶ୍ରୀଅରବିନ୍ଦଙ୍କର ବର୍ଣ୍ଣିତ ଉକ୍ତିସବୁ ସମ୍ପୂର୍ଣ୍ଣରୂପେ ମୋରି ଉପରେ ନିର୍ଭର କରୁଛି । ମୁଁ କେବେହେଲେ ସେସବୁକୁ ସମ୍ପୂର୍ଣ୍ଣରୂପେ ଅବିକଳ ତାଙ୍କର ଉକ୍ତି ବୋଲି ଜୋର୍ ଦେଇ କହିପାରିବି ନାହିଁ – କିନ୍ତୁ ସେସବୁକୁ ମୁଁ ମୋର ପାରୁପର୍ଯ୍ୟନ୍ତ ବିଶ୍ୱସ୍ତ ଭାବରେ ପୁନରୁଦ୍ଧାର କରିବାକୁ ଆପ୍ରାଣ ଚେଷ୍ଟା କରିଛି ମାତ୍ର । ଅନ୍ୟମାନଙ୍କର ବିବୃତି ସମ୍ବନ୍ଧେ ମଧ୍ୟ ମୁଁ ସମାନ ଧରଣର ମନ୍ତବ୍ୟ ଦେଉଛି ।''

ପୁନଶ୍ଚ ଚମ୍ପକଲାଲଙ୍କର 'Champaklal Speaks' (ଚମ୍ପକଲାଲ କହନ୍ତି) ଏବଂ 'Champaklal Treasures'ରେ ସଂଗୃହୀତ 'ଦିନପଞ୍ଜି'ରୁ ଆମେ ପ୍ରଭୂତ ଭାବରେ ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଅବସ୍ଥାନ କାଳର ତଥ୍ୟସବୁ ଅବଗତ ହୋଇପାରିବୁ ।

ପ୍ରକାଶ ଥାଉ କି ଏହି ତିନୋଟି 'ଦିନପଞ୍ଜି'ରୁ ଆମେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ ଅନେକ ଅପ୍ରକାଶିତ କଥା ଓ ଘଟଣାସବୁର ଯଥାର୍ଥ ବର୍ଣ୍ଣନା ପାଇପାରୁ ଏବଂ ଶ୍ରୀମାଙ୍କ ଉକ୍ତିରେ, 'ଏହା ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ବାସ୍ତବିକ ଶିକ୍ଷାପ୍ରଦ ଅଟେ ।'

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ଆମର ପରିପୂର୍ଣ୍ଣ ଅନୁଭୂତି ରହିଥିବାରୁ ଆମେ ଅନ୍ୟମାନଙ୍କୁ ଏକ ଅପେକ୍ଷାକୃତ ଅଧିକ ସିଧାସଳଖ ଓ ସହଜ ମାର୍ଗ ଦେଖାଇ ପାରିବୁ – ଯଦି ସେମାନେ ଖାଲି ଏହାକୁ ଗ୍ରହଣ କରିବାକୁ ରାଜି ହୁଅନ୍ତି । ଯେହେତୁ ଆମର ଅନୁଭୂତି ଲାଗି ଆମକୁ ପ୍ରଚଣ୍ଡ ମୂଲ୍ୟ ଦେବାକୁ ପଡ଼ିଛି ସେଥିଯୋଗୁଁ ତୁମକୁ ଓ ଅନ୍ୟମାନଙ୍କୁ ଆମେ ଜୋର ଦେଇ କହିପାରୁଛୁ, ''ଚୈତ୍ୟ ମନୋଭାବ ଗ୍ରହଣ କର; ପ୍ରଚ୍ଛନ୍ନ କିଂବା ପ୍ରକାଶ୍ୟଭାବେ ହେଉ, ଭଗବାନଙ୍କ ଆଶ୍ରୟ ମଧ୍ୟରେ ସିଧା ସୌରଦୀପ୍ତ ପଥଟିକୁ ଅନୁସରଣ କର । ଯଦି ସେ ପ୍ରଚ୍ଛନ୍ନ ଭାବେ ଧାରଣ କରିଥା'ନ୍ତି ତଥାପି ସେ ନିଜକୁ ଉପଯୁକ୍ତ ସମୟରେ ପ୍ରକାଶ କରିବେ,– ଯେଉଁ ଯାତ୍ରା କଠିନ, ବାଧାଯୁକ୍ତ, ବୁଲାଣି ଏବଂ କଷ୍ଟକର ତାହା ଉପରେ ଜୋର୍ ଦେଇ ଚେଷ୍ଟା କରନା ।''

– ଶ୍ରୀଅରବିନ୍ଦ

**ଆରବ୍ୟ ରଜନୀର ଅଜଣା କାହାଣୀ :**

# ଶକ୍ତିଶାଳୀ ମିତ୍ର

## ମନୋଜ ଦାସ

ସୁଲତାନଙ୍କ ରାଜ୍ୟରେ ତାଙ୍କର ଜଣେ ମାତ୍ର ଶତ୍ରୁ ଥିଲେ । ସେ ଜଣେ ଜମିଦାର । ପିଲାବେଳେ ଦୁହେଁ ଏକହିଁ ବିଦ୍ୟାଳୟରେ ପାଠ ପଢୁଥିଲେ । ସେବେଠୁଁ ଦୁହିଙ୍କ ଭିତରେ ଝଗଡ଼ା ଲାଗି ରହିଥାଏ ।

ସୁଲତାନ କିନ୍ତୁ ରାଜ୍ୟରେ ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି । ତାଙ୍କ ସହ ଶତ୍ରୁତା କରି ତିଷ୍ଠିବ କିଏ ? ସେ ବିଭିନ୍ନ ଅଭିଯୋଗରେ ଜମିଦାରଙ୍କୁ ତିନି ତିନି ଥର ଗିରଫ କଲେ । କିନ୍ତୁ ବୁଦ୍ଧିମାନ୍ ଜମିଦାର ରକ୍ଷୀମାନଙ୍କ ଆଖିରେ ଧୂଳି ଦେଇ ତିନି ଥର ଯାକ ଖସି ପଳାଇଲେ । ପଳାଇଯାଇ ସେ ପ୍ରଜାମାନଙ୍କୁ ସୁଲତାନଙ୍କ ବିରୋଧରେ ମତାଉଥା'ନ୍ତି ।

ସୁଲତାନଙ୍କୁ ରାତିରେ ନିଦ ହେଉ ନଥାଏ । ଯେକୌଣସିମତେ ଜମିଦାରଙ୍କୁ ଧରିବାକୁ ହେବ । ଏଥର ଧରା ହେଲେ ଯଥାଶୀଘ୍ର ତାଙ୍କ ମୁଣ୍ଡ କାଟ କରିବାକୁ ହେବ । ତେଣିକି ଆଉ ଚିନ୍ତା ରହିବ ନାହିଁ । ନହେଲେ ଜମିଦାରଙ୍କ ଚେଷ୍ଟାରେ ରାଜ୍ୟରେ ଦିନେ ବିଦ୍ରୋହ ହୋଇପାରେ ।

ସୁଲତାନ ତାଙ୍କର ସମଗ୍ର ରକ୍ଷୀଦଳକୁ ଚେତାଇ ଦେଲେ, ମାସକ ଭିତରେ ଜମିଦାର ଧରା ହେବା ଚାହି । ନହେଲେ ରକ୍ଷୀଦଳର ସାନ, ବଡ଼ ସବୁ କର୍ମଚାରୀ କାରାଦଣ୍ଡ ପାଇବେ !

ପ୍ରାଣ ବିକଳରେ ରକ୍ଷୀମାନେ ଯଥାସାଧ୍ୟ ଚେଷ୍ଟା କରି ଜମିଦାରଙ୍କୁ ଧରିଲେ । ସୁଲତାନଙ୍କ ଆଗରେ ତାଙ୍କୁ ଆଣି ହାଜର କରାଗଲା ।

ସୁଲତାନ କହିଲେ – ''ଏଥର ତୁମକୁ କିଏ ରକ୍ଷା କରିପାରିବ ? ତିନି ତିନି ଥର ଯେ ପଳାଇ ଯାଇଥିଲ, ତାହା ବୃଥା ବୋଲି ବର୍ତ୍ତମାନ ବୁଝୁଛଟି ?''

''ବୃଥା ନୁହେଁ, ସୁଲତାନ ! ମୁଁ ସ୍ୱାଭାବିକ କାମହିଁ କରିଛି । ନିଜକୁ ବଞ୍ଚାଇବା ଦିଗରେ ଚେଷ୍ଟାହିଁ ସେ ସ୍ୱାଭାବିକ କାମ ।'' ଉତ୍ତର ଦେଲେ ଜମିଦାର ।

ସୁଲତାନ ଅଟ୍ଟହାସ୍ୟ କଲେ ଏବଂ କହିଲେ – ''ଆଉ କିନ୍ତୁ ସେ ସ୍ୱାଭାବିକ କାମ କରିବାର ସୁଯୋଗ ପାଇବ ନାହିଁ । ବିଧି ଅନୁସାରେ ଆଗାମୀ କାଲି ତୁମ ମୁଣ୍ଡ କାଟ ହେବ । ସବୁଠାରୁ କଡ଼ା ପ୍ରହରା ଭିତରେ ତୁମକୁ ଆଜି ରାତିକ ରଖା ହେବ । ମୁଁ ଜାଣେ, ପୂର୍ବରୁ ତୁମେ ତୁମର କେତେଜଣ ମିତ୍ରଙ୍କ ସହାୟତାରେ ପଳାୟନ କରୁଥିଲ । ଏଥର ତାହା ସମ୍ଭବ ହେବ ନାହିଁ । କୌଣସି ମିତ୍ର ତୁମ ପାଖ ପଶି ପାରିବେ ନାହିଁ । ବୁଝିଲ ?''

''ବୁଝିଲି । କିନ୍ତୁ ସୁଲତାନ ! ତୁମେ ବୁଝି ନାହଁ ଯେ ମୋର ମିତ୍ରମାନଙ୍କ ଭିତରେ ଏଭଳି ଶକ୍ତିଶାଳୀ ମିତ୍ର ଅଛନ୍ତି ଯିଏ ମୋତେ ସାହାଯ୍ୟ କରିବାକୁ ଚାହିଁଲେ କେହି ତାଙ୍କୁ ଅଟକାଇ ପାରିବେ ନାହିଁ ।'' ଉତ୍ତର ଦେଲେ ଜମିଦାର ।

ସୁଲତାନ ଯେତିକି ଆଶ୍ଚର୍ଯ୍ୟ ହେଲେ, ସେତିକି କ୍ରୁଦ୍ଧ ହେଲେ । ସେ ରକ୍ଷୀ-ସର୍ଦ୍ଦାରଙ୍କୁ କହିଲେ, କାରାକକ୍ଷ ଚାରିପଟେ ଯେମିତି ଶହେ ପ୍ରହରୀ ରାତିଯାକ ଜାଗତିଆର ହୋଇ ରହିବେ । କାରା କବାଟରେ ଲାଗିବ ସବୁଠାରୁ ଶକ୍ତ ତାଲା । ଯଦି ବନ୍ଦୀ କୌଣସିମତେ ଖସି ପଳାଇବେ, ତେବେ ସକାଳେ ରକ୍ଷୀ-ସର୍ଦ୍ଦାରଙ୍କ ମୁଣ୍ଡକାଟ ହେବ ।

ରକ୍ଷୀ-ସର୍ଦ୍ଦାର କାରାକକ୍ଷ ଚାରିପଟେ ଅଧିକା ଧାଡ଼ିଏ ଲୁହାରଡ଼ ପୋତିଲେ । ରଡ଼ ସବୁ ଦିହରେ ମୋଟା ଜଞ୍ଜିର ଗୁଡ଼ାଇ ଦିଆଗଲା । କୌଣସି ଲୋକ ତାହା ଭିତର ଦେଇ କାରାକକ୍ଷ ପାଖକୁ ଆସିବାର ସୁଯୋଗ ପାଇବ ନାହିଁ ।

ସେଦିନ ସନ୍ଧ୍ୟାବେଳଠୁଁ ଭୀଷଣ ଝଡ଼ ବର୍ଷା ଆରମ୍ଭ ହେଲା । ରାତିତମାମ୍ ପ୍ରଚଣ୍ଡ ପବନ ଏବଂ ବହଳ ବର୍ଷା ସାଙ୍ଗକୁ ବାରଂବାର ବଜ୍ରପାତ ଯୋଗୁଁ ସେ ମୁଲକ କମ୍ପି ଉଠୁଥାଏ ।

ସକାଳ ହେଲା । ରକ୍ଷୀ-ସର୍ଦ୍ଦାର ଆସି ଦେଖିଲେ, କାରାକକ୍ଷର ତାଲା ଭଙ୍ଗା ହୋଇଛି । ବନ୍ଦୀ ପଳାୟନ କରିଛନ୍ତି ।

ସେ ବୁଝିଲେ, ଏଥର ତାଙ୍କୁହିଁ ମରିବାକୁ ପଡ଼ିବ । ସେ ଘରକୁ ଯାଇ, ସ୍ନାନ କରି, ଭଗବାନଙ୍କୁ ପ୍ରାର୍ଥନା କରି ସୁଲତାନଙ୍କୁ ସାକ୍ଷାତ୍ କଲେ ଏବଂ ବନ୍ଦୀ ପଳାୟନ କରିଥିବା କଥା ଜଣାଇଲେ ।

ଚିତ୍କାର କଲେ ସୁଲତାନ; ''ତୁମେ ତେବେ ମରିବାକୁ ପ୍ରସ୍ତୁତ ହୁଅ ।''

''ମରିବାକୁ ପ୍ରସ୍ତୁତ ହୋଇ ଆସିଛି, ପ୍ରଭୁ !'' କହିଲେ ରକ୍ଷୀ-ସର୍ଦ୍ଦାର ।

ତେବେ ସୁଲତାନଙ୍କର କୌତୂହଳ ହେଲା । ସେ ତାଲା ଭଙ୍ଗା ହୋଇଥିବା କଥା ଶୁଣି ପଚାରିଲେ, ''କିଏ ସେ ଶକ୍ତିଶାଳୀ ମିତ୍ର, ଯିଏ ଏ କାମ କରିଥାଇପାରେ ? ଆଚ୍ଛା, ସେ ବନ୍ଦୀ କାହାକୁ କିଛି ସନ୍ଦେଶ ପଠାଇବାର ଜାଣିଛ ?''

''ନା, ହଜୁର ! ଆମ ଲୋକେ ଲୁହାଛଡ଼ ସବୁ ପୋତିବା ବେଳେ ତହିଁ ଉପରେ ଯେତେ ଥର ହାତୁଡ଼ି ପିଟନ୍ତି, ସେତେଥର ବନ୍ଦୀ ଖାଲି କହୁଥା'ନ୍ତି, ହେ ଈଶ୍ୱର ! ଏଥର ତୁମେହିଁ ମୋତେ ରକ୍ଷା କଲେ କରିପାରିବ !'' ଜଣାଇଲେ ରକ୍ଷୀ-ସର୍ଦ୍ଦାର ।

ସୁଲତାନ ନିରବରେ ଚିନ୍ତା କଲେ ଓ ଧୀରେ ଧୀରେ ରକ୍ଷୀ-ସର୍ଦ୍ଦାରଙ୍କୁ କହିଲେ, ''ତୁମେ କ'ଣ ଈଶ୍ୱରଙ୍କଠାରୁ ଅଧିକ ଶକ୍ତିଶାଳୀ ଯେ ତୁମେ ତାକୁ ଆଟକରେ ରଖି ପାରିଥା'ନ୍ତ ? ଦେଖୁଛି, ତୁମ ପ୍ରତିଦ୍ୱନ୍ଦ୍ୱୀ ଥିଲେ ସ୍ୱୟଂ ଈଶ୍ୱର । ତୁମର ଦୋଷ ନାହିଁ । ତୁମକୁ ପ୍ରାଣଦଣ୍ଡ ଭୋଗିବାକୁ ପଡ଼ିବ ନାହିଁ ।''

ଜଣାପଡ଼ିଲା, ବଜ୍ରପାତ ଯୋଗୁଁ କାରାକକ୍ଷର ତାଲା ଭାଙ୍ଗି ଯାଇଥିଲା ।

ସୁଲତାନ ଓ ଜମିଦାରଙ୍କ ଭିତରେ ଏହା ପରେ ଆଉ କିଛି ବିବାଦ ଘଟି ନାହିଁ । ସୁଲତାନ ବୁଝିଥିଲେ, ଜମିଦାରଙ୍କ ଶକ୍ତିଶାଳୀ ମିତ୍ର କିଏ ! ❑

## ଧନୀ ମହିଳା

ଜଣେ ଧନୀ ମହିଳା ଆମେରିକାରୁ ଆସିଥା'ନ୍ତି ଆଶ୍ରମ ପରିଦର୍ଶନରେ । ପ୍ରଥମେ ସେ ଯେତେବେଳେ କଲିକତାରେ ପହଞ୍ଚିଲେ, ଭିକାରିମାନଙ୍କୁ ଦେଖି ରାଗିଗଲେ ଓ ତାଙ୍କର ପ୍ରତିକ୍ରିୟା ଥିଲା ଅଜବ ପ୍ରକାରର । ସେ ଭାବିଲେ ଯେଉଁ ଦେଶରେ ଏତେ ଦାରିଦ୍ର୍ୟକୁ ପ୍ରଶ୍ରୟ ଦିଆଯାଉଛି ସେଠାରେ କିପରି କୌଣସି ଆଧ୍ୟାତ୍ମିକତା ସମ୍ଭବ ହୋଇପାରିବ ? ଯାହାହେଉ ରାଗିମାଗି ତାଙ୍କ ଖବର ବୁଝିବା ଲାଗି ତାଙ୍କ ସହ ଯେଉଁ ଲୋକଟି ଥିଲା ତା'ସହ ଆସି ପଣ୍ଡିଚେରୀରେ ପହଞ୍ଚିଲେ । ଏତେ କ୍ରୋଧାନ୍ୱିତ ଓ ବିରକ୍ତ ହୋଇଯାଇ ଥିଲେ ଯେ ସେ ସ୍ଥିର କଲେ, ଆଶ୍ରମକୁ ନ ଯାଇ ବରଂ ପରଦିନ ନିଜ ଦେଶକୁ ଫେରିଯିବେ ।

ସେ ଆଶ୍ରମର ଫାଟକ ନିକଟରେ ଗୋଟିଏ କାର୍‌ରେ ବସିଥା'ନ୍ତି । ତାଙ୍କ ସହ ଆସିଥିବା ବ୍ୟକ୍ତିଟି ଶ୍ରୀଅରବିନ୍ଦଙ୍କ ରୁମ୍‌କୁ ଯିବା ପାଇଁ ଆଶ୍ରମ ଭିତରକୁ ଯାଇଥା'ନ୍ତି । ଠିକ୍ ସେତିକିବେଳେ ଆଶ୍ରମର ଜଣେ ସାଧକ, ଯିଏ କି ତାଙ୍କର ଆସିବା ଓ ହଠାତ୍ ଯିବାକୁ ମନସ୍ଥ କରିବା ଇତ୍ୟାଦି ବିଷୟରେ ଅବଗତ ଥିଲେ, ସିଏ ସେଇ ପାଖ ଦେଇ ଯାଉଥିଲେ । ସେ ନିଜକୁ ନିଜେ କହିଲେ, ''ଗୋଟିଏ ଛୁଞ୍ଚିର ରନ୍ଧ୍ର ଭିତରେ ଓଟଟିଏ ହୁଏତ ସହଜରେ ଯାଇପାରିବ, କିନ୍ତୁ ଜଣେ ଧନୀ ପକ୍ଷେ ଭଗବାନଙ୍କ ରାଜ୍ୟରେ ପ୍ରବେଶ କରିବା ତା'ଠାରୁ ମଧ୍ୟ କଷ୍ଟସାଧ୍ୟ ।'' ଏ କଥା ତାଙ୍କର ମନେ ପଡ଼ିବା ମାତ୍ରେ ସେହି ଭଦ୍ରମହିଳାଙ୍କୁ ଯାଇ ଏହା କହିବା ଲାଗି ସେ ଦୋ ଦୋ ପାଞ୍ଚ ହେଲେ । କିନ୍ତୁ ପୁଣି ଭାବିଲେ ଯେ ଏସବୁ ତାଙ୍କୁ କହିବା କ'ଣ ଦରକାର ? ଏହା ଭାବି ସେ ସେଥିରୁ ନିବୃତ୍ତ ହେଲେ ।

ପରେ ଏକଥା ଯେତେବେଳେ ସାଧକ ଜଣକ ଶ୍ରୀମାଙ୍କୁ କହିଲେ, ଶ୍ରୀମା ସେକଥା ଶୁଣି ଦୁଃଖିତ ହୋଇଥିଲେ କାରଣ ସାଧକ ସେ କଥା ଯାଇ କାହିଁକି ଭଦ୍ରମହିଳାଙ୍କୁ କହିଲେ ନାହିଁ । ଶ୍ରୀମା କହିଲେ, ''ମୁଁ ହିଁ ସେହି ଶବ୍ଦଗୁଡ଼ିକ ତୁମ ମନ ମଧ୍ୟରେ ପ୍ରବେଶ କରାଇଥିଲି । ତୁମେ ଭୁଲ୍ ଭାବରେ ଭଦ୍ରାମି ଦେଖାଇ ରହିଗଲ । ତୁମର ସେକଥା ତାଙ୍କୁ କହିବା ଉଚିତ ଥିଲା । ତୁମେ ସେକଥା ଯଦି ତାଙ୍କୁ କହିଥାଆନ୍ତ ତାଙ୍କର ସମଗ୍ର ଜୀବନରେ ହୁଏତ ଏକ ବିରାଟ ପରିବର୍ତ୍ତନ ଆସିଥା'ନ୍ତା ।''

(ଶ୍ରୀ ମାଧବ ପଣ୍ଡିତଙ୍କ ଦ୍ୱାରା ରଚିତ Sidelights on the Mother ରୁ ସଂଗୃହୀତ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୮)

## ମହେନ୍ଦ୍ର ନାଥ ସ୍ୱାଇଁ

### ଅଗ୍ନିଶିଖା ଓ ଧୂପଶିଖାର ମହତ୍ତ୍ୱ :

ଅଗ୍ନି ଶିଖା ଓ ଧୂପ ଶିଖାର ଚିତ୍ରକଳ୍ପ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସହ ସର୍ବଦା ସମ୍ପର୍କିତ । କାରଣ ଏହା ନିରବ-ନିଶ୍ଚଳ-ଆରାଧନା ନିମନ୍ତେ ଅପରିହାର୍ଯ୍ୟ ତଥା ପୂର୍ଣ୍ଣଯୋଗରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବାର ପ୍ରତୀୟମାନ ହୋଇଥାଏ । କେବଳ ନିରବତା ଭିତରେ ଏକ ପ୍ରତିଷ୍ଠିତ ପ୍ରଶାନ୍ତି ପ୍ରାପ୍ତ ହୋଇଥାଏ । 'ପ୍ରଶାନ୍ତି' ସ୍ୱୟଂ ପରିପୂର୍ଣ୍ଣ ଓ ପବିତ୍ର । ଶାନ୍ତିର ଅନ୍ୟ ଅର୍ଥ ହେଲା ପବିତ୍ରୀକରଣ । ଅଗ୍ନି ଶିଖା ଓ ଧୂପ ଶିଖାର ଉଦ୍ଦେଶ୍ୟ ହେଲା ଅନ୍ତଃ ପ୍ରଦେଶରେ ପ୍ରଶାନ୍ତିର ପରିବେଶ ସୃଷ୍ଟି କରିବା ଏବଂ ଯେଉଁ ପ୍ରଶାନ୍ତି ଆରାଧନାର ଜୀବନ୍ତ ଅଗ୍ନିଶିଖା, ତାକୁ ଗଢ଼ି ତୋଳିବା ନିମନ୍ତେ ଯେଉଁ ନିରବଚ୍ଛିନ୍ନ ଅଭୀପ୍ସା ଓ ପ୍ରଚେଷ୍ଟା ଆବଶ୍ୟକ ସେ ସବୁକୁ ସ୍ମରଣ କରାଇଦେବା । ଡିସେମ୍ବର ୭, ୧୯୧୨ ପ୍ରାର୍ଥନାଟିରେ ମା' ଲେଖନ୍ତି : –

"LIKE a flame that burns in silence, like a perfume that rises straight upward without wavering, my love goes to Thee; and like the child who does not reason and has no care, I trust myself to Thee that Thy Will may be done, that Thy Light may manifest, Thy Peace radiate, Thy Love cover the world."

''ନିରବତା ମଧ୍ୟରେ ଅଗ୍ନି ଶିଖାଟିଏ ଯେପରି ଊର୍ଦ୍ଧ୍ୱକୁ ଜଳି ଚାଲିଯାଏ, ଧୂପ କାଠିର ସୁଗନ୍ଧ ଯେପରି ହଳଚଲ ନହୋଇ ସ୍ଥିର ଭାବରେ ସିଧାସିଧା ଊର୍ଦ୍ଧ୍ୱଗାମୀ ହୋଇଥାଏ, ସେହିପରି ମୋର ପ୍ରେମ ଆପଣଙ୍କ ଆଡ଼କୁ ଉଠି ଚାଲିଛି; ଏବଂ କୌଣସି କଥାରେ କାରଣ ଖୋଜୁ ନଥିବା ଏବଂ ଜଞ୍ଜାଳ ଜାଣି ନଥିବା ଶିଶୁଟିଏ ପରି ମୁଁ ସ୍ୱୟଂ ଆପଣଙ୍କ ଉପରେ ନିର୍ଭର କରୁଛି, କାରଣ ଆପଣଙ୍କର ସର୍ବୋତ୍ତମ ଇଚ୍ଛାହିଁ ପୂର୍ଣ୍ଣ ହେବ, ଫଳତଃ ଆପଣଙ୍କର ଜ୍ୟୋତିଃ ପ୍ରକାଶିତ ହେବ । ଆପଣଙ୍କ ପ୍ରଶାନ୍ତି ବିକିରିତ ହେଉ ଏବଂ ଆପଣଙ୍କ ପ୍ରେମ ସମଗ୍ର ଜଗତକୁ ଆଚ୍ଛାଦିତ କରୁ ।''

ଅଗ୍ନି ଶିଖା ଓ ଧୂପ ଶିଖା ନିରବରେ ଊର୍ଦ୍ଧ୍ୱକୁ ଉଠୁଥାଏ । ସର୍ବୋତ୍ତମ ଉତ୍ସର୍ଗୀକୃତ ଭାବରେ ଏତେ ଟିକିଏ ହେଲେ ବି କୋଳାହଳ ନଥାଏ । ସେହିପରି ନିଜକୁ ନିରବରେ ଦେଇ ଦେଲେ – ସମର୍ପି ଦେଲେ, ଜଣେ ଆନନ୍ଦ ପ୍ରାପ୍ତ ହୋଇଥାଏ । ଏହାହିଁ ହେଉଛି ପ୍ରକୃତ ପ୍ରେମର ଆନନ୍ଦ । ସେ ଯେଉଁ ରଙ୍ଗ ଧାରଣ କରିଥାଏ – ସେହି ରଙ୍ଗଟି ହେଲା ଶୁଭ୍ର । ମା' ହେଉଛନ୍ତି ସ୍ୱୟଂ ପ୍ରେମର ସେହି ଶୁଭ୍ର ଜ୍ୟୋତିଃ ଶିଖା (Flame of the white Light) । ଏହାହିଁ ଚୈତ୍ୟ ପ୍ରକାଶର ଏକ ଉଦାହରଣ । ମା' କହୁଛନ୍ତି, ''ହେ ପ୍ରଭୁ ! ଆପଣ ଯେତେବେଳେ ଇଚ୍ଛା କରିବେ ତତ୍‌କ୍ଷଣାତ୍ ମୁଁ ଆପଣଙ୍କ ସହିତ ଏକାକାର ହୋଇଯିବି । ମୋର ଓ ଆପଣଙ୍କ ମଧ୍ୟରେ କୌଣସି ତାରତମ୍ୟ ରହିବ ନାହିଁ । ଧୈର୍ଯ୍ୟର ସହିତ ସେହି ଦିବ୍ୟମୁହୂର୍ତ୍ତକୁ ଅପେକ୍ଷା କରିଛି; ଶାନ୍ତ ଝରଣାଟିଏ ଯେପରି ଅନନ୍ତ ସାଗର ଅଭିମୁଖରେ କଳକଳ ନାଦ କରି ବହି ଯାଉଥାଏ, ଠିକ୍ ସେହିପରି ମୁଁ ତରଳି ଯାଉଛି ଏବଂ ସେହି ଦିବ୍ୟମୁହୂର୍ତ୍ତ ଆଡ଼କୁ ନିରବଚ୍ଛିନ୍ନ ଭାବରେ କୌଣସି ବାଧାବିଘ୍ନ ନମାନି ଛନ୍ଦାୟିତ ଗତିରେ ଆଗକୁ ଆଗକୁ ବୋହି ଚାଲିଛି ।

''ଆପଣଙ୍କ ପ୍ରଶାନ୍ତି ମୋ ଭିତରେ ଦୃଢ଼ୀଭୂତ ହୋଇଛି ଏବଂ ସେହି ପ୍ରଶାନ୍ତି ଭିତରେ ମୁଁ ଦେଖୁଛି ଆପଣ ପ୍ରତ୍ୟେକ ରୂପ (Form) ଏବଂ ପ୍ରତ୍ୟେକ ବସ୍ତୁ ଭିତରେ ଅନନ୍ତ ସ୍ଥିରତା ମଧ୍ୟରେ ବିଦ୍ୟମାନ ।''

ପୁନଶ୍ଚ ଫେବ୍ରୁଆରୀ ୮, ୧୯୧୩ର ପ୍ରାର୍ଥନାଟିରେ ମା' ଲେଖନ୍ତି : –

"My whole being prostrates before Thee in a gratitude beyond measure and a ceaseless worship; and that worship goes up from my heart and my mind towards Thee like the pure smoke of incense of the perfumes of India."

''ମୋର ସମଗ୍ର ସତ୍ତା ଆପଣଙ୍କ ପାଦତଳେ ଲୋଟି ପଡୁଛି । ତା'ର ଅଭ୍ୟନ୍ତରରେ ଏତେ କୃତଜ୍ଞତା ଏବଂ ଅଖଣ୍ଡ ଆରାଧନା ଯେ ତାକୁ ମାପିବା ପାଇଁ, କଳନା କରିବା ପାଇଁ କୌଣସି ଏକକ ନାହିଁ । ଏବଂ ସେହି ଆରାଧନା ମୋର ହୃଦୟ ଓ ମନରୁ ଆରମ୍ଭ ହୋଇ ଊର୍ଦ୍ଧ୍ୱକୁ ଉଠି ଚାଲିଛି ଆପଣଙ୍କ ଆଡ଼କୁ, ଠିକ୍ ଯେପରି ଭାରତବର୍ଷରେ ପ୍ରସ୍ତୁତ ସୁଗନ୍ଧଯୁକ୍ତ ଅତରର (purfumes) ମହକ ବହନ କରି ଊର୍ଦ୍ଧ୍ୱକୁ ଉଠି ଯାଉଥିବା ଧୂପ କାଠିର ବିଶୁଦ୍ଧ ଧୂମ ସଦୃଶ ।''

ପୁନଶ୍ଚ ସେହି ଧୂପକାଠିର ବାସନା । ଧୂପର ଊର୍ଦ୍ଧ୍ୱାୟିତ ଗତି ସୂଚିତ କରୁଥାଏ ଏକ ସ୍ଥିର, ନିରବଚ୍ଛିନ୍ନ ଉତ୍ସର୍ଗୀକୃତ ଭାବକୁ । ଯାହା ବଦଳାଇ ଦେଇଥାଏ ପରିସ୍ଥିତି ଏବଂ ପରିବେଶକୁ । ସର୍ବୋତ୍ତମ ପ୍ରେମ ହେଉଛି ସର୍ବୋତ୍ତମ ଅଭୀପ୍ସାର ଏକ ମଜଭୁତ ଦୃଢ଼ ଆଧାର । ସେମାନେ ଆମର ଆତ୍ମୀୟ ସ୍ୱଜନ । ''ନିରବଚ୍ଛିନ୍ନ ଆରାଧନା'' (Ceaseless worship), ଏହି ଖଣ୍ଡ ବାକ୍ୟଟି ଅବିରତ ସ୍ମରଣ ବା ଅଖଣ୍ଡ ସ୍ମରଣର ଆନନ୍ଦକୁ ସୂଚିତ କରୁଅଛି ।

ତତ୍ପରେ ଅଗ୍ନି ଶିଖାର କଥା । ଅଗ୍ନି ଶିଖା ହେଉଛି ଏକ ପାରମ୍ପରିକ ଚିତ୍ରକଳ୍ପ । ଏହି ଚିତ୍ରକଳ୍ପକୁ ଆଧାର କରି ମା' ଓ ଶ୍ରୀଅରବିନ୍ଦ ଚୈତ୍ୟପୁରୁଷଙ୍କ ପ୍ରକୃତିର ସ୍ପଷ୍ଟୀକରଣ ପ୍ରଦାନ କରିଛନ୍ତି । ''ଧୂପ'' ଏବଂ ''ଭାରତବର୍ଷର ସୁଗନ୍ଧିତ ଅତର'' ସହିତ ଅଗ୍ନିଶିଖାର ମିଶ୍ରଣ ବିନୀତ ନିବେଦନର ପବିତ୍ର ଭାବଭଙ୍ଗୀକୁ ସୁସ୍ପଷ୍ଟ ଭାବରେ ପ୍ରକାଶିତ କରିଥାଏ ।

ଏହାହିଁ ଏକ ''ସର୍ବାନ୍ତଃକରଣ ଐକାନ୍ତିକ ଭାବ'' ଅଟେ – ଏହି ଦିବ୍ୟକର୍ମର ଏକମାତ୍ର ନିର୍ଦ୍ଦିଷ୍ଟ ପ୍ରତ୍ୟାଶା ହେଉଛି, ''ଏକତ୍ୱ ଦ୍ୱାରା ପ୍ରାପ୍ତ ଜ୍ଞାନ'' । ବ୍ୟକ୍ତିର ଚୈତ୍ୟ ଉନ୍ମୀଳନ ହେଲେ ଯାଇ ସେ ସେହି ଲକ୍ଷ୍ୟ ଆଡ଼କୁ ପାଦ ବଢ଼ାଇବା ପାଇଁ ସମର୍ଥ ହୋଇଥାଏ । କେଉଁ କେଉଁ ବିଷୟ ପ୍ରତି ସାଧକର ପ୍ରତ୍ୟାଶା ରହିବ ସେଗୁଡ଼ିକ ଶ୍ରୀଅରବିନ୍ଦ 'ମା' ପୁସ୍ତକରେ ଉଲ୍ଲେଖ କରିଛନ୍ତି । କେବଳ ଶାନ୍ତି, ପବିତ୍ରତା ଏବଂ ଆନନ୍ଦ ପାଇଁ ଆଶା କରିବା ଉଚିତ । ଏହି ପ୍ରତ୍ୟାଶାଗୁଡ଼ିକ ଭଗବତ୍ ଗୀତା ବର୍ଣ୍ଣିତ ''ନିଷ୍କାମ କର୍ମ''ର ବିରୁଦ୍ଧାଚରଣ କରନ୍ତି ନାହିଁ । ପ୍ରକୃତ ଉପହାର ହେଉଛି ପ୍ରେମର ଉପହାର (The best gift is a gift of love) ।

ଏହି ''ଅଗ୍ନିଶିଖା'' ସମ୍ପର୍କରେ ଶ୍ରୀଅରବିନ୍ଦ ମହାକାବ୍ୟ ''ସାବିତ୍ରୀ''ରେ ଅନେକ ସ୍ଥଳରେ ସମ୍ୟକ୍ ସୂଚନା ତଥା ଚମତ୍କାର ଚିତ୍ରକଳ୍ପମାନ ଉପସ୍ଥାପନ କରିଛନ୍ତି । ସେଥିମଧ୍ୟରୁ ''ସାବିତ୍ରୀ''ର ସପ୍ତମ ପର୍ବର ପଞ୍ଚମ ଅଧ୍ୟାୟରେ, ''ଆତ୍ମାର ଆବିଷ୍କାର'' ଶୀର୍ଷକ ବିଷୟର ''ଅଗ୍ନି ଶିଖା'' ଏବଂ ''ଆଲୋକ'' ସମ୍ପର୍କରେ ଏକ ବଳିଷ୍ଠ ଚିତ୍ରକଳ୍ପ ପ୍ରଦାନ କରିଛନ୍ତି । ତାହା ହେଲା : –

"A house was there all made of flame and light
And crossing a wall of doorless living fire
There suddenly she met her secret soul."

ସେଠାରେ ଗୃହ ଏକ ସ୍ଥିତ
ଶିଖା ଓ ଆଲୋକେ ନିର୍ମିତ,
ଜୀବନ୍ତ ଅଗ୍ନିରେ ତିଆରି
ସେହି ଗୃହର କାନ୍ଥ ଚାରି
ଦ୍ୱାର ବିହୀନ ସେ ଅଟଇ
ତାହାକୁ ଅତିକ୍ରମି ଯାଇ
ହଠାତ୍ ଭେଟିଲେ ତାହାଙ୍କୁ
ଗୁପତ ଆତ୍ମ-ପୁରୁଷଙ୍କୁ ।

ମା' ଭଗବତୀ ''ସାବିତ୍ରୀ'' ନିଜର ଆତ୍ମାକୁ ଅନ୍ୱେଷଣ କରୁଛନ୍ତି । ଅନେକ ପଥ ଅତିକ୍ରମ କରି ଗଲାପରେ ପହଞ୍ଚିଛନ୍ତି ଏକ ପାହାଡ଼ ନିକଟରେ । ଯାହାକୁ ଶ୍ରୀଅରବିନ୍ଦ ଶେଷ ପାହାଡ଼ (The last rock) ବୋଲି କହିଛନ୍ତି । ସେହି ପାହାଡ଼ ଭିତରେ ଏକ ସୁଡ଼ଙ୍ଗ । ସାବିତ୍ରୀ ଚାଲିଲେ ସୁଡ଼ଙ୍ଗ ଭିତର ଦେଇ । ସୁଡ଼ଙ୍ଗଟି ଶେଷ ହେଲା । ସମ୍ମୁଖରେ ଏକ ବିସ୍ତୀର୍ଣ୍ଣ ପ୍ରାନ୍ତର ଯେଉଁଠାରେ ଏକ ଶାଶ୍ୱତ ସୂର୍ଯ୍ୟ (deathless sun) ତାଙ୍କର ସ୍ୱର୍ଣ୍ଣାଭ କିରଣ ବିଛାଡ଼ି ଦେଉଥିଲେ । ସେ ଦେଖିଲେ ଗୋଟିଏ ଅଦ୍ଭୁତ ଗୃହ । ଗୃହଟିର ପ୍ରତ୍ୟେକ ଅଂଶ ଅଗ୍ନି ଶିଖା (Flame) ଏବଂ ଆଲୋକ (Light)ରେ ନିର୍ମିତ । ସେଥିରେ ଦ୍ୱାର ନାହିଁ କି ଝରକା ନାହିଁ । ହୁତ୍‌ହୁତ୍ ହୋଇ ଜଳୁଥିବା ଏକ ଜୀବନ୍ତ ଅଗ୍ନିର କାନ୍ଥକୁ ମା' ସାବିତ୍ରୀ ଅତିକ୍ରମ କରି ଭିତରକୁ ପ୍ରବେଶ କଲେ । ହଠାତ୍ ରହସ୍ୟାବୃତ ଆତ୍ମାଙ୍କ ସହିତ ତାଙ୍କର ସାକ୍ଷାତ୍ ହେଲା । ଶେଷରେ ମା' ତାଙ୍କର ଆତ୍ମାକୁ ଆବିଷ୍କାର କଲେ । ଏସବୁ ସୂକ୍ଷ୍ମ ଭାବରେ ଏବଂ ସୂକ୍ଷ୍ମ ସ୍ତରରେ ଘଟିଲା । ଅଗ୍ନି ଶିଖା, ଆଲୋକ ଏବଂ ଧୂପ ଶିଖା ଗୋଟିଏ ଗୋଟିଏ ପ୍ରତୀକ ଯେଉଁମାନେ ଆତ୍ମାକୁ ସମ୍ମୁଖକୁ ଆଣିବାରେ ସାହାଯ୍ୟ କରିଥାଆନ୍ତି ।

ସେହିପରି ମା' ଯେତେବେଳେ ନିଜର ସବୁକିଛି ପରମ

ପ୍ରଭୁଙ୍କ ପାଦତଳେ ସମର୍ପି ଦେବାକୁ ସ୍ଥିର କରିଛନ୍ତି ସେତେବେଳେ ସେ ଶ୍ରୀରାଧାଙ୍କ ପବିତ୍ର ଉତ୍ସର୍ଗୀକୃତ ଚେତନା ଦ୍ୱାରା ଆଚ୍ଛାଦିତ ହୋଇ ଯାଇଛନ୍ତି । ନିଜର ସକଳ ଚିନ୍ତା, ଭାବପ୍ରବଣତା, ସମ୍ବେଦନା ତଥା ଅନୁଭବକୁ ଢାଳି ଦେଲା ପରେ, ମା'ଙ୍କ ସମର୍ପଣ ଚରମ ସ୍ଥିତିରେ ଉପନୀତ ହୋଇଛି । ମା' କହୁଛନ୍ତି, ''ମୋର ପ୍ରତି ଜୀବକୋଷ ଓ ପ୍ରତି ରକ୍ତ ବିନ୍ଦୁ (each cell of my body, each drop of my blood) ନିଃଶେଷରେ ଅଜାଡ଼ି ଦେଉଛି, ଆପଣ ଯାହା ଇଚ୍ଛା ତାହା କରିବେ ମୁଁ ତାହାହିଁ ହୋଇ ଉଠିବି ।'' ଏହାହିଁ ହେଉଛି ଶ୍ରୀରାଧାଙ୍କ ହୃଦୟସ୍ଥ ପ୍ରେମାଗ୍ନିର ଶିଖା ଯାହା ପ୍ରତୀକାତ୍ମକ ରୂପରେ ଦୀପଶିଖା ଏବଂ ଧୂପଶିଖାର ରୂପ ଗ୍ରହଣ କରି ସକଳ ଜୀବଙ୍କ ସମକ୍ଷରେ ପ୍ରତିଭାତ ହେଉଅଛି ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା;

(୨) Notes on Prayers and Meditations - Goutam Ghosal

# ଜୟମାଲ୍ୟ

## ଗୋପାଳକୃଷ୍ଣ ପଟ୍ଟନାୟକ

ଏ ଜୀବନ ଥରେ ମାତୃ ଚରଣରେ
ହୋଇ ଗଲେ ସମର୍ପିତ,
ଉଦାସ ହୃଦୟ-କାନନେ ବହଇ
ଚଇତି ମଳୟ ସ୍ରୋତ ।

ପରମେଶ୍ୱରୀଙ୍କ ଆଶିଷ ପରଶେ
ପ୍ରାଣ ହୁଏ ପୁଲକିତ,
ନିମ୍ନ ଚେତନାର ରୂପାନ୍ତର ହୁଏ
ଲାଗି ରେଶମୀ ପଣତ ।

ଦିବ୍ୟକୃପା ହେଲେ ମରୁ ପ୍ରାଣେ
ବହେ ଅମୃତର ପ୍ରସ୍ରବଣ,
ପ୍ରବାହିତ ହୁଏ ଭାଗ୍ୟାକାଶେ ସତ୍ୟ –
ଚେତନାର ସମୀରଣ ।



ଶୁଷ୍କ ତରୁ ଡାଳେ ଜୀବନ ସଞ୍ଚାରେ
ଶ୍ୟାମଳିମା ଖେଳେ ଦୋଳି,
ଶ୍ରାବଣ ପଖଳା ସବୁଜିମା କୋଳେ
ପିକ ଦିଏ ହୁଳହୁଳି ।

ଢାଳଇ ପୀୟୂଷ ନବୀନ-ନୀରଦ
ଜୀବନ ଆକାଶେ ଉଇଁ,
ପରାଣ ଭଅଁର ଉଚ୍ଛ୍ୱସିତ ମନେ
ନାଚେ ମଧୁବଂଶୀ ବାଇ ।

ସୁଶ୍ରୀ ସୁକୁମାରୀ ପଳାଶ ପାଖୁଡ଼ା
ମହକରେ ଯାଏ ଭରି,
କୁଟିଳ ସଂସାରେ ମକରନ୍ଦ ଝରେ
କୃପା କଲେ ଯୋଗେଶ୍ୱରୀ ।। ❑

# ଆଦର୍ଶ ମାତାପିତା

## (୭)

## ଶ୍ରୀମା

**ଆତ୍ମାର ଅବତରଣ :**

ମୁଁ କହିଥିଲି ଯେ ଏଭଳି ଏକ କଳୁଷପୂର୍ଣ୍ଣ ଜନ୍ମଲାଭ ଫଳରେ ଆମେ ଏପରି ଗୁଡ଼ିଏ ବସ୍ତୁ ଆମ ସଙ୍ଗରେ ଧରି ପୃଥିବୀରେ ଆସି ପହଞ୍ଚ୍ ଥାଉ ଯେଉଁଥିରୁ କି ସାଧାରଣତଃ ମୁକ୍ତ ହେବା ଆବଶ୍ୟକ ହୋଇଥାଏ; ଅଗ୍ରଗତି କରିବା ଲାଗି ସେଥିରୁ ମୁକ୍ତ ହେବାକୁ ପଡ଼ିଥାଏ । ଏବଂ ଏ ସଂକ୍ରାନ୍ତରେ କେହି ଜଣେ ମୁଁ କହିଥିବା କଥାକୁ ଉଦ୍ଧାର କରି ଲେଖିଛନ୍ତି । ସେଇଟି ହେଉଛି –

''ତୁମକୁ ବାଧ କରି ଏ ସଂସାରକୁ ଅଣାଯାଇଛି, ତୁମ ଉପରେ ବାଧ କରାଯାଇ ପରିବେଶଟିକୁ ଲଦି ଦିଆଯାଇଛି, ଗୋଷ୍ଠୀଜୀବନର ବଂଶଗତ ନିୟମଗୁଡ଼ିକୁ ଜୋର୍ କରି ଲଦି ଦିଆଯାଇଛି ।...''

କିଏ ଏପରି ଜୋର୍ କରି ଆମ ଉପରେ ଏସବୁ କଥାକୁ ଲଦି ଦିଏ, ଜଣେ ମୋତେ ଲେଖି ସେହିକଥା ପଚାରିଛନ୍ତି ।

ଏକଥା ସତ ଯେ ମୁଁ ଚାହିଁଥିଲେ ଆହୁରି ଅଧିକ ପ୍ରାଞ୍ଜଳ ଭାବରେ କଥାଟିକୁ ବୁଝାଇ କହି ପାରିଥା'ନ୍ତି, ମାତ୍ର ମୋର ମନେହେଲା ଯେ ମୋ କଥାଟିକୁ ସମସ୍ତେ ପରିଷ୍କାର ଭାବେ ବୁଝି ପାରିବେ ।

ମଣିଷର ଶରୀରଟି ଗୋଟିଏ ପୁରୁଷ ଓ ଗୋଟିଏ ନାରୀ ଦ୍ୱାରା ଗଠିତ ହୁଏ, ଯେଉଁମାନେ କି ତା'ର ମାତାପିତା ହୁଅନ୍ତି । ଏବଂ ଯେଉଁ ସତ୍ତାଟିକୁ ସେମାନେ ପୃଥିବୀପୃଷ୍ଠକୁ ଆଣିବାକୁ ଚାହୁଁଛନ୍ତି ସିଏ ପ୍ରକୃତରେ ଆସିବାକୁ ଇଚ୍ଛା କରୁଛି କି ନାହିଁ, ତା'ର ନିୟତି ନିର୍ଦ୍ଦିଷ୍ଟ ଗତିପଥଟି ଅନୁସାରେ ଏପରି ଘଟିବାକୁ ଯାଉଛି କି ନାହିଁ ସେକଥା ତାକୁ ପଚାରିବା ଲାଗି ମଧ୍ୟ ସେମାନଙ୍କ ପାଖରେ ଆବଶ୍ୟକ ଉପାୟ ନଥାଏ । ଏବଂ ସେମାନେ ତିଆରି କରିଥିବା ଏହି ଶରୀରଟି ଉପରେହିଁ ସେମାନଙ୍କ ବଂଶଗତ ସଂସ୍କାରକୁ ନେଇ ଜୋର୍ କରି ଲଦି ଦିଅନ୍ତି । ପ୍ରାୟ ଏକ ଅନିବାର୍ଯ୍ୟ ପ୍ରୟୋଜନର ଜବରଦସ୍ତି ଦ୍ୱାରା ସେମାନେ ତା' ଉପରେ ଏକ ପରିବେଶକୁ ଏବଂ ତା'ପରେ ଏକ ଶିକ୍ଷାକୁ ଲଦି ଦିଅନ୍ତି, ଏବଂ ତାହା ପ୍ରାୟ ସବୁ କ୍ଷେତ୍ରରେ ଶିଶୁର ଭବିଷ୍ୟତ୍ ଅଭିବୃଦ୍ଧିରେ ବାଧା ହୋଇ ଠିଆ ହୁଏ ।

... ଏ କ୍ଷେତ୍ରରେ ଯେଉଁ ଆତ୍ମାଟି ଅବତରଣ କରିଥାଏ, ତାହା ବିକାଶ ପଥ ଦେଇ ଗତି କରୁଥାଉ ବା ପୂର୍ଣ୍ଣ ଭାବରେ ବିକାଶ ଲାଭ କରିଥାଉ, ଏହି ପାଶବିକ ଜନ୍ମର ଘଟଣାଟି ଦ୍ୱାରା ତା' ଉପରେ ଲଦି ଦିଆଯାଇଥିବା ପରିବେଶଟି ବିରୋଧରେ ତାକୁ ସଂଗ୍ରାମ କରିବାକୁ ପଡ଼ିଥାଏ । ଯଥାର୍ଥ ପଥଟିକୁ ଖୋଜି ପାଇବା ଲାଗି ଏବଂ ପୂର୍ଣ୍ଣଭାବରେ ଆତ୍ମସତ୍ତାଟିକୁ ପୁନର୍ବାର ଗଠନ କରିବା ଲାଗି ତାକୁ ସଂଘର୍ଷ କରିବାକୁ ପଡ଼ିଥାଏ ।

(Cent. Vol. 8, P. 200)

**ସୌନ୍ଦର୍ଯ୍ୟ ଲାଗି ଆସ୍ପୃହା :**

ଗୋଟିଏ ଛୋଟ ଶିଶୁ ସୌନ୍ଦର୍ଯ୍ୟ ଲାଗି ଆସ୍ପୃହା କରିବା ଉଚିତ, ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ନୁହେଁ କି ଅନ୍ୟମାନଙ୍କର ପ୍ରଶଂସାର ପାତ୍ର ହେବା ଲାଗି ନୁହେଁ; କେବଳ ଭଲ ପାଇବା ଲାଗିହିଁ ସେ ସୌନ୍ଦର୍ଯ୍ୟକୁ ଭଲ ପାଇବ, କାରଣ ସୌନ୍ଦର୍ଯ୍ୟହିଁ ହେଉଛି ସମଗ୍ର ଭୌତିକ ଜଗତ୍ ଲାଗି ଉପଲବ୍ଧିର ଆଦର୍ଶ । (Cent. Vol. 12, P. 16)

ଜୀବନର ପ୍ରଥମାବସ୍ଥାରେ ଶିଶୁ ଯଦି ଉତ୍ତମ ଅଭ୍ୟାସଗୁଡ଼ିକୁ ଶିକ୍ଷାକରେ, ତେବେ ଏହା ତାକୁ ତା'ର ପରବର୍ତ୍ତୀ ଜୀବନରେ ଅନେକ ବାଧା ଓ ଅସୁବିଧାରୁ ରକ୍ଷା କରିବ; ଏବଂ ଏହାଛଡ଼ା ଶୈଶବ କାଳରେ ପିଲାକୁ ଲାଳନପାଳନ କରିବାର ଦାୟିତ୍ୱ ଯେଉଁମାନଙ୍କ ଉପରେ ଥାଏ ସେମାନଙ୍କର କାମ ମଧ୍ୟ ଭବିଷ୍ୟତକୁ ବହୁତ ସହଜ ହୋଇଯିବ ।

(Ideal Parents, P. 13)

**ଯଦି କାହାକୁ ଅଜ୍ଞ ହୋଇ ରହିବାକୁ ଭଲ ଲାଗୁଛି :**

ପ୍ରକୃତରେ ମୁଁ ତ ଏ ବିଷୟରେ ବାରଂବାର ଆଲୋଚନା କରି ଆସୁଛି । ମୁଁ ଭାବୁଛି ଆଜି ଅଥବା କାଲି ମୁଁ ଏ ବିଷୟରେ

ମଧ କହୁଥିଲି, ସେଥିରେ ମୁଁ ଯୁକ୍ତିକରି କହୁଥିଲି ଯେ ଯଦି କାହାକୁ ଅଜ୍ଞ ହୋଇ ରହିବାକୁ ଭଲ ଲାଗୁଛି ତେବେ ସେ ସେହିପରି ରହିବା ଲାଗି ତା'ର ଅଧିକାର ଅଛି – ଏଠାରେ ଆଧାତ୍ମିକ ଦୃଷ୍ଟିକୋଣରୁ ଅଜ୍ଞାନର କଥା ମୁଁ କହୁ ନାହିଁ; ଆମେ ଯେଉଁ ଚରମ ଅଜ୍ଞାନମୟ ଜଗତ୍ ମଧରେ ବାସ କରୁଛୁ ସେ ବିଷୟରେ ମୁଁ ମୋଟେ କହୁ ନାହିଁ। ଯୁଗ ଯୁଗ ଧରି ରହି ଆସିଥିବା ଶିକ୍ଷାର ଅନୁଚିନ୍ତା ଅନୁସାରେ ଯେଉଁ ଅଜ୍ଞାନତା ରହିଛି ମୁଁ ତାହାରି କଥା କହୁଛି। ତେବେ ମୁଁ କହୁଛି ଯେ ଯଦି ଏପରି ଲୋକ ଥାଆନ୍ତି ଯେଉଁମାନେ କି କିଛି ହେଲେ ଶିଖିବାକୁ ଚାହାନ୍ତି ନାହିଁ କିଂବା କିଛି ହେଲେ ଶିଖିବାକୁ ଭଲ ପାଆନ୍ତି ନାହିଁ, ତାହାହେଲେ ଶିକ୍ଷା ନକରିବା ଲାଗି ସେମାନଙ୍କର ସେ ଅଧିକାର ଅଛି।

କର୍ତ୍ତବ୍ୟ ଦୃଷ୍ଟିରୁ ସେମାନଙ୍କୁ କେବଳ ଆମେ ଗୋଟିଏ କଥା କହିଦେବା ଯେ, 'ବର୍ତ୍ତମାନ ତୁମର ବୟସ ବହୁତ ଅଳ୍ପ ଏବଂ ତୁମ ମସ୍ତିଷ୍କର ଗଠନ ପ୍ରକ୍ରିୟା ଏବେ ଚାଲିଛି। ତୁମେ ଅଧୟନ କରୁଥିବା ପ୍ରତ୍ୟେକ ନୂତନ କଥା ତୁମର ମସ୍ତିଷ୍କ ଭିତରେ ଏକ କ୍ଷୁଦ୍ର ଆଲୋଡ଼ନ ସୃଷ୍ଟି କରୁଛି। ତୁମେ ଯେତିକି ଅଧୟନ କରୁଛ, ତୁମେ ଯେତିକି ଅଧିକ ଚିନ୍ତା କରୁଛ, ଯେତେ ଅଧିକ ପ୍ରତିଫଳନ କରୁଛ ଏବଂ ତୁମର କାର୍ଯ୍ୟ ଯେତେ ବୃଦ୍ଧି ପାଉଛି, ତୁମର କ୍ଷୁଦ୍ର ଆଲୋଡ଼ନର କ୍ଷେତ୍ରରେ ତୁମର ମସ୍ତିଷ୍କ ମଧ ସେତିକି ଅଧିକରୁ ଅଧିକ ଶକ୍ତ ଓ ସମ୍ପୂର୍ଣ୍ଣ ହେବାରେ ଲାଗିଛି। ଏବଂ ଯେହେତୁ ତୁମେ ଅଳ୍ପ ବୟସର ତେଣୁ ବର୍ତ୍ତମାନ ଏହି ପ୍ରକ୍ରିୟାଟି ସର୍ବୋତ୍ତମ ଭାବରେ ସମ୍ଭବ ହୋଇପାରିଛି। ତେଣୁ ମଣିଷ ସମାଜରେ ସର୍ବତ୍ର ଏହି ତରୁଣ ବୟସକୁହିଁ ଶିକ୍ଷାର ସମୟ ବୋଲି ବାଛି ନିଆଯାଇଛି, କାରଣ ଏହି ବୟସରେହିଁ ତାହା ଅନେକ ଗୁଣରେ ଅଧିକ ସହଜ ହୋଇପାରିବ'। ଏବଂ ଏ କଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ଛୋଟପିଲା ନିଜ ସମ୍ବନ୍ଧରେ ଏତେ ଟିକିଏ ସଚେତନ ହୋଇ ନପାରିଥିବା ପର୍ଯ୍ୟନ୍ତ ତାକୁ ନିଶ୍ଚୟ କେତେକ ନିର୍ଦ୍ଦିଷ୍ଟ ନିୟମର ଅଧୀନ କରି ରଖିବାକୁ ହୋଇଥାଏ, କାରଣ ନିଜର ପଥକୁ ନିଜେ ବାଛି ନେବା ଲାଗି ତା'ର ସେତେବେଳେ ଉପଯୁକ୍ତ ସାମର୍ଥ୍ୟ ଆସି ନଥାଏ।

**ବୟସ ନିର୍ଣ୍ଣୟରେ ମଧ ପାର୍ଥକ୍ୟ :**

ଏହି ବୟସ ନିର୍ଣ୍ଣୟରେ ମଧ ପାର୍ଥକ୍ୟ ଦେଖାଯାଏ, ତେବେ ଏହା ଲୋକମାନଙ୍କ ଉପରେ ଏବଂ ବ୍ୟକ୍ତି ବିଶେଷଙ୍କ ଉପରେ ନିର୍ଭର କରେ। ମାତ୍ର ତଥାପି ଏହା ସର୍ବଜନବିଦିତ ଯେ ସାତ ବର୍ଷରୁ ଚଉଦ ବର୍ଷ ପର୍ଯ୍ୟନ୍ତ, ଏହି ସାତ ବର୍ଷ ମଧରେ ପିଲାର ମନରେ ଧୀରେ ଧୀରେ ବିବେକ ବୁଦ୍ଧିର ସମୁଦୟ ଘଟେ। ଯଦି ଉଚିତ ସାହାଯ୍ୟ ମିଳିପାରେ ତେବେ ସାତରୁ ଚଉଦ ବର୍ଷ ମଧରେ ପିଲାକୁ ଏକ ବିଚାର ବୁଦ୍ଧି-ସମ୍ପନ୍ନ ବ୍ୟକ୍ତିରେ ପରିଣତ କରାଯାଇପାରେ।

ସାତ ବର୍ଷ ହେବା ପୂର୍ବରୁ ପିଲାମାନେ ଅଦ୍ଭୁତ ପ୍ରତିଭାଶାଳୀ ହୋଇ ରହିଥା'ନ୍ତି – ଏହି ପ୍ରତିଭା ସର୍ବତ୍ର ସବୁ ବେଳେହିଁ ରହିଥାଏ – ମାତ୍ର ସାଧାରଣତଃ ପିଲା ନିଜ ବିଷୟରେ ସଚେତନ ନଥାଏ ଏବଂ କାହିଁକି ଓ କିପରି କାର୍ଯ୍ୟ କରିବାକୁ ହେବ, ସେ କଥା ସେ ଜାଣିପାରି ନଥାଏ। ସେତିକିବେଳେ ତା'ର ମନୋଯୋଗ ଶକ୍ତିର କର୍ଷଣ କରାଇବାକୁ ହୁଏ, ତାକୁ ଏପରି ଏକ ଭିତ୍ତି ଯୋଗାଇ ଦେବାକୁ ହୁଏ ଯେପରି ସିଏ ଗୋଟାସୁଦ୍ଧା ଗୋଟାଏ ଛୋଟ ପଶୁଭଳି ହେବାକୁ କୌଣସି ପ୍ରଶ୍ରୟ ନପାଇବ। ମାତ୍ର ସେ ଯେପରି ଏକ ମୌଳିକ ବୁଦ୍ଧିଗତ ଉନ୍ନତି ସାଧନ ଦ୍ୱାରା ସମଗ୍ର ମନୁଷ୍ୟ ଜାତି ସହ ମଣିଷ ଭଳି ମଣିଷଟିଏ ହୋଇ ରହି ପାରିବ। ତା'ପରେ ତା'ପରର ସାତବର୍ଷ ମଧରେ ତା' ନିଜ ପଥକୁ ନିଜେ ବାଛିନେବା ଲାଗି ଆବଶ୍ୟକ ବିଦ୍ୟାଟିକୁ ତାକୁ ଶିଖାଇବାକୁ ପଡ଼େ। ଯଦି ସେ ଏକ ଉନ୍ନତ, ବହୁ ସମର୍ଥ ଓ ସୁବିକଶିତ ଏକ ମସ୍ତିଷ୍କର ବିକାଶ କରାଇବାକୁ ସ୍ଥିର କରେ ଯାହାକି ସମ୍ପୂର୍ଣ୍ଣ ଭାବରେ ଏକ ଶକ୍ତିଶାଳୀ ସୁଚାରୁ କ୍ରିୟାସମ୍ପନ୍ନ ମସ୍ତିଷ୍କଟିଏ ହୋଇଥିବ, ତେବେ ତାକୁ ସେଇଥିଲାଗି ସେହିଭଳି କାର୍ଯ୍ୟ କରିବା ସକାଶେ ଶିଖାଇବାକୁ ହୁଏ; କାରଣ କାର୍ଯ୍ୟ ଦ୍ୱାରା, ମନନ ଦ୍ୱାରା, ଅଧୟନ ଓ ବିଶ୍ଳେଷଣ ପ୍ରଭୃତି ଦ୍ୱାରାହିଁ ମସ୍ତିଷ୍କ ଉପଯୁକ୍ତ ଭାବରେ ଗଠିତ ହୋଇ ଆସିଥାଏ। ଚଉଦ ବର୍ଷ ବେଳକୁ ତୁମେ ପ୍ରକୃତରେ ପୂରା ଗଠିତ ହୋଇ ଯାଇଥାଅ, ଅର୍ଥାତ୍ ତୁମେ କ'ଣ ହେବାକୁ ଚାହୁଁଛ ତାହା ଜାଣିବା ଲାଗି ତୁମେ ପ୍ରସ୍ତୁତ ହୋଇଯାଇଥାଅ।

ତେଣୁ ମୁଁ କହୁଛି, ଯଦି ସେହି ବୟସରେ କେତେକ ପିଲା ଜୋର୍ ଦେଇ କୁହନ୍ତି ଯେ, 'ବୁଦ୍ଧିଗତ ବିକାଶ ଲାଗି ମୋର ଆଦୌ କୌଣସି ଆଗ୍ରହ ହେଉ ନାହିଁ, ମୁଁ ଆଦୌ କିଛି ଶିକ୍ଷା କରିବାକୁ ଚାହୁଁ ନାହିଁ, ଅଜ୍ଞାନର ସାଧାରଣ ରୀତିରେ ମୁଁ ଅଜ୍ଞାନୀ ହୋଇ ରହିବାକୁ ଇଚ୍ଛା କରୁଛି' ତେବେ ମୁଁ ଆଦୌ ଭାବିପାରୁ ନାହିଁ ଯେ ସେମାନଙ୍କ ଉପରେ ପାଠ ପଢ଼ିବାର ବୋଝଟିକୁ ନେଇ ଲଦିଦେବା ଲାଗି ଏବଂ ସେମାନଙ୍କୁ

ଅନ୍ୟମାନଙ୍କ ସହିତ ଏକାଭଳି ଗୋଟିଏ ଛାଞ୍ଚରେ ଢାଳିଦେଇ ଗଢ଼ିବା ଲାଗି ଆମର କେଉଁ ଅଧିକାର ରହିଛି ।

(Cent. Vol. 8, P. 180)

**ଯଦି ପିଲାମାନେ କିଛି ନ କରିବେ :**

କେତେକ ପିଲା ନିମ୍ନସ୍ତରରେ ରହିଥାଆନ୍ତି ଓ ଆଉ କେତେକ ଟିକିଏ ଉଚ୍ଚସ୍ତରରେ ବି ଥାଆନ୍ତି । ଅନେକ ଲୋକଙ୍କର ଉଲ୍ଲେଖଯୋଗ୍ୟ ସାମର୍ଥ୍ୟସବୁ ଥାଇପାରେ, ମାତ୍ର ଏଣେ ବୌଦ୍ଧିକ ବିକାଶ ଲାଗି ସେମାନଙ୍କର ଆଦୌ କୌଣସି ଆଗ୍ରହ ନ ଥାଇପାରେ । ସେମାନଙ୍କୁ ଆମେ ସତର୍କ କରିଦେଇ କହିପାରୁ ଯେ ଯଦି ସେମାନେ କାମ ନକରିବେ, ପଢ଼ାପଢ଼ି ନକରିବେ ତେବେ ସେମାନେ ବଡ଼ ହେଲେ ନିଜକୁ ବହୁତ ଛୋଟ ମନେ କରିବେ । କିନ୍ତୁ ଯଦି ସେମାନଙ୍କର ସେଥିରେ କିଛି କ୍ଷତି ନଥିବ ଏବଂ ସେମାନେ ଶିକ୍ଷିତ ଜୀବନକୁ ନ ଚାହିଁ ଅନ୍ୟ ପ୍ରକାରେ ଜୀବନ କଟାଇବାକୁ ଚାହୁଁଥିବେ ତେବେ ମୁଁ ଭାବୁଛି ଯେ ସେମାନଙ୍କୁ ବାଧ କରିବା ଲାଗି ଆମର କୌଣସି ଅଧିକାର ନାହିଁ । ଏହି ବିଷୟରେ ବିଦ୍ୟାଳୟ ଶିକ୍ଷକମାନଙ୍କ ସହିତ ମୋର ସବୁବେଳେ ମତାନ୍ତର ହୋଇ ଆସିଛି । ସେମାନେ ଆସି ମୋତେ କୁହନ୍ତି; ''ଯଦି ପିଲାମାନେ କିଛି ନକରିବେ ତେବେ ବଡ଼ ହୋଇ ସେମାନେ ବୋକା ଓ ମୂର୍ଖ ହୋଇ ରହି ଯିବେ ।'' ମୁଁ ସେମାନଙ୍କୁ କୁହେ : ''ମାତ୍ର ବୋକା ଓ ମୂର୍ଖ ହୋଇ ରହିବାକୁ ଯଦି ସେମାନଙ୍କୁ ଭଲ ଲାଗୁଛି, ତେବେ ସେଥିରେ ହସ୍ତକ୍ଷେପ କରିବା ଲାଗି ତୁମର ବା କି ଅଧିକାର ଅଛି ?''

ଜ୍ଞାନ ଓ ବୁଦ୍ଧିକୁ କେହି ବାଧତାମୂଳକ କରିପାରିବେ ନାହିଁ । ବାସ୍, ତାହାହିଁ ଯଥେଷ୍ଟ ।

ବର୍ତ୍ତମାନ ତୁମେ ଯଦି ବିଶ୍ୱାସ କରୁଥାଅ ଯେ ସମସ୍ତ ପ୍ରକାର ଉଦ୍ୟମ ଓ ପଢ଼ାପଢ଼ିରୁ ନିବୃତ୍ତ ହୋଇ ତୁମେ ଏକ ମହାନ୍ ପ୍ରତିଭାଶାଳୀ ବ୍ୟକ୍ତି ହୋଇପାରିବ, ଏପରିକି ଗୋଟିଏ ଗୋଟିଏ ଅତିମାନସ ପ୍ରତିଭାସମ୍ପନ୍ନ ବ୍ୟକ୍ତି ବି ହୋଇପାରିବ ତେବେ ଏଭଳି ମୋହ ତୁମର ରହିବା ଉଚିତ ନୁହେଁ । ତୁମେ କେବେ ବି ସେଭଳି ହୋଇପାରିବ ନାହିଁ । କାରଣ ଉଚ୍ଚତର ଆଲୋକର ସ୍ପର୍ଶ ପାଇପାରିଲେ ମଧ, ନିଜର ଅଭୀପ୍‌ସା ଦ୍ୱାରା ଅଥବା ଦିବ୍ୟକରୁଣା ଦ୍ୱାରା ସେପରି ସମ୍ଭବ ହେଲେ ମଧ, ତାହାକୁ ଅଭିବ୍ୟକ୍ତ କରିବା ଲାଗି ତୁମ ଭିତରେ, ତୁମ ମସ୍ତିଷ୍କରେ ଆଦୌ କିଛି ହେଲେ ନଥିବ । ତେଣୁ ତାହା ଅସ୍ପଷ୍ଟ ଓ ଛାୟାବୃତ ହୋଇ ରହିଯିବ ଏବଂ ତୁମର ବାହ୍ୟ ଜୀବନକୁ ତାହା କୌଣସି ପ୍ରକାରେ ବଦଳାଇ ପାରିବ ନାହିଁ... ।

ଅସଲ କଥା ହେଉଛି, ସେମାନେ ଯେପରି ନିଜକୁ ଜାଣି ପାରିବେ ଏବଂ ସେମାନଙ୍କର ନିଜ ଭବିଷ୍ୟତ୍ ଜୀବନଟିକୁ ବାଛି ନେଇ ପାରିବେ; କେବଳ ସେହି ଗୋଟିଏ ବିଷୟ ଲାଗି ତୁମକୁ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ । ସେମାନେ ଯେଉଁ ପଥରେ ଯିବେ ସେଇଟିକୁ ସେମାନେ (ପିଲାମାନେ) ଯେପରି ବାଛି ନେଇ ପାରିବେ ତୁମେ ସେଥିଲାଗି ଅବିରତ କାର୍ଯ୍ୟ କରିବ ।

(Cent. Vol. 8, P. 180)

(କ୍ରମଶଃ)

❑❑❑


**ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ**

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃକୃପା ସାଧନାପୀଠ, ସା. ଲକ୍ଷ୍ମୀଧର ପୁର, ପୋ. ଅନଳ, ଜି. ଢେଙ୍କାନାଳ, ପିନ୍ – ୭୫୯ ୦୨୪, ମୋବାଇଲ୍ : ୯୮୫୩୯୫୯୬୮୧, ୯୪୩୯୮୧୮୯୮୧ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ +2 କିଂବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ତିନିଜଣ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଗଙ୍ଗାଧର

## (୧)

''କାଣିଚାଏ ମାଟି ଲାଗିଥିବା ସୁନା ମୁଣ୍ଡାଟିଏ ଅପେକ୍ଷା କର୍ଦ୍ଦମ ଭିତରୁ ତିଳପ୍ରତିମ ସୁନା କଣିକାଟି ବହୁଳ ଭାବରେ ଅତ୍ୟନ୍ତ ମୂଲ୍ୟବାନ୍ ।''

— ଅଷ୍ଟିନ୍ ଓ'ମାଲେ

ଗଙ୍ଗାଧର, ଯିଏକି ଥିଲେ ଶ୍ରୀଅରବିନ୍ଦ ଆଶ୍ରମର ସଭିଙ୍କର 'ଭାଇ' ଏବଂ ଯାହାଙ୍କ ସକାଶେ ସଭିଏଁ ଥିଲେ 'ଭାଇ' ବା 'ଭଉଣୀ' । ତଥାପି ଏଇ ଗଙ୍ଗାଧର କିଏ ? ଆଶ୍ରମର ଅଧିକାଂଶ ଅନ୍ତେବାସୀ କ'ଣ ତାଙ୍କ କଥା ମନେ ରଖିଛନ୍ତି ? ହୁଏତ କେତେକ ପୁରୁଣା ବ୍ୟକ୍ତି ମନେ ରଖିଥିଲେ, ଯେତେବେଳେ ଆନୁଷଙ୍ଗିକ କୌଣସି ଏକ ବିଶେଷ ଘଟଣା ବର୍ଣ୍ଣନା କରୁ କରୁ ବିଶୃଙ୍ଖଳ ଭାବରେ ଗୋଳେଇ ଘାଣ୍ଟି ହୋଇ ସ୍ତୂପ ଜମିଥିବା ପୂର୍ବସ୍ମୃତିରୁ କେତୋଟି ଖିଅ ସାମନାକୁ ଉଠି ଆସୁଥିଲା । କିନ୍ତୁ ତଥାପି ସେସବୁ ଅତ୍ୟନ୍ତ ମାମୁଲି ଧରଣର । ଏବେ ଆସନ୍ତୁ, ଟିକିଏ ଗଭୀରକୁ ଯାଇ ଦେଖିବା କ'ଣ ସବୁ ଆମର ଓ ତାଙ୍କର ସ୍ମୃତି ପଥାରୂଢ଼ ହୋଇ ଆସୁଥିଲା, କ'ଣ ସବୁ ପୂର୍ବସ୍ମୃତି ଉପରକୁ ଠେଲି ବାହାରି ଆସୁଥିଲା ।

ତଥାପି ପ୍ରଥମରୁ କହି ରଖୁଛୁ, କ'ଣ ପାଇଁ ଆମର ଏତେ ପ୍ରୟାସ — କାରଣ ସତ କଥା କହିବାକୁ ଗଲେ ଆମେ ତାଙ୍କ ସମ୍ବନ୍ଧେ ଏହି ମନ୍ତବ୍ୟ ଦେବାକୁ ଘୁଣାକ୍ଷରରେ ଦ୍ୱିଧାବୋଧ କରୁ ନାହୁଁ ।

ସେହି 'ଏକମ୍ ଅଦ୍ୱିତୀୟମ୍' ଗଙ୍ଗାଧର ହେଉଛନ୍ତି ସର୍ବଶକ୍ତିମାନ୍ ଧୂର୍ଜଟି-ଶିବ ଯିଏକି ସ୍ୱର୍ଗରୁ ତୀବ୍ର ପ୍ରବହମାନ ଗଙ୍ଗାଙ୍କର ପ୍ରକମ୍ପିତ ପ୍ରଚଣ୍ଡ ଧାରାକୁ ନିଜର ଜଟାଜୂଟରେ ସମ୍ପୂର୍ଣ୍ଣ ରୂପେ ଧାରଣ କରିଥା'ନ୍ତି । ଆଉ ଆମର ଏଇ ଗଙ୍ଗାଧର ଥିଲେ ଧୂର୍ଜଟିଙ୍କର ସେହି ଜଟାରୁ ବିନ୍ଦୁ ବିନ୍ଦୁ ହୋଇ ଝରି ଆସିଥିବା ଏକ କ୍ଷୀଣ ପ୍ରବାହ ମାତ୍ର — ମଧୁର, ପବିତ୍ର ଓ ସ୍ୱଚ୍ଛ ।

ଆମର ପୂର୍ବସ୍ମୃତିର ପ୍ରଥମ ଆଲୋଡ଼ନରେ ମାନସ-ପଟରେ ଭାସିଉଠେ ତାଙ୍କର ଭୌତିକ ଅବୟବର ବାହ୍ୟ ଲକ୍ଷଣସବୁ ।

ଗଙ୍ଗାଧର ଥିଲେ ସାଧାରଣ ଆକୃତିର, ଅତି ସରଳ ତାମିଲ ଭଦ୍ରଲୋକ । ଘନକୃଷ୍ଣ ଘଞ୍ଚ ଦାଢ଼ି ଓ କେଶ, ଶାନ୍ତ କୋମଳ ମୁଖମଣ୍ଡଳ, ଅର୍ଦ୍ଧ-ନିମୀଳିତ ଆୟତ ନେତ୍ର । ତାଙ୍କ ସଂସ୍ପର୍ଶରେ ଆସୁଥିବା ପ୍ରତ୍ୟେକ ପରିଚିତ ବା ଅଳ୍ପ ପରିଚିତ ସୁହୃଦ୍ ବନ୍ଧୁଙ୍କୁ ସେ ପ୍ରାୟ ହସ ହସ ମୁହଁରେ ଦୁଇ ପାପୁଲି କପାଳରେ ଯୋଡ଼ି ଦରଦୀ ସ୍ୱରରେ 'ନମସ୍କାର ବାବୁ' (ନମସ୍କାରମ୍ ଆଇୟା) ସମ୍ଭାଷଣ କରୁଥିବା ସମୟରେ ତାଙ୍କର ସେହି ମନୋମୁଗ୍ଧକର ଚକ୍ଷୁ ଦୁଇଟି ମଧ୍ୟ ହସିଉଠୁଥିଲା ।

ଅତି ସାଧାରଣ ବେଶଭୂଷା, ଛୋଟ ପରିମିତ ସ୍ଥୂଳୋଦରର କଟିଦେଶରେ ବେଷ୍ଟିତ ଶୁଭ୍ର ଧୋତି, ସ୍କନ୍ଧୋପରି ଶୋଭିତ ଧଳା ଚାଦରଟିଏ । ଅପରିବର୍ତ୍ତନୀୟ ତାଙ୍କର ଏହି ପୋଷାକ-ପରିଚ୍ଛଦ । ଏସବୁଥିରେ କିଛି ଚମତ୍କାରିତା ନଥିଲା ବା ଅସାଧାରଣ କିଛି ବି ନଥିଲା । ତାଙ୍କ ବାହ୍ୟ ଚରିତ୍ରର ଆଉ ଗୋଟିଏ ବୈଶିଷ୍ଟ୍ୟ ଥିଲା — ଅଳ୍ପଭାଷୀ । 'ନମସ୍କାର ବାବୁ', ବ୍ୟତୀତ କାହାରି ସହିତ ବେଶୀ କିଛି କଥାବାର୍ତ୍ତା ହେବାର ସଚରାଚର ଦେଖାଯାଉ ନଥିଲା । ହଁ, ହୁଏତ କାମ ସମୟରେ, କର୍ମକ୍ଷେତ୍ରରେ ବ୍ୟସ୍ତଥିବା ସମୟରେ ଟିକିଏ ବେଶୀ । ତାଙ୍କର କର୍ମକ୍ଷେତ୍ର ଥିଲା ଆଶ୍ରମର 'ସାନିଟରୀ ସର୍ଭିସ୍' (ସ୍ୱାସ୍ଥ୍ୟକର ବ୍ୟବସ୍ଥାର ଉତ୍କର୍ଷ ସାଧନ ବିଭାଗ) ।

ଏହି ଗଙ୍ଗାଧର କିପରି ଆଶ୍ରମ ସମ୍ବନ୍ଧେ ଜାଣିଲେ ଓ କିପରି ଆଶ୍ରମକୁ ଆସି ରହିବାର ସିଦ୍ଧାନ୍ତ ନେଲେ, ଆସନ୍ତୁ ତାଙ୍କରି ଅନାବିଳ, ସରଳ ଓ ଆନ୍ତରିକ ସାକ୍ଷାତ୍କାରରୁ ପଦେ ଅଧେ ଶୁଣିବା :

''ମୋତେ ପନ୍ଦର ବର୍ଷ ହୋଇଥାଏ । ଥରେ ଶ୍ରୀମା କାର୍‌ରେ ଆମ ଗାଁକୁ ବୁଲି ଆସିଥିଲେ । ସେତେବେଳେ ଶ୍ରୀମା ପ୍ରାୟ ପଣ୍ଡିଚେରୀର ଆଖପାଖ ଜାଗାକୁ କାର୍‌ରେ ଭ୍ରମଣରେ ଯାଉଥିଲେ । ଆମ ଗାଁ'ଟିର ନାମ ଥିଲା ଭୀରମ୍‌ପଟ୍ଟୀନମ୍, ପଣ୍ଡିଚେରୀର ଦକ୍ଷିଣକୁ ତିନି ମାଇଲ ଦୂରରେ, ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ । ଗାଁ ମୁଣ୍ଡରେ ଦେବୀଙ୍କର ଏକ ବଡ଼ ମନ୍ଦିର ଥିଲା । ଆମେ ପିଲାମାନେ ନିତି ଉପରଓଳି ସେହି ମନ୍ଦିର ପ୍ରାଙ୍ଗଣରେ ଖେଳାଖେଳି କରୁଥିଲୁ । ସେଦିନ ଖେଳୁଥିବା ବେଳେ ଦେଖିଲୁ ଗୋଟିଏ କାର୍ ଆମ ଆଡ଼କୁ ଆସୁଛି । ଆମେ

ଖେଳ ବନ୍ଦ କରି ଠିଆ ହୋଇଗଲୁ । କାର୍‌ଟି ପାଖକୁ ଆସି ବନ୍ଦ ହେବା ମାତ୍ରେ ଆମେ ସମସ୍ତେ ଦୌଡ଼ିଯାଇ କାର୍ ପାଖରେ ଛିଡ଼ା ହୋଇଗଲୁ ।* କାର୍ ଭିତରୁ ଶ୍ରୀମା ଓହ୍ଲାଇବା ମାତ୍ରେ ଆମେ ସମସ୍ତେ ସ୍ୱତଃପ୍ରବୃତ୍ତ ଭାବରେ ତାଙ୍କୁ ଘେରିଗଲୁ । ଶ୍ରୀମା ଆମ ସମସ୍ତଙ୍କ ଉପରେ ହସ ହସ ମୁହଁରେ ଆଖି ବୁଲାଇ ଆଣି କେବଳ ମୋତେ ପ୍ରାୟ ତିନି, ଚାରି ସେକେଣ୍ଡ ଗଭୀର ଭାବରେ ଅନାଇ ରହିଲେ । ମୁଁ ତତ୍‌କ୍ଷଣାତ୍ ମୋ ଅନ୍ତରରେ କିଛି ଅନୁଭବ କଲି; କ'ଣ ଯେ ଅନୁଭବ କଲି ତା' ମୁଁ କହି ପାରିବି ନାହିଁ। ସେତେବେଳେ ମୁଁ ଆଶ୍ରମ ସମ୍ବନ୍ଧେ, ଶ୍ରୀମାଙ୍କ ସମ୍ବନ୍ଧେ, ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ କିଛି ବି ଜାଣି ନଥିଲି । କହିବାକୁ ଗଲେ ପଣ୍ଡିଚେରୀ ସମ୍ବନ୍ଧେ ବି ସେମିତି କିଛି ଜାଣି ନଥିଲି । କେବଳ ଶ୍ରୀମାଙ୍କୁ ଦେଖିବା ମାତ୍ରେ, ତାଙ୍କୁ ଚାହିଁଦେବା ମାତ୍ରେ ମୁଁ ମୋ ଅନ୍ତର ଭିତରେ ତୀବ୍ର ଭାବରେ କିଛି ଗୋଟିଏ ଅନୁଭବ କଲି ।...''

ଏଠାରେ ସ୍ୱତଃପ୍ରବୃତ୍ତ ଭାବରେ ଶ୍ରୀଅରବିନ୍ଦଙ୍କର ସେହି ଅପରୂପ ବର୍ଣ୍ଣନା ସ୍ମରଣରେ ଆସେ : ''...ଏହାହିଁ ହେଲା ମହାଲକ୍ଷ୍ମୀଙ୍କ ଶକ୍ତି, ଦେହଧାରୀ ଜୀବ ପାଖରେ ଭାଗବତୀ ଶକ୍ତିଙ୍କର ଏପରି ଚିତ୍ତ-ବିମୋହନକାରୀ ଆଉ କୌଣସି ପ୍ରକାଶ ନାହିଁ ।... ମହାଲକ୍ଷ୍ମୀଙ୍କ ଆଡ଼କୁ ସମସ୍ତେ ଆନନ୍ଦରେ ଓ ଆଗ୍ରହରେ ଉନ୍ମୁଖ । କାରଣ ଭଗବାନଙ୍କର ଉନ୍ମାଦକାରୀ ମାଧୁର୍ଯ୍ୟର ଯାଦୁମନ୍ତ୍ର ସେ ବିକୀର୍ଣ୍ଣ କରିଦେଇଥା'ନ୍ତି । ତାଙ୍କ ସାନ୍ନିଧ୍ୟ ପ୍ରାପ୍ତ ହେବା ଏକ ନିବିଡ଼ତମ ଆନନ୍ଦ, ହୃଦୟ ମଧରେ ତାଙ୍କୁ ଅନୁଭବ କରିବା ହେଲା ସମଗ୍ର ଜୀବନକୁ ଏକ ରସାପ୍ଲୁତ ଆନନ୍ଦ ଓ ପରମାଶ୍ଚର୍ଯ୍ୟରେ ପରିଣତ କରିବା । ସୂର୍ଯ୍ୟଙ୍କଠାରୁ ଯେପରି ଆଲୋକ ନିଃସୃତ ହୁଏ, ସେହିପରି ତାଙ୍କଠାରୁ ଶ୍ରୀ, ଶୋଭା, ସ୍ନେହ ପ୍ରବାହିତ ହୁଏ । ଯେଉଁଠାରେ ସେ ତାଙ୍କର ଅନୁପମ ଦୃଷ୍ଟି ନିବଦ୍ଧ କରନ୍ତି କିଂବା ତାଙ୍କ ସ୍ମିତହାସ୍ୟର ମଧୁରିମା ଢାଳି ଦିଅନ୍ତି, ସେଠାରେ ମନୁଷ୍ୟର ଅନ୍ତରାତ୍ମା ବାନ୍ଧି ହୋଇଯାଏ ଏବଂ ବନ୍ଦି ହୁଏ ଏବଂ ଅତଳ ଆନନ୍ଦର ଗଭୀରରେ ବୁଡ଼ିଯାଏ ।...''

ପୁନଶ୍ଚ ଗଙ୍ଗାଧରଙ୍କ ବର୍ଣ୍ଣନାରୁ : ''ସେତେବେଳେ ମୁଁ ଯୋଗ-ସାଧନା ସମ୍ବନ୍ଧେ କିଛି ବି ଜାଣି ନଥିଲି, ଆଗ୍ରହ ବି ନଥିଲା । କେବଳ ପରିବାରରେ ପାଳିତ ହେଉଥିବା କିଛିଟା ଧାର୍ମିକ ଉପଚାର ଜାଣିଥାଏ । ମୁଁ ଆଶ୍ରମକୁ ଆସିବି, ରହିବି – ଏସବୁ ଭାବନା ବି ନଥିଲା ।'' କିନ୍ତୁ ଶ୍ରୀମାଙ୍କର ମୁହୂର୍ତ୍ତ ମାତ୍ର ଅନ୍ତର୍ଭେଦୀ ତୀକ୍ଷ୍ଣ ଦୃଷ୍ଟିର କୁହୁକରେ ପିଲାଟିର ଅନ୍ତର ବନ୍ଧା ପଡ଼ିଗଲା । ସେହି ମୁହୂର୍ତ୍ତରେ ସିଏ ସୁସ୍ପଷ୍ଟ ଭାବରେ ଚିରଦିନ ସକାଶେ (କେବଳ ଇହକାଳ ସକାଶେ ନୁହେଁ ପରକାଳ ସକାଶେ ବି) ଶ୍ରୀମାଙ୍କର ହୋଇଉଠିଲା । ଦିବ୍ୟଜନନୀଙ୍କ ସେବାରେ ସର୍ବାନ୍ତଃକରଣରେ ଉତ୍ସର୍ଗୀକୃତ ସନ୍ତାନ ହୋଇଉଠିବାର ପୂର୍ବ-ପ୍ରସ୍ତୁତି ପର୍ବର ସୂତ୍ରପାତ ହେଲା ।

ଠିକ୍ ଚାରି ବର୍ଷ ପରେ ୧୯୩୩ ମସିହା ୨୪ ଜୁଲାଇରେ କୋଡ଼ିଏ ବର୍ଷର ଯୁବକ ଗଙ୍ଗାଧର ଆଶ୍ରମର ସ୍ଥାୟୀ ଅନ୍ତେବାସୀ ହୋଇ ରହିଲେ ।

(କ୍ରମଶଃ)

[ଏହି ପ୍ରବନ୍ଧ ଓ ପରବର୍ତ୍ତୀ ପ୍ରବନ୍ଧଗୁଡ଼ିକ ମୁଖ୍ୟତଃ ବାଟୀ-ଦା'ଙ୍କର 'Among the Not So Great' ପୁସ୍ତକରୁ 'Gangadhar' ବିଷୟ ଏବଂ 'Golden Chain' (Nov. 2002 & Aug. 2003) ପତ୍ରିକାରୁ 'Gangadhar : A Happy Child of the Mother' ବିଷୟ ଅବଲମ୍ବନରେ ଲିଖିତ ।]

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନ୍ତ ❑

* ୧୯୨୮ରେ ଶ୍ରୀମା ଉପରୋକ୍ତ ଗ୍ରାମର ଉପକଣ୍ଠରେ ଥିବା ମନ୍ଦିର ପ୍ରାଙ୍ଗଣକୁ ବୁଲି ଯାଇଥିଲେ । ସେହି ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ଥିଲେ ମା' କାଳୀ (କାଳୀୟାମ୍ମନ୍) । ସେତେବେଳେ ସେଠାରେ ଦେବୀଙ୍କୁ ଶାନ୍ତ ଓ ସନ୍ତୁଷ୍ଟ କରାଇବା ସକାଶେ ତାଙ୍କ ପାଖରେ ଶହ ଶହ କୁକୁଡ଼ା ବଳି ଦିଆଯାଉଥିଲା । ମା' ସେହି ପରିବେଶଟି ସମ୍ବନ୍ଧେ କହିଥିଲେ ଯେ ସେଇଟି ଖୁବ୍ ଅସ୍ୱାସ୍ଥ୍ୟକର ଓ ବ୍ୟାଧିଜନକ ।

# ସୂର୍ଯ୍ୟୋଦୟର ଦେଶ

## (୩)

## ସୂର୍ଯ୍ୟକାନ୍ତି ମହାନ୍ତି

ସୂର୍ଯ୍ୟୋଦୟ ଆରମ୍ଭ ହୁଏ – ସେଇଠି, ଯେଉଁଠି ଏହାର ପ୍ରଥମ ନରମ କିରଣ ମଣିଷକୁ ନିଦ୍ରିତାବସ୍ଥାରୁ ଜାଗ୍ରତ୍ କରାଇ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ସଚଳ କରିଦିଏ । ଏହି ସମୟ ତା' ପାଇଁ ଅତି ମୂଲ୍ୟବାନ୍ ହୋଇଥାଏ ।

ମନୁଷ୍ୟ ହେଉଛି ଏ ବିଶ୍ୱବ୍ରହ୍ମାଣ୍ଡର ଏକ ଅଣୁ ଜଗତ୍ (microcosm) । ଅତଏବ ଏହି ମନୁଷ୍ୟ ମସ୍ତକର ଖପୁରି ମଧ୍ୟରେ ଥିବା ମସ୍ତିଷ୍କର କେନ୍ଦ୍ରସ୍ଥଳରେ ଏବଂ ଏହାର ବହୁ ଗଭୀରରେ ଉଚ୍ଚତମ ହାରରେ ସ୍ପନ୍ଦିତ ହେଉଥିବା ପିନିଅଲ୍ ଗ୍ରନ୍ଥି (Pineal gland)କୁ ସୂର୍ଯ୍ୟୋଦୟର ପ୍ରଥମ ଫୋଟନ୍ କଣିକା ସ୍ପର୍ଶ କରେ । ଏହାର ଅବସ୍ଥିତି ମସ୍ତିଷ୍କର କେନ୍ଦ୍ରରେ ଥିବା ଏପିଥାଲାମସ୍ (Epithalamus)ରେ ଏବଂ ଦୁଇ ଗୋଲାର୍ଦ୍ଧର ଠିକ୍ ମଧ୍ୟ ଭାଗରେ । ଅର୍ଥାତ୍, ସୂର୍ଯ୍ୟୋଦୟର ଦେଶ ହେଉଛି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ରରେ ଥିବା ଏହି ମଣିଷ ! ପିନିଅଲ୍ ଗ୍ରନ୍ଥିର ଆକୃତି ଏକ ପାଇନ୍‌କୋନ୍ ପରି ହୋଇଥିବାରୁ ଏହାର ନାମ ଏପରି ହୋଇଛି । ଏହାର ରଙ୍ଗ ଧୂସରିତ ଈଷତ୍ ଲାଲ ଏବଂ ଏହା ଉଚ୍ଚ ଶକ୍ତି ସମ୍ପନ୍ନ ମଧ୍ୟ । ମଣିଷ ଶରୀରରେ ଏହି ଗ୍ରନ୍ଥି ଅତିଶୟ ସମ୍ବେଦନଶୀଳ ଅଟେ । କେହି କେହି ଏହାକୁ 'ଆତ୍ମାର ମୁଖ୍ୟ ସ୍ଥାନ' ବୋଲି ଅଭିହିତ କରନ୍ତି ।[୧]

ସୂର୍ଯ୍ୟାଲୋକର ପ୍ରଥମ କିରଣର ସୂକ୍ଷ୍ମ ଫୋଟନ୍ କଣିକା ପିନିଅଲ୍ ଗ୍ରନ୍ଥିରେ ପତିତ ହୋଇ ଅନ୍ୟ ଗ୍ରନ୍ଥିଗୁଡ଼ିକୁ ଉଦ୍ଦୀପିତ କରି 'ସେରୋଟୋନିନ୍' (Serotonin) ନାମକ ହରମୋନ ସୃଷ୍ଟି କରେ, ଯାହା ମଣିଷର ଚିତ୍ତବୃତ୍ତି ବା ମାନସିକ ଭାବକୁ ଏବଂ ଶକ୍ତିର ସ୍ତରକୁ ନିୟନ୍ତ୍ରିତ କରେ ।

ଅନ୍ୟ ପକ୍ଷରେ ଅନ୍ଧକାର ପରିବେଶରେ ପିନିଅଲ୍ ଗ୍ରନ୍ଥି 'ମେଲାଟୋନିନ୍' (Melatonin) ନାମକ ହରମୋନ ସୃଷ୍ଟି କରେ, ଯାହା ସୁନିଦ୍ରା ପାଇଁ ଆବଶ୍ୟକ । ମାତ୍ର ଶୋଇବା ସମୟରେ ମୁଣ୍ଡ ନିକଟରେ ଫୋନ, ଟେବ୍‌ଲେଟ୍, କମ୍ପ୍ୟୁଟର୍, ମନିଟର୍ କିଂବା ଟି.ଭି. ରଖିବା ଆଦୌ ଉଚିତ ନୁହେଁ । କାରଣ ଏହିସବୁ ଯନ୍ତ୍ରରୁ ନିର୍ଗତ ଆଲୋକ ପିନିଅଲ୍ ଗ୍ରନ୍ଥିକୁ କାର୍ଯ୍ୟକାରୀ କରାଇ ମେଲାଟୋନିନ୍ ପରିବର୍ତ୍ତେ ସେରୋଟୋନିନ୍ କ୍ଷରଣ କରାଇବାରୁ ଲୋକର ନିଦ୍ରାରେ ବ୍ୟାଘାତ ଘଟେ ।

ଏହିପରି ଭାବରେ ପିନିଅଲ୍ ଗ୍ରନ୍ଥି ନିଦ୍ରା ଓ ଜାଗୃତିକୁ ନିୟନ୍ତ୍ରଣ କରେ । ଅର୍ଥାତ୍, ଏହା ଜୈବିକ ଘଡ଼ିକୁ ପରିଚାଳିତ କରେ । ଏଣୁ ବିନା ଆଲାରାମ ଘଡ଼ିରେ ମଣିଷ ସକାଳେ ଠିକ୍ ସମୟରେ ଉଠେ ଓ ରାତ୍ରିରେ ଠିକ୍ ସମୟରେ ଶୁଏ । ତେବେ ଯୌବନାବସ୍ଥାରେ ମେଲାଟୋନିନ୍‌ର କ୍ଷରଣ ସର୍ବାଧିକ ହୋଇଥାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ଏହାର ପରିମାଣ କମି କମି ଯାଏ । ଯାହା ଫଳରେ ବୟସ୍କ ଲୋକମାନଙ୍କର ନିଦ୍ରା ପ୍ରାୟଶଃ କମ୍ ହୁଏ ।

ପୁନଶ୍ଚ ପୃଥିବୀର ଏକ ସମୟ ଜୋନରୁ ଅନ୍ୟ ସମୟ ଜୋନକୁ ଉଡ଼ାଜାହାଜରେ ଅତିକ୍ରମ କରିବା ସମୟରେ ଶରୀରରେ ସିର୍‌କାଡ଼ିଆନ୍ ରିଦମ୍ (Circadian Rhythm) ବା CRରେ ବ୍ୟାଘାତ ଘଟେ । ଅନ୍ୟ ସମୟ ଜୋନରେ ଜୈବିକ ଘଡ଼ି ଧୀରେ ଧୀରେ ନୂତନ ପରିବେଶ ସହିତ ସମନ୍ୱୟ ରକ୍ଷା କରେ । ପିନିଅଲ୍ ଗ୍ରନ୍ଥି ପ୍ରତିଦିନର ଏବଂ ଋତୁଭିତ୍ତିକ CRକୁ ନିୟନ୍ତ୍ରଣ କରେ ।

ମନୁଷ୍ୟ ସୂର୍ଯ୍ୟ ଉପାସନା କଲେ ଏବଂ ତାଙ୍କୁ ନମସ୍କାର କଲେ ଶରୀରରେ ବିଭିନ୍ନ ପ୍ରକାର ରାସାୟନିକ ପରିବର୍ତ୍ତନ ହୁଏ, ଯାହା ଫଳରେ ପିନିଅଲ୍ ଗ୍ରନ୍ଥି ସନ୍ତୁଳିତ ଭାବରେ କାର୍ଯ୍ୟ କରେ । ସାଧାରଣତଃ ନମସ୍କାରର ଅର୍ଥ ଅଭିବାଦନ ହୋଇଥିବା ବେଳେ ସୂର୍ଯ୍ୟ ନମସ୍କାରରେ ବାର ପ୍ରକାର ଅବସ୍ଥାରେ ସୂର୍ଯ୍ୟଙ୍କୁ ଅଭିବାଦନ କରାଯାଏ । ଶରୀରର ପିଙ୍ଗଳା ନାଡ଼ିକୁ ସୂର୍ଯ୍ୟ ନାଡ଼ି କୁହାଯାଏ । କାରଣ ଏହି ନାଡ଼ି ସୂର୍ଯ୍ୟଙ୍କର ପ୍ରତିନିଧିତ୍ୱ କରିଥାଏ । ଏହା ମଧ୍ୟ ଦେଇ ପ୍ରାଣଶକ୍ତି ପ୍ରବାହିତ ହୁଏ । ସୂର୍ଯ୍ୟ ନମସ୍କାର କଲେ ଶରୀରସ୍ଥ ସୌରଶକ୍ତି ଉପରେ ସିଧା ପ୍ରଭାବ ପଡ଼ିଥାଏ । ସୂର୍ଯ୍ୟ ନମସ୍କାର ନିୟମିତ ଅଭ୍ୟାସ ଦ୍ୱାରା ପିଙ୍ଗଳା ନାଡ଼ି ସନ୍ତୁଳିତ ଭାବରେ କାର୍ଯ୍ୟ କରେ । ଯଦି ଏହା ଅଧିକ ବା କମ୍ କ୍ରିୟାଶୀଳ ଥାଏ, ତା'ହେଲେ ସୂର୍ଯ୍ୟ ନମସ୍କାର ଦ୍ୱାରା ଏହା ନିୟନ୍ତ୍ରିତ ହୁଏ । ସୂର୍ଯ୍ୟ ନମସ୍କାର ଶରୀରର ସମସ୍ତ ଗଣ୍ଠି, ମାଂସପେଶୀ ଏବଂ

ଅନ୍ୟ ସମସ୍ତ ଅଙ୍ଗକୁ ଶକ୍ତି ପ୍ରଦାନ କରି ନମନୀୟ ଭାବରେ କାର୍ଯ୍ୟ କରିବାକୁ ସୁବ୍ୟବସ୍ଥା କରିଥାଏ ।

ବାସ୍ତବରେ ସୂର୍ଯ୍ୟ ନମସ୍କାରର ୧୨ଟି ଅବସ୍ଥା ହେଉଛି ବାରଟି ଆସନର ରୂପ । ଏହି ବାରଟି ଆସନର ଅଭ୍ୟାସ ସମୟରେ ସେସବୁ ସହ ସମ୍ପର୍କିତ ବାରଟି ମନ୍ତ୍ର ମଧ୍ୟ ମନେ ମନେ ଆବୃତ୍ତି କରିବା ଆବଶ୍ୟକ ।

| | | |
|---|---|---|
| ୧. ପ୍ରଣାମାସନ | – | ଓଁ ମିତ୍ରାୟ ନମଃ |
| ୨. ହସ୍ତ ଉତ୍ଥାନାସନ | – | ଓଁ ରବୟେ ନମଃ |
| ୩. ପଦ ହସ୍ତାସନ | – | ଓଁ ସୂର୍ଯ୍ୟାୟ ନମଃ |
| ୪. ଅଶ୍ୱସଞ୍ଚାଳନାସନ | – | ଓଁ ଭାନବେ ନମଃ |
| ୫. ପର୍ବତାସନ | – | ଓଁ ଖଗାୟ ନମଃ |
| ୬. ଅଷ୍ଟାଙ୍ଗ ନମସ୍କାର | – | ଓଁ ପୁଷ୍ଣେ ନମଃ |
| ୭. ଭୁଜଙ୍ଗାସନ | – | ଓଁ ହିରଣ୍ୟଗର୍ଭାୟ ନମଃ |
| ୮. ପର୍ବତାସନ | – | ଓଁ ମରିଚୟେ ନମଃ |
| ୯. ଅଶ୍ୱସଞ୍ଚାଳନାସନ | – | ଓଁ ଆଦିତ୍ୟାୟ ନମଃ |
| ୧୦. ପଦହସ୍ତାସନ | – | ଓଁ ସବିତ୍ରେ ନମଃ |
| ୧୧. ହସ୍ତ ଉତ୍ଥାନାସନ | – | ଓଁ ଅର୍କାୟ ନମଃ |
| ୧୨. ପ୍ରଣାମାସନ | – | ଓଁ ଭାସ୍କରାୟ ନମଃ[୨] |

ଏହି ବାରଟି ଅବସ୍ଥାକୁ ଦୁଇ ଥର କରିଲେ ଏକ ଚକ୍ର (round) ପୂରା ହୁଏ । ଏହାକୁ ଅଭ୍ୟାସ କରିବା ପାଇଁ ଉପଯୁକ୍ତ ସମୟ ହେଉଛି ସୂର୍ଯ୍ୟୋଦୟ ସମୟ । ଯଦି ସମ୍ଭବ ହୁଏ ଖୋଲା ସ୍ଥାନରେ ସୂର୍ଯ୍ୟଙ୍କ ଆଡ଼କୁ ମୁଖ କରି ଉକ୍ତ ଆସନ କରାଯାଇ-ପାରେ । ସେତେବେଳେ ପେଟ ଖାଲି ଥିବା ଦରକାର । ଏହାକୁ କରିବା ପରେ ଶବାସନ କରିବା ଆବଶ୍ୟକ । ଫଳରେ ହୃତ୍‌ସ୍ପନ୍ଦନ ଓ ଶ୍ୱାସକ୍ରିୟା ସାଧାରଣ ଅବସ୍ଥାକୁ ଫେରିଆସେ ।

ବାସ୍ତବରେ ସୂର୍ଯ୍ୟ ନମସ୍କାର ହେଉଛି ଏକ ସମ୍ପୂର୍ଣ୍ଣ ସାଧନା । କାରଣ ଏଥିରେ ଆସନ, ପ୍ରାଣାୟାମ, ମନ୍ତ୍ର ଏବଂ ଧ୍ୟାନ ପ୍ରଣାଳୀ – ଏ ସମସ୍ତ କ୍ରିୟା ସାମିଲ ଥାଏ । ଏହା ଶରୀରର ବିଭିନ୍ନ ତନ୍ତ୍ରକୁ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରେ ଯଥା : ରକ୍ତ ସଞ୍ଚାଳନ, ଶ୍ୱାସକ୍ରିୟା, ପାଚନ କ୍ରିୟା ଏବଂ ପ୍ରଜନନ କ୍ରିୟା । ସୂର୍ଯ୍ୟ ନମସ୍କାର ମନୁଷ୍ୟକୁ ମାନସିକ ଓ ଶାରୀରିକ ସୁସ୍ଥତା ପ୍ରଦାନ କରେ ।

୨୦୧୬ ମସିହା ଜୁନ୍ ୨୧ ତାରିଖ ଦିନ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ (International Day of Yoga) ଉପଲକ୍ଷେ ଭାରତ ସରକାର ସୂର୍ଯ୍ୟ ନମସ୍କାର ଉପରେ ୧୨ ପ୍ରକାର ସ୍ମାରକ ଡାକଟିକଟ (Commemorative Post-age Stamp) ପ୍ରକାଶ କରି ପ୍ରସନ୍ନତା ଅନୁଭବ କରିବା ସଙ୍ଗେ ସଙ୍ଗେ ମାନବ ଶରୀରର ନିରାମୟତା ନିମିତ୍ତ ସୂର୍ଯ୍ୟ ନମସ୍କାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଡାକଟିକଟଗୁଡ଼ିକ ମଧ୍ୟରୁ ପ୍ରଥମ ୬ଟି ଆସନର ଚିତ୍ର ଥିବା ପ୍ରତ୍ୟେକର ଦାମ୍ (de-nomination) ପାଞ୍ଚଟଙ୍କା ହୋଇଥିବା ବେଳେ ତା'ପର ୬ଟି ଡାକଟିକଟର ଦାମ୍ ପଚିଶ ଟଙ୍କା ରଖାଯାଇଛି ।

ମନୁଷ୍ୟ ଶରୀର କେବଳ ହାଡ଼, ମାଂସ ଓ ରକ୍ତରେ ଗଠିତ ନୁହେଁ । ବରଂ ଏଥିରେ ଅଛି ବିଦ୍ୟୁତ୍-ଚୁମ୍ବକୀୟ ରେଣୁ (electro-magnetic dust), ଯେଉଁଠାରେ ସୂର୍ଯ୍ୟ କିରଣ ପତିତ ହୋଇ ପ୍ରାକୃତିକ ଭାବରେ ଯୁକ୍ତାତ୍ମକ (+ve) କମ୍ପନ ସୃଷ୍ଟି କରେ । ଫଳରେ ଶରୀର, ମନ ଓ ଆତ୍ମା ସନ୍ତୁଳିତ ଅବସ୍ଥାରେ ରହେ ।

ଜଣେ ହିମାଳୟରେ ଅବସ୍ଥାନ କରୁଥିବା ଯୋଗୀ ଶ୍ରୀ ସୂର୍ଯ୍ୟ ଜୋଏଲଙ୍କ ଭାଷାରେ, ''ମଣିଷ ଶରୀର ହେଉଛି ଏକ ବିଶାଳ ପରମାଣବିକ ନ୍ୟୁକ୍ଲିଅର ଯନ୍ତ୍ର (Gigantic Atomic Reactor) ଏବଂ ଗତିଶୀଳ ଶକ୍ତି ଗୃହ (Moving Power House), ମସ୍ତିଷ୍କ ହେଉଛି ବିଦ୍ୟୁତ୍ ଉତ୍ପାଦକ ଯନ୍ତ୍ର (Generator) ଏବଂ ହୃତ୍‌ପିଣ୍ଡ ହେଉଛି ଶବ୍ଦ ପ୍ରେରକ ଯନ୍ତ୍ର (Transmitter) ।[୩]

ମେରୁଦଣ୍ଡର ସାତଟି ଶକ୍ତି କେନ୍ଦ୍ର ସହିତ ଚୁମ୍ବକୀ-କରଣ ହୋଇଥାଏ । ଏହାର ବିଯୁକ୍ତାତ୍ମକ ବିନ୍ଦୁ ହେଉଛି ଦକ୍ଷିଣ ମେରୁ, ଯାହା ମୂଳାଧାର ଅଟେ । ଏହାର ତିନିଟି ନାଡ଼ି ଅଛି । ଯଥା : ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା । ମେରୁଦଣ୍ଡର ଯୁକ୍ତାତ୍ମକ ବିନ୍ଦୁ ହେଉଛି ମସ୍ତକ, ଯାହା ଉତ୍ତର ମେରୁ ବା ବ୍ରହ୍ମରନ୍ଧ୍ର । ସୂର୍ଯ୍ୟଙ୍କର ଶକ୍ତି ମଣିଷ ଶରୀରରେ ଥିବା ସପ୍ତଶକ୍ତି କେନ୍ଦ୍ରକୁ ଉଦ୍ଦୀପିତ କରି ହରମୋନ୍ ସୃଷ୍ଟି କରେ ଏବଂ ବଳକା ଶକ୍ତିକୁ ବାହାରକୁ ବାହାର କରିଦିଏ ।

ପୁନଶ୍ଚ ମଣିଷର ମନ ଖୁବ୍ ଶକ୍ତିଶାଳୀ, ଯାହାର ବସ୍ତୁତ୍ୱ (mass) ଏବଂ ପରିବେଗ (velocity) ମଧ୍ୟ ଅଛି ।

ସୂର୍ଯ୍ୟ ହେଉଛନ୍ତି ପ୍ରାଣର ଉତ୍ସ ବା ଜୀବନପ୍ରଦାନକାରୀ ଶକ୍ତି । ପ୍ରାଣ ସଞ୍ଚାଳିତ ହୁଏ ଶରୀରରେ ଥିବା ନାଡ଼ିମାନଙ୍କର ୭୨,୦୦୦ ଗତିପଥ ମଧ୍ୟ ଦେଇ । ଯେତେବେଳେ ସୂକ୍ଷ୍ମ ଜୀବନରେ ଏହି ପ୍ରାଣଶକ୍ତି ନାଡ଼ି ପରିଚାଳନା ବ୍ୟବସ୍ଥାରେ ଅବରୁଦ୍ଧ ହୋଇଯାଏ ସେତେବେଳେ ମାନସିକ ଉତ୍ତେଜନା,

ଉଦ୍‌ବେଗ, ଭୟ, ମୁଣ୍ଡବିନ୍ଧା, ମାଂସପେଶୀରେ ଯନ୍ତ୍ରଣା, ପାକସ୍ଥଳୀରେ ବିଭିନ୍ନ ଅସୁବିଧା ଆଦି ଅସୁସ୍ଥତା ହୋଇଥାଏ ।

ନୋବେଲ ପୁରସ୍କାର ବିଜେତା ଆଲବର୍ଟ ଜେଣ୍ଟ୍ ଗ୍ୟୋର୍‌ଗି (Albert Szent Gyorgyi) କହନ୍ତି, ''ଯେଉଁସବୁ ଶକ୍ତିକୁ ଆମ ଶରୀର ଗ୍ରହଣ କରେ, ସେସବୁ ସୂର୍ଯ୍ୟଙ୍କଠାରୁ ପ୍ରାପ୍ତ ହୋଇଥାଏ । ବାସ୍ତବରେ ସୂର୍ଯ୍ୟହିଁ ସମସ୍ତ ଜୀବନ୍ତ ସତ୍ତା ମଧ୍ୟରେ ବିଭିନ୍ନ ପ୍ରକାରର ପରିବର୍ତ୍ତନ ଓ ସନ୍ତୁଳନ ଏବଂ ରାସାୟନିକ, ଜୈବ ବୈଦ୍ୟୁତିକ, ଜୈବ ଚୁମ୍ବକୀୟ ଶକ୍ତିକୁ ଶୃଙ୍ଖଳିତ କରିଥା'ନ୍ତି ।''(୪)

ସୂର୍ଯ୍ୟ ହେଉଛନ୍ତି ଜୀବନ୍ତ ଦେବତା । ଏହାଙ୍କୁ ଅନାଇଲେ ଚକ୍ଷୁ ଆତ୍ମାର ଗବାକ୍ଷ ପରି କାର୍ଯ୍ୟ କରେ । ସୂର୍ଯ୍ୟୋଦୟର ୧୫ ମିନିଟ୍ ସମୟ ମଧ୍ୟରେ ଜଣେ ଅଳ୍ପ କେତେ ସେକେଣ୍ଡ ପାଇଁ ସୂର୍ଯ୍ୟଙ୍କୁ ଅନାଇପାରେ । ଏହା ଫଳରେ ଚକ୍ଷୁ ମଧ୍ୟ ଦେଇ ସୂର୍ଯ୍ୟ କିରଣ ପ୍ରବେଶ କରି ପିନିଅଲ୍ ଗ୍ରନ୍ଥିକୁ ଉଦ୍ଦୀପିତ କରିପାରେ । ମାତ୍ର ଚକ୍ଷୁ ସୂର୍ଯ୍ୟ କିରଣ ଗ୍ରହଣ କରିବାର ବହୁ ପୂର୍ବରୁ ପିନିଅଲ୍ ଗ୍ରନ୍ଥି ସୂର୍ଯ୍ୟ କିରଣ ପାଇସାରିଥାଏ । ପୁନଶ୍ଚ ଧ୍ୟାନ ମାଧ୍ୟମରେ ବି ଏହି ଗ୍ରନ୍ଥି ଜୈବ ସଙ୍କେତର ସୂକ୍ଷ୍ମାନୁଭୂତିକୁ ଗ୍ରହଣ କରେ । ଏପରିକି ପିନିଅଲ୍ ଗ୍ରନ୍ଥି ମନୁଷ୍ୟ ଆତ୍ମାର ବୀଜ ବା DNAର ଜନକ । ଏହା ଭାରତୀୟ ମହର୍ଷିମାନେ ଖ୍ରୀ. ପୂ. ୮୦୦୦ ବର୍ଷ ପୂର୍ବେ ଜାଣିଥିଲେ ।

ଏହି ପିନିଅଲ୍ ଗ୍ରନ୍ଥିର କାର୍ଯ୍ୟକାରିତା ଏବେ ମଧ୍ୟ ରହସ୍ୟମୟ । ପୁରାତନ ଯୁଗର ମନୀଷୀମାନେ ଜାଣିଥିଲେ ଯେ 'ବିଶ୍ୱାସ'ର ଅବସ୍ଥିତି ଏହି ଗ୍ରନ୍ଥିରେ । ସାଧାରଣତଃ ଛୋଟ ଶିଶୁମାନଙ୍କର ମୁଣ୍ଡରେ ଥିବା ଖପୁରି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇ ନଥାଏ ଏବଂ ଏହି ଖୋଲା ସ୍ଥାନଟିର ଖୁବ୍ ସୂକ୍ଷ୍ମାନୁଭବର ଶକ୍ତି ଥାଏ । କେତେକ ସମୟରେ ଶିଶୁଟି ଅଲୌକିକ ଶକ୍ତିର ପରିଚୟ ଦିଏ ତ ଆଉ କେବେ ଭବିଷ୍ୟତ୍ ବାଣୀ କରେ । ଏହିସବୁ ଅଭିଜ୍ଞତା ପିନିଅଲ୍ ଗ୍ରନ୍ଥି ସହ ସଂଯୋଜିତ ହୋଇଥାଏ । ଏହି ଗ୍ରନ୍ଥି ଯେତେବେଳେ ଉଦ୍ଦୀପିତ ହୁଏ ସେତେବେଳେ ମସ୍ତିଷ୍କରେ ଧୀଶକ୍ତି ବା ମେଧା ଶକ୍ତି କାର୍ଯ୍ୟ କରେ ।

କେବଳ 'ବିଶ୍ୱାସ' କିପରି ନିରାମୟତା ପ୍ରଦାନ କରେ, ଏ ବିଷୟରେ ମାର୍କ ଟ୍ୱେନ୍ (Mark Twain) ତାଙ୍କର ଏକ ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି ଯେ ତାଙ୍କ ସମୟରେ ଜଣେ 'ବିଶ୍ୱାସ'କୁ ଭିତ୍ତି କରି ଚିକିତ୍ସା କରୁଥିବା ଡାକ୍ତରାଣୀ ଥିଲେ । ଦାନ୍ତବିନ୍ଧା ଚିକିତ୍ସା କ୍ଷେତ୍ରରେ ସେ ଥିଲେ ଅସାଧାରଣ । ରୋଗୀର ଦାନ୍ତ ମାଢ଼ି ଉପରେ ସେ ହାତ ରଖି କହୁଥିଲେ 'ବିଶ୍ୱାସ କର' । ଏତିକିରେ ରୋଗୀ ଆରୋଗ୍ୟ ଲାଭ କରୁଥିଲା । ବାସ୍ତବରେ ତାଙ୍କ କଥା ବିଜ୍ଞାନ ଦୃଷ୍ଟିରୁ କାମ କରୁଥିଲା । ସେ ବିଶ୍ୱାସ ଶକ୍ତିକୁ ଉଦ୍ଦୀପିତ କରିପାରୁଥିଲେ, ଯାହା ପିନିଅଲ୍ ଗ୍ରନ୍ଥିରେ ଇଲେକ୍‌ଟ୍ରନ୍‌ରେ ଥିବା ବିଦ୍ୟୁତ୍ ଶକ୍ତିକୁ କାର୍ଯ୍ୟକାରୀ କରୁଥିଲା । ଏହା ଫଳରେ ନିରାମୟତାର କାର୍ଯ୍ୟ ତ୍ୱରାନ୍ୱିତ ହେଉଥିଲା ।

ଅନ୍ୟ ଏକ ଘଟଣା । ଏକଦା ଜଣେ ବ୍ୟକ୍ତି ସବୁବେଳେ କହି ହେଉଥିଲା, ''ମୋ ପରିବାରର ସମସ୍ତେ ୬୫ ବର୍ଷ ବୟସରେ ମରିଛନ୍ତି । ସେହିପରି ମୁଁ ମଧ୍ୟ ମରିବି । ଏହି ସମୟ ବିଷୟରେ ସେ ନିଶ୍ଚିତ ଥିଲା ଏବଂ ସେହି ବୟସକୁ ମଧ୍ୟ ଅପେକ୍ଷା କରୁଥିଲା । ଏପରିକି ସେ ହୃଦ୍‌ଘାତ ଏବଂ ଉଚ୍ଚ ରକ୍ତଚାପ ଦ୍ୱାରା ଯେ ମୃତ୍ୟୁ ଲାଭ କରିବ, ତା' ବି ଆଶା କରୁଥିଲା । ପୁନଶ୍ଚ ଏହି ପ୍ରକ୍ରିୟା ୬୧ ବର୍ଷ ବୟସରେ ଯେ ଆରମ୍ଭ ହେବ, ତା' ପାଇଁ ବି ଥିଲା ତା'ର ପ୍ରତୀକ୍ଷା । ଶେଷରେ ତା' ଜୀବନରେ ଠିକ୍ ତାହାହିଁ ହେଲା ଏବଂ ସବୁଠାରୁ ଉତ୍ତମ ଚିକିତ୍ସା ସତ୍ତ୍ୱେ ବି ଠିକ୍ ୬୫ ବର୍ଷ ବୟସରେ ପ୍ରାଣତ୍ୟାଗ କଲା ।

ଯଦି ସେ ଭିନ୍ନ ଭାବରେ ତା' ଜୀବନକୁ ନେଇଥା'ନ୍ତା, ନିଶ୍ଚିତ ଭାବରେ ସେ ସୁସ୍ଥ ରହିଥା'ନ୍ତା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ସମସ୍ତ ପ୍ରକାର ପ୍ରାର୍ଥନା ଜଣକୁ ସୁସ୍ଥ କରିପାରେ ନାହିଁ, ଯଦି ସେ ଗ୍ରହଣ କରୁଥାଏ ଯେ ଅସୁସ୍ଥତା ତା' ପାଇଁ ଆବଶ୍ୟକ । ଏପରିକି ମନର ବିଶ୍ୱାସ ଶକ୍ତିର ନକରାତ୍ମକ ଭାବନା ଦ୍ୱାରା ଜଣକର ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ମଧ୍ୟ ବହୁ ଭାବରେ ପ୍ରଭାବିତ ହୋଇଥାଏ ।

ଶ୍ରୀମା କହନ୍ତି, ''... – and what happens to us depends mostly on the intensity and purity of our faith.'' (CWM, Vol. 14, p. 80)

ଅର୍ଥାତ୍, ''... – ଏବଂ ଆମମାନଙ୍କ ଜୀବନରେ ଯାହା ଘଟେ, ମୁଖ୍ୟତଃ ଆମ ବିଶ୍ୱାସର ତୀବ୍ରତା ଓ ଶୁଦ୍ଧତା ଉପରେହିଁ ତାହା ନିର୍ଭର କରିଥାଏ ।''

ଆଧୁନିକ ବୈଜ୍ଞାନିକମାନେ କହନ୍ତି ଯେ ମଣିଷ ଯଦି ନିଜର ସ୍ୱପ୍ନକୁ ସାକାର କରିବାକୁ ଚାହେଁ, ତା'ହେଲେ ତାକୁ ତା' ନିଜ ଭିତରର 'ବିଶ୍ୱାସ ଶକ୍ତି'କୁ ଜାଗ୍ରତ୍ କରିବାକୁ ହେବ । ସେତେବେଳେ ସେ ଚେତନାର ଏମିତି ଏକ ସ୍ତରରେ ପହଞ୍ଚିବ ଯେ ତା' ପାଇଁ ସବୁକିଛି ସମ୍ଭବ ହୋଇଯିବ ।

ପୃଥିବୀପୃଷ୍ଠରେ ମଣିଷ ହେଉଛି ପର୍ଯ୍ୟଟକ ଏବଂ ଭଗବାନ୍ ହେଉଛନ୍ତି ପର୍ଯ୍ୟଟନର ପରିଚାଳକ । ନିଜ ଉପରେ ବିଶ୍ୱାସ ରଖି କାର୍ଯ୍ୟରେ ଅଗ୍ରସର ହେଲେ, ଭଗବାନ୍ ମଣିଷର ହସ୍ତଧାରଣ କରି ସୌରଦୀପ୍ତ ପଥରେ ତା'ର ସଂରକ୍ଷିତ ଗନ୍ତବ୍ୟ ସ୍ଥାନକୁ ନେଇଯା'ନ୍ତି । ଅତଏବ, ହେ ମନୁଷ୍ୟ ! ଏହି ଜୀବନ ଯାତ୍ରାରେ ଆନନ୍ଦ ଅନୁଭବ କର ଏବଂ ବିଶ୍ୱ ପ୍ରକୃତି ସହ ସମନ୍ୱୟ ରକ୍ଷାକରି ସଂହତି, ସୁସ୍ଥତା ଓ ଶାନ୍ତିରେ ଜୀବନ ଅତିବାହିତ କର ।

(ସମାପ୍ତ)

❑❑❑




**ତଥ୍ୟ ନିର୍ଦ୍ଦେଶିକା :**


(୧). Internet

(୨). Information Booklet and Stamps on Yoga – Published by Chief Postmaster General A. P. Circle, Hyderabad, 2016; (୩). Bhavan's Journal, Aug 31, 2005, ପୃଷ୍ଠା : ୮୯; (୪). ତତ୍ରୈବ ପୃଷ୍ଠା : ୯୨

# ବାମନାବତାର କଥା

## (୨)

## ଭିକାରି ଚରଣ ପଣ୍ଡା

ଦୈତ୍ୟରାଜ ବଳି ବର୍ତ୍ତମାନ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରର ଅଧୀଶ୍ୱର । ସେ ଇଚ୍ଛା କଲେ ଦିକ୍‌ପାଳମାନଙ୍କୁ ସୁଦ୍ଧା ଦଣ୍ଡ ଦେଇ ପାରନ୍ତି । ସମସ୍ତେ ନିଜ ନିଜର ସର୍ବୋତ୍ତମ ସେବା ଦେଇ ମନେ ମନେ ତାଙ୍କର ପ୍ରସନ୍ନତା ଆକାଙ୍‌କ୍ଷା କରୁଛନ୍ତି । ତାଙ୍କର ଭ୍ରୂଲତା ସାମାନ୍ୟ ତେଢ଼ା ହେଲା ମାତ୍ରେ କିଂବା ମୁହଁର ସ୍ୱାଭାବିକ ଗାମ୍ଭୀର୍ଯ୍ୟରେ ଟିକିଏ ରୁଷ୍ଟତାର ଛାପ ଦେଖାଗଲା ମାତ୍ରେ କିଛି ଗୋଟାଏ ଅଘଟଣ ଆଶଙ୍କାରେ ମୁଖ୍ୟ ମୁଖ୍ୟ ସେନାପତିମାନଙ୍କ କଳିଜା ସୁଦ୍ଧା ଭୟରେ ପାଣି ହୋଇଯାଉଛି । ଏକଥା ସଭିଏଁ ଜାଣନ୍ତି ଯେ ଯଜ୍ଞରେ ବ୍ରତଚ୍ଛିଦ୍ର ହେବା ଭୟକୁ ଛାଡ଼ିଦେଲେ ଅନ୍ୟ କୌଣସି ପ୍ରକାର ଭୟ ଦୈତ୍ୟରାଜଙ୍କ ମନ ମଧ୍ୟରେ ଆଉ ନାହିଁ – ଅନ୍ତତଃ ବର୍ତ୍ତମାନ ପାଇଁ କି ନାହିଁ । ସୁତରାଂ ରାଜନୀତି ବିଷୟକ କୌଣସି ସମସ୍ୟା ସମାଧାନ ପାଇଁ ଅଥବା ଅନ୍ୟ କୌଣସି କୂଟନୈତିକ ମସୁଧା ପାଇଁ ଦୈତ୍ୟରାଜଙ୍କ ଦୃଷ୍ଟି ଆଉ ଆକର୍ଷଣ କରାଯାଉ ନାହିଁ । ସେକଥା ମନ୍ତ୍ରୀମାନେ ବେଶ୍ ଚଳାଇ ନେଇ ପାରୁଛନ୍ତି । ଆହୁରି ମଧ୍ୟ ସାମାନ୍ୟରୁ ସାମାନ୍ୟତମ ତ୍ରୁଟି ସୁଦ୍ଧା ଘଟିବାକୁ ନଦେବା ପାଇଁ ନିମ୍ନତମ ମହଲରୁ ଉର୍ଦ୍ଧ୍ୱତମ ମହଲ ପର୍ଯ୍ୟନ୍ତ ସମସ୍ତେ ଦିବାରାତ୍ର ଜାଗତିଆର ଅଛନ୍ତି । ଦାନଗ୍ରହଣ ସମୟରେ ବିପ୍ରମାନେ ମନଇଚ୍ଛା ଯାହା ମାଗୁଛନ୍ତି ତାହା ତତ୍‌କ୍ଷଣାତ୍ ହାଜର କରାଇବାକୁ ଏପରି ସୁଯୋଗ୍ୟ କର୍ମଚାରୀମାନେ ନିଯୁକ୍ତ ଅଛନ୍ତି ଯେ ଦୈତ୍ୟରାଜଙ୍କୁ ଆଉ ପାଟି ଫିଟାଇବାକୁ ପଡୁ ନାହିଁ, ରାଜରାଜେଶ୍ୱରୋଚିତ ଉଦାର ଗମ୍ଭୀର ମୁଖମୁଦ୍ରାରେ ବିସ୍ମୟ ଅଥବା ଅପାରଗତାର ସାମାନ୍ୟ ଇଙ୍ଗିତ ସୁଦ୍ଧା ଉଦୟ ହେଉ ନାହିଁ ।

ବର୍ତ୍ତମାନ ଶହେଟି ଅଶ୍ୱମେଧ ଯଜ୍ଞ ପୂର୍ଣ୍ଣ ହେବାକୁ ଯାଉଛି । ଆଉ ଅଳ୍ପ ସମୟ ପରେ ଯଜ୍ଞ ସମାପନ ହେବ । ତତ୍ପରେ ତାହାର ଫଳସ୍ୱରୂପ ଅନନ୍ତସ୍ୱର୍ଗ । ପ୍ରକୃତ ଅର୍ଥରେ ଅନନ୍ତକାଳ ଯାଏ ନହେଲେ ବି ଅନ୍ତତଃ ଏହି ସୃଷ୍ଟି ଥିବା ପର୍ଯ୍ୟନ୍ତ ଅସୁରମାନେ ହେବେ ସ୍ୱର୍ଗର ମାଲିକ । ତତ୍ପରେ ନୂତନ ସୃଷ୍ଟିରେ କି କି ଜାତି ରହିବେ, ଅସୁର ବା ଦେବତା ଆଦୌ ଜନ୍ମ ହେବେ କି ନାହିଁ, ସେ ଅଲଗା ପ୍ରଶ୍ନ । ସେଥିରେ କାହାରି ହାତ ନାହିଁ । ଆପଣା ବୁଦ୍ଧିର ସଫଳତାରେ ବିଭୋର ହୋଇ ହୋଃ ହୋଃ ହୋଇ ହସିଉଠିଲେ ଶୁକ୍ରାଚାର୍ଯ୍ୟ । କିନ୍ତୁ ସେ ହସରେ ନିର୍ବୁଦ୍ଧି ବା ଦୁର୍ବୁଦ୍ଧିର ଗନ୍ଧ ନଥିଲା । ବରଂ ଶିଶୁ ସୁଲଭ କୌତୂହଳ ସେଥିରେ ଥିଲା । ସେ କୌତୂହଳଟି ସୃଷ୍ଟି ହୋଇଥିଲା ଏଇୟା ଭାବି ଯେ ଅସୁରକୁଳକୁ ସେ ବର୍ତ୍ତମାନ ଜଳନିର୍ମିତ ଜାହାଜରେ ଜଳସମୁଦ୍ର ପାର କରାଇବାକୁ ଯାଉଛନ୍ତି । ଯଦିଓ ଏହା ଅସମ୍ଭବ, ତଥାପି ସମ୍ଭବ ହେବାକୁ ବସିଛି । କିନ୍ତୁ ଯଦି ସମ୍ଭବ ହୁଏ, ତେବେ ତାହା ଜଳର ଦୟା ବୋଲି କୁହାଯିବ ନା ଶୁକ୍ରାଚାର୍ଯ୍ୟଙ୍କ ବୁଦ୍ଧିର ଦୟା ବୋଲି କୁହାଯିବ ? ଏହି କଥା ଭାବି ପୁଣି ଥରେ ସେ ନିର୍ଦୋଷ କୌତୂହଳ ସହକାରେ ହସି ପକାଇଲେ । ମନେ ମନେ ହାତ ଯୋଡ଼ି ଉଚ୍ଚାରଣ କଲେ, ''ହେ ନାରାୟଣ ! ବିଶ୍ୱବ୍ୟାପୀ ଯେଉଁ ଅଲଂଘ୍ୟ ନିୟମରେ ସମସ୍ତେ ବନ୍ଧା, ସେହି ନିୟମର କର୍ତ୍ତା ହେଉଛ ତୁମେ । ପାପପୁଣ୍ୟ ସମ୍ବନ୍ଧୀୟ ଅଲଂଘ୍ୟ ନିୟମ (କର୍ମ ଫଳ ନିୟମ) ହେଉଛି ସେହି ବିଶ୍ୱବ୍ୟାପୀ ନିୟମର ଏକ ଅଂଶ । ଦେବତା ଓ ଅସୁରମାନଙ୍କ ଭିତରେ ଯେଉଁ ମୌଳିକ ପାର୍ଥକ୍ୟ ଅଛି, ସେହି ପାର୍ଥକ୍ୟ ମଧ୍ୟ ସେହି ଏକହିଁ ନିୟମର ଅଂଶ ବିଶେଷ ଅଟେ । ନିୟମକୁ ଅସ୍ତ୍ର କରି ନିୟମର ସ୍ରଷ୍ଟାଙ୍କୁ କ'ଣ ଆଖିଠାର ମାରି ହୁଏ ? ହେ ପ୍ରଭୁ ! ମୁଁ ଏପରି ଦୁରାଶା କେବେ ବି କରି ନାହିଁ । ମୁଁ ଖାଲି ଏତିକି ପ୍ରାର୍ଥନା କରୁଛି, ମୋର ଯଜମାନ ନିଷ୍ପାପର ଅଟେ । ତାହାକୁ ତା'ର ନିଷ୍ଠାର ଅନୁରୂପ ଫଳରୁ ବଞ୍ଚିତ କରା ନଯାଉ ।''

ଏହି ସମୟରେ ସମସ୍ତଙ୍କୁ ଶୁଭିଲା ସେହି ଅପୂର୍ବ ସାମବେଦ, ଯାହାର ଧ୍ୱନି ପରବର୍ତ୍ତୀ ଅବତାର ଶ୍ରୀରାମଚନ୍ଦ୍ରଙ୍କ ମଧୁର କଥା ବା ଶ୍ରୀକୃଷ୍ଣଙ୍କ ମଧୁର ବଂଶୀ ଧ୍ୱନି ସହିତ ତୁଳନୀୟ । ମହାରାଜ ବଳି ମନେ ମନେ ଭାବୁଛନ୍ତି, ଯାହାର ସଙ୍ଗୀତ ଏତେ ସୁଖକର, ସେହି ଗାଇବା ଲୋକଟି ତାହା ଅପେକ୍ଷା ଅଧିକ ସୁଖକର ନିଶ୍ଚୟ ହୋଇଥିବ । ଏହି ସମୟରେ ଧୀରେ ଧୀରେ ସେଠାରେ ପ୍ରବେଶ କଲେ ବ୍ରାହ୍ମଣବଟୁରୂପୀ ସ୍ୱୟଂ ନାରାୟଣ । ତାଙ୍କ ମୁହଁକୁ ଚାହିଁଲେ ଯେ କେହି ସଙ୍କୁଚିତ ହୋଇ ଯିବା କଥା, ଯେହେତୁ ଆଖି ଯୋଡ଼ିକରେ ସୃଷ୍ଟିକାରିଣୀ ଶକ୍ତି ସାକ୍ଷାତ୍ ନିବାସ

କରି ରହିଛି । ସୂର୍ଯ୍ୟର ତେଜରେ ଦୀପଶିଖା ମଳିନ ହୋଇଗଲା ପରି ସେହି ବ୍ରାହ୍ମଣବଟୁର ତେଜରେ ସଭାରେ ଉପସ୍ଥିତ ଥିବା ଋଷିମାନଙ୍କ ତେଜ ମଳିନ ପଡ଼ିଗଲା । ଶୁକ୍ରାଚାର୍ଯ୍ୟଙ୍କ ମନରେ ସନ୍ଦେହ ହେଲା । ନିଶ୍ଚୟ କେହି ଦେବତାମାନଙ୍କ ହିତୈଷୀ ଅସୀମ ଶକ୍ତିଧର ମହାପୁରୁଷ ଯଜ୍ଞରେ ବିଘ୍ନ ଜାତ କରିବାକୁ ଅର୍ଥାତ୍ ଯଜ୍ଞକୁ ଅସମ୍ପୂର୍ଣ୍ଣ କରିଦେବାକୁ ଆସିଛନ୍ତି । ଏପରି ଭାବି ଦୈତ୍ୟରାଜଙ୍କୁ ସତର୍କ କରିଦେବାଟା ନିଜର କର୍ତ୍ତବ୍ୟ ବୋଲି ସେ ଭାବିଲେ ।

ଏଣେ ବଳି ମନେ ମନେ ଭାବୁଛନ୍ତି – ଏପର୍ଯ୍ୟନ୍ତ ସେ ଯାହା ଯାହା ହୋମ ଦାନ ପ୍ରଭୃତି କରି ଆସିଛନ୍ତି, ତା'ର ପୁଣ୍ୟ ପ୍ରଭାବରୁ ଏଭଳି ଏକ ମହାତ୍ମାଙ୍କୁ ଆଜି ଦାନର ପାତ୍ର ଭାବରେ ପାଇଛନ୍ତି । ସେ ବିନୟ ସହକାରେ ପଚାରିଲେ, ''ହେ ବ୍ରାହ୍ମଣ ! କାହିଁରେ ଆପଣଙ୍କର ଇଚ୍ଛା ? ଭୂମି, ସୁବର୍ଣ୍ଣ, ବାହନ, ବସନଭୂଷଣ, ଦାସଦାସୀ, ଗୃହ ଅଥବା ରୂପଗୁଣ ଶାଳିନୀ ସୁଯୋଗ୍ୟା ବିପ୍ରକନ୍ୟା ଅଥବା ଏହା ବାହାରେ ଆଉ କିଛି ମନରେ ଭାବିଥିବା ଉତ୍ତମ ବସ୍ତୁ, ଏଗୁଡ଼ିକରୁ ଯାହା ଦରକାର ନିଃସଙ୍କୋଚ ଭାବେ ପ୍ରକାଶ କରନ୍ତୁ ।''

''ଧନ୍ୟବାଦ । ଆପଣ ପ୍ରକୃତରେ ଦୈତ୍ୟଶ୍ରେଷ୍ଠ ପ୍ରହ୍ଲାଦଙ୍କ ସୁଯୋଗ୍ୟ ବଂଶଧର ଭଳି କଥା କହୁଛନ୍ତି । କିନ୍ତୁ ମୋର ଏତେ ଗୁଡ଼ାଏ ଜିନିଷ ଦରକାର ନାହିଁ । ମୋର ପାହୁଣ୍ଡରେ ମାତ୍ର ତିନି ପାହୁଣ୍ଡ ଭୂମି ମୋତେ ଦରକାର ।''

''ଆପଣ ମୋତେ ଲଜ୍ଜିତ କରିବାକୁ ଏପରି ତୁଚ୍ଛ ଜିନିଷ ମାଗୁଛନ୍ତି । ଯେ ଥରେ ମୋର ହାତରୁ ଦାନ ନିଏ, ତାକୁ ଆଉ ତା' ଜୀବନରେ ଅନ୍ୟ କାହାଠାରୁ ଦାନ ନେବାକୁ ପଡ଼େ ନାହିଁ । ବୟସରେ ଛୋଟ ହେତୁ ସମ୍ପତ୍ତି କି ପ୍ରକାର ଲୋଭନୀୟ ଜିନିଷ ତାହା ବର୍ତ୍ତମାନ ସୁଦ୍ଧା ଆପଣ ଜାଣି ନାହାନ୍ତି । ତଥାପି ସମୟ ଦେଲି, ଭଲ କରି ଭାବିଚିନ୍ତି ମାଗନ୍ତୁ ।''

''ହେ ଦୈତ୍ୟରାଜ ! ଆପଣ ଅତି ଉଦାର ହୃଦୟର ପରିଚୟ ଦେଇଛନ୍ତି । କିନ୍ତୁ ଯେଉଁ ଲୋକ ମାତ୍ର ତିନି ପାହୁଣ୍ଡ ଭୂମି (ଅର୍ଥାତ୍ ଶରୀର ରଖି ପାରିବା ଭଳି ଭୂମି)ରେ ସନ୍ତୁଷ୍ଟ ରହି ନଜାଣେ, ତାକୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ମାଲିକ କରାଗଲେ ମଧ୍ୟ ସନ୍ତୁଷ୍ଟ ରହି ପାରିବ ନାହିଁ । କାରଣ, ତୁଷ୍ଟି ଆଦୌ ବାହାରର ଦ୍ରବ୍ୟ ଉପରେ ନିର୍ଭର କରେ ନାହିଁ । ତାହା ଖାଣ୍ଟି ଭିତରର ଜିନିଷ ଓ ଭିତର ଛଡ଼ା ବାହାରୁ ଆଦୌ ଆସେ ନାହିଁ । ଯେଉଁ ଲୋକ ଭାବେ ଯେ ''ଅମୁକ ଜିନିଷ ପାଇଲେ ଖୁବ୍ ସନ୍ତୁଷ୍ଟ ହୁଅନ୍ତି, ସମୁକ ଜିନିଷ ପାଇଲେ ଖୁବ୍ ସନ୍ତୁଷ୍ଟ ହୁଅନ୍ତି,'' ସେ ସେହି ଜିନିଷ ପାଇଲେ ବି ସନ୍ତୁଷ୍ଟ ହୋଇ ପାରିବ ନାହିଁ । କାରଣ, କାମନାର କୌଣସି ସୀମା ହିଁ ନାହିଁ । ଦେଖିଥିବା ଜିନିଷ ପାଇ ସାରିଲେ ଜଣେ ଶୁଣିଥିବା ଜିନିଷକୁ ପାଇବା ପାଇଁ ଚାହେଁ । ତାହା ମଧ୍ୟ ମିଳିଗଲା ଉତ୍ତାରେ ମନରେ ଭାବି ପାରୁଥିବା ନାନା ଉଦ୍ଭଟ ଜିନିଷ ପାଇବାକୁ ଚାହେଁ । ତାହା ବି ଯଦି ମିଳିଯା'ନ୍ତା, ତେବେ ସୁଦ୍ଧା କାଳେ କ'ଣ ବାକି ରହିଯାଇଥିବ ବୋଲି ମନକୁ ଉଦ୍‌ବିଗ୍ନ କରନ୍ତା । ହେ ଦୈତ୍ୟରାଜ ! ଯେଉଁ ଶାନ୍ତି ଦ୍ରବ୍ୟକୁ ଅପେକ୍ଷା କରେ ନାହିଁ, ତାହା ହେଉଛି ଶାନ୍ତିର ଶୁଦ୍ଧ ସ୍ୱରୂପ । ଦ୍ରବ୍ୟ ମିଳିବାରେ ଯେଉଁ ଆପାତ ଶାନ୍ତି ମିଳେ, ତାହା ଅଶାନ୍ତିରହିଁ ଛଦ୍ମରୂପ । ପୁନଶ୍ଚ ଧନ, ଯୌବନ, ସ୍ୱାସ୍ଥ୍ୟ ପ୍ରଭୃତି ବିଳାସର ଉପକରଣଗୁଡ଼ିକୁ ଅନନ୍ତକାଳ ପାଇଁ ଯଦି ଭୋଗ କରି ହେଉଥା'ନ୍ତା, ତେବେ ସେଗୁଡ଼ିକୁ ଅର୍ଜନ କରାଯିବ କି ନାହିଁ, ତାହା ବିଚାର କରାଯାଆନ୍ତା । କିନ୍ତୁ ଯେହେତୁ ଦିନେ ସେସବୁକୁ ଛାଡ଼ି ଲଙ୍ଗଳା ହୋଇ ଯିବାକୁ ପଡ଼ିବ, ତେଣୁ ଏତେ ଶ୍ରମ ସାଧିବାର କୌଣସି ଯଥାର୍ଥତାହିଁ ନାହିଁ ।''

ମହାରାଜ ବଳି ମନୋଯୋଗ ସହକାରେ ନାରାୟଣଙ୍କ କଥା ଶୁଣୁଥିଲେ । ସେ ଦୀର୍ଘଶ୍ୱାସ ପକାଇ କହିଲେ, ''ଆପଣ ଆଜି ମୋର ଦାନର ଗର୍ବକୁ ଚୂର୍ଣ୍ଣ କଲେ । ଏତେ ଦିନ ଯାଏ ମୁଁ ନିଜକୁ ବଡ଼ ଦାନୀ ବୋଲି ଭାବୁଥିଲି । କିନ୍ତୁ ଆଜି ଦେଖୁଛି, ମୋଠାରୁ ବଡ଼ ଦାନୀ ହେଉଛନ୍ତି ଆପଣ । ଆହୁରି ମଧ୍ୟ ମୁଁ ଅନୁମାନ କରୁଛି, ଏଇ ଯେ ତିନିପାହୁଣ୍ଡ ଭୂମି ମାଗୁଛନ୍ତି, ଏଥିରେ ମଧ୍ୟ ଆପଣଙ୍କ ନିଜର ବୋଲି କୌଣସି ପ୍ରୟୋଜନ ନଥିଲା, କିନ୍ତୁ କୌଣସି ମହତ୍ କାର୍ଯ୍ୟ ସାଧନ କରିବା ଉଦ୍ଦେଶ୍ୟରେ ଏତକ ଲୋଡ଼ୁଛନ୍ତି ।''

''ଆପଣଙ୍କ ଅନୁମାନ ସତ୍ୟ । ମହତ୍ ଲୋକଙ୍କୁ ବେଶୀ ବୁଝାଇବା ଦରକାର ପଡ଼େ ନାହିଁ । ବର୍ତ୍ତମାନ ମୋର ମାଗୁଥିବା ଜିନିଷ ମିଳିବ କି ନାହିଁ ଏତକ ଜାଣିବାକୁ ଚାହୁଁଛି ।''

''ଅବଶ୍ୟ ମିଳିବ'', ଏହା କହି ମହାରାଜ ଦକ୍ଷିଣାବର୍ତ୍ତ ଶଙ୍ଖରେ ଜଳ, ତିଳ, କୁଶ ପ୍ରଭୃତି ପବିତ୍ରବସ୍ତୁ ଭରି ଭଗବାନଙ୍କ ହସ୍ତରେ ଜଳ ଢାଳିବାକୁ ବସିଲେ ।

ଶୁକ୍ରାଚାର୍ଯ୍ୟ ଏହି ସମୟରେ ବଳିଙ୍କୁ ସାବଧାନ କରାଇ ଦେଲେ ଯେ ଏହି ବ୍ରାହ୍ମଣ ବାଳକକୁ ତା'ର କଥିତ ମୁତାବକ କୌଣସି ଜିନିଷ ଯେପରି ଦିଆ ନଯାଏ । କାରଣ, ସେଥିରେ ବିପଦ ଥିଲା ଭଳି ଲାଗୁଛି ।

ବଳି କହିଲେ, ''ଗୁରୁଦେବ ! ସ୍ୱର୍ଗର ମୋହ ବରଂ ଛାଡ଼ି ପାରେ, କିନ୍ତୁ ଦାନର ମୋହ ଯେ ଛାଡ଼ି ପାରିବି ନାହିଁ ।''

ଶୁକ୍ରାଚାର୍ଯ୍ୟ କହିଲେ, ''ପ୍ରତ୍ୟେକ କଥାରେ ମାତ୍ରା ଅତିରିକ୍ତ ହେବାଟା ବିପରୀତ ଫଳ ସୃଷ୍ଟି କରେ । ତୁମେ ସ୍ଥାୟୀ ସ୍ୱର୍ଗ ସାମ୍ରାଜ୍ୟ ଭୋଗ କରିବା ଉଦ୍ଦେଶ୍ୟରେହିଁ ତ ଯଜ୍ଞ ଆରମ୍ଭ କରିଛ ?''

ବଳି କହିଲେ, ''ଗୁରୁଦେବ ! ଆମେ ଅସୁରଜାତି ଅର୍ଥ ଓ କାମ ବ୍ୟତୀତ ଆଉ କ'ଣ ଉପାର୍ଜନ କଲା ଭଳି ପଦାର୍ଥ ଅଛି ବୋଲି ଜାଣୁନା । କିନ୍ତୁ ଆମ ଜାତି ଭିତରେ ମୁଁ ନିଜେ ହେଉଛି ଗୋଟିଏ ବ୍ୟତିକ୍ରମ । ମୁଁ ଦାନ ଦେବାରେ ଯେତିକି ଆନନ୍ଦ ପାଉଛି, ଭୋଗ କରିବାରେ ସେତିକି ଆନନ୍ଦ ପାଉ ନାହିଁ । କ୍ରମଶଃ ଦେଖୁଛି ଯେ ଏହି ଦାନ ଦେବାଟା ହେଉଛି ଏକ ଶକ୍ତିର ସ୍ରୋତ । ଏହାର ଦୁଇଟି ଧାରା ଅଛି । ସ୍ଥୂଳଶକ୍ତିଧାରାଟି ଗ୍ରହୀତା ପାଖକୁ ଯାଉଛି ଓ ଏହା ତାହାର ବସ୍ତୁଗତ ଅଭାବ ପୂରଣ କରୁଛି, ସୂକ୍ଷ୍ମ ଶକ୍ତିଧାରାଟି ଦାତା ଆଡ଼କୁ ଆସୁଛି ଓ ଏହା ତାହାର ହୃଦୟକୁ ମାର୍ଜିତ କରୁଛି । ଦାନର ଏହି ସୂକ୍ଷ୍ମ ଶକ୍ତିଧାରାଟି ମୋ ଭିତରେ ବର୍ତ୍ତମାନ ଏପରି ଏକ ପରିବେଶ ସୃଷ୍ଟି କଲାଣି, ଯାହା ମୋତେ ଅର୍ଥ ଓ କାମଠାରୁ କ୍ରମେ ଦୂରେଇ ନେଉଛି । ଏ ଦୁଇ ବସ୍ତୁର ସ୍ୱାଦକୁ ଅନୁଭବ କରିବାର ଶକ୍ତି କ୍ରମେ ମୁଁ ହରାଇ ବସୁଛି । ସୁତରାଂ ସ୍ୱର୍ଗ ସାମ୍ରାଜ୍ୟର ଲୋଭରେ ମୁଁ ଯଜ୍ଞ ଆରମ୍ଭ କରିଥିଲେ ବି ଆଜି ସେଇ ଯଜ୍ଞର ଲୋଭରେ ସ୍ୱର୍ଗ ସାମ୍ରାଜ୍ୟକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ । ମୁଁ ଏହି ବ୍ରାହ୍ମଣ ବାଳକକୁ ଭୂମି ତିନିପାଦ ନିଶ୍ଚୟ ଦେବି ।''

ଏତିକି କହି ଦୈତ୍ୟରାଜ ଆଉ ଅଧିକ ବାଗ୍‌ବ୍ୟୟ ନକରି ବ୍ରାହ୍ମଣରୂପୀ ନାରାୟଣଙ୍କ ହସ୍ତରେ ଶଙ୍ଖ ଜଳ ଢାଳି ଦେଲେ ଓ କହିଲେ, ''ହେ ମହାତ୍ମା ! ଆପଣ ନିଜ ପାହୁଣ୍ଡରେ ତିନିପାହୁଣ୍ଡ ଭୂମି ଯେଉଁଠି ଇଚ୍ଛା ସେଇଠି ବାଛି ନେଇ ପାରନ୍ତି ।''

ବଳିଙ୍କ ମୁହଁରୁ ଏତକ ସରିଛି କି ନାହିଁ, ବ୍ରାହ୍ମଣ ବାଳକଙ୍କ ଶରୀର ଯୋଗବଳରେ ବଢ଼ିବାକୁ ଲାଗିଲା । ଦେଖୁ ଦେଖୁ ପୃଥିବୀ ବାହାରେ ତାଙ୍କ ଶରୀର ଯାଇ ଠିଆ ହେଲା । ତଳେ ସାତପ୍ରସ୍ଥ ଓ ଉପରେ ସାତପ୍ରସ୍ଥ ଏହିପରି ଚଉଦପ୍ରସ୍ଥ ଅର୍ଥାତ୍ ଚଉଦଟି ଭୁବନରେ ଆମର ଏଇ ବ୍ରହ୍ମାଣ୍ଡଟି ଗଢ଼ା । ବ୍ରହ୍ମାଣ୍ଡ ବାହାରେ କ'ଣ ଅଛି, ତାହା ବ୍ରହ୍ମାଣ୍ଡ ଭିତରେ ବାସ କରୁଥିବା ଜୀବ ଦେଖିପାରେ ନାହିଁ । ଆମେ ଦୂରବୀକ୍ଷଣ ଯନ୍ତ୍ରରେ ଯାହା କିଛି ଦେଖୁଥାଇଁ ବା ଲେଶମାତ୍ରାରେ ହେଲେ ବି ଯାହାର ଅସ୍ତିତ୍ୱ ଅନୁଭବ କରୁଥାଇଁ ତାହା ଆମରି ବ୍ରହ୍ମାଣ୍ଡ ଭିତରରହିଁ ଜିନିଷ । କିନ୍ତୁ ନାରାୟଣଙ୍କ ଗୋଟିଏ ଲୋମକୂପରେ ଏହିପରି କୋଟିକୋଟି ବ୍ରହ୍ମାଣ୍ଡ ଆତଯାତ କରନ୍ତି, ଯେପରି ଗୋଟିଏ ଝରକା ଭିତରେ ସୂକ୍ଷ୍ମ ଧୂଳିକଣାଗୁଡ଼ିକ ନିର୍ବିଘ୍ନରେ ଯାତାୟାତ କରନ୍ତି । ସୁତରାଂ ନାରାୟଣ ଯେତେବେଳେ ବିଶ୍ୱରୂପ ଧାରଣ କଲେ, ଆମର ଏଇ ବ୍ରହ୍ମାଣ୍ଡର ଉତ୍ତର ଦିଗନ୍ତରୁ ଦକ୍ଷିଣ ଦିଗନ୍ତ ଯାଏଁ ବ୍ୟାପିଥିବା ନୀହାରିକାଟି – ଯେଉଁଠୁ ଆଲୋକ ଆସି ପୃଥିବୀରେ ପହଞ୍ଚିବାକୁ ଅଢ଼େଇ ହଜାର ବର୍ଷଲାଗେ – ତାଙ୍କ ପାଦର ବୃଦ୍ଧାଙ୍ଗୁଷ୍ଠି ନଖର କେଉଁ କୋଣରେ ହଜିଗଲା ତା'ର ପତ୍ତା ମିଳିଲା ନାହିଁ ।

ବ୍ରାହ୍ମଣ ବାଳକଙ୍କ କଣ୍ଠସ୍ୱର ଶୁଣାଗଲା, ''ଦୈତ୍ୟରାଜ ! ଆପଣଙ୍କ ଅଧିକାରରେ ଥିବା ସମସ୍ତ ସାମ୍ରାଜ୍ୟ ମୋର ଗୋଟିଏ ରୋମର ଅଗ୍ରଭାଗକୁ ସୁଦ୍ଧା ପୂରାଇ ପାରିଲା ନାହିଁ । ଏହା ବାହାରେ ଆଉ କି ଭୂମି ରଖିଛ ଶୀଘ୍ର ଦିଅ । ନଦେବା ପର୍ଯ୍ୟନ୍ତ ତୁମେ ମୋର ରଣପାଶରେ ବନ୍ଦୀ ।''

ତତ୍‌କ୍ଷଣାତ୍ ଗୋଟିଏ ଅଦ୍ଭୁତ ଲୌହ ଶୃଙ୍ଖଳ କେଉଁଠୁ ଆସି ପଶୁ ବାନ୍ଧିବା ପରି ଦୈତ୍ୟରାଜଙ୍କୁ ବାନ୍ଧି ପକାଇଲା । ଦୈତ୍ୟରାଜ ଦେହ ହଲାଇବାକୁ ସୁଦ୍ଧା ସକ୍ଷମ ହୋଇ ପାରିଲେ ନାହିଁ । ଆପଣା ପ୍ରଭୁଙ୍କର ଏ ଦୁର୍ଦ୍ଦଶା ଦେଖି ସାରା ଅସୁରକୁଳ ନିଜ ନିଜର ଅସ୍ତ୍ରଶସ୍ତ୍ର ଧରି ସୃଷ୍ଟିକି ବ୍ୟାପି ରହିଥିବା ସେହି ବିଶାଳ ଦେବଶରୀର ଉଦ୍ଦେଶ୍ୟରେ ଅସ୍ତ୍ର ଫିଙ୍ଗିବାକୁ ଲାଗିଲେ । ତାଙ୍କର ଏ ହାସ୍ୟାସ୍ପଦ ଚେଷ୍ଟା ଦେଖି ନିଜେ ଦୈତ୍ୟରାଜ ସେମାନଙ୍କୁ ବାରଣ କଲେ ଓ କହିଲେ ଯେ କାଳର ଗତିକୁ ପ୍ରତିରୋଧ କରିବାକୁ ସେମାନେ ଚେଷ୍ଟା କରନ୍ତୁ ନାହିଁ । ମଧ୍ୟାହ୍ନ ସୂର୍ଯ୍ୟ ଆଡ଼କୁ ଛେପ ପକାଇବାକୁ ଚେଷ୍ଟା କଲେ ଓଲଟି ନିଜର ମୁହଁକୁ ଛେପ ଫେରି ଆସିବ । ଅସୁରମାନେ ନିରୁପାୟ ହୋଇ ନିଜ ପ୍ରଭୁଙ୍କ ଦୁର୍ଦ୍ଦଶା ଦେଖି ଆଖିରୁ ଲୁହ ଗଡ଼ାଇବାକୁ ଲାଗିଲେ ।

ବଳି ଦେଖିଲେ ଯେ ତାଙ୍କ ଦାନର ପାତ୍ରଟି ହେଉଛନ୍ତି ଏପରି ଜଣେ ବ୍ୟକ୍ତି, ଯେ କି ସର୍ବଦାହିଁ ସମଗ୍ର ସୃଷ୍ଟିକି ବ୍ୟାପୀ ରହିଛନ୍ତି । ଏହି ଅନନ୍ତ ସୃଷ୍ଟି ବାହାରେ ଯଦି ଆଉ କିଛି ରହିବା ସମ୍ଭବ ତେବେ ତାହା ଏହି ପୁରୁଷଙ୍କ ଦେହଛଡ଼ା ଆଉ କିଛି ହୋଇ ନପାରେ । କେବଳ ସ୍ଥାନ ନୁହେଁ, କାଳର ଯାବତୀୟ ବିଚିତ୍ରତା ଓ ଜୀବମାନଙ୍କର ଯାବତୀୟ ବିଚିତ୍ରତା ମଧ୍ୟ ଏହି ପୁରୁଷଙ୍କ ପ୍ରକାଶ ଅଟେ । ବରଫରେ ପାଣିଥିବା ଭଳି, ମାଠିଆ ଦେହରେ ମାଟିଥିବା ଭଳି, ବସ୍ତ୍ରରେ ସୂତାଥିବା ଭଳି ସୃଷ୍ଟି

ଭିତରେ ଓ ବାହାରେ ଏହି ପୁରୁଷ ଓତପ୍ରୋତ ଭାବେ ବିଦ୍ୟମାନ ଅଛନ୍ତି । ଖାଲି ସ୍ଥୂଳ ଜଗତ୍ ନୁହେଁ, ସ୍ୱପ୍ନ ଓ ତୁରୀୟ ଅବସ୍ଥାରେ ଆମେ ଯେଉଁ ଜଗତରେ ବିହାର କରୁ ସେଠାରେ ମଧ୍ୟ ସେ ମାଲିକ ଅଟନ୍ତି ଓ ସେଇଭଳି ବିଦ୍ୟମାନ ଅଛନ୍ତି । ଏହି ପୁରୁଷଙ୍କ ବାହାରେ କିଛିମାତ୍ର ନାହିଁ, ଏପରିକି ଶୂନ୍ୟ ମଧ୍ୟ ନାହିଁ । ତାଙ୍କ ବାହାରେ ସେହିଁ ଅଛନ୍ତି – ଯଦି ଆଦୌ ''ତାଙ୍କ ବାହାରେ'' ବୋଲି କହିବାର କିଛି ମାନେ ଥାଏ । ବଳି ଭାବି ପାରିଲେ ନାହିଁ କ'ଣ ବା ତାଙ୍କ ଅଧିକାରରେ ଥିଲା ଓ କ'ଣ ବା ସେ ଆଜି ଏହି ପୁରୁଷଙ୍କୁ ଦେଲେ !

ବଳି ନିଜକୁ ଧିକ୍‌କାର କଲେ ଏଇଥି ପାଇଁ ଯେ ସେ ବର୍ତ୍ତମାନ ଯାଏଁ କୁହୁଡ଼ି ପହଁରୁ ଥିଲେ । ନିଜକୁ ତିନିପୁରର ମାଲିକ ବୋଲି ଭାବୁଥିଲେ । ବାସ୍ତବରେ କେହି ବି ଏ ସୃଷ୍ଟିର କୌଣସି ବସ୍ତୁ ଉପରେ ମାଲିକ ନୁହେଁ ।

''ଭୟାଦସ୍ୟାଗ୍ନିସ୍ତପତି ଭୟାତ୍ତପତି ସୂର୍ଯ୍ୟଃ ।
ଭୟାଦିନ୍ଦ୍ରଶ୍ଚ ବାୟୁଶ୍ଚ ମୃତ୍ୟୁର୍ଧାବତି ପଞ୍ଚମଃ ॥''

(କଠଶ୍ରୁତି)

ଏହି ପୁରୁଷଙ୍କୁ ଭୟକରି ଅଗ୍ନି ତାପ ବିକିରଣ କରେ, ସୂର୍ଯ୍ୟ ତାପ ବିକିରଣ କରେ, ଇନ୍ଦ୍ର ବର୍ଷା କରେ, ବାୟୁ ବହେ ଓ ପଞ୍ଚମଟି ମୃତ୍ୟୁ ଦେବତା ପ୍ରାଣୀମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଖାଏ ।

ପୁନଶ୍ଚ ସେହି କଣ୍ଠ କାହିଁ କେତେ ଦୂରରୁ ଭାସି ଆସିଲା : ''ମହା ମହେଶ୍ୱର ସମ୍ରାଟ ! ଅନ୍ତତଃ ଗୋଟିଏ ପାଦ ରଖିବାକୁ ଜାଗା ଟିକିଏ ଦିଅ । ତୁମର ସମ୍ପତ୍ତି କ'ଣ ଏତିକିରେ ସରିଗଲା ?''

ବଳି ସେହିପରି ହସ୍ତପାଦବଦ୍ଧ ଅବସ୍ଥାରେ ବାଷ୍ପ ଗଦ୍‌ଗଦ କଣ୍ଠରେ କହିଲେ, ''ହେ ମୋର ସାମାନ୍ୟ ଦାନର ଅସାମାନ୍ୟ ଦାନପାତ୍ର ! ମୋର ମସ୍ତକକୁ ଆପଣଙ୍କ ପାଦତଳେ ସମର୍ପଣ କଲି । ଏହା ଉପରେ ଆପଣ ନିଃସଙ୍କୋଚରେ ପାଦ ରଖି ପାରନ୍ତି ।'' ଏତିକି କହି ବଳି ଭୂମି ଉପରେ ନିଜର ମୁଣ୍ଡଟିକୁ ଥୋଇଦେଲେ, ଅର୍ଥାତ୍ ନିଜକୁ ପୂର୍ଣ୍ଣରୂପେ ଭଗବାନଙ୍କ ଚରଣରେ ନୈବେଦ୍ୟ କରିଦେଲେ । ତତ୍‌କ୍ଷଣାତ୍ ସେ ନିଜର ମୁଣ୍ଡରେ ଅନୁଭବ କଲେ ଏକ ସ୍ନେହ ବୋଳା ଉଷ୍ମ ସ୍ପର୍ଶ, ଯେପରି ଏକ ଅଦୃଶ୍ୟ ପାଦ ଆସି ତାଙ୍କୁ ମୃଦୁଭାବେ ଚାପି ଦେଲା । ଲୌହଶୃଙ୍ଖଳଟି ଯେପରି ଭାବେ ଶୂନ୍ୟରୁ ଆସି ବାନ୍ଧି ଥିଲା, ସେଇଭଳି ମନକୁ ଫିଟିଯାଇ ଉଭେଇ ଗଲା । ଏହି ସମୟରେ ଆକାଶରୁ ଇନ୍ଦ୍ର ପ୍ରଭୃତି ଦେବତାମାନେ ବଳିଙ୍କ ମସ୍ତକରେ ଶ୍ରଦ୍ଧାସହକାରେ କୁସୁମ ବୃଷ୍ଟିକଲେ ଓ ତାଙ୍କୁ ସମ୍ମାନ ଦେବା ପାଇଁ ସ୍ୱର୍ଗରେ ଦିବ୍ୟ-ଦୁନ୍ଦୁଭିବାଦ୍ୟ ବାଜି ଉଠିଲା ।

ଭଗବାନଙ୍କ କଣ୍ଠସ୍ୱର ଶୁଣାଗଲା, ''ହେ ଦୈତ୍ୟରାଜ ! ତୁମେ ବର୍ତ୍ତମାନ ମୋର ଋଣମୁକ୍ତ । ସ୍ୱର୍ଗକୁ ମୁଁ ଦେବତାମାନଙ୍କୁ ଫେରାଇ ଦେଇଛି । ପାତାଳରେ ପୂର୍ବପରି ଅସୁରମାନେ ରହିବେ । କିନ୍ତୁ ମୁଁ ତୁମକୁ ଆଉ ଏକ ବିଶିଷ୍ଟ ସ୍ଥାନରେ ରଖିବାକୁ ଚାହେଁ । ସେହି ସ୍ଥାନର ସୁଖ ଦେବତାମାନେ ବି କଳ୍ପନା କରି ପାରିବେ ନାହିଁ ।

ବଳି ପ୍ରତିବାଦ କଲେ, ''ମୋର ସୁଖଭୋଗ ଦରକାର ନାହିଁ । ଆପଣଙ୍କୁ ଯେଉଁଠି ଦେଖିବାକୁ ପାଇବି, ସେଇଠି ରହିବି । ଅନ୍ୟ କେଉଁ ସୁଖୀ ଲୋକରେ ନୁହେଁ ।''

''ଭୟ ନାହିଁ'', ସେଇ ଭରସାପୂର୍ଣ୍ଣ କଣ୍ଠରୁ ଦୃଢ଼ ଜବାବ ଆସିଲା, ''ମୁଁ ଗଦା ଧରି ସେଠାରେ ପ୍ରତ୍ୟେକ ଦ୍ୱାରରେ ସର୍ବଦା ତୁମକୁ ପହରା ଦେବି । କାମ କ୍ରୋଧାଦି କୌଣସି ଶତ୍ରୁ ତୁମକୁ ପୀଡ଼ା ଦେଇ ପାରିବେ ନାହିଁ । ଦିନେ ଇନ୍ଦ୍ର ହେବାକୁ ତୁମେ ଚାହିଁଥିଲ । ନୂତନ ଦେବସୃଷ୍ଟିରେ ତୁମକୁ ଇନ୍ଦ୍ର କରାଯିବ । (ଶୁକ୍ରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ) ହେ ପରମ ଜ୍ଞାନି ! ଅସୁର କୁଳଗୁରୁ ! ଆପଣଙ୍କ ଯଜ୍ଞ ଅସମାପ୍ତ ହେଲା ବୋଲି ମନଦୁଃଖ କରୁଛନ୍ତି ? କିନ୍ତୁ ଆପଣଙ୍କ ଆଶୀର୍ବାଦ ଯେଉଁ ଯଜମାନ ଉପରେ ପଡ଼ିଛି ତା'ର କାମନା କିପରି ବା ଅପୂର୍ଣ୍ଣ ରହନ୍ତା ? ତଥାପି ଲୋକାଚାର ପାଇଁ ଆପଣ ପୂର୍ଣ୍ଣାହୁତି ଦେଇ ଯଜ୍ଞକୁ ଯଥାବିଧି ସମାପ୍ତ କରନ୍ତୁ । ଏହା ମୋର ଇଚ୍ଛା ।''

ଚତୁର ଶୁକ୍ରାଚାର୍ଯ୍ୟ ସଙ୍ଗେ ସଙ୍ଗେ ଉତ୍ତର ଦେଲେ, ''ଯାହାର ନାମ ଉଚ୍ଚାରଣ ଦ୍ୱାରା ଯଜ୍ଞର ସକଳ ଛିଦ୍ର ସଂଶୋଧନ ହୋଇଯାଏ, ସେ ନିଜେ ଆସି ଯଜ୍ଞରେ ଉପସ୍ଥିତ ହୋଇଛନ୍ତି, ଏହା ହେଉଛି ଏ ଯଜ୍ଞ ସଫଳ ହେବାର ସର୍ବୋତ୍ତମ ପ୍ରମାଣ । ତଥାପି ଆପଣଙ୍କ ଆଜ୍ଞା ପାଳନ କରିବା ନିମନ୍ତେ ମୁଁ ପୂର୍ଣ୍ଣାହୁତି ଦେବି, ଯଜ୍ଞକୁ ଅଧିକ ସଫଳ କରିବା ନିମନ୍ତେ ନୁହେଁ ।''

ଭଗବାନ୍ ପ୍ରସନ୍ନ ହୋଇ ହସିଲେ ଓ ବଳିଙ୍କୁ ଧରି ଉଭେଇ ଗଲେ ।

❑❑❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୮)

## ସାହାନା ଦେବୀ

**ସାହାନା :** ମା', ମୋର ଜନ୍ମଗତ ଆଳସ୍ୟଟି ବର୍ତ୍ତମାନ ସୁଦ୍ଧା ଅତି ଆନନ୍ଦର ସହ ମନ ମଧ୍ୟରେ ବିରାଜିତ । ଅଥଚ କର୍ମ ମାଧ୍ୟମରେ ନିଜକୁ ଉତ୍ସର୍ଗ କରିବାର ଇଚ୍ଛା ବେଳେ ବେଳେ ହୁଏ, କିନ୍ତୁ ମୋ ଭିତରେ ଯେଉଁ ସବୁ ଅବିଗୁଣ ଗଚ୍ଛିତ ରହିଛି ସେଗୁଡ଼ିକୁ ମଧ୍ୟ ଭଲ କରି ଗଢ଼ିବାକୁ ହେବ – ଏଇ ଇଚ୍ଛା ବା ଅଭୀପ୍ସା ମଧ୍ୟ ସତ୍ୟ । କେବେ ବି ମୁଁ ଜଣେ ଯେ ଦକ୍ଷ କର୍ମୀ – ବିଶେଷ କରି ଗୃହକାର୍ଯ୍ୟରେ ପାରଙ୍ଗମ ନଥିଲି, – ଏଇ ବଡ଼ ଦୋଷଟି ବର୍ତ୍ତମାନ ସୁଦ୍ଧା ମୋର ଭଲ ଅବସ୍ଥାରେ ମଧ୍ୟ ସୁରକ୍ଷିତ ରହିଛି ଅଥଚ ଆଳସ୍ୟରୁ ବାହାରି କୌଣସି କର୍ମର ଯୋଗ୍ୟ ହେବାକୁ ମଧ୍ୟ ଚାହେଁ – ଏ କଥା ବି ସତ୍ୟ । ମନେ ହୁଏ କେବେ କେବେ ଯେପରି କିଛି କର୍ମର ଯୋଗ୍ୟ ହୋଇ ଉଠୁଥିଲି, କାର୍ଯ୍ୟ କରିବାର କିଛି ଅଭ୍ୟାସ ଆସ୍ତେ ଆସ୍ତେ ହେଉଥିଲା, କିନ୍ତୁ ବାରଂବାର ଅସୁସ୍ଥତା ଯୋଗୁଁ ସେଇ ଭାବ ପୁଣି ମନରୁ ଚାଲିଯାଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଆଳସ୍ୟ ଭାବ ନିଶ୍ଚିତହିଁ ଯିବାକୁ ବାଧ୍ୟ – କିନ୍ତୁ ମୋର ମନେ ହୁଏ ତୁମେ କେବେ କେବେ ଅପର ଦିଗକୁ ଅତ୍ୟଧିକ ମାତ୍ରାରେ ଶକ୍ତିକୁ ଟାଣି ଆଣୁଛ । ପୂର୍ଣ୍ଣ କର୍ମଶକ୍ତି ନେଇ କାର୍ଯ୍ୟ କରିବାକୁ ସକ୍ଷମ ହେବା ନିହାତି ଦରକାର – କିନ୍ତୁ ଅଦରକାରୀ କୌଣସି କର୍ମ କରିବା ଅପେକ୍ଷା ସେଥିରୁ ବିରତ ରହିବାକୁ ସକ୍ଷମ ହେବା ମଧ୍ୟ ସେତିକି ପ୍ରୟୋଜନ ।

**ସାହାନା :** ମା', ଚନ୍ଦ୍ରକିରଣର ରଙ୍ଗ କ'ଣ ? ସୁନେଲି ନା ରୁପେଲି ? ମୋର ଅଭିଜ୍ଞତା କହେ ସୂର୍ଯ୍ୟ କିରଣ ସୁନେଲି ଏବଂ ଚନ୍ଦ୍ର କିରଣ ରୁପେଲି । ସାଧାରଣତଃ ଏମିତି ବି କୁହାଯାଏ ''ରୁପେଲି ଚାନ୍ଦ'' ? ଏହା ସତ୍ୟ ଯେ ଚନ୍ଦ୍ର ଉଦୟ ସମୟରେ ସୁନେଲି ଆଭା ପ୍ରକଟିତ ହୁଏ । କିନ୍ତୁ ବାସ୍ତବ କ୍ଷେତ୍ରରେ ତା'ର କିରଣ ସର୍ବଦାହିଁ ରୁପେଲି, ଏହା ନୁହେଁ କି ? ଅବା କେବେ କେବେ ତା'ର କିରଣ ସୁନେଲି ହୋଇଥାଏ ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଚନ୍ଦ୍ରକିରଣ ପ୍ରାୟଶଃ ସୁନେଲି, ସର୍ବଦା ରୁପେଲି ନୁହେଁ । ଚନ୍ଦ୍ରର ଆଲୋକ ଯେତେବେଳେ ଧରାପୃଷ୍ଠରେ ପତିତ ହୁଏ ସେତେବେଳେ ତା'ର ରଙ୍ଗ ହୁଏ ସୁନେଲି, ଯେତେବେଳେ ବାୟୁମଣ୍ଡଳରେ ବିଚ୍ଛୁରିତ ସେତେବେଳେ ତା'ର ରଙ୍ଗ ଫିକା ନୀଳାଭ ଶୁଭ୍ର ।

(୨୧.୧୦.୩୩)

**ସାହାନା :** ଶ୍ରୀଅରବିନ୍ଦ ଦେବ, ଚନ୍ଦ୍ରକିରଣର କାବ୍ୟିକ ପ୍ରଚଳନ (Poetical Convention) କହିଲେ କ'ଣ ବୁଝାଏ ? ଶୁଣିଛି ବଙ୍ଗଳା ଏବଂ ସଂସ୍କୃତ କାବ୍ୟରେ ମଧ୍ୟ ଚନ୍ଦ୍ର ଆଲୋକକୁ ''ରଜତ ଶୁଭ୍ର'' ବୋଲି କୁହାଯାଏ ? 'ଦ' କହୁଥିଲା ଚନ୍ଦ୍ର ଆଲୋକର କାବ୍ୟିକ ରୂପ ହେଉଛି ସୁନେଲି ଆଲୋକ । ଆପଣ ଲେଖିଛନ୍ତି 'ଫିକା ନୀଳାଭ ଶୁଭ୍ର' ବି ହୋଇପାରେ । ଫିକା ନୀଳାଭ ଶୁଭ୍ର ଯେତେବେଳେ ଜ୍ୟୋତିର୍ମୟ ଅବା ଉଜ୍ଜ୍ୱଳ ହୁଏ ସେତେବେଳେ ତାହା ରୁପେଲି ନହେଲେ ବି ସୁନେଲି ରଙ୍ଗ ବି ହୋଇପାରିବ ନାହିଁ । ମୁଁ ରୁପେଲି ଏଥିପାଇଁ କହୁଛି ଯେ – ରଜତ ଶୁଭ୍ର ଏବଂ ଶୁଭ୍ର ଯେତେବେଳେ ଚକ୍‌ମକ୍ କରେ ସେତେବେଳେ ରୁପେଲି ଭାବ ତା' ମଧ୍ୟରେ ଅତ୍ୟଧିକ ମାତ୍ରାରେ ଥାଏ, ଏହା ନୁହେଁ କି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଇଂରେଜୀ କବିତାରେ ଚନ୍ଦ୍ର କିରଣକୁ ସୁନେଲି ବୋଲି କୁହାଯାଏ କାରଣ ମୋଟାମୋଟିଭାବେ ମାଟିରେ ଅବା ଜଳରେ ସେଇ ପ୍ରକାରେ ତା'ର ରୂପ ପ୍ରତିଫଳିତ ହୋଇଥାଏ । ଯଦିଓ 'ରଜତ ଚନ୍ଦ୍ର' ଶବ୍ଦ ମଧ୍ୟ ବ୍ୟବହାର କରାଯାଇଥାଏ । ବାୟୁ ମଣ୍ଡଳରେ ଚନ୍ଦ୍ରର ଆଲୋକରେ ରୁପେଲି ଉପାଦାନ ରହିଛି କିନ୍ତୁ ତାହା ଏକ ଉପାଦାନହିଁ ମାତ୍ର ।

(୨୨.୧୦.୩୩)

**ସାହାନା :** ମାଗୋ, ମୁଁ ନିଜ କଥାହିଁ ସବୁବେଳେ ପ୍ରତି ପଦରେ ଭାବୁଥାଏ, ନିଜକୁହିଁ ଲକ୍ଷ୍ୟ କରୁଥାଏ, ପ୍ରାଧାନ୍ୟ ମଧ୍ୟ ଦେଉଥାଏ । ଟିକିଏ କେଉଁଥିରେ ଉନ୍ନତି କଲେ ତାକୁ ବି ନିଜର କୃତିତ୍ୱ ବୋଲି ଭାବୁଥାଏ । ମୋର ଅହଂକାର ପ୍ରତି ପଦକ୍ଷେପରେ ମୋର 'ମୁଁ' କୁ ପ୍ରାଧାନ୍ୟ ଦେଇ ଆଗରେ ଆଣି ଛିଡ଼ା କରାଇଥାଏ ଏବଂ ଅଭ୍ୟାସବଶତଃ ତାକୁହିଁ ମୁଁ ମାନି ଚାଲିଥାଏ । ଏଇ ସବୁ 'ମୁଁତ୍ୱ'ର ଖେଳ ତ ଚାଲିଛି, ଏଥିରୁ ମୁକ୍ତି ପାଇବାର ଯେଉଁ ରାସ୍ତା ଶ୍ରୀଅରବିନ୍ଦ ବାରଂବାର କେତେ

ସୁନ୍ଦର ଓ ପ୍ରାଞ୍ଜଳଭାବେ ବୁଝାଇ ସାରିଛନ୍ତି, ସେ ପଥ କାହିଁ ଧରି ତ ପାରୁନି ! ମୋର 'ମୁଁତ୍ୱ' ନ ଗଲେ ତୁମକୁ ତ ପାଇପାରିବି ନାହିଁ ମା', ତୁମର ହେବି କେମିତି ? ଏଇ ମନୋଭାବ ପ୍ରବଳ ହୋଇଉଠିଛି ମା', ଖୁବ୍ କଷ୍ଟ ଦେଉଛି, କିପରି ଯେମିତି ବିମର୍ଷ ହୋଇପଡୁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଆଶା କରିବା ଅମୂଳକ ଯେ ଅଳ୍ପ ସମୟ ମଧ୍ୟରେ ତୁମ ଗତିବୃତ୍ତିର ଅହଂକୁ ଏକେବାରେ ତଡ଼ି ଦେଇପାରିବ । ପ୍ରୟୋଜନ ହେଉଛି ତା'ର ଅବସ୍ଥିତି ଦ୍ୱାରା ନିରୁତ୍ସାହିତ ନ ହୋଇ ଶାନ୍ତ ଭାବେ ତାକୁ ଲକ୍ଷ୍ୟ କରିବା ଏବଂ ଧୀରସ୍ଥିର ଚିତ୍ତରେ ଅନବରତ ଲାଗି ରହି ତାକୁ ତୁମ ପ୍ରକୃତିରୁ ଏକେବାରେ ମୂଳରୁ ଠେଲି ବାହାର କରିଦେବା, ଏହାହିଁ ଠିକ୍ ଉପାୟ । (୨୬.୧୦.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଆସ ଆସ ତା'ରେ ସ୍ୱାଗତିବା

## ଜ୍ୟୋତ୍ସ୍ନାରାଣୀ ଦାଶ

ପ୍ରଭାତର ସୂର୍ଯ୍ୟରଶ୍ମି ସମ
ଶୁଭ୍ର, ସ୍ୱଚ୍ଛ ଓ ପବିତ୍ର,
ମୁକୁଳିତ ପୁଷ୍ପଟିଏ ପରି
ଆକର୍ଷକ ଏବଂ ବାସ୍ନାୟିତ ।
ସୌନ୍ଦର୍ଯ୍ୟର ନୀଳନଭେ ସୁଶୋଭିତ,
ମୁଖରିତ ହଂସଦଳ ପରି,
ଜୀବନ-ସାଗର ବକ୍ଷେ
ସୁଲଳିତ ସଙ୍ଗୀତ ଝରାଇ
ଆମେ ସବୁ ଅମୃତ ସନ୍ତାନ
ପରିପୂର୍ଣ୍ଣ ଅଭୀପ୍ସାରେ ପ୍ରଧାବିତ
ନବତର ଦିବ୍ୟଲକ୍ଷ୍ୟ ଦିଗେ ।

ସୁବିମଳ ସୂର୍ଯ୍ୟ ଆଲୋକରେ
ବିକଶିତ କମଳ କଳିକା ସମ,
କୁତ୍ସିତ ଖୋଳପା ମଧ୍ୟୁ ମୁକୁଳିତ ହେଉଥିବା
ଚିତ୍ରିତ ପ୍ରଜାପତି ପରି
ଆମେ ସବୁ ଅମୃତ ସନ୍ଧାନୀ
ଲୟ ଧରି ଚାଲୁଥିବା ଦିବ୍ୟ-ପରମ
ପୁରୁଷ ଶାଶ୍ୱତଙ୍କ ଦିଗେ ।
ବିଶ୍ୱାସ ରହିଛି...
ଅକସ୍ମାତେ କେତେବେଳେ
ଉନ୍ମୋଚିତ ହେବ ତାଙ୍କ ଦ୍ୱାର
ବ୍ୟକ୍ତିଗତ ଚେତନାରେ,
ବିଶ୍ୱଗତ ଚେତନାର ଘଟିବ ମିଳନ ।

ଧରିତ୍ରୀରେ ପ୍ରକଟାଇ ପରମ ସୌନ୍ଦର୍ଯ୍ୟ,
ଶାଶ୍ୱତଙ୍କ ପଦଚିହ୍ନ ଆଙ୍କି ହୋଇଯିବ ।

ଭୁବନ ବାଞ୍ଛିତ ସେଇ ଶୁଭଲଗ୍ନ
ସମାଗତ ଆଜି ଏଇ ଦିବ୍ୟ-ମୁହୂର୍ତ୍ତରେ,
ହୃଦଭରା ପ୍ରେମ ନେଇ,
ଆସ ଆସ ତା'ରେ ସ୍ୱାଗତିବା । ❑



# ଆମ ସ୍ୱାସ୍ଥ୍ୟ

## (୨୧)

## ଭୋଳେଶ୍ୱର ଭୂୟାଁ

### ମସ୍ତିଷ୍କ ଓ ସୂକ୍ଷ୍ମ ଶରୀରର ପୂର୍ଣ୍ଣତା

''Without inner progress there is no possible outer progress.''

(CWM, Vol. 2, P. 150) – The Mother

ଆନ୍ତର ଅଗ୍ରଗତି ଛଡ଼ା ବାହ୍ୟ ଅଗ୍ରଗତିର ସମ୍ଭାବନା ନଥାଏ । – ଶ୍ରୀମା

ଆମେ ଶରୀରକୁ ସୁସ୍ଥ-ସବଳ-ନୀରୋଗ ରଖିବା ପାଇଁ ବିଭିନ୍ନ ବ୍ୟାୟାମ କରିଥାଉ । ଅର୍ଥାତ୍ ଏହା ଦ୍ୱାରା ଆମର ବାହ୍ୟ ଶରୀରର ଅଗ୍ରଗତିର ପ୍ରଚେଷ୍ଟା କରିଥାଉ । କିନ୍ତୁ ମା'ଙ୍କ ବାଣୀରୁ ଆମେ ଜାଣିଲୁ କେବଳ ବାହ୍ୟ ସତ୍ତାର ବିକାଶ କରିବାର ଚେଷ୍ଟା କଲେ ଆମେ ସଫଳ ହୋଇ ପାରି ନଥାଉ । ତେଣୁ ଆମେ ଦେଖୁ କେତେକ ବଡ଼ ବଡ଼ ଖେଳାଳି ଓ ଆଥେଲେଟ୍‌ସ୍‌ମାନେ ମଧ୍ୟ ବିଭିନ୍ନ କଠିନ ରୋଗର ଶିକାର ହୁଅନ୍ତି ଓ ଦୀର୍ଘାୟୁ ହେବା ବଦଳରେ ଅଳ୍ପାୟୁ ହୋଇଥାଆନ୍ତି । ଶରୀରର ଯଥାର୍ଥ ପୂର୍ଣ୍ଣତା ଏହି ବାହ୍ୟ ଚେଷ୍ଟାରେ ମିଳି ନଥାଏ । ସେଥିପାଇଁ ଆଜି ଆମେ 'inner progress'(ଆନ୍ତର ଅଗ୍ରଗତି) ବିଷୟରେ ଆଲୋଚନା କରିବୁ ।

ମା' ଯେଉଁ 'ଆନ୍ତର ଅଗ୍ରଗତି' ବିଷୟରେ କହୁଛନ୍ତି – ଏହି ଆନ୍ତର ବ୍ୟକ୍ତିତ୍ୱ କ'ଣ ? ଏହି ବ୍ୟକ୍ତିତ୍ୱ ଆମର ଆତ୍ମା, ଆନ୍ତର ମନ, ଆନ୍ତର ପ୍ରାଣ, ଆନ୍ତର ଶରୀର-ଚେତନା ନେଇ ଗଠିତ । ଏହା ଛଡ଼ା ଆମ ସ୍ଥୂଳ ଶରୀରର ଏକ ସୂକ୍ଷ୍ମ ଶରୀର ରହିଛି । ଏହିସବୁ ସୂକ୍ଷ୍ମ ବସ୍ତୁକୁ ନେଇ ଆମର ଆନ୍ତର ବ୍ୟକ୍ତିତ୍ୱ ଗଠିତ ହୋଇଥାଏ । ଆମର ମନ-ପ୍ରାଣ ତଥା ବାହ୍ୟ ପ୍ରକୃତି ଏପରି ଦୃଢ଼ ଭାବେ ଅଜ୍ଞାନତା, ଅନ୍ଧକାର, ଅପୂର୍ଣ୍ଣତା ତଥା ମିଥ୍ୟାଚାରକୁ ନେଇ ବାନ୍ଧି ହୋଇ ରହିଛି ଯେ ସେଥିରୁ ମୁକ୍ତ ହୋଇ ଏକ ବୃହତ୍ତର ଆଧ୍ୟାତ୍ମିକ ଜୀବନକୁ ଉଠିଯିବା ଏତେ ସହଜ ନୁହେଁ । ଶ୍ରୀଅରବିନ୍ଦ କହୁଛନ୍ତି : ''ପୃଥିବୀପୃଷ୍ଠସ୍ଥ ଏହି ଦେହଧାରୀ ସତ୍ତାକୁ, ତାହା ଉପରେ ରହିଥିବା ମନ, ପ୍ରାଣ ଓ ଦେହର ଆବରଣ ଓ କର୍ତ୍ତୃତ୍ୱକୁ ଭାଙ୍ଗି ଦେଇ ଉଠିଯିବାକୁ ହେବ ନିଜ ଆଧ୍ୟାତ୍ମିକ ସତ୍ୟର ପୂର୍ଣ୍ଣ ଚେତନା ରାଜ୍ୟ ଭିତରକୁ । ଏହାର ପ୍ରକୃତିକୁ ମଧ୍ୟ ମନ, ପ୍ରାଣ ଓ ଦେହର ଚେତନା ଓ ଶକ୍ତିର ପରିସରରୁ ଉଠିଯାଇ ସତ୍ତାର ମହତ୍ତର ଚେତନା ଓ ଶକ୍ତିରେ ଏବଂ ଆତ୍ମାର ବୃହତ୍ତର ଓ ମୁକ୍ତତର ଜୀବନରେ ପହଞ୍ଚିବାକୁ ହେବ । ଏହାକୁ ପୂର୍ବର ଏହିସବୁ ଆବରଣକୁ ହରାଇବାକୁ ପଡ଼ିବ ନାହିଁ, କିନ୍ତୁ ସେଗୁଡ଼ିକ ଆଉ ଆବରଣ ହୋଇ ନରହି, ଅପୂର୍ଣ୍ଣ ପ୍ରକାଶରୂପେ ନରହି, ସତ୍ୟ ଅଭିବ୍ୟକ୍ତିର କ୍ଷେତ୍ର ହୋଇଉଠିବେ, ସେଗୁଡ଼ିକ ରୂପାନ୍ତରିତ ହୋଇ ଦିବ୍ୟ-ଆଲୋକର ଅବସ୍ଥା ଲାଭ କରିବେ ଏବଂ ଅଧ୍ୟାତ୍ମ ଜୀବନର ଶକ୍ତି ଓ ଆଧ୍ୟାତ୍ମିକ ଅସ୍ତିତ୍ୱର ବାହନରେ ପରିଣତ ହେବେ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ ୬୪)

କିନ୍ତୁ ପୁରାତନ ସାଧନା ପଦ୍ଧତିରେ ଦେଖାଯାଇଛି ଶରୀରକୁ ସାଧନା ପଥରେ ନେଇ ତା'ର ଅଜ୍ଞାନ, ଅନ୍ଧକାର ଦୂର କରି, ତାକୁ ସଚେତନ କରାଇ ଦିବ୍ୟତା ପ୍ରଦାନ କରିବା ଏକାବେଳେକେ ଅସମ୍ଭବ । ତେଣୁ ଆଧ୍ୟାତ୍ମିକ ପଥରେ ଶରୀରକୁ ବାଦ୍ ଦେଇ କେବଳ ମନୋଚେତନା ତଥା କିଛିଟା ପ୍ରାଣ-ଚେତନାକୁ ନେଇ ତା'ର ପୂର୍ଣ୍ଣତା ପ୍ରାପ୍ତି ପାଇଁ ଚେଷ୍ଟା କରାଯାଇଛି । ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗ-ସାଧନା ପଦ୍ଧତିରେ ସାଧନାର ଶେଷ ପାବଚ୍ଛ ହେଲା ସମାଧି । ସମାଧି ଅର୍ଥ ହେଲା ମନକୁ ନିରବ କରାଇ ଚେତନାକୁ ଅତିଚେତନା(Superconscient) ବା ଆଧ୍ୟାତ୍ମିକ ଚେତନାର ଶିଖରକୁ ନେଇ ଆତ୍ମନ୍‌ଙ୍କ ସହିତ ଏକୀଭୂତ କରି ନିଜ ଅହଂକାରକୁ ଲୋପ କରିବା । ସମାଧି ଦୁଇ ପ୍ରକାର ରହିଛି । ଗୋଟିଏ ହେଲା ସବିକଳ୍ପ ସମାଧି ଓ ଅନ୍ୟଟି ହେଲା ନିର୍ବିକଳ୍ପ ସମାଧି । ସବିକଳ୍ପ ସମାଧି ହେଲା ମନ ବିହୀନ ଅହଂକାର ଯୁକ୍ତ ଚେତନାର ଏକ ପ୍ରକାର ନିଦ୍ରା ଅବସ୍ଥା । ଭଗବତ୍ ଚେତନା ସହିତ ଏକ ହୋଇ ଏକ ଆନନ୍ଦ ଅବସ୍ଥାରେ ବାସ କରିବା । ଏହି ମିଳନ ସାଧାରଣତଃ ମସ୍ତିଷ୍କରେ ଥିବା ସହସ୍ରଦଳ ଚକ୍ରରେ ଘଟିତ ହୋଇଥାଏ । ନିର୍ବିକଳ୍ପ ସମାଧିର ଉପଲବ୍ଧି ହେଲା ଅହଂକାର ଶୂନ୍ୟ ହୋଇ ବିଶ୍ୱ-ଚେତନାର ଶିଖରରେ ଥିବା ଅଧିମାନସ ସ୍ତରରେ ନିଜକୁ ପୂର୍ଣ୍ଣ ବିଲୁପ୍ତ କରି ଦେବା । ଏହି

ଅବସ୍ଥାରେ ନିଜ ଶରୀର ବା ନାମ ମନେ ରହେ ନାହିଁ । ଏହି ସମାଧିରୁ ପୁଣି ଶରୀରକୁ ଫେରିବା ପ୍ରାୟ ଅସମ୍ଭବ ହୋଇଥାଏ । କିନ୍ତୁ ଗୁରୁ କୃପା ତଥା ଭଗବାନଙ୍କ ଇଚ୍ଛାରେ କେହି କେହି ଏହି ସମାଧିରୁ ଫେରି ଭଗବାନଙ୍କ କାମ କରିଥାଆନ୍ତି । ନଚେତ୍ ଏହି ଅବସ୍ଥାରେ ରହି ଶରୀରକୁ ତ୍ୟାଗ କରି ଇଚ୍ଛା ମୃତ୍ୟୁ ବରଣ କରାଯାଇଥାଏ । ଏହି ନିର୍ବିକଳ୍ପ ସମାଧି ହେଲା ଆମ ଯୋଗ (ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗ)ର ପ୍ରାରମ୍ଭିକ ଅନୁଭୂତି । ନିର୍ବିକଳ୍ପ ସମାଧିକୁ ଗଲେ ମା'ଶ୍ରୀଅରବିନ୍ଦ ତୁମକୁ ବାରଂବାର ଏହି ଶରୀରକୁ ଫେରାଇ ଆଣିବେ । କାରଣ ଆମ ଯୋଗର ଲକ୍ଷ୍ୟ ମୁକ୍ତି ନୁହେଁ,— ଶରୀର ରୂପାନ୍ତର । ଶରୀରକୁ ରୂପାନ୍ତର କରି ତାକୁ ଏକ ଦିବ୍ୟ-ଶରୀରରେ ପରିଣତ କରି ଭଗବତ୍ ଉପଲବ୍ଧି କରାଇବା । ଯେଉଁ ଶରୀରକୁ ଆଜି ପର୍ଯ୍ୟନ୍ତ ଆଧ୍ୟାତ୍ମିକ ସାଧନା ପଥରୁ ବାଦ୍ ଦିଆ ହୋଇଆସିଛି ସେହି ଶରୀର ବର୍ତ୍ତମାନ ପାଇଁ ଆମର ପ୍ରଧାନ କର୍ମ କ୍ଷେତ୍ର ହେବ । ଶ୍ରୀଅରବିନ୍ଦ କହୁଛନ୍ତି : ''ଏପରିକି ଶରୀର ଯଦି ଅତିମାନସ ଚେତନାର ସ୍ପର୍ଶ ସହ୍ୟ କରିପାରିବ, ତେବେ ତାହା ନିଜ ସତ୍ୟ ସମ୍ପର୍କରେ ଆହୁରି ସଚେତ ହେବ । କାରଣ ଏପରି ଏକ ଶରୀର ଚେତନା ରହିଛି ଯାହାକି ଯଥାର୍ଥ ଅବସ୍ଥାରେ ରହିବା ଓ ଯଥାର୍ଥ କର୍ମ କରିବା ପାଇଁ ଏକ ସହଜାତ ସତ୍ୟ ଓ ଶକ୍ତିର ଅଧିକାରୀ । ଏପରିକି ଏହାର କୋଷ ଓ ତନ୍ତୁର ଗଠନ ଭିତରେ ଏପରି ଏକ ଅନଭିବ୍ୟକ୍ତ ଗୁପ୍ତଜ୍ଞାନ ରହିଛି ଯାହାକି ଦିନେ ସଚେତନ ହେବ ଏବଂ ଶରୀର-ସତ୍ତାର ରୂପାନ୍ତର ଦିଗରେ ସାହାଯ୍ୟ କରିବ ।'' (ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ : ୭୫) ଶ୍ରୀଅରବିନ୍ଦ ପୁଣି କହୁଛନ୍ତି : ''ଶରୀରକୁ ଏପରି ନୂତନ ଶକ୍ତିସବୁ ଅର୍ଜନ କରିବାକୁ ହେବ ଯାହାକି ବର୍ତ୍ତମାନର ମନୁଷ୍ୟ କେବେହେଲେ ଲାଭ କରି ପାରେ ବୋଲି ଆଶା କରି ନାହିଁ, ଏପରିକି ସେ ସ୍ୱପ୍ନ ମଧ ଦେଖି ନାହିଁ, ହୁଏତ କେବଳ କଳ୍ପନା କରି ପାରୁଥାଏ ।... ଶରୀର ନିଜେ ଅନ୍ୟ ଶରୀର ସଙ୍ଗେ ଆଦାନପ୍ରଦାନର ନୂତନ ଉପାୟ ଓ ନୂତନ କ୍ଷେତ୍ର ଆବିଷ୍କାର କରିପାରିବ, ତା' ମଧ୍ୟରେ ଫୁଟି ଉଠିବ ଜ୍ଞାନାର୍ଜନର ନୂତନ ପ୍ରକ୍ରିୟା, ସୌନ୍ଦର୍ଯ୍ୟର ନୂତନ ବିଭାବ, ନିଜକୁ ଓ ଅନ୍ୟବସ୍ତୁକୁ ବ୍ୟବହାର କରିବାର ନୂତନ ସାମର୍ଥ୍ୟ ସବୁ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ : ୬୨)

ଏହି ଶରୀର କାଳକ୍ରମେ ଅତିମାନସ ଶକ୍ତିର କ୍ରିୟା ଓ ଚାପ ଫଳରେ ବିବର୍ତ୍ତିତ ହୋଇ ଏକ ଦିବ୍ୟ-ଶରୀରରେ ରୂପାନ୍ତରିତ ହେବ । ଯେଉଁ ଶରୀରରେ ଆଉ ଜରା, ରୋଗ, ଦୁଃଖ-କଷ୍ଟ, ମୃତ୍ୟୁ ଆଦି ରହିବ ନାହିଁ । ଏ ପୃଥିବୀ ସ୍ୱର୍ଗ ଧାମରେ ପରିଣତ ହେବ । ଏବଂ ଏକ ନୂତନ ଜୀବଜାତି ଏ ପୃଥିବୀରେ ଜନ୍ମ ନେବ ଯାହାକୁ ଆମେ ଅତିମାନବ ବୋଲି କହିଥାଉ । ଏହି ରୂପାନ୍ତର କାମ ଏକ ସଙ୍ଗରେ ସବୁ ଲୋକଙ୍କର ହେବ ନାହିଁ । ଦଳେ ଲୋକ ଏଥିପାଇଁ ପ୍ରୟାସ କରିବେ । ଏହି ପ୍ରୟାସ କରୁଥିବା ଲୋକ ଭିତରୁ ଯେଉଁମାନେ ମା'ଶ୍ରୀଅରବିନ୍ଦଙ୍କୁ ପୂର୍ଣ୍ଣ ଆତ୍ମସମର୍ପଣ କରି ପୂର୍ଣ୍ଣ ଆନ୍ତରିକ ହୋଇପାରିବେ ସେମାନେ ଏହି ନୂତନ ଜୀବଜାତିର ସୃଷ୍ଟି ପାଇଁ ଅଗ୍ରଣୀ ହେବେ । ଏଥିପାଇଁ ଏହି ଶରୀରକୁ ଅନେକ କାମ କରିବାକୁ ହେବ ।

ଏହି ଶରୀରକୁ ଆଧ୍ୟାତ୍ମିକ ପଥରେ ଅନୁପ୍ରବେଶ କରାଇବାକୁ ହେଲେ ସୂକ୍ଷ୍ମ ଶରୀରରେ ଥିବା ସମସ୍ତ ଚକ୍ରକୁ ପୂର୍ଣ୍ଣ ଖୋଲିବାକୁ ହେବ । ଶ୍ରୀଅରବିନ୍ଦ କହୁଛନ୍ତି : ''ଏହି ଚକ୍ରଗୁଡ଼ିକ ହେଉଛନ୍ତି ସଚେତ କେନ୍ଦ୍ରସବୁ, ଯେଉଁଗୁଡ଼ିକ ଆମ ସତ୍ତାର ସମସ୍ତ କ୍ରିୟାଶକ୍ତିର ଉତ୍ସ ଏବଂ ନିଜର କ୍ରିୟାବଳିକୁ ଶରୀରର ସ୍ନାୟୁଗ୍ରନ୍ଥି ଭିତର ଦେଇ କରାଇ ନିଅନ୍ତି । ଏଗୁଡ଼ିକ ସଜ୍ଜିତ ହୋଇଛି ଆରୋହକ୍ରମ ଅନୁସାରେ, ନିମ୍ନତମ ଭୌତିକ କେନ୍ଦ୍ରଠାରୁ ଆରମ୍ଭ କରି ଉର୍ଦ୍ଧ୍ୱତମ ମାନସ ଓ ଅଧ୍ୟାତ୍ମ କେନ୍ଦ୍ର ପର୍ଯ୍ୟନ୍ତ । ଏହି ଶେଷ କେନ୍ଦ୍ରହିଁ ହେଲା ସହସ୍ରଦଳ ପଦ୍ମ, ଯେଉଁଠି ଉର୍ଦ୍ଧ୍ୱଗାମୀ ପ୍ରକୃତିର ଅବସ୍ଥାନ — ତନ୍ତ୍ର-ସାଧକମାନଙ୍କ ଭାଷାରେ କୁଣ୍ଡଳିନୀ ଶକ୍ତି — ବ୍ରହ୍ମର ସାକ୍ଷାତ୍ ପରେ ପରମପୁରୁଷଙ୍କ ଭିତରେ ମୁକ୍ତିଲାଭ କରେ । ଆମ ଭିତରେ ଏହିସବୁ ଚକ୍ର ପୂରାପୂରି ବନ୍ଦ ଅଛି ବା ଅଧା ବନ୍ଦ ଅଛି, ସେଗୁଡ଼ିକୁ ଖୋଲିବାକୁ ହେବ, ତା'ହେଲେ ସେମାନଙ୍କର ପୂର୍ଣ୍ଣ ଶକ୍ତି ଆମର ସ୍ଥୂଳ ପ୍ରକୃତି ଭିତରେ ପ୍ରକାଶିତ ହେବ । ଥରେ ସେଗୁଡ଼ିକ ଉନ୍ମୁକ୍ତ ଓ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହେଲେ, ସେଗୁଡ଼ିକର ଅନ୍ତର୍ନିହିତ ଶକ୍ତି ଯେ କେତେଦୂର ବିକଶିତ ହୋଇ ସାମଗ୍ରିକ ରୂପାନ୍ତରକୁ ସମ୍ଭବ କରିପାରେ ସେ ବିଷୟରେ କୌଣସି ସୀମାରେଖା ଟଣା ଯାଇ ନପାରେ ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ : ୫୩-୫୪)

ଏହି ଚକ୍ରସବୁକୁ 'ରାଜଯୋଗ'ରେ ଓ ତନ୍ତ୍ରସାଧକମାନେ ଏକ ମାନସିକ ଇଚ୍ଛାଶକ୍ତି ଦ୍ୱାରା କୁଣ୍ଡଳିନୀକୁ ପରିଚାଳନା କରି ଖୋଲିବାକୁ ଚେଷ୍ଟା କରିଥାଆନ୍ତି । ଆଧାର ପରିଶୁଦ୍ଧ ଓ ପବିତ୍ର ନଥାଇ ଯଦି ଏହିସବୁ ଚକ୍ର ଖୋଲେ ଓ ଉର୍ଦ୍ଧ୍ୱରୁ ଅଧ୍ୟାତ୍ମଶକ୍ତିରାଜି ଏହି ଅଶୁଦ୍ଧ ଆଧାରରେ ଅବତରଣ କରେ, ତେବେ ଏହିସବୁ

ଶକ୍ତିରାଜି ସାଧକର ମଙ୍ଗଳ କରିବା ପରିବର୍ତ୍ତେ କ୍ଷତିହିଁ କରିଥାଏ । କେତେକ ସାଧକଙ୍କୁ କଠିନ ରୋଗ ହୋଇଥାଏ ଏବଂ ଅଧିକାଂଶଙ୍କର ସ୍ଖଳନ ବା ପତନ ହୋଇଥାଏ । ଅଧିକାଂଶ ତନ୍ତ୍ର ଯୋଗୀ ଏହିସବୁ ଦିବ୍ୟଶକ୍ତିକୁ ନିଜ ସ୍ୱାର୍ଥ ପାଇଁ ବିନିଯୋଗ କରି ନିଜର ସର୍ବନାଶ କରିଥାଆନ୍ତି । ସେଥିପାଇଁ ଏହି ରୂପାନ୍ତର ଯୋଗରେ କୌଣସି ମାନସିକ ଇଚ୍ଛାଶକ୍ତିକୁ ଚକ୍ର ଭେଦନ କାମରେ ଲଗାଯାଇ ନଥାଏ । ମା' ଓ ଶ୍ରୀଅରବିନ୍ଦ ଆମମାନଙ୍କ ପାଇଁ ଯୋଗ ଓ ସାଧନା କରି ଦେବେ ବୋଲି ପ୍ରତିଶ୍ରୁତି ଦେଇଯାଇଛନ୍ତି । କେବଳ ଆମ ତରଫରୁ ସହଯୋଗ ଦରକାର । ସେମାନେ ଯେଉଁସବୁ ସର୍ତ୍ତ ମାନିବା କଥା କହିଛନ୍ତି ସେସବୁ ମାନିବାକୁ ପଡ଼ିବ । ଯେଉଁସବୁ କଥା ଆମକୁ କରିବାକୁ କହିଛନ୍ତି ବା ନକରିବା ପାଇଁ କହିଛନ୍ତି ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ହେବ । ଆମ ଆଧାରରେ ଅଶୁଦ୍ଧି ଥିଲେ ସେମାନେ ପ୍ରଥମେ ତାକୁ ଉପରକୁ ଆଣି ପରିଷ୍କାର କରିଥାଆନ୍ତି । ଯେଉଁ ଅନୁପାତରେ ଆମର ଶୁଦ୍ଧୀକରଣ ହେବ, ସେହି ଅନୁପାତରେ ଶକ୍ତିରାଜି ଅବତରଣ କରିବ । ତେଣୁ ଆମ ଯୋଗରେ ପୂର୍ଣ୍ଣ ଆତ୍ମସମର୍ପଣର ଦାବି କରାଯାଇଥାଏ । ଏହି ସମର୍ପଣ ଭାବ ନଥିଲେ ଏ ଯୋଗ ଆରମ୍ଭ ମଧ୍ୟ ହୋଇପାରିବ ନାହିଁ । ଆମ ଭିତରେ ଅନେକ ସାଧକ ମିଥ୍ୟା ସମର୍ପଣର ବାହାନା କରି ନିଜ ବଡ଼ିମାର ଆସ୍ଫାଳନ କରିଥାଆନ୍ତି । ସେମାନଙ୍କ ଭିତରେ ଭୟଙ୍କର ଅସମଞ୍ଜସତା ସୃଷ୍ଟି ହୋଇ ଥିବାରୁ ସେମାନେ କଠିନ ରୋଗର ଶିକାର ହୋଇଥାଆନ୍ତି । ରୂପାନ୍ତର ଯୋଗ ଏକ ପିଲାଖେଳ ବା ଆଭିଜାତ୍ୟର କଥା ନୁହେଁ । ଏଥିପାଇଁ ଆତ୍ମ-ସମର୍ପଣ, ଅନନ୍ତ ଧୈର୍ଯ୍ୟ ଓ ନିଷ୍ଠାର ଆବଶ୍ୟକତା ହୋଇଥାଏ ।

ଆଜି ଆମେ ଆମର ମନକୁ ନେଇ ନିଜର ବଡ଼ିମା ବା ମହାନତାର ଆସ୍ଫାଳନ କରିଥାଉ । ଶ୍ରୀଅରବିନ୍ଦ କହୁଛନ୍ତି : ''ଏକ ଅଜ୍ଞାନ ମନ ଦ୍ୱାରା ଚାଳିତ ଜଗତ୍ ତୁରନ୍ତ ଏକ ବିଶୃଙ୍ଖଳା ଓ ଅରାଜକତା ଭିତରେ ପଡ଼ିଯାଆନ୍ତା, ଯଦି ଏହି ଜଗତର ଅସ୍ତିତ୍ୱକୁ ଏକ ସର୍ବଜ୍ଞାନମୟ ସଦ୍‌ବସ୍ତୁ ଧାରଣ କରି ରହି ନ ଥାଆନ୍ତା – ଏହି ଜଗତ୍ ଯାହାରହିଁ ଏକ ଆବରଣ – ତାହାହେଲେ ଏହି ଜଗତ୍ ଆଦୌ ରୂପଗ୍ରହଣ କରିପାରି ନ ଥାଆନ୍ତା ବା ନିଜର ଅସ୍ତିତ୍ୱକୁ ବଜାୟ ରଖିପାରି ନ ଥାଆନ୍ତା ।''

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃ : ୧୧୮)

ଆମ ଭିତରେ ଅତିମାନସ ଶକ୍ତି ଅବତରଣ କରିବା କଠିନ ହୋଇଥାଏ ମନର ବାଧା ଯୋଗୁଁ । ମନ ତା'ର ପୁରୁଣା ଅଭ୍ୟାସକୁ ଛାଡ଼ିବାକୁ ନାରାଜ । ଏହା ଅଜ୍ଞାନତା, ବିଚାର ଓ ବିଭେଦତା ମାଧ୍ୟମରେ କାମ କରିଥାଏ । ଯେତେ ଜ୍ଞାନ ଅର୍ଜନ କଲେ ମଧ୍ୟ ଏହା ଭିତରେ ସନ୍ଦେହ ସର୍ବଦା ରହିଥାଏ । ତେଣୁ ଅତିମାନସ ଅବତରଣର ସୁବିଧା ପାଇଁ ଏହାକୁ ହୁଏତ ନିରବ ରଖି ଶରୀରର ବାହାରେ ରଖିବାକୁ ହେବ ବା ଏହାକୁ ରୂପାନ୍ତର କରି ଅର୍ଥାତ୍ ତାକୁ ଚୈତ୍ୟସତ୍ତାର ଗୁଣଧର୍ମରେ ଦୀକ୍ଷିତ କରିବାକୁ ହେବ ।

ମନକୁ ନିରବ କରିବା ମହା କଠିନ କାମ । କିନ୍ତୁ ଏହା ସମ୍ଭବପର । ଶ୍ରୀଅରବିନ୍ଦ ଯେତେବେଳେ ଲେଲେଙ୍କଠାରୁ ଯୋଗ ଶିକ୍ଷା କରୁଥିଲେ ସେତେବେଳେ ତିନିଦିନ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ମନ ପୂର୍ଣ୍ଣ ଶାନ୍ତ ଓ ନିରବ ହୋଇ ନିର୍ବାଣର ଅନୁଭୂତି ହୋଇଥିଲା । ମା' ଆଶ୍ରମକୁ ଆସିବା ପର୍ଯ୍ୟନ୍ତ ମନକୁ ପୂର୍ଣ୍ଣ ନିରବ କରିପାରି ନଥିଲେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ପଦ ପାଖରେ ଅଧଘଣ୍ଟା ବସିଲା ପରେ ତାଙ୍କର ମନ ପୂର୍ଣ୍ଣ ଶାନ୍ତ ଓ ନିରବ ହୋଇ ଯାଇଥିଲା । ମା' ପୁଣି ପରେ କହିଛନ୍ତି – ମା'ଙ୍କ ଶେଷ ୩୦ ବର୍ଷ କାଳ ମା'ଙ୍କର ମନୋଚେତନା ଓ ପ୍ରାଣଚେତନା ତାଙ୍କ ଶରୀର ଭିତରେ ନଥିଲା । ମନକୁ ଶରୀରର ବାହାରେ ରଖି ମଧ୍ୟ ଏହାକୁ ବ୍ୟବହାର କରୁଥିଲେ । ଏହା ଆମ ପାଇଁ ଏକ ମସ୍ତବଡ଼ ସନ୍ଦେଶ । ଅର୍ଥାତ୍ ମନକୁ ମଧ୍ୟ ଶରୀରର ବାହାରେ ରଖି ଏହାକୁ ବ୍ୟବହାର କରାଯାଇ ପାରେ । ମନର କର୍ମକ୍ଷେତ୍ର ହେଲା ଆମ ମସ୍ତିଷ୍କ । ଚିନ୍ତାରାଜି ପାଇଁ ମସ୍ତିଷ୍କ ହେଲା ଏକ କାରଖାନା । ଏହି କାରଖାନାରେ ଚିନ୍ତାରାଜିକୁ ଗଠନ କରାଯାଏ ଓ ବାହାରକୁ ପଠାଯାଏ, ବାହାରୁ ଆସୁଥିବା ଚିନ୍ତାରାଜିକୁ ଏଠାରେ ଗ୍ରହଣ କରାଯାଏ ଓ ତାକୁ ବିଭିନ୍ନ ରୂପଦେଇ ସାଇତି ରଖାଯାଏ । ଦିନରାତି ଏହି କାରଖାନା ସର୍ବଦା କାର୍ଯ୍ୟରତ ରହିଥାଏ; ଏପରିକି ଶୋଇବା ଅବସ୍ଥାରେ ମଧ୍ୟ ଏହାର ବିରାମ ନ ଥାଏ । ଆମ ମସ୍ତିଷ୍କର ବିଶ୍ରାମ ନ ଥାଏ । ତେଣୁ କିଛି କାଳ ପରେ ଏହା ଦୁର୍ବଳ ହୋଇ କ୍ଷୟ ପ୍ରାପ୍ତ ହେବାକୁ ଆରମ୍ଭ କରେ । ସେଥିପାଇଁ ବୃଦ୍ଧ ଅବସ୍ଥାରେ ଆମେ ଅନେକ କଥା ଭୁଲିଯାଉ, ଲୋକଙ୍କୁ ଚିହ୍ନି ପାରୁ ନାହିଁ ।

ତେଣୁ ରୂପାନ୍ତର ଯୋଗରେ ପ୍ରଥମେ ଏହି ମସ୍ତିଷ୍କକୁ ବିଶ୍ରାମ ଦେବାକୁ ଶିଖିବାକୁ ହେବ । ଏଥିପାଇଁ ଆମେ ଦୁଇଟି ଉପାୟ କଥା ଆଗରୁ କହିଛୁ – ମନକୁ ନିରବ, ନିଶ୍ଚଳ କରି ପୂର୍ଣ୍ଣ ନିର୍ବାଣର ଅବସ୍ଥାରେ ପହଞ୍ଚାଇବା ବା ମା'ଙ୍କ କହିବା ମୁତାବକ ମନକୁ ଶରୀରର ବାହାରେ ରଖିବାକୁ ହେବ । ଅନ୍ୟ

*(ଅବଶିଷ୍ଟାଂଶ ପୃଷ୍ଠା ୫୧ରେ ଦେଖନ୍ତୁ)*

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଭାରତୀୟ ଦାର୍ଶନିକଗଣ

## (୩)

## ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । — ଲେଖକ ।]

### ସ୍ୱାମୀ ଦୟାନନ୍ଦ ସରସ୍ୱତୀ (୧୮୨୪-୧୮୮୩)

#### ପ୍ରତିମୂର୍ତ୍ତିର ବିଧ୍ୱଂସକାରୀ ଦ୍ରଷ୍ଟା :

ସାଧୁସନ୍ଥମାନଙ୍କ ଦେଶ ଭାରତବର୍ଷରେ ଯଦି କେବେ କୌଣସି ପ୍ରତିମୂର୍ତ୍ତିର ବିଧ୍ୱଂସକାରୀ ଗୁରୁଥିଲେ, ତେବେ ସେ ହେଉଛନ୍ତି ସ୍ୱାମୀ ଦୟାନନ୍ଦ ସରସ୍ୱତୀ ।

ଏକ ଧନୀ ବ୍ରାହ୍ମଣ ପରିବାରରେ ୧୮୨୪ ଖ୍ରୀଷ୍ଟାବ୍ଦରେ ସୌରାଷ୍ଟ୍ରର ମୋରଭି ରାଜ୍ୟରେ ଟଙ୍କର ନାମକ ଏକ ଛୋଟ ସହରରେ କର୍ଶନ୍‌ଜୀ ଲାଲଜୀ ତିୱାରୀଙ୍କ ପୁତ୍ରଭାବେ ମୂଳଶଙ୍କର ତିୱାରୀ ଜନ୍ମଗ୍ରହଣ କରିଥିଲେ । ମୂଳଶଙ୍କରଙ୍କ ମାତା ଅମୃତବାଈ ଜଣେ ଧର୍ମପରାୟଣା ମହିଳା ଥିଲେ । କର୍ଶନ୍‌ଜୀ ମଧ୍ୟ ପ୍ରଚଳିତ ସକଳ ଧର୍ମୀୟ ପୂଜାର୍ଚ୍ଚନାରେ ବିଶ୍ୱାସ କରୁଥିଲେ ।

ପାଞ୍ଚବର୍ଷ ବୟସରେ ମୂଳଶଙ୍କରଙ୍କ ଶିକ୍ଷା ଆରମ୍ଭ ହୋଇଥିଲା । ତାଙ୍କୁ ସକଳ ପ୍ରକାର ଧର୍ମୀୟ ପୂଜାର୍ଚ୍ଚନାର ଶିକ୍ଷା ଦିଆଯାଇଥିଲା । ଯେତେବେଳେ ତାଙ୍କର ବୟସ ୧୪ ବର୍ଷ ହୋଇଥିଲା, ସେତେବେଳେ ସେ ଯଜୁର୍ବେଦ, ସକଳ ଉପନିଷଦ୍ ଓ ଅନ୍ୟାନ୍ୟ ହିନ୍ଦୁ ଶାସ୍ତ୍ରକୁ ମୁଖସ୍ଥ କରିଥିଲେ । କର୍ଶନ୍‌ଜୀଙ୍କର ଇଚ୍ଛା ଥିଲା ଯେ ତାଙ୍କ ଭଳି ତାଙ୍କ ପୁତ୍ର ମଧ୍ୟ ଶିବ ଭକ୍ତ ହେଉ । କିନ୍ତୁ ମୂଳଶଙ୍କର ତାଙ୍କ ପିତାଙ୍କ କର୍ତ୍ତୃତ୍ୱ ବିସ୍ତାରକାରୀ ମନୋଭାବକୁ ଭଲପାଉ ନଥିଲେ ।

ବାଳକ ମୂଳଶଙ୍କର ତାଙ୍କ ମାମୁଙ୍କ ଭଳି ହେବାକୁ ଚାହୁଁଥିଲେ । କାରଣ ତାଙ୍କର ମାମୁ ଥିଲେ ଜଣେ ସରଳ, ଧର୍ମପ୍ରାଣ ଓ ଜ୍ଞାନୀ ବ୍ୟକ୍ତି । ତେଣୁ ତାଙ୍କ ମାମୁଙ୍କର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା ।

#### ଜ୍ଞାନଚକ୍ଷୁ ଉନ୍ମୀଳନର ରାତ୍ରି :

ଶିବରାତ୍ରି ଦିନ ରାତ୍ରରେ ମୂଳଶଙ୍କରଙ୍କ ଜୀବନରେ ଏକ ଅଭୂତପୂର୍ବ ଘଟଣା ଘଟିଥିଲା । ପ୍ରଥାନୁସାରେ ପ୍ରଭୁ ଶିବଙ୍କର ଭକ୍ତମାନେ ସ୍ଥାନୀୟ ଶିବ ମନ୍ଦିରରେ ଏକତ୍ରିତ ହୋଇ ସାରା ରାତ୍ରି ଜାଗ୍ରତ୍ ରହି ତାଙ୍କର ପୂଜା ନିମିତ୍ତ ଉପସ୍ଥିତ ହୋଇଥିଲେ । ମଧ୍ୟ ରାତ୍ରି ପରେ ସବୁ ଭକ୍ତ ଜଣଙ୍କ ପରେ ଜଣେ ନିଦ୍ରାଗତ ହୋଇଥିଲେ । କିନ୍ତୁ ଏକମାତ୍ର ମୂଳଶଙ୍କର ଅନିଦ୍ରା ରହି ଶିବଲିଙ୍ଗକୁ ନିରୀକ୍ଷଣ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇଥିଲେ ।

ତତ୍‌କ୍ଷଣାତ୍ କେତୋଟି ମୂଷା ଅନ୍ଧକାର ମଧ୍ୟରୁ ବାହାରି ଆସି ଶିବଲିଙ୍ଗ ଉପରକୁ ଚଢ଼ି ଯାଇଥିଲେ ଏବଂ ଖେଳକୁଦ କରିବାକୁ ଆରମ୍ଭ କରି ପ୍ରଭୁ ଶିବଙ୍କୁ ଅର୍ପଣ କରାଯାଇଥିବା ଭୋଗ ସାମଗ୍ରୀକୁ କାମୁଡ଼ା-କାମୁଡ଼ି କରିବାକୁ ଆରମ୍ଭ କରି ଦେଇଥିଲେ । ଏହା ଦେଖି ବାଳକ ମୂଳଶଙ୍କର ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କର ପିତା ତାଙ୍କୁ ସର୍ବଦା କହୁଥିଲେ ଯେ ପ୍ରଭୁ ଶିବ ହେଉଛନ୍ତି ସର୍ବଶକ୍ତିମାନ୍ । ତେବେ କିପରି ଏହି ଛୋଟ ଛୋଟ ମୂଷାଗୁଡ଼ିକ ଶିବଲିଙ୍ଗ ଉପରେ ନୃତ୍ୟ କରି ତାଙ୍କୁ ଅପମାନିତ କରିଥିଲେ ? ବାଳକ ମୂଳଶଙ୍କର ତାଙ୍କ ପିତାଙ୍କୁ ନିଦରୁ ଉଠାଇ ତାଙ୍କୁ ଏ ସମ୍ବନ୍ଧେ ପ୍ରଶ୍ନ କରିଥିଲେ । କିନ୍ତୁ କର୍ଶନ୍‌ଜୀ ବିରକ୍ତ ହୋଇ ତାଙ୍କ ପୁତ୍ରର ପ୍ରଶ୍ନର କୌଣସି ଯୁକ୍ତିଯୁକ୍ତ ଉତ୍ତର ଦେଇ ନଥିଲେ । ବାଳକ ମୂଳଶଙ୍କର ଏହି ଘଟଣାରୁ ପ୍ରତିମୂର୍ତ୍ତିକୁ ଧ୍ୱଂସ କରିବାର ପ୍ରଥମ ଶିକ୍ଷାଲାଭ କରିଥିଲେ — ଏହା ଥିଲା ମୂର୍ତ୍ତି ପୂଜାର ନିଷ୍ଫଳତା ସମ୍ବନ୍ଧେ ତାଙ୍କର ପ୍ରଥମ ଶିକ୍ଷା ।

ଯେତେବେଳେ ମୂଳଶଙ୍କରଙ୍କ ବୟସ ୧୪ ବର୍ଷ ହୋଇଥିଲା, ମୋରଭିରେ ହଇଜା ରୋଗ ବ୍ୟାପୀ ଥିଲା

ଯେଉଁଥିରେ ତାଙ୍କର ଭଉଣୀ ପୀଡ଼ିତ ହୋଇ ମୃତ୍ୟୁପ୍ରାପ୍ତ ହୋଇଥିଲେ । ଏହି ଦୁଃଖଦାୟକ ଘଟଣା ବାଳକ ମୂଳଶଙ୍କରଙ୍କ ମନରେ ମୃତ୍ୟୁ ସମ୍ବନ୍ଧେ ଗଭୀର ପ୍ରଶ୍ନ ଜାଗ୍ରତ୍ କରିଥିଲା । ତିନିବର୍ଷ ପରେ ତାଙ୍କର ପ୍ରିୟ ମାମୁ ମଧ ଏହି ରୋଗରେ ପୀଡ଼ିତ ହୋଇ ମୃତ୍ୟୁପ୍ରାପ୍ତ ହୋଇଥିଲେ । ଏହି ମୃତ୍ୟୁ ଦ୍ୱାରା ମୂଳଶଙ୍କରଙ୍କ ହୃଦୟରେ ଗଭୀର ଆଘାତ ଲାଗିଥିଲା । ପାର୍ଥିବ ଜଗତର ସକଳ ଘଟଣା ପ୍ରତି ତାଙ୍କ ମନରେ ଘୃଣାଭାବ ଆସିଥିଲା । ମାନବଜୀବନର ଏହି ନିରର୍ଥକତା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା ଏବଂ ଏହିସବୁ ଘଟଣା ସମ୍ବନ୍ଧେ ମୂଳଶଙ୍କର ଯୁକ୍ତିଯୁକ୍ତ ଉତ୍ତର ନିମିତ୍ତ ବ୍ୟଗ୍ର ହୋଇ ଉଠିଥିଲେ । କୌଣସି ଜ୍ଞାନୀ ଗୁରୁ ତାଙ୍କର ଏହିସବୁ ପ୍ରଶ୍ନର ଉତ୍ତର ଦେଇପାରିବେ – ଏହି ଦୃଢ଼ ଧାରଣା ସହ ସେ ସକଳ ପାର୍ଥିବ ସ୍ଥିତି ପ୍ରତି ବିତୃଷ୍ଣ ହୋଇ ଉଠିଥିଲେ ।

ମୂଳଶଙ୍କରଙ୍କ ମାତାପିତାଙ୍କ ମନରୁ ମୂଳଶଙ୍କରଙ୍କୁ ଏକାକୀ ରଖିବା ଏବଂ ତାଙ୍କର ସଂସାର-ବିରାଗୀ ହୋଇ ରହିବା ସେମାନେ ଚାହିଁ ନଥିଲେ । ତେଣୁ ତାଙ୍କ ମାତାପିତା ବିଳମ୍ବ ନ କରି ତାଙ୍କ ସକାଶେ ଏକ ଉପଯୁକ୍ତ କନ୍ୟା ଖୋଜିବାକୁ ଲାଗିଲେ । ଯେତେବେଳେ ଏହି ଭାବରେ ମୂଳଶଙ୍କରଙ୍କ ବିବାହ-ବ୍ୟବସ୍ଥା ଚାଲିଥିଲା, ସେତେବେଳେ ସେ ମନେକଲେ ଯେ ଏହାହିଁ ଯଥାର୍ଥ ସମୟ ଯେତେବେଳେ ତାଙ୍କୁ ଗୃହତ୍ୟାଗ କରି ଏକ ଗୁରୁଙ୍କ ସନ୍ଧାନରେ ଯିବାକୁ ହେବ ।

ଦିନେ ସନ୍ଧ୍ୟାର ଘନ ଅନ୍ଧକାରରେ ମୂଳଶଙ୍କର ଗୃହତ୍ୟାଗ କଲେ ଏବଂ ଦୃଢ଼ ପ୍ରତିଜ୍ଞା କଲେ ଯେ, ସେ କେବେ ବି ଘରକୁ ଫେରିବେ ନାହିଁ । ଯଦିଓ ପରେ ତାଙ୍କ ପିତା ତାଙ୍କୁ ଘରକୁ ଫେରାଇ ଆଣିବାକୁ ଚେଷ୍ଟା କରିଥିଲେ, ତାହା ବିଫଳ ହୋଇଥିଲା ।

**ଅନୁସନ୍ଧାନର ଅନ୍ତ :**

୨୧ ବର୍ଷ ଧରି ଜ୍ଞାନର ପିପାସାରେ ମୂଳଶଙ୍କର ବରୋଦା, ଅହମଦାବାଦ, ହରଦ୍ୱାର, କାଶୀ, କାନପୁର ପ୍ରଭୃତି ସ୍ଥାନକୁ ତାଙ୍କର ଗୁରୁଙ୍କ ସନ୍ଧାନରେ ଘୂରି ବୁଲିଲେ । ଦିନରାତି, ପାହାଡ଼ ପର୍ବତ ମଧ ଦେଇ ସେ ଶହ ଶହ ମାଇଲ ଧରି ଗୁରୁଙ୍କ ସନ୍ଧାନରେ ଚାଲିଥିଲେ । ପରିଶେଷରେ ସେ ଶୁଣିବାକୁ ପାଇଲେ ଯେ ମଥୁରାରେ ଜଣେ ଗୁରୁ ବାସ କରୁଛନ୍ତି । ହୁଏତ, ସେହିହିଁ ଥିଲେ ତାଙ୍କର ଉଦ୍ଦିଷ୍ଟ ଗୁରୁ ଯାହାଙ୍କୁ ସେ ଖୋଜୁଥିଲେ ।

୧୪ ନଭେମ୍ବର, ୧୮୬୦ ଖ୍ରୀଷ୍ଟାବ୍ଦରେ ତାଙ୍କ ସନ୍ଧାନର ୧୫ ବର୍ଷ ପରେ ସ୍ୱାମୀ ବିରଜାନନ୍ଦ ସରସ୍ୱତୀଙ୍କ ଦ୍ୱାର ନିକଟରେ ସେ ପହଞ୍ଚିଥିଲେ । ୩୬ ବର୍ଷ ବୟସ୍କ ମୂଳଶଙ୍କର ଯେତେବେଳେ ତାଙ୍କ ଦ୍ୱାରରେ ଆଘାତ କଲେ ଏବଂ କହିଲେ ଯେ, ସେ ଆଧାତ୍ମିକ ଜ୍ଞାନର ସନ୍ଧାନରେ ଆସିଛନ୍ତି, ସେତେବେଳେ ବିରଜାନନ୍ଦ ତାଙ୍କୁ ପଚାରିଥିଲେ ଯେ, ସେ ବ୍ୟାକରଣ ଜାଣିଛନ୍ତି କି ନାହିଁ, ସେତେବେଳେ ସେ ଦୁଇଟି ସଂସ୍କୃତ ବ୍ୟାକରଣ ପାଠ କରିଥିବା କହିଥିଲେ । ଯେତେବେଳେ ମୂଳଶଙ୍କର ସେହି ଦୁଇଟି ବ୍ୟାକରଣର ନାମ କହିଲେ, ସେତେବେଳେ 'ସେହି ଦୁଇଟି ଅଦରକାରୀ' ପୁସ୍ତକକୁ ଯମୁନା ନଦୀର ଜଳରେ ଫୋପାଡ଼ି ଦେବାକୁ ଗୁରୁ କହିଲେ । ଏହାହିଁ ଥିଲା ତାଙ୍କୁ ଗୁରୁ କରିବାର ପ୍ରଥମ ସର୍ତ୍ତ ।

ମୁହୂର୍ତ୍ତେ ବିଳମ୍ବ ନ କରି ମୂଳଶଙ୍କର ଗୁରୁଙ୍କର ଆଦେଶ ପାଳନ କଲେ । ବର୍ତ୍ତମାନ ଆଶ୍ରମର ଦ୍ୱାର ତାଙ୍କ ସକାଶେ ସର୍ବଦା ଉନ୍ମୁକ୍ତ ରହିଲା । ଆଶ୍ରମରେ ପ୍ରବେଶ କରି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଯେ ସ୍ୱାମୀ ବିରଜାନନ୍ଦ ଅନ୍ଧ ଥିଲେ ।

ପରବର୍ତ୍ତିକାଳରେ ମୂଳଶଙ୍କର ଦୟାନନ୍ଦ ସରସ୍ୱତୀ ନାମରେ ପୁନର୍ନାମିତ ହୋଇଥିଲେ । ଏହାର କିଛି ବର୍ଷ ପରେ ଏହି ଅନ୍ଧଗୁରୁ ତାଙ୍କୁ ଶିକ୍ଷା ଦେଇଥିଲେ ଯେ ହିନ୍ଦୁମାନଙ୍କର ସକଳ ଦେବତାଙ୍କୁ ଉତ୍ସର୍ଗୀକୃତ ମନ୍ଦିର ହେଉଛି ଏକ କାଳ୍ପନିକ ପରମ୍ପରାଗତ ଧାରଣା । ପ୍ରକୃତରେ ଏକହିଁ ଈଶ୍ୱର ହେଉଛନ୍ତି ଏକହିଁ ସତ୍ୟ ବା ବ୍ରହ୍ମନ୍ । ହିନ୍ଦୁମାନଙ୍କର ଶାସ୍ତ୍ର 'ବେଦ'ରେହିଁ ସବୁକିଛି ରହିଛି । 'ବେଦାନ୍ତ' ହେଉଛି ଜ୍ଞାନର ଅନ୍ତ – 'ବେଦ' ଅର୍ଥାତ୍ ଜ୍ଞାନ ଓ 'ଅନ୍ତ' ଅର୍ଥାତ୍ ସର୍ବଜ୍ଞାନର ଶେଷ ଏବଂ ବିଶ୍ୱବ୍ରହ୍ମାଣ୍ଡର ସବୁକିଛି ଏହା ମଧରେ ଅନ୍ତର୍ନିହିତ ।

ଦୟାନନ୍ଦଙ୍କ ଶିକ୍ଷା ଶେଷ ହେବା ପରେ ସେ ପ୍ରତିଜ୍ଞା କଲେ ଯେ ଗୁରୁଙ୍କଠାରୁ ବିଦାୟ ନେଇ ସେ ସମାଜରେ ବେଦର ପ୍ରଚାର କରିବେ । ସେ ସମଗ୍ର ଦେଶରେ ଭ୍ରମଣ କରି ବେଦର ପ୍ରଚାର କରିଥିଲେ ଏବଂ ମୂର୍ତ୍ତିପୂଜାକୁ ନିନ୍ଦା କରିଥିଲେ । ସେ କହିଥିଲେ ଯେ, "ବେଦରେ ମୂର୍ତ୍ତିପୂଜା ସମ୍ବନ୍ଧେ ଉଲ୍ଲେଖ ନାହିଁ । କୌଣସି ଯୁକ୍ତିଯୁକ୍ତ ମନ ମୂର୍ତ୍ତି ପୂଜାକୁ ଗ୍ରହଣ କରିପାରେ ନାହିଁ । ଈଶ୍ୱର ସର୍ବବିଦ୍ୟମାନ, ଈଶ୍ୱରଙ୍କର କୌଣସି ନିର୍ଦ୍ଦିଷ୍ଟ ଆକୃତି ନାହିଁ ।"

ପରମ୍ପରାଗତ ମତର ସମର୍ଥକ ହିନ୍ଦୁ ଓ ପଣ୍ଡିତମାନଙ୍କ ସକାଶେ ଏହା ଧର୍ମମତର ବିରୁଦ୍ଧାଚରଣ କରୁଥିବା ମତ ବ୍ୟତୀତ

ଅନ୍ୟ କିଛି ନୁହେଁ । ତଥାପି ଧର୍ମଶାସ୍ତ୍ର ଉପରେ ନାନା ଆଲୋଚନା ପରେ ବ୍ରାହ୍ମଣ ପଣ୍ଡିତମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିବାକୁ ସେ ସକ୍ଷମ ହୋଇଥିଲେ । ସବୁ ଧର୍ମରେ ଥିବା କପଟତାକୁ ସେ ନଷ୍ଟ କରିଥିଲେ,– ଏହା ହିନ୍ଦୁଧର୍ମ, ଖ୍ରୀଷ୍ଟଧର୍ମ ବା ଅନ୍ୟ ଯେକୌଣସି ଧର୍ମ ହେଉ ପଛକେ । ବେଦବର୍ଣ୍ଣିତ ଧର୍ମକୁ ଅନୁସରଣ କରିବାକୁ ସେ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ ।

ହିନ୍ଦୁ ଧାର୍ମିକ ଅଭ୍ୟାସ ଉପରେ ଯେତେବେଳେ ସେ ଆକ୍ରମଣ କରିଥିଲେ, ତହିଁରେ ପ୍ରାଥମିକ ଅବସ୍ଥାରେ ବ୍ରିଟିଶମାନେ ସନ୍ତୁଷ୍ଟ ହୋଇଥିଲେ ମଧ୍ୟ ଯେତେବେଳେ ସେ ଖ୍ରୀଷ୍ଟଧର୍ମ ଉପରେ ସମାଲୋଚନା କରିଥିଲେ, ସେତେବେଳେ ସେମାନେ ଅସ୍ୱସ୍ତି ବ୍ୟକ୍ତ କରିଥିଲେ । ଆନ୍ତରିକଭାବେ ଏକ ଜାତୀୟବାଦୀ ରୂପେ ସେ ୧୮୫୭ ଖ୍ରୀଷ୍ଟାବ୍ଦର ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲେ । ଏହାର ବହୁ ପୂର୍ବରୁ, ସେ ଯେତେବେଳେ ସମଗ୍ର ଦେଶରେ ନିଜର ଅନେକ ଅନୁଗତ ଓ ସମର୍ଥକଙ୍କ ସଂଖ୍ୟା ବଢ଼ାଇବାକୁ ଲାଗିଲେ, ସେତେବେଳେ ପ୍ରକାଶ୍ୟରେ ତାଙ୍କର ଶତ୍ରୁ ସଂଖ୍ୟା ବଢ଼ିବାକୁ ଲାଗିଲେ । ତାଙ୍କର ନିର୍ଭୀକ ମତ-ପ୍ରଚାରରେ କ୍ଷୁବ୍ଧ ହୋଇ ସେମାନେ ସ୍ଥିର କଲେ ଯେ କୌଣସି ପ୍ରକାରେ ତାଙ୍କର ମୃତ୍ୟୁ ଘଟାଇବାକୁ ହେବ ।

### ଗୋପନରେ ହତ୍ୟା କରିବାର ପ୍ରଚେଷ୍ଟା :

ଏହାପରେ ତାଙ୍କୁ ହତ୍ୟା କରିବାର ପ୍ରଚେଷ୍ଟା ଚାଲିଲା, ବିଶେଷତଃ ବିଷ ପାନ ମଧ୍ୟଦେଇ । କିନ୍ତୁ ସ୍ୱାମୀ ଦୟାନନ୍ଦ ଷଣ୍ଢ ପରି ଶକ୍ତିଶାଳୀ ଥିଲେ । କାରଣ ସେ ନିୟମିତଭାବେ ହଠଯୋଗ ଓ ପ୍ରାଣାୟାମର ଅଭ୍ୟାସ କରୁଥିଲେ । ଯଦିଓ ତାଙ୍କୁ ବିଷ ଦେଇ ମାରିବାର କେତେ ଥର ପ୍ରୟାସ କରାଯାଇଥିଲା, ତଥାପି ସେ ତାଙ୍କର ଯୋଗ ଶକ୍ତି ଦ୍ୱାରା ବିଷର ପ୍ରଭାବକୁ ଏଡ଼ାଇ ଦେଇଥିଲେ ।

୧୮୬୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ୨୨ ତାରିଖରେ ସେ ବନାରସ (କାଶୀ)ରେ ପହଞ୍ଚିଥିଲେ ଏବଂ ସେଠାରେ ସମସ୍ତ ପଣ୍ଡିତଙ୍କ ଦ୍ୱାରା ଏକ ବିରାଟ ଆଲୋଚନା ସଭାରେ ଅଂଶ ଗ୍ରହଣ କରିବା ନିମିତ୍ତ ନିମନ୍ତ୍ରିତ ହୋଇଥିଲେ । ୫୦,୦୦୦ରୁ ଅଧିକ ବ୍ୟକ୍ତି ଏହି ସଭାରେ ଉପସ୍ଥିତ ହୋଇଥିଲେ । ତାଙ୍କ ବିରୋଧରେ ୨୭ ଜଣ ପ୍ରସିଦ୍ଧ ବିଦ୍ୱାନ୍ ବ୍ୟକ୍ତି ଏବଂ କାଶୀର ବହୁ ପଣ୍ଡିତ ଠିଆ ହୋଇଥିଲେ । ସ୍ୱାମୀ ଦୟାନନ୍ଦ ସେମାନଙ୍କୁ ବାରଂବାର ପରାସ୍ତ କରିଥିଲେ ।

ତାଙ୍କୁ ପରାସ୍ତ କରିବା ପାଇଁ ଛଳନାତ୍ମକଭାବେ ସେମାନେ ଏକ କୌଶଳ ପ୍ରୟୋଗ କଲେ । ଜଣେ ଶିକ୍ଷିତ ଶିଷ୍ୟ ଦୟାନନ୍ଦଙ୍କ ହାତରେ ଦୁଇ ଫର୍ଦ ଦୀର୍ଘ, ଅବାନ୍ତର ଓ ଅର୍ଥହୀନ ପ୍ରଶ୍ନ ଦେଲେ । ଦୟାନନ୍ଦ ଯେତେବେଳେ ପ୍ରଶ୍ନର ଉତ୍ତର ଦେବା ଲାଗି କିଛି ସମୟ ନେଲେ, କାଶୀ ମହାରାଜା ଯିଏ ସେହି ଆଲୋଚନାରେ ଯୋଗ ଦେଇଥିଲେ ଘୋଷଣା କଲେ ଯେ ଦୟାନନ୍ଦ 'ପରାସ୍ତ' ହୋଇଗଲେ ଯେହେତୁ ସେ ପ୍ରଶ୍ନର ଉତ୍ତର ତୁରନ୍ତ ଦେଇ ପାରିଲେ ନାହିଁ ।

କିନ୍ତୁ ପ୍ରେସ୍ ଯଥାର୍ଥ ଘଟଣାକୁ ପ୍ରକାଶ କରି ଦେବା ଫଳରେ ତାଙ୍କର ଖ୍ୟାତି ଅକ୍ଷୁଣ୍ଣ ରହିଲା ଓ ସେ ଜାତୀୟ ବୀର ପୁରୁଷ ରୂପେ ପରିଗଣିତ ହେଲେ !

୧୮୭୩ ଖ୍ରୀଷ୍ଟାବ୍ଦରେ ସ୍ୱାମୀ ଦୟାନନ୍ଦ କଲିକତାରେ କେଶବଚନ୍ଦ୍ର ସେନ୍‌ଙ୍କୁ ସାକ୍ଷାତ୍ କରିଥିଲେ । ସେ ବିନମ୍ରତାର ସହ କହିଲେ ସାଧାରଣ ଜନତାର ବୁଝିବା ପାଇଁ ସହଜ ହେବା ସକାଶେ ସେ ଯଦି ତାଙ୍କର ପୁସ୍ତକଗୁଡ଼ିକୁ ସଂସ୍କୃତ ଭାଷାରେ ପ୍ରକାଶ ନକରି ସହଜ ହିନ୍ଦୀ ଭାଷାରେ ପ୍ରକାଶ କରିବେ, ତେବେ ତାହା ଶୀଘ୍ର ବିଶେଷ ଆଦୃତ ହେବ । ଏହାପରେ ସ୍ୱାମିଜି ନିଶ୍ଚିତ କଲେ ଯେ ସେ ତାଙ୍କର ଭାଷଣ ଓ ପୁସ୍ତକରଚନା ହିନ୍ଦୀ ଭାଷାରେହିଁ ପ୍ରକାଶ କରିବେ ।

ସ୍ୱାମୀ ଦୟାନନ୍ଦ ଉପଲବ୍ଧି କଲେ ଯେ ମରଣଶୀଳ ଶରୀର ଦିନେ ନା ଦିନେ ନଷ୍ଟ ହେବ, ତେଣୁ ସେ ୧୮୭୫ ମସିହା ଏପ୍ରିଲ ୧୦ ତାରିଖରେ ଆର୍ଯ୍ୟ ସମାଜ ଗଠନ କରିଥିଲେ । ତାଙ୍କ ଆଦର୍ଶର ପ୍ରଚାର କରିବା ନିମିତ୍ତ ସେ ''ସତ୍ୟାର୍ଥ ପ୍ରକାଶ'' ନାମକ ପୁସ୍ତକ ରଚନା କରିଥିଲେ । ସେ ଜାତିଭେଦ, ଶିଶୁବିବାହ, ଅସ୍ପୃଶ୍ୟତା, ପର୍ଦା ପ୍ରଥା ଓ ଅନ୍ୟାନ୍ୟ ସାମାଜିକ ମନ୍ଦ ପ୍ରଥାକୁ ଅଯଥାର୍ଥ ବୋଲି ଘୋଷଣା କରିଥିଲେ । ସେ ବିଧବା-ବିବାହର ସପକ୍ଷରେ ଥିଲେ ଯାହାକୁ ସେ ୧୮୭୬ ମସିହାରେ ହରଦ୍ୱାରସ୍ଥ କୁମ୍ଭମେଳାରେ ସଜୋରେ ଘୋଷଣା କରିଥିଲେ । ସେ ଦାବି କରିଥିଲେ ଯେ ସମାଜରେ ନାରୀମାନେ ପୁରୁଷମାନଙ୍କ ସହ ସମାନ ଅଧିକାର ପାଇବା ଆବଶ୍ୟକ ।

ଅନ୍ୟାୟ ପ୍ରତି ରୁକ୍ଷତା ଓ ସ୍ପଷ୍ଟବାଦିତା ଯୋଗୁଁହିଁ ପରିଶେଷରେ ତାଙ୍କୁ ସମାଜରୁ ବହିଷ୍କୃତ ହେବାକୁ ହୋଇଥିଲା । ଯୋଧପୁର ରାଜାଙ୍କ ରକ୍ଷିତା ସ୍ତ୍ରୀ ସମ୍ବନ୍ଧେ ସେ କଠୋର

ସମାଲୋଚନା କରିଥିଲେ । ଏହାଦ୍ୱାରା ସେହି ରକ୍ଷିତା ସ୍ତ୍ରୀ ରାଜପ୍ରାସାଦର ପୂଝାରୀକୁ ଲାଞ୍ଚ ଦେଇ ସ୍ୱାମୀ ଦୟାନନ୍ଦଙ୍କ ଖାଦ୍ୟରେ ବିଷ ଦେଇ ତାଙ୍କୁ ମାରିବା ପାଇଁ ପ୍ରବର୍ତ୍ତାଇ ଥିଲା । ତାଙ୍କର ଯୌଗିକ ନିପୁଣତା ଜାଣି ସେ ସ୍ୱାମୀ ଦୟାନନ୍ଦଙ୍କ ଖାଦ୍ୟରେ କାଚଗୁଣ୍ଡ ମିଶାଇ ମାରିବାକୁ ନିଶ୍ଚିତ କରିଥିଲା । ଯଦିଓ ସ୍ୱାମୀ ଦୟାନନ୍ଦ ତାଙ୍କର ଯୌଗିକ ନିପୁଣତା ଦ୍ୱାରା ସେହି ବିଷକୁ ବାନ୍ତି କରିଦେଇଥିଲେ, ତଥାପି ତାଙ୍କର ରକ୍ତସ୍ରୋତ ମଧ୍ୟରେ ସେହି କାଚଗୁଣ୍ଡ ପ୍ରବେଶ କରିଯାଇଥିଲା ଯାହା ମରଣାନ୍ତକ ହୋଇଥିଲା ।

ଆଶ୍ଚର୍ଯ୍ୟଜନକ ଭାବେ ସ୍ୱାମୀ ଦୟାନନ୍ଦ ଯନ୍ତ୍ରଣାଦାୟକ କଷ୍ଟ ମଧ୍ୟରେ କେତେ ସପ୍ତାହ ବଞ୍ଚି ରହିଥିଲେ । ସେହି ପୂଝାରୀ ତାହାର କୁକାର୍ଯ୍ୟ ନିମିତ୍ତ ଅନୁତପ୍ତ ହୋଇ ଦୋଷ ସ୍ୱୀକାର କରିଥିଲା । ସ୍ୱାମୀ ଦୟାନନ୍ଦ ସେହି ପୂଝାରୀକୁ କିଛି ଅର୍ଥ ପ୍ରଦାନ କରିଥିଲେ ଯଦ୍ଦ୍ୱାରା ତାଙ୍କର ଅନୁଗାମୀମାନେ ଏକଥା ଶୁଣିବା ପୂର୍ବରୁ ମୃତ୍ୟୁଦଣ୍ଡରୁ ରକ୍ଷା ପାଇବା ସକାଶେ ସେ ପଳାୟନ କରିପାରେ ।

ସ୍ୱାମୀ ଦୟାନନ୍ଦ ସରସ୍ୱତୀ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସଂଗ୍ରାମ କରି ୧୮୮୩ ମସିହା ଅକ୍ଟୋବର ୩୦ ତାରିଖରେ ଶରୀର ତ୍ୟାଗ କରିଥିଲେ । ସ୍ୱାମୀ ବିବେକାନନ୍ଦ ତାଙ୍କୁ 'ମହାନ୍' ବୋଲି ଆଖ୍ୟା ଦେଇଥିଲେ ।

❑❑❑

---

*(ପୃଷ୍ଠା ୪୭ ର ଅବଶିଷ୍ଟାଂଶ)*

ଏକ ତୃତୀୟ ଉପାୟ ମଧ୍ୟ ରହିଛି ଯାହା ଅତି ସହଜ ଓ ସରଳ । ଏହି ଉପାୟଟି ହେଲା ଆମେ ମସ୍ତିଷ୍କରେ ବାସ ନକରି ଅନ୍ତରରେ ବାସ କରିବାକୁ ଶିଖିବା, ତେବେ ଯାଇ ମସ୍ତିଷ୍କ ନିସ୍ତରଙ୍ଗ ସାଗର ପରି ଶାନ୍ତ ରହିବ । ମା' କହନ୍ତି ଜାପାନୀ ଲୋକ ତାଙ୍କ ପେଟରେ ଚିନ୍ତା କରନ୍ତି । ଅର୍ଥାତ୍ ମନର କାମ ପ୍ରାଣକେନ୍ଦ୍ରରେ କରିଥାଆନ୍ତି । କିନ୍ତୁ ପ୍ରାଣକେନ୍ଦ୍ର ଅପେକ୍ଷା ସବୁଠାରୁ ସୁରକ୍ଷିତ ସ୍ଥାନ ହେଲା ଆମ ହୃଦୟ । ହୃଦୟ ହେଲା ଭାବ ଓ ଆତ୍ମାର ସ୍ଥାନ । ତେଣୁ ଏଠାରେ ରହି ତୁମେ ମନର କାମ ବେଶ୍ ସୁରୁଖୁରୁରେ କରିପାରିବ । ମସ୍ତିଷ୍କ ପରି ହୃଦୟ ବିଚାର କରେ ନାହିଁ । ଏଠାରେ ରହି ତୁମେ ସବୁ କର୍ମକୁ ସ୍ୱାଭାବିକଭାବେ ସ୍ୱତଃ କରିପାରିବ, ବିଚାର ଓ ଚିନ୍ତା ବିନା ।

ମନର ଦୁଶ୍ଚିନ୍ତା, ମନର ବିକୃତି, ଅସମଞ୍ଜସତା, ମନର ଅଶାନ୍ତି ଓ ଅସୁରକ୍ଷାର ଭାବ ଓ ଚିନ୍ତାର ଚାପ ଫଳରେ ବିଭିନ୍ନ ରୋଗ ହୋଇଥାଏ । ଆମେ ଯଦି ମସ୍ତିଷ୍କକୁ ଶାନ୍ତ କରିପାରୁ ତେବେ ବହୁ ରୋଗକୁ ସହଜରେ ବିନା ଔଷଧରେ ଆରୋଗ୍ୟ କରିପାରିବୁ । ମନକୁ ପ୍ରାରମ୍ଭିକ ଅବସ୍ଥାରେ ଶାନ୍ତ ଓ ନିରବ କରିବା ପାଇଁ ମା'ଙ୍କ ମ୍ୟୁଜିକ୍ ସହିତ କିଛି ସମୟ ଧ୍ୟାନ କରାଯାଇପାରେ । ଶୀର୍ଷାସନ, ସର୍ବାଙ୍ଗାସନ ତଥା ଅନ୍ୟ ଆସନ ପ୍ରତିଦିନ ଅଭ୍ୟାସ କଲେ ମନର ଚାପ କମି ଯାଇଥାଏ ଓ ଶାନ୍ତ ହୋଇଥାଏ । ସବୁଠାରୁ ଭଲ ଓ ଶ୍ରେଷ୍ଠ ଉପାୟ ହେଲା ନାମ ଜପ କରିବା । ଏହି ଜପ ଯାନ୍ତ୍ରିକ ନହୋଇ ମା'ଙ୍କୁ ସମର୍ପିତ ହୋଇ କରିବା ଦରକାର । ଏହିସବୁ କଲେ ମସ୍ତିଷ୍କ ସଦା ଶାନ୍ତ ଓ ନିରବ ରହିବ । ଏହାହିଁ ଦୀର୍ଘ ଜୀବନ ଲାଭର ମୁଖ୍ୟ ବ୍ୟବସ୍ଥା । ମସ୍ତିଷ୍କ ଶାନ୍ତ ଓ ନିରବ ହେଲେ ଏହା ଭିତରେ (ମଥାର ପଛ ପଟେ ଥିବା ପିଟ୍ୟୁଟାରୀ ଗ୍ରନ୍ଥି) ଥିବା ଅତିମାନସ ଚକ୍ର ଖୋଲି ଯାଇଥାଏ ଏବଂ ଅତିମାନସ ପଥରେ ଯାତ୍ରାର ଶୁଭାରମ୍ଭ ହୋଇଥାଏ ।

(କ୍ରମଶଃ) ❑

ଧାର୍ମିକ ଚିନ୍ତା ଓ ଅନୁଭୂତିରୁ ସମସ୍ତ ପ୍ରକାର ହୀନତା, ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା ବର୍ଜନ କର । ବୃହତ୍ତମ ଦିଗ୍‌ବଳୟଠାରୁ ବୃହତ୍ତର ହୁଅ, ଉଚ୍ଚତମ କାଞ୍ଚନଜଙ୍ଘାଠାରୁ ଉଚ୍ଚତର ହୁଅ, ଗଭୀରତମ ମହାସାଗରଠାରୁ ଗଭୀରତର ହୁଅ ।

— ଶ୍ରୀଅରବିନ୍ଦ

# ତାଙ୍କ ପ୍ରେମର ଦୋଳି

## ଧର୍ମ କୁମାର ଶତପଥୀ

ପାଗ ଥିଲା ପ୍ରତିକୂଳ । ପରିବେଶ ଥିଲା ରୋମାଞ୍ଚକର । ତଥାପି ସେମାନେ ଯିବାକୁ ପ୍ରସ୍ତୁତ । ସମସ୍ତେ ନଈକୂଳରେ ପହଞ୍ଚିଲା ବେଳକୁ ଅମାବାସ୍ୟାର ଅନ୍ଧାର ଆସନ୍ନପ୍ରାୟ । ଆକାଶରେ ଘଡ଼ଘଡ଼ିର ଉଦ୍ଦାମ ବାଦ୍ୟନାଦକୁ ଉନ୍ମତ୍ତ ବିଜୁଳିର ନୃତ୍ୟଛଟା ଛାତି ଦୁଲୁକାଇ ଦେଉଥିଲା । ତଥାପି ସେମାନେ ନଈକୁ ପାର ହେବେ ଓ ଆର ପାରିରେ ରହୁଥିବା ତାଙ୍କ ଆରାଧ୍ୟ ଗୁରୁ, ପବିତ୍ର ପୁରୁଷଙ୍କ ଦର୍ଶନ କରିବେ, ଆଶ୍ୱସ୍ତ ହେବେ, କୃତାର୍ଥ ହେବେ – ଏଇ ଦୃଢ଼ ଆଶା ମନରେ ବାନ୍ଧିଛନ୍ତି ।

ସେମାନେ ସମସ୍ତେ ତୀର୍ଥଯାତ୍ରୀ । ତୀର୍ଥରୁ ତୀର୍ଥ ବୁଲିବୁଲି ସେମାନେ ସେମାନଙ୍କର ଆଧାତ୍ମିକ ଅନୁସନ୍ଧିତ୍ସାକୁ ପରିପୁଷ୍ଟ କରି ଚାଲିଛନ୍ତି । ଆଶ୍ରମ, ମଠ ଇତ୍ୟାଦିରେ ବିଦ୍ୟମାନ ପବିତ୍ର ପୁରୁଷଙ୍କୁ ଦର୍ଶନ କରି ଆଶୀର୍ବାଦ ନେଉଛନ୍ତି । ମାତ୍ର ପ୍ରତିକୂଳ ପରିସ୍ଥିତିରେ ବାଟ ଓଗାଳି ଲମ୍ୱିଯାଇଛି ନଈଟିଏ ।

ସେମାନେ ଆସି ଘାଟରେ ପହଞ୍ଚିଲେ । ପବନର ଉତ୍ତାଳ ହିଲ୍ଲୋଳରେ ଡଙ୍ଗାମାନେ ସବୁ ଉଠୁଛନ୍ତି ଓ ପଡ଼ୁଛନ୍ତି । ଚାରିଆଡ଼ ଅଶାନ୍ତ, ଶୂନ୍‌ଶାନ । ନାଉରିଟିଏକୁ ଦେଖିଲେ । ''ସେପଟରେ ଥିବା ଆମର ପବିତ୍ର ପୁରୁଷଙ୍କୁ ସାକ୍ଷାତ୍ କରିବାର ଅଛି । ବିଶେଷ କରି ଏଇ ଅମାବାସ୍ୟାର ପୁଣ୍ୟତିଥିରେ ।''

''କ'ଣ ? ଆପଣମାନେ ପାଗଳ ହୋଇ ନାହାନ୍ତି ତ ? ଏଇ ପାଗରେ ନଈରେ ଡଙ୍ଗା ମେଲିବ ? ନା' ବାବା ! ସମ୍ଭବ ନୁହେଁ । ଜୀବନକୁ ବିପଦ ଅଛି । ମେଘ, ଘଡ଼ଘଡ଼ି, ବିଜୁଳି, ଉତ୍ତାଳ ପବନ, ରାତି ଅନ୍ଧାର, ସବୁ ବିପଦର ଗୋଟିଏ ଗୋଟିଏ ମୂର୍ତ୍ତିମନ୍ତ ଦାନବ । ମୁଁ ପାରିବି ନାହିଁ । ବରଂ ସକାଳ ହେଉ ଦେଖିବା ।'' ଅସହାୟ ନାଉରି ବିକଳ ହୋଇ ଉତ୍ତର ଦେଲା ।

''ହଁ, ଆମେ ଏଇ ଝଡ଼ଝଞ୍ଜାର ଅନ୍ଧାର ରାତିରେ ଯିବୁ । କାରଣ ଆଉ ଅନ୍ୟ ରାସ୍ତା ନାହିଁ । ଆମେ ଏଇ ଅମାବାସ୍ୟାର ରାତିରେ ଗୁରୁଙ୍କୁ ସାକ୍ଷାତ୍ କରିବାକୁ ପ୍ରତିଶ୍ରୁତି ଦେଇସାରିଛୁ । ଆଜିର ଏ ରାତି ଓ ଆଗାମୀ କାଲିର ନିର୍ମଳ ସକାଳ ମଧ୍ୟରେ ଅନେକ ପାର୍ଥକ୍ୟ । ଏଣୁ ତୁମେ ଟିକେ ବାହାରି ପଡ଼ । ଆମକୁ ଆର ପାରିରେ ପହଞ୍ଚାଇ ଦିଅ ।'' ସେମାନେ ଅନୁନୟ କଲେ ।

''ଠିକ୍ ଅଛି । ମୁଁ ତୁମମାନଙ୍କର ଆଶା ପୂରଣ ସକାଶେ ଡଙ୍ଗାକୁ ନଈରେ ମେଲିଦେବି । ଯଦି ତୁମର ଶକ୍ତିଶାଳୀ ମନୋବଳ ଓ ଟାଣ ହାତମୁଠାରେ ତୁମେ ମୋ ସହିତ ଆହୁଲା ମାରିବ, ତେବେ ହୁଏତ ମୁଁ ତୁମ ସହ ନଈକୁ ଓହ୍ଲାଇବି ।''– ନାଉରିର ଦୃଢ଼ ସର୍ତ୍ତ । ସେ କରୁଣା ବିଗଳିତ ।

ତୀର୍ଥଯାତ୍ରୀମାନେ ଡଙ୍ଗା ଉପରକୁ ଉଠିଲେ । ନାଉରି ଡଙ୍ଗାର ପଛ ମଙ୍ଗରେ ବସିଲା । ହାତରେ ତା'ର ଆହୁଲା । ମୁହଁରେ ସାହସ, ସହଯୋଗ ଓ ସଦିଚ୍ଛାର ସୁସ୍ପଷ୍ଟ ଛାପ ।

ଆକାଶରେ ମେଘର ଗର୍ଜନ । ନୃତ୍ୟରତ ବିଜୁଳିର ନିଷ୍ଠୁର ଚାବୁକ ପ୍ରହାରରେ ଆକାଶର କ୍ରୁର ଚିତ୍କାର । ଆଖିରୁ ଅଶ୍ରୁ ଝରିବ ଝରିବ ହେଲାଣି । ଉପରକୁ ଦେଖି ହେଉ ନାହିଁ । ତଳେ ନଈପାଣିରେ ଉତ୍ତାଳ ତରଙ୍ଗ । ସେଇ ତରଙ୍ଗରେ ଡଙ୍ଗାଟି ଦୋଳାୟମାନ । ତା' ସହିତ ତୀର୍ଥଯାତ୍ରୀମାନେ ଝୁଲୁଛନ୍ତି କେତେବେଳେ ଆଗକୁ ତ ପୁଣି କେତେବେଳେ ପଛକୁ । ସେମାନଙ୍କର ଛାତି ଥରହର । ମୁହଁଟି ଆଶଙ୍କାଗ୍ରସ୍ତ, ମୁହ୍ୟମାନ ।

ନଈକୂଳର ଅନ୍ୟ ଅଭିଜ୍ଞ, ଦୂରଦର୍ଶୀ ନାବିକମାନେ, ଯେଉଁମାନେ ସେମାନଙ୍କର ନୌକାଗୁଡ଼ିକୁ ନଈଘାଟରେ ବାନ୍ଧି ରଖିଥିଲେ, ସେମାନେ ଚିତ୍କାର କରି ଉଠିଲେ ଏଇ ନାଉରି ଆଡ଼କୁ, ''ହେ ନାଉରି ଭାଇ ! ଏ ଝଡ଼ବାତ୍ୟାର ମହାତାଣ୍ଡବ ମଧ୍ୟରେ ତୁମେ କିପରି ସାହସ କରି ଡଙ୍ଗାକୁ ମେଲି ଦେଇଛ ? ସାବଧାନ ରହ, ନ ହେଲେ ନାଆ ସହିତ ସମସ୍ତ ଯାତ୍ରୀଙ୍କର ସଲିଳ ସମାଧି ହୋଇଯିବ । ଉଭଳା ପବନଟା ପାଗଳ ହୋଇ ଯାଇଛି ରେ । ଦେଖୁନ, କି ପ୍ରଚଣ୍ଡ ବେଗରେ ଗଛବୃକ୍ଷମାନଙ୍କୁ ଉପାଡ଼ି ପକାଇଲାଣି । ସାବଧାନ, ଆଉ ଆଗକୁ ମାଡ଼ି ନଯାଇ ଫେରିଆସ । ଜୀବନ ପ୍ରତି ବିପଦ ଅଛି ।'' ତୀର୍ଥଯାତ୍ରୀମାନେ ଏ ସତର୍କତା ଧ୍ୱନିରେ ଖୁମ୍ୱପରି ହୋଇ ଗଲେଣି । କାହା ମନରେ କେତେ ପ୍ରକାରର ଭାବନା ମାଡ଼ି ବସିଲାଣି । ସେମାନେ କ'ଣ କରିବେ ଜଣା ନାହିଁ । ଜଣେ ଅଳ୍ପ ବୟସ୍କ ସହଯାତ୍ରୀ ଅନୁନୟ କଲେ, ''ନାଉରି ଭାଇ ! ଘାଟପଟରୁ କିଛି ଲୋକ ଆମକୁ ଫେରି ଆସିବାକୁ କହିଲେଣି, ଆଗକୁ ବିପଦ ଅଛି, ସେମାନଙ୍କର ପରାମର୍ଶ ମାନି ଚାଲ ଫେରିଯିବା ।''

ନାଉରି କିନ୍ତୁ କିଛି ଶୁଣିଲା ନାହିଁ । ବରଂ ନାଆ ମଙ୍ଗରେ ସଳଖ୍ ବସିଲା । ସେ କହିଲା, ''ନାଆରେ ଥିବା ଆହୁଲାସବୁକୁ ସମସ୍ତେ ଧର ଏବଂ ନିଜର ସମସ୍ତ ଶକ୍ତି ଖଟାଇ ଆହୁଲା ମାର । ମୁଁ ଏଇଠି ଏଇ ମଙ୍ଗ ସଳଖ୍ କାତ ମାରୁଛି । ଏଇଠୁ ଆଗକୁ ଯେତେ ବାଟ, ପଛକୁ ଫେରିଲେ ମଧ୍ୟ ସେତିକି ବାଟ, ସେତିକି ବାଧା, ପ୍ରତିବନ୍ଧକ ଅଛି ।''

ସବୁ ତୀର୍ଥଯାତ୍ରୀଙ୍କ ହାତରେ ଆହୁଲା । ମୁହଁରେ ''ହରି ଓଁ, ଜୟଧ୍ୱନି'' । ଆହୁଲା ମାରିବାରେ ଅନଭିଜ୍ଞ ତୀର୍ଥଯାତ୍ରୀମାନଙ୍କ ଦ୍ୱାରା ଡଙ୍ଗାଟି ଆୟତ୍ତରେ ରହୁ ନଥିଲା । ତଥାପି ସେମାନେ ପ୍ରୟାସ ରତ ଥିଲେ । ଗଣିଲା ପରି ଯେତିକି ଜଣ ତୀର୍ଥଯାତ୍ରୀ ଥିଲେ, ସେତିକିଟା ଆହୁଲା ଥିଲା । ତଥାପି ନାଆଟି ତା' ଗତି ପଥରୁ ଖସି ଖସି ଯାଉଥିଲା ତଳକୁ ତଳକୁ ।

ପାଣିର ବଡ଼ ବଡ଼ ଢେଉରେ ନାଆଟି ଦୋହଲି ଯାଉଥାଏ । ସମସ୍ତ ଯାତ୍ରୀ ଯେମିତି ଢେଉ ସହିତ ମିଶି ଦୋଳି ଝୁଲି ଝୁଲି ଚାଲିଛନ୍ତି । ସେମାନଙ୍କର ଛାତି ଭିତର ହାଲୁକା ହୋଇ ଉଠୁଥାଏ । ଜଳର ପ୍ଲବନ ବଳ (bouyant force) ସହ ସେମାନଙ୍କ ଆଶା ପଲ୍ଲବିତ ହେଉଥାଏ । ସେମାନଙ୍କର ମାଂସପେଶୀରେ ସଞ୍ଚିତ ବଳର କରାମତିକୁ ପ୍ରଥମ କରି ହୃଦ୍‌ବୋଧ କରି ସେମାନେ ଆଶ୍ଚର୍ଯ୍ୟ ହେଉଥିଲେ । ଆଉ ମଙ୍ଗରୁ ନାଉରିଟି ଅନ୍ତର ଖୋଲି ଆରମ୍ଭ କରିଦେଲା ଗୋଟିଏ ଛାତି ଉଛୁଳା ଗୀତ :

ବନ୍ଧୁରେ.... ରେ....
ଭୀମରୂପୀ ଢେଉ ମଥାପିଟେ ନାଆରେ ମୋର,
ଜୋରରେ, ଜୋରରେ, ଖୁବ୍ ଜୋରରେ ।
ବନ୍ଧୁମାନେ ଅଛନ୍ତି ଡଙ୍ଗାରେ ମୋର,
କାହାକୁ କାହିଁକି କରିବି ଡର ? କରିବି ଡର...ରେ..
ଏ ନଈ, ଏ ପାଣି, ଏ ଭୀମ ଝଡ଼
ଇଏ ତ ମୋର ଚିର ଆପଣାର ... ରେ...
ତୁମେ ଯା'ରେ କହ ପ୍ରଚଣ୍ଡ ଝଡ଼,
ସିଏ ତ ମୋର ଅତି ନିବିଡ଼, ରେ... ରେ... ...
ମୁଁ ଜାଣିଛି ଏହା ନୁହଇ ଝଡ଼
ଏହା ଅଟେ ତାଙ୍କ ପ୍ରେମର ଦୋଳି
ଯେଉଁ ଦୋଳି ଝୁଲି ନାଆଟି ମୋର
ଖୋଜୁ ଅଛି ତା'ର ଆଶ୍ରୟ ଖାଲି ... ରେ ...
ବନ୍ଧୁରେ ... ରେ...
ଏଇ ଯେଉଁ ଝଡ଼ ତାଣ୍ଡବ ବୋଲି
ତୁମେ ବୃଥା ଯାହା ହେଉଛ ଭାଳି, ରେ...
ସେ ପରା ଅଟେ ତା'ର ପ୍ରେମ ଦୋଳି
ଆଗେଇ ଚାଲରେ ଅମୃତ ସନ୍ତାନ
ସକାଳ ଆସିଲେ ଦିଶିବୁ ଝଳି...ରେ... ବନ୍ଧୁରେ... ।

କେଉଁ ଅଜ୍ଞାତ ଅନାମଧେୟ ବନ୍ଧୁ ପାଇଁ ଏ ଯେପରି ନାଉରିର ଅନ୍ତରର ଆକୁଳ ଆହ୍ୱାନ । ତୀର୍ଥଯାତ୍ରୀମାନେ ଭାବ ରାଜ୍ୟରେ ବୁଡି ରହିଥିଲେ । କାତ ବି ମାରୁଥିଲେ । ନାଉରିର ତନ୍ମୟ ଗୀତର ଲହରି ସେମାନଙ୍କର ଦୈହିକ ଶ୍ରମକୁ ଲାଘବ କରି ଦେଉଥିଲା । ପ୍ରୟାସର ତ୍ରିଗୁଣ ଧାରାରେ ଦୀପ୍ତିମନ୍ତ ହୋଇ ସେମାନେ ମଜ୍ଜି ଯାଇଥିଲେ ଭିନ୍ନ ଏକ ଅବସ୍ଥା, ଭିନ୍ନ ଏକ ଆବେଶରେ । ସେମିତି ସେମାନେ ପହଞ୍ଚିଗଲେ ନଈ ଆରପଟେ ସୁରକ୍ଷିତ, ସ୍ୱାଚ୍ଛନ୍ଦ୍ୟରେ ।

ଉପରକୁ ଉଠି ସେମାନେ ତାଙ୍କ ଈପ୍‌ସିତ ପବିତ୍ର ପୁରୁଷଙ୍କ ସନ୍ଧାନରେ ବାହାରି ପଡ଼ିଲେ ଖୁସି ମନରେ ।

''ସେଇ ପବିତ୍ର ପୁରୁଷ କେଉଁଠି ରହନ୍ତି ?''

ନଈ ଆରପଟର କିଛି କୌତୂହଳୀ ଲୋକ ଆସି ଘାଟରେ ଉପସ୍ଥିତ ରହିଥିଲେ । ସେମାନଙ୍କୁ ତୀର୍ଥଯାତ୍ରୀମାନେ ପ୍ରଶ୍ନ କଲେ । ସେମାନେ ଏ ପ୍ରଶ୍ନର କୌଣସି ଉତ୍ତର ଦେଲେ ନାହିଁ । ବରଂ ହତଭମ୍ବ ଜଣାଗଲେ । ଆବାକାବା ହେଲେ । ସେମାନଙ୍କ ମୁହଁରେ ବିସ୍ମୟ ଭାବ ସୁସ୍ପଷ୍ଟ !

''ଆପଣମାନଙ୍କ ମୁଖଭଙ୍ଗୀରେ ଏପରି ଆଶ୍ଚର୍ଯ୍ୟଭାବ କାହିଁକି ?'' ଧୈର୍ଯ୍ୟହରା ହୋଇ ତୀର୍ଥଯାତ୍ରୀମାନେ ପଚାରିଲେ ।

''ଆପଣମାନଙ୍କ ଅଜ୍ଞତା ହେତୁ ।'' – କୌତୂହଳୀ ଦର୍ଶକମାନେ ଉତ୍ତର ଦେଲେ । ''କାରଣ ଯେଉଁ ଈପ୍‌ସିତ ପୁରୁଷଙ୍କୁ ଭେଟିବା ପାଇଁ ଆପଣମାନେ ଏତେ କଷ୍ଟ କରି ଆସିଲେ, ସେଇ ପବିତ୍ର ଗୁରୁହିଁ ତୁମ ସହିତ ରହିଥିଲେ, ତୁମର ଡଙ୍ଗାରେ ସେଇ ବିପରୀତ ମଙ୍ଗରେ ।''

''କ'ଣ କହୁଛ ? ସେଇ ନାଉରି ଜଣକ ଆମର ପୂଜ୍ୟ ମହାତ୍ମା ?'' ସେମାନେ ବଡ଼ ବଡ଼ ଆଖିରେ ଅନାଇଲେ ।

ଉପସ୍ଥିତ ବ୍ୟକ୍ତିମାନେ ନୀରବ ରହିଲେ । ତୀର୍ଥଯାତ୍ରୀମାନେ ନଈଘାଟକୁ ଫେରି ଚାରିଆଡ଼େ ସନ୍ଧାନ କଲେ । ଉଚ୍ଚ ସ୍ୱରରେ ଡକା ପକାଇଲେ । ମାତ୍ର ସବୁ ବୃଥା । ସବୁ ଅକାରଣ ।

ସେଇ ସହୃଦୟ ନାଉରିର ଆଉ ସେଇଠି ଦେଖା ନ ଥିଲା । ❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଏହି ଯୋଗରେ ମା'ଙ୍କୁ ସମର୍ପଣ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏହା ଠିକ୍ । କିନ୍ତୁ ଯେଉଁମାନେ ଘର-ପରିବାର ଛାଡ଼ି ଆଶ୍ରମରେ ରହୁଛନ୍ତି ସେମାନଙ୍କ କଥା ଭିନ୍ନ । ଆମେମାନେ ଘରେ ରହୁଅଛୁ । ମନ ଏକକ୍ଷଣ ସ୍ଥିର ନାହିଁ । ସକାଳୁ ଉଠିଲେ ଲୁଣ-ତେଲଠାରୁ ଆରମ୍ଭ କରି ଧାନ-ଚାଉଳର ଚିନ୍ତା, ପିଲାର ରୋଗ, ଝିଅର ବିଭାଘର, ଶାଶୂ ବୋହୂରେ କଳି, ପଡ଼ୋଶୀ ସହିତ ମାଲିମକଦମା । ଆଜି ଗୋଟାଏ ବସ୍ତୁର ଅଭାବ ତ କାଲି ଅନ୍ୟଟା । ଅନ୍ୟାୟରେ ହେଉ ବା ନ୍ୟାୟରେ ହେଉ ଉପର ଅଫିସରଙ୍କୁ ଖୁସି ରଖିବାକୁ ହେବ । ସ୍ତ୍ରୀ ଦୀର୍ଘ ରୋଗଗ୍ରସ୍ତା, ବିଛଣାରୁ ଉଠିବାର ଶକ୍ତି ନାହିଁ । ଛୋଟ ଛୋଟ ପିଲାଗୁଡ଼ିଙ୍କୁ ସମ୍ଭାଳିବ କିଏ ? ମା' ଚାହେଁ ନାତିନାତୁଣୀଙ୍କର ଆହ୍ଲାଦକାରୀ ଅସ୍ପଷ୍ଟ କଥା । ତାକୁ ସନ୍ତୁଷ୍ଟ କଲେ ମହାବିପଦ । ବୃଦ୍ଧାମାତାର ଦୁଃଖ ଯୋଗୁଁ ହୃଦୟ ଅଶାନ୍ତ । ଏହିପରି ବହୁପ୍ରକାର ଦୁଃଖ-ଦୁର୍ଦଶା ଏବଂ ଅଭାବ-ଅନଟନ ମଧ୍ୟରେ ଅଧ୍ୟାତ୍ମ ସାଧନା କିପରି ହେବ ? ସେଥିପାଇଁ ଶାନ୍ତ, ନିରବ ଏକାଗ୍ରତାର ଆବଶ୍ୟକ । ଏହି ପ୍ରତିକୂଳ ଅବସ୍ଥାରେ ଆମେମାନେ କିପରି ମା'ଙ୍କୁ ସ୍ମରଣ କରିବୁ ? ସ୍ମରଣ ନ କଲେ ସକଳ କର୍ମ ମା'ଙ୍କୁ ସମର୍ପଣ କରିବା ସମ୍ଭବ ନୁହେଁ । ଏହାର ଯଦି କୌଣସି ସରଳ ମାର୍ଗ ଥାଏ କହନ୍ତୁ ।*

**ଉତ୍ତର** : ସରଳ ମାର୍ଗ ହେଲା ଦୃଢ଼ ନିଷ୍ଠା । ମନୁଷ୍ୟ ଯେକୌଣସି କାର୍ଯ୍ୟକୁ ଦୃଢ଼ ନିଷ୍ଠା ସହ କରିବାକୁ ଚାହିଁଲେ ତାହା ସେ କରିପାରେ ଏବଂ ସେଥିରେ ଭଗବାନ୍ ସାହାଯ୍ୟ କରନ୍ତି । କିନ୍ତୁ କର୍ମ ହେବା ଉଚିତ ସତ୍ୟ ତଥା ଯଥାର୍ଥ ନିଷ୍ଠା ସହ ନିଷ୍କପଟ ଭାବରେ ।

ଯେଉଁ ସଂସାର-ଜଞ୍ଜାଳକୁ ସାଧନାର ମହାନ୍ ପ୍ରତିକୂଳ ଅବସ୍ଥା ବୋଲି କହୁଛନ୍ତି ତାହା ପ୍ରକୃତରେ ପ୍ରତିକୂଳ ନୁହେଁ । ତାହା ଭଗବତ୍ ପ୍ରାପ୍ତିର ଗୋଟିଏ ମାର୍ଗ ବା ଉପାୟ । ତାହାରି ମଧ୍ୟଦେଇ ବ୍ୟକ୍ତିକୁ ଯାତ୍ରା କରିବାକୁ ହୁଏ । ପ୍ରତିକୂଳ ହୁଏ କେବଳ ନିଜର ଆସକ୍ତି ଏବଂ ମୋହ । ଶୁଆ ଧରିବା ବ୍ୟକ୍ତି ଗୋଟିଏ ବେତକୁ ମଣ୍ଡଳାକାର କରି, ଦୁଇଟି ବଡ଼ ବଡ଼ ଖୁଣ୍ଟି ପୋତି ମଝିରେ ଖଣ୍ଡେ କାଠ ଲଗେଇ ଦିଅନ୍ତି ଏବଂ ମଝିରେ ଥିବା କାଠ ଉପରେ ଗୋଟିଏ ପତଳା କାଠର ଆଶ୍ରୟରେ ମଣ୍ଡଳାକାର ବେତକୁ ରଖି ତା' ପାଖରେ ଗୋଟିଏ ଫଳ ରଖି ଦିଅନ୍ତି । ଫଳ ଲୋଭରେ ଶୁଆ ମଣ୍ଡଳାକାର ବେତ ଉପରେ ବସେ । ଶୁଆ ବସିବା ସଙ୍ଗେ ସଙ୍ଗେ ମଣ୍ଡଳାକାର ବେତକୁ ଧରିଥିବା କାଠଟି ପଡ଼ିଯାଏ ଏବଂ ହଠାତ୍ ମଣ୍ଡଳାକାର ବେତଟି ବୁଲିଯାଏ । ଶୁଆ ଧରିଥାଏ ବେତକୁ, କିନ୍ତୁ ତା'ର ପିଠି ହୋଇଯାଏ ଭୂମି ଆଡ଼କୁ । ସେ ବେତ ଛାଡ଼ି ସହଜରେ ଉଡ଼ି ପଳାଇପାରନ୍ତା । ମାତ୍ର ମୋହ ଏବଂ ଅଜ୍ଞାନତାବଶତଃ ସେ ନିଜ ଉଡ଼ିବା ଶକ୍ତିକୁ ଭୁଲିଯାଏ, ଏବଂ ଭାବେ, ''ବେତ ଛାଡ଼ି ଦେଲେ ପଡ଼ିଯିବି ।'' ସେହି ସକାଶେ ସେ ବେତକୁ ଛାଡ଼ିପାରେ ନାହିଁ, ଲୋକମାନେ ଆସି ତାକୁ ଧରି ନିଅନ୍ତି । ଠିକ୍ ମନୁଷ୍ୟ ଏହିପରି ଅଜ୍ଞାନ ଏବଂ ମୋହ ଯୋଗୁଁ ପାରିବାରିକ ଦୁଃଖକଷ୍ଟ ଭୋଗୁ ଥାଏ, ସେଥିରୁ ଉଦ୍ଧାର ହୋଇପାରେ ନାହିଁ । ପ୍ରଥମେ ପରିବାରର ସ୍ୱରୂପ ଜାଣିବାକୁ ହେବ, ତା'ପରେ ବ୍ୟକ୍ତି ଚାହିଁଲେ ଠିକ୍ ଠିକ୍ କର୍ତ୍ତବ୍ୟ କରିପାରିବ ।

*ପ୍ରଶ୍ନ : ପରିବାରର ଯଥାର୍ଥ ଉଦ୍ଦେଶ୍ୟ କ'ଣ ?*

**ଉତ୍ତର :** ପରସ୍ପର ସାହାଯ୍ୟରେ ବ୍ୟକ୍ତିର ଆତ୍ମ-ବିକାଶ ସକାଶେ ପରିବାର ଏକ କେନ୍ଦ୍ର । ମୋହ-ଆସକ୍ତିର ଜାଲ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ କର୍ମକୁ ଭଗବତ୍ ସେବା ଭାବରେ କରି ଭଗବାନଙ୍କୁ ଅର୍ପଣ କଲେ ସେଥିରେ ବ୍ୟକ୍ତିର ଆତ୍ମବିକାଶ ହୁଏ ତଥା ଜୀବନର ଲକ୍ଷ୍ୟ ପ୍ରାପ୍ତ ହୁଏ । ସୃଷ୍ଟି ସେହି ଏକ ଭଗବାନଙ୍କର, ସୃଷ୍ଟି କର୍ତ୍ତା ମଧ୍ୟ ସେ । ଅଜ୍ଞାନ ଦ୍ୱାରା ସୃଷ୍ଟି ପରିଚାଳିତ ହୁଏ । ସେହି ସକାଶେ ଅଜ୍ଞାନକୁ ଭଗବାନ୍ ଜଗତରେ ଛାଡ଼ି ଦେଇଛନ୍ତି । ବ୍ୟକ୍ତି ଅଜ୍ଞାନ ଓ ମୋହର ଦାସ ହୋଇ ରହିବା ଭଗବାନଙ୍କର ଉଦ୍ଦେଶ୍ୟ ନୁହେଁ । ଏହି ଅଜ୍ଞାନ ମଧ୍ୟ ଦେଇ ଜ୍ଞାନରେ ପଦାର୍ପଣ କରିବା ତାଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଜ୍ଞାନ ମଧ୍ୟରେ ପ୍ରବେଶ କରିବା କାର୍ଯ୍ୟରେ ଜୀବକୁ ସାହାଯ୍ୟ

କରିବା ସକାଶେ ଭଗବାନ୍ ବାରଂବାର ଏହି ପୃଥିବୀରେ ମାନବ ଶରୀରରେ ଅବତାର ନିଅନ୍ତି ।

ପ୍ରତ୍ୟେକ ଜୀବ ଏହି ସଂସାରକୁ ଆସନ୍ତି ନିଜ ନିଜ ବିକାଶ ସକାଶେ । ବିକାଶ ହୁଏ ଏହି ମୃତ୍ୟୁପୁରୀରେ । ସ୍ୱର୍ଗ ଏବଂ ଅନ୍ୟାନ୍ୟ ଦିବ୍ୟଲୋକରେ ବିକାଶ ହୁଏ ନାହିଁ । ବ୍ୟକ୍ତି ସେବା କରିବା ସଦୃଶ ଏହି ଲୋକରେ କର୍ମ କରେ ଏବଂ ପେନ୍‌ସନ୍ ପାଇବା ସଦୃଶ ଦିବ୍ୟଲୋକକୁ ପ୍ରାପ୍ତ ହୁଏ । ଏହି ପୃଥିବୀକୁ ଆସିଲେ ମାତାପିତା ବା ପରିବାରର ଆବଶ୍ୟକ ହୁଏ । କାରଣ ଶରୀର ହେଲା ନିର୍ଭରଶୀଳ । ବାଲ୍ୟାବସ୍ଥାରେ ମାତାପିତାଙ୍କର ଲାଳନ-ପାଳନ ବିନା ଶିଶୁ ନିଜ ଶରୀର ରକ୍ଷା କରିବାରେ ଅସମର୍ଥ । ବୃଦ୍ଧ ମାତାପିତାଙ୍କ ପାଳନପୋଷଣର ଭାର ପଡ଼େ ସନ୍ତାନ ଉପରେ । ବ୍ୟକ୍ତିର ଶରୀର ରକ୍ଷା ସକାଶେ ଭଗବାନ୍ ପରିବାରର ବ୍ୟବସ୍ଥା କରିଛନ୍ତି । ଏହାରି ନାମ ସଂସାର । ମନୁଷ୍ୟର ଯଦି ଏତିକି ବୋଧ ନିଜ ଚେତନାରେ ଥାଆନ୍ତା, ତେବେ ତାକୁ କୌଣସି ଦୁଃଖକଷ୍ଟ ହୁଅନ୍ତା ନାହିଁ । ଭଗବାନ୍ ଏହିଠାରେ ରଖିଦେଲେ ତାଙ୍କ ମାୟାକୁ । ବ୍ୟକ୍ତି ଏହି ସଂସାରକୁ କାହିଁକି ଆସିଛି, ତା'ର ଲକ୍ଷ୍ୟ କ'ଣ ଏବଂ ପରିବାରରେ ତା'ର ସମ୍ବନ୍ଧ କ'ଣ – ଏହା ସେ ଭୁଲିଗଲା । ମୋହାନ୍ଧ ହୋଇ ଆସକ୍ତିବଶତଃ ଭାବିଲା ସ୍ତ୍ରୀ, ପୁତ୍ର, କନ୍ୟା, ଘର, ସମ୍ପତ୍ତି, ପଦ-ମର୍ଯ୍ୟାଦା, ମାନ-ସମ୍ମାନ 'ମୋର' । 'ମୋର' ମନେ କରିବାଟା ହେଲା ମୋହ ଏବଂ ଅଜ୍ଞାନ । କେବଳ ଏହି ସକାଶେ ମନୁଷ୍ୟ ଦୁଃଖକଷ୍ଟ ଭୋଗେ, ଅନ୍ୟାୟ-ଅସତ୍ୟ କର୍ମ କରେ ଏବଂ ତା'ର ପରିଣାମ ଭୋଗ କରେ । ପୁତ୍ର ରୋଗରେ ପଡ଼ିଲେ ବ୍ୟକ୍ତି ମର୍ମାହତ ହୋଇପଡ଼େ, କନ୍ୟାର ନିନ୍ଦାରେ ହୃଦୟ ବିଦୀର୍ଣ୍ଣ ହୋଇଯାଏ, ପତ୍ନୀର ତିରସ୍କାରରେ ହୃଦୟ ଜଳିଯାଏ; ଶତ୍ରୁର ଶ୍ରୀବୃଦ୍ଧିରେ କାତର ହୋଇପଡ଼େ, ମନରେ ଉଦ୍‌ବେଗ ଓ ବ୍ୟଥା ଆସେ, ମନ ସ୍ଥିର ହୋଇପାରେ ନାହିଁ କିଂବା ଯଥାର୍ଥ ଚିନ୍ତା କରିବାର ଅବକାଶ ପାଏ ନାହିଁ । ଶେଷରେ ଜୀବନକୁ ନଷ୍ଟ କରେ ।

*ପ୍ରଶ୍ନ : ତୁମେ କହିଲ ଯେ ବ୍ୟକ୍ତିର ଆତ୍ମା ଯାହା ନିର୍ଦ୍ଧାରଣ କରି ଆସିଥାଏ, ବ୍ୟକ୍ତି ତାହା କରେ । କ'ଣ ତାହାର ପରିବର୍ତ୍ତନ ହୁଏ ନାହିଁ ?*

ଉତ୍ତର : ଅବଶ୍ୟ ପରିବର୍ତ୍ତନ ହୁଏ । ବ୍ୟକ୍ତି ଭାଗବତ କର୍ମ କରିବା ଦ୍ୱାରା ମୃତ୍ୟୁରୁ ମୁକ୍ତ ହୁଏ ଏବଂ ପୂର୍ବ ନିର୍ଦ୍ଧାରିତ ସମସ୍ତ କର୍ମକୁ ପରିବର୍ତ୍ତନ କରିପାରେ । ବ୍ୟକ୍ତି ଉତ୍ତମ କର୍ମ କରି ଉନ୍ନତ ହୁଏ, ମନ୍ଦ କର୍ମ କରି ପତିତ ହୁଏ । ଏହା ନିର୍ଭର କରେ ବ୍ୟକ୍ତି ଉପରେ । କିନ୍ତୁ ସନ୍ତାନର ଦୁଃଖ-ସୁଖ ସହିତ ତୁମ କର୍ତ୍ତବ୍ୟର କୌଣସି ସମ୍ବନ୍ଧ ନାହିଁ । ତୁମର କର୍ତ୍ତବ୍ୟ ହେବ ପୁତ୍ରକୁ ଭଲଭାବେ ପଢ଼େଇଲେଖେଇ ଉପଯୁକ୍ତ କରାଇବା, ଭଲ ବାତାବରଣରେ ରଖିବା, ତା'ର ଆତ୍ମ-ଶୁଦ୍ଧି ଓ ଆତ୍ମୋନ୍ନତି ପାଇଁ ଉପଦେଶ ଦେବା ତଥା ଉତ୍ତମ ମାର୍ଗରେ ପ୍ରବୃତ୍ତ କରାଇବା । ଏହାର ପରିଣାମ ସହିତ ତୁମର ସମ୍ବନ୍ଧ ନାହିଁ କିଂବା ତା'ର ଦୁଃଖକଷ୍ଟରେ ତୁମର ଦୁଃଖଶୋକ କରିବା ଉଚିତ ନୁହେଁ ।

*ପ୍ରଶ୍ନ : ଏହା ନିଶ୍ଚିତରୂପେ ଠିକ୍ । ପ୍ରତ୍ୟେକେ ଏହି ସଂସାରକୁ ଆସିଛନ୍ତି ନିଜ ନିଜ ଆତ୍ମାର ବିକାଶ ସକାଶେ । କିନ୍ତୁ ଏହା ଜାଣିବା ସତ୍ତ୍ୱେ ବ୍ୟକ୍ତିର ମୋହ ଦୂର ହୁଏ ନାହିଁ । ଏହି ମୋହ ଦୂର ହେବାର ଉପାୟ କ'ଣ ?*

**ଉତ୍ତର** : ଜଣେ ଅନ୍ୟର ପୁଅକୁ ପୁଅ କରି ଆଣି ଘରେ ରଖିଲେ ତା' ପ୍ରତି ଠିକ୍ ନିଜ ପୁଅ ଭଳି ମମତା ଓ ଆସକ୍ତି ହୁଏ । ସେ ମଧ୍ୟ ଅନ୍ୟ ବ୍ୟକ୍ତିକୁ ମାତାପିତା ରୂପେ ମାନି ନିଏ । ଠିକ୍ ଏହିପରି ଦୃଢ଼ ସଂକଳ୍ପ ସହ ଧାରଣା କର, "ପରିବାର ଭଗବାନଙ୍କର । ବ୍ୟକ୍ତିର କର୍ତ୍ତବ୍ୟ କେବଳ ପରସ୍ପରକୁ ଭଗବତ୍ ସେବା ଭାବରେ ସାହାଯ୍ୟ କରିବା ।" ଏହା ସଙ୍ଗେ ସଙ୍ଗେ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କଲେ କ୍ରମଶଃ ମୋହମାୟା ଦୂର ହୁଏ ଏବଂ ବ୍ୟକ୍ତି ପୂର୍ଣ୍ଣରୂପେ ପରିବାରର ଆସକ୍ତିରୁ ମୁକ୍ତ ହୁଏ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : ୩୯୦-୩୯୧, ୩୯୩)

**– ରାମକୃଷ୍ଣ ଦାସ**

❑❑❑

ଚେତନାର ଦିଗ୍‌ବଳୟ :

# ''ବିଗଳିତ କରୁଣା – ଜାହ୍ନବୀ ଯମୁନା''

ସମ୍ପ୍ରତି (ମାର୍ଚ୍ଚ ୨୦୧୭) ନିଉଜିଲାଣ୍ଡ ସରକାର ସେ ଦେଶର ପ୍ରଧାନ ନଦୀ 'ମାଓରି'କୁ ଜଣେ ବ୍ୟକ୍ତି ଭାବରେ ସ୍ୱୀକୃତି ଦେଇଛନ୍ତି । ଜଣେ ଜୀବନ୍ତ ନାଗରିକର ଯେତେ ଯାହା ଅଧିକାର ରହିଛି, ସେ ନଦୀ ମଧ୍ୟ ସେସବୁ ଭୋଗ କରିବାକୁ ହକଦାର । ଜଣେ ନାଗରିକକୁ ଆଉ ଜଣେ ଆଘାତ ଦେଲେ, ତା' ସମ୍ପତ୍ତି ଅପହରଣ କଲେ, ତା' ଯାତ୍ରାପଥରେ ବିଘ୍ନ ଘଟାଇଲେ ଆଇନ ଆଗରେ ଦୋଷୀ ସାବ୍ୟସ୍ତ ହେବ ଏବଂ ଦଣ୍ଡ ପାଇବ । ସେହିପରି ସେ ନଦୀରେ ଆବର୍ଜନା ନିକ୍ଷେପ କଲେ, ତା' ଶଯ୍ୟାରୁ ବା ତୀରରୁ ବାଲି ଚୋରାଇ ନେଲେ, ତା' ସମ୍ପତ୍ତି ଭାବରେ ପରିଗଣିତ ତୀରବର୍ତ୍ତୀ ଅଂଶ ଭିତରେ ଘରଦ୍ୱାର ବା କଳ-କାରଖାନା ବନାଇଲେ ଜଣେ ଅପରାଧୀ ବୋଲି ପରିଗଣିତ ହେବ ।

ପରେ ପରେ ଭାରତର ଉଚ୍ଚ ନ୍ୟାୟାଳୟ ମଧ୍ୟ ଭାରତର କେତେକ ନଦୀକୁ ନାଗରିକ ଅଧିକାର ଦେବାର ଘୋଷଣା କରିଛନ୍ତି । ଏହା ବେଶ୍ ମଧୁର ସମ୍ବାଦ ନିଶ୍ଚୟ । କିନ୍ତୁ ନାଗରିକ ଅଧିକାରଠାରୁ ବହୁ ଅଧିକ ମୂଲ୍ୟବାନ୍ ସମ୍ମାନ ନଦୀମାନଙ୍କୁ ଦେଇଛି ଭାରତବର୍ଷର ପରମ୍ପରା । ସେମାନେ ଦେବୀ । ସେମାନଙ୍କ ଉତ୍ସ ସ୍ଥଳରେ ହେଉ ବା ଗତି ପଥରେ, ସ୍ଥାନେ ସ୍ଥାନେ ସେମାନଙ୍କ ସତ୍ତାକୁ ପୂଜାର୍ଚ୍ଚନା କରିବାର ବିଧି ଯୁଗ ଯୁଗ ଧରି ଅବ୍ୟାହତ ରହିଛି । ଗଙ୍ଗା ନଦୀକୁ ହରିଦ୍ୱାର ଅଥବା ବାରାଣସୀଠାରେ ପ୍ରତ୍ୟହ ସନ୍ଧ୍ୟାଳତି ଯୋଗେ ଯେଉଁ ଚମତ୍କାର ସମ୍ବର୍ଦ୍ଧନା ଦିଆଯାଏ, ପୃଥିବୀରେ ତା'ର ଦୃଷ୍ଟାନ୍ତ ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ ବିଂଶ ଶତାବ୍ଦୀରେ ନଦୀମାନଙ୍କ ପ୍ରତି ଭାରତୀୟମାନେ ଯେଉଁ ଆଚରଣ କରିଛନ୍ତି ଏବଂ କରି ଚାଲିଛନ୍ତି, ତାହା କେବଳମାତ୍ର ଦାୟିତ୍ୱହୀନତା ନୁହେଁ, ଜାତୀୟ ଜୀବନର କଳଙ୍କ । ଆମେ ଛଳନାଶ୍ରୟୀ । ନଦୀକୁ ପୂଜା କରୁଥିବୁ – କିନ୍ତୁ ନାନା ପ୍ରକାର ଆବର୍ଜନା ଯୋଗେ ତାକୁ ବିପନ୍ନ କରି ଚାଲିଥିବୁ ।

ପୂର୍ବେ ନଦୀ କୂଳରେ କେବଳମାତ୍ର ଦେବାଳୟମାନ ସ୍ଥାପିତ ହେଉଥିଲେ । ଆମ ମହାନଦୀ କଥା ଧରାଯାଉ । ସାର୍ ଉଇଲିୟମ୍ ହଣ୍ଟର୍ (୧୮୪୦-୧୯୦୦; ୧୮୭୨ରେ ପ୍ରକାଶିତ History of Orissaର ଲେଖକ, ଆଇ. ସି. ଏସ୍) ଏହି ନଦୀ କୂଳେ କୂଳେ ଗସ୍ତ କରି ଲେଖିଛନ୍ତି, ୟୁରୋପର ବିଖ୍ୟାତ ରାଇନ୍ ନଦୀ ତୀରବର୍ତ୍ତୀ ପାହାଡ଼ମାନଙ୍କ ଉପରେ ରାଜା ଓ ସାମନ୍ତମାନେ ନଅରମାନ ତୋଳିଛନ୍ତି, ମହାନଦୀ ତଟବର୍ତ୍ତୀ ଯେକୌଣସି ଶୈଳ ଉପରେ କିନ୍ତୁ ଦେଖିବାକୁ ମିଳେ ଏକ ଏକ ଦେବ ମନ୍ଦିର । ''ବିଦେଶୀଟିଏ ମଧ୍ୟ ସଚେତନ ହୋଇ ଉଠିବ ଯେ ସେ ଏକ ପବିତ୍ର ପଥ ଅତିକ୍ରମ କରୁଛି ।''

ଗଙ୍ଗା ସମେତ ଯମୁନା କୂଳେ କୂଳେ ଦେବ ମନ୍ଦିରମାନ ବିଦ୍ୟମାନ ଅଛନ୍ତି ସତ, କିନ୍ତୁ ସେମାନଙ୍କ ସଂଖ୍ୟା ବହୁ ମାତ୍ରାରେ ଅତିକ୍ରମ କରି ଯାଇଛନ୍ତି କଳକାରଖାନା ଏବଂ ନାନାବିଧ ଶିଳ୍ପ ପ୍ରତିଷ୍ଠାନ । ସେମାନଙ୍କ ଉତ୍ପାଦନର ବିପୁଳ ବିଷାକ୍ତ ଓ ବର୍ଜିତ ପଦାର୍ଥ ଅକାତରରେ ନଦୀ ଗର୍ଭରେ ଓଜାଡ଼ି ଦିଆଯାଉଛି । ସମ୍ପ୍ରତି ଏ ଅତ୍ୟାଚାର ରୋକିବା ପଥରେ ସରକାର ତଥା କେତେକ ପରିବେଶ ଅନୁରାଗୀ ପ୍ରତିଷ୍ଠାନ ସକ୍ରିୟ । କିନ୍ତୁ ସର୍ବସାଧାରଣଙ୍କ ସହଯୋଗ ସେ ଦିଗରେ ସାମାନ୍ୟ । ଦାୟିତ୍ୱହୀନତା ଆମ ଚରିତ୍ରରେ ସ୍ଥାୟୀ ହୋଇଯିବା ଭଳି ମନେ ହୁଏ । ସ୍ୱାର୍ଥ ସକାଶେ ପ୍ରକୃତିର ନିଧନ ଚାଲିଛି । ଯଥା ସମୟରେ ତାହା ଦ୍ୱାରା ଯେ ଆମ ଭବିଷ୍ୟତ୍ ପୁରୁଷର ନିଧନ ହେବ, ସେ ଚେତାବନୀ ପ୍ରତି ଆମର ଭ୍ରୂକ୍ଷେପ ନାହିଁ ।

ଭାରତୀୟ ପରମ୍ପରାରେ ନଦୀମାନେ ଖାଲି ପୂଜା ପାଉଥିବା ଦେବୀ ନୁହନ୍ତି, ସେମାନେ ପ୍ରୟୋଜନ ସ୍ଥଳେ ମାନବୀ ମାତା ଭଳି ସନ୍ତାନ ପ୍ରତି ଆଚରଣ କରି ପାରନ୍ତି । ମହାନ୍ ଋଷି ବଶିଷ୍ଠ ଥରେ ମର୍ମାନ୍ତିକ ଦୁଃଖରେ ଜୀବନ ହାରିବାର ସିଦ୍ଧାନ୍ତ କରି ହିମାଳୟ ପାଦଦେଶସ୍ଥ ଏକ ନଦୀରେ ଝାସଦେବା ମାତ୍ରେ ନଦୀସ୍ରୋତ ଶତଧା ବିଦୀର୍ଣ୍ଣ ହୋଇଗଲା । ଫଳରେ ଋଷିବରଙ୍କୁ ବୁଡ଼ିବା ଭଳି ଗଭୀରତା ମିଳିଲା ନାହିଁ । ସେ ନଦୀର ନାମ ହେଲା ଶତଦ୍ରୁ (ଶତଧାରା) । ଋଷିବର ତଥାପି ନିଜ ଜିଦ୍‌ରେ ଅଟଳ ରହି ଅଦୂରବର୍ତ୍ତୀ ଅନ୍ୟ ଏକ ନଦୀକୁ ଆପଣାର ହାତ ପାଦ ପାଶଭୁକ୍ତ କରି ଝାସ ଦିଅନ୍ତେ, ନଦୀର ଦେବୀସତ୍ତା ଜନନୀ ରୂପରେ ତାଙ୍କୁ କୋଳେଇ ନେଇ ପାଶମୁକ୍ତ କଲେ । ଏ ପ୍ରତୀକାତ୍ମକ କିଂବଦନ୍ତୀର ଅର୍ଥ, ସମ୍ଭବତଃ ଦେବୀ ସତ୍ତା ତାଙ୍କୁ

ପୁତ୍ର ହାନି ଜନିତ ବେଦନା ଯେଉଁ ଆସକ୍ତିର ପ୍ରତିକ୍ରିୟା ସେହି ଆସକ୍ତିରୁ ମୁକ୍ତ କଲେ ।

ଆଜି ଶତଦ୍ରୁର ନାମ ସତ୍‌ଲେଜ୍; ବିପାଶାର ନାମ ବିସ୍‌ବା ବେଆଜ୍ । ପ୍ରସଙ୍ଗ କ୍ରମେ ଆମେ ମନେରଖିବା ଭଲ ଯେ ଆମ ବହୁ ପ୍ରାଚୀନ ନଦୀର ନାମସବୁ ପାଲଟି ଯାଇଛି । ସରଯୂର ଆଧୁନିକ ନାମ ଗୋଗ୍ରା, ବିତସ୍ତାର ନାମ ଝେଲମ୍, କ୍ଷିପ୍ରାର ନାମ ସିପ୍ରା, ଚନ୍ଦ୍ରଭାଗାର ନାମ ଚେନାବ୍ (ପଞ୍ଜାବ), ସିନ୍ଧୁର ନାମ ଇଣ୍ଡସ୍, ବେତ୍ରାବତୀର ନାମ ବେତ୍ୱା ଇତ୍ୟାଦି ।

ଆମ ସମୟରେ ନଦୀର ଦେବୀସତ୍ତା ମାନବୀ ରୂପ ନେଇ ଆମ କ୍ଲେଶ ମୋଚନ ନକଲେ ବି ତାଙ୍କ ପ୍ରାକୃତିକ ସତ୍ତା ମାଧ୍ୟମରେ ସେ ଆମର ମାନସିକ କ୍ଲେଶ ମୋଚନ କରିପାରନ୍ତି । ଆପଣ ଏକ ସ୍ରୋତସ୍ୱିନୀ ନଦୀ ଉପରେ ଧ୍ୟାନ ଦେଇ କୂଳରେ କିଛି ସମୟ ବସି ରହନ୍ତୁ; ମନର ଗତାନୁଗତିକ ବିକ୍ଷିପ୍ତ ଚିନ୍ତାମାନେ ଶୋଇପଡ଼ିବେ । ଅନ୍ତତଃ କିଛି ସମୟ ସକାଶେ ଶାନ୍ତିର ସ୍ପର୍ଶ ମିଳିବ । ଏହା କବି କଳ୍ପନା ନୁହେଁ; ମନସ୍ତାତ୍ତ୍ୱିକ ସତ୍ୟ । ନଦୀର କୁଳୁକୁଳୁ ନାଦ ପ୍ରତି ଧ୍ୟାନ ଦେଲେ ସ୍ନାୟବିକ ଉତ୍ତେଜନା ପ୍ରଶମିତ ହୁଏ ।

ନଦୀ କେତେ କବିତ୍ୱ, କେତେ ଦାର୍ଶନିକତାର ଉଦ୍ରେକ କରିଛି ମଣିଷର ଚେତନାରେ । କିଞ୍ଚିତ୍ ଦୃଷ୍ଟାନ୍ତ :

The fountains mingle with the river,
And the river with the ocean;
... ... ...
Nothing in the world is single;
All things, by law divine,
In one another's being mingle.

- Shelley

ମୁକ୍ତ ଅନୁବାଦ :

ଝରଣା ସମସ୍ତ ଆସି ମିଶନ୍ତି ନଦୀରେ,
ନଦୀ ପୁଣି ମିଶେ ଯାଇ ସମୁଦ୍ର ବକ୍ଷରେ;
... ... ...
ଅମିଶ୍ର ଏକକ ନୁହେଁ କିଛି ଏ ବିଶ୍ୱରେ
ପରସ୍ପର ବିଜଡ଼ିତ ଦିବ୍ୟ-ବିଧାନରେ ।

— ଶେଲି

ନଦୀ ସ୍ରୋତର ସ୍ଥାୟିତ୍ୱ ସହିତ ମାନବିକ ଆବେଗର ଅସ୍ଥାୟିତ୍ୱର ତୁଳନା ଆଉ ଜଣେ କବିଙ୍କର ଦୀର୍ଘନିଃଶ୍ୱାସରେ ପରିସ୍ଫୁଟ :

Could love for ever
Run like a river.

— ବାଇରନ୍

ମୁକ୍ତ ଅନୁବାଦ :

ପ୍ରେମ ଯଦି ସବୁଦିନ
ନଦୀଭଳି ପାରୁଥା'ନ୍ତା ହୋଇ ବହମାନ !

— ବାଇରନ୍

**— ମନୋଜ ଦାସ**

❑❑❑

**ଭ୍ରମ ସଂଶୋଧନ**

ଚଳିତ ବର୍ଷ ମାର୍ଚ୍ଚ, ୨୦୧୭ ନବପ୍ରକାଶ ସଂଖ୍ୟାର 'ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୫୩)' ଶୀର୍ଷକ ପ୍ରବନ୍ଧରେ ପୃଷ୍ଠା ୭ର ପ୍ରଥମ ସ୍ତମ୍ଭ, ଦ୍ୱିତୀୟ ପାରା, ତୃତୀୟ ଧାଡ଼ିରେ "୨୬ ତାରିଖ (୧୯୦୮ ଡିସେମ୍ବର)" ପରିବର୍ତ୍ତେ "୨୬ ତାରିଖ (୧୯୦୭ ଡିସେମ୍ବର)" ହେବ । ମୁଦ୍ରଣ ଜନିତ ତ୍ରୁଟି ମାର୍ଜନୀୟ ।

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com